ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁଲାଇ ୩୧/୨୦୨୪ (୧୮ ପୃଷ୍ଠା) Bhubaneswar, Wednesday, July 31/2024 Page 18 ₹ 7.00
୫୦ଶ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 247 ମୂଲ୍ୟ ₹୭/-



**ବ୍ରିଟେନ୍ ବ୍ୟବସାୟୀଙ୍କୁ ଡେଟ୍ କରୁଛନ୍ତି କ୍ରିତି**
ବ୍ରିଟେନ୍‌ର କୋଟିପତି ବ୍ୟବସାୟୀ କବୀର ବହିଆଙ୍କ ସହ ଅଭିନେତ୍ରୀ କ୍ରିତି ସାନନ୍ ଡେଟ୍ କରୁଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି।
୦୨

୧୮
**ପ୍ରି-କ୍ୱାର୍ଟରରେ ଭଜନ କୌର**
ପ୍ୟାରିସ ଅଲିମ୍ପିକ୍ସ ମହିଳା ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ତୀରନ୍ଦାଜ ଭଜନ କୌର।



# ୱାୟନାଡ୍‌ରେ ଭୂସ୍ଖଳନ: ୧୨୩ ମୃତ

**ଥିରୁଭାନନ୍ତପୁରମ୍,୩୦।୭**



କେରଳର ୱାୟନାଡରେ ମଙ୍ଗଳବାର ଭୂସ୍ଖଳନ ଯୋଗୁ ଘରଦ୍ୱାର ଭାସିଯାଇଛି। (ଫଟୋ-ପି.ଟି.)

କେରଳର ୱାୟନାଡ୍ ଜିଲାରେ ଭୟାବହ ଭୂସ୍ଖଳନରେ ଅନ୍ୟୂନ ୧୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨୮ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୋମବାର ରାତି ୨ଟା ଏବଂ ଭୋର ୪ଟା ୩୦ ମିନିଟ୍ ସମୟରେ ଭୂସ୍ଖଳନ ହେବାରୁ ବହୁ ଘର ଓ ଶତାଧିକ ପରିବାର ଭାସିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାଟି ଅତଡ଼ା ତଳେ ବହୁ ଲୋକ ପୋତିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନଦୀଗୁଡ଼ିକରେ ବନ୍ୟା ଆସିବା ସହ ଗଛ ଉପୁଡ଼ିପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଉଦ୍ଧାର କାର୍ଯ୍ୟରେ ପୋଲିସ, ଅଗ୍ନିଶମ କର୍ମଚାରୀ, ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୨୨୫ ଜଣ ସେନା ଯବାନ ମୁତୟନ ହୋଇଥିବାବେଳେ ସହାୟତା ପାଇଁ ବାୟୁସେନାର ୨ଟି ହେଲିକପ୍ଟର ନିୟୋଜିତ ହୋଇଛି। ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ କାଲିକଟ୍‌ଠାରେ ଏକ କଣ୍ଟ୍ରୋଲ ସେଣ୍ଟର ଖୋଲାଯାଇଛି। ଉଦ୍ଧାର କାର୍ଯ୍ୟରେ ନୌସେନାର ଏକ ଟିମ୍ ମଧ୍ୟ ସହାୟତା କରୁଥିବା କେରଳ ମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି।

ଭୂସ୍ଖଳନ ଯୋଗୁ ମୁଣ୍ଡାକାଇ, ଚୂରାଲମାଲା, ଆତ୍ତାମାଲା ଏବଂ ନୂଲପୁଝା ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହେବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ମାଟି ଅତଡ଼ା ଖସିବା ପରେ କାଦୁଆ ପାଣି ମାଡ଼ିଆସିବାରୁ ମୁଣ୍ଡାକାଇ ସହର ସମ୍ପୂର୍ଣ୍ଣ ଭାସିଯାଇଛି। ଭୂସ୍ଖଳନ ଯୋଗୁ କେତେକ ଜଳଉତ୍ସର ଗତିପଥ ପରିବର୍ତ୍ତନ ହୋଇ ଜନବସତିକୁ ମାଡ଼ିଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାହାଡ଼ରୁ ବଡ଼ ବଡ଼ ପଥର ଖସି ରାସ୍ତା ବନ୍ଦ ହୋଇଯାଇଥିବାରୁ ଉଦ୍ଧାରକାରୀ ଟିମ୍ ପାଇଁ ପ୍ରତିବନ୍ଧକ ସାଜିଛି। ଜଳସ୍ରୋତରେ ଭାସିଯାଇଥିବା ୧୭ ମୃତଦେହକୁ ବହୁ କିଲୋମିଟର ଦୂର ଚାଲିୟାର ନଦୀରୁ ଜବତ କରାଯାଇଛି। ମୃତଦେହଗୁଡ଼ିକୁ ବିଭିନ୍ନ ହସ୍ପିଟାଲର ଶବାଗାରକୁ ନିଆଯାଇ ପରିଚୟ ଚିହ୍ନଟ ଓ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ କହିବା ଅନୁଯାୟୀ ୩୪ ମୃତଦେହ ଚିହ୍ନଟ ହୋଇଥିବାବେଳେ ୧୮ଟିକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ପରିଚୟ ଜାଣିବା ପାଇଁ ଡିଏନ୍‌ଏ ପରୀକ୍ଷା କରାଯାଉଛି। ଉଦ୍ଧାର ହୋଇଥିବା ୧୨୮ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। କେରଳ ସରକାର ମୃତକମାନଙ୍କ ପାଇଁ ମଙ୍ଗଳବାରଠାରୁ ୨ ଦିନିଆ ଶୋକଦିବସ ଘୋଷଣା କରିଥିବାରୁ ସମସ୍ତ ସରକାରୀ ଉତ୍ସବ ସ୍ଥଗିତ ରହିଛି।

ଭୂସ୍ଖଳନ ଯୋଗୁ ବାସହରା ହୋଇଥିବା ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୱାୟନାଡ୍‌ରେ ୪୫ଟି ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲାଯାଇଥିବା ବିଜୟନ କହିଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ପ୍ରଭାବିତ ଅଞ୍ଚଳର ପୁନଃ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିକୁ ଦାନ କରିବା ନିମନ୍ତେ ବିଜୟନ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି। କାରାମନ୍ଥୋଡୁ ନଦୀର ବାଣସୁରା ସାଗର ଡ୍ୟାମ୍ ଶଟର ଖୋଲାଯାଇଥିବାରୁ ନଦୀ ତଳମୁଣ୍ଡ ଏବଂ ଖାଲୁଆ ଅଞ୍ଚଳରେ ରହିଥିବା ଲୋକମାନଙ୍କୁ ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସମସ୍ତ ସରକାରୀ ସଂସ୍ଥା ନିୟୋଜିତ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଦ୍ଧାର କାର୍ଯ୍ୟର ତଦାରଖ ପାଇଁ ୫ ଜଣ ମନ୍ତ୍ରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। କେରଳରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ୱାୟନାଡ୍ ସମେତ କୋଝିକୋଡ୍ ଜିଲାର ବିଲାଙ୍ଗଡୁ ଏବଂ ମାଲାୟଙ୍ଗଡୁ ଅଞ୍ଚଳରେ ମଧ୍ୟ ଭୂସ୍ଖଳନ ହୋଇଛି। ଏଥିରେ ଜଣେ ନିଖୋଜ ହେବା ସହ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। ଭୂସ୍ଖଳନ ଯୋଗୁ ବ୍ରିଜ୍ ଓ ରାସ୍ତା ଭାସିଯାଇଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳ ମୁଖ୍ୟମନ୍ତ୍ରୀ ବିଜୟନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ରାଜ୍ୟର ଏଭଳି ସଙ୍କଟ ସମୟରେ କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭୂସ୍ଖଳନରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ସହାୟତା ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## କେରଳରେ ଓଡ଼ିଆ ଡାକ୍ତର ନିଖୋଜ

**ଚୌଦ୍ୱାର,୩୦।୭**
**(ଆଶୁତୋଷ ଦାସ)**



ସ୍ତ୍ରୀ ପ୍ରିୟଦର୍ଶିନୀଙ୍କ ସହ ଡା. ବିଷ୍ଣୁ ପ୍ରସାଦ ଚିନାରା

କେରଳ ବୁଲିବାକୁ ଯାଇଥିଲେ ୨ ଓଡ଼ିଆ ଡାକ୍ତର ଓ ସେମାନଙ୍କ ସ୍ତ୍ରୀ। ହେଲେ ସେଠାରେ ଘଟିଥିବା ଭୂସ୍ଖଳନରେ ଡାକ୍ତର ଦ୍ୱୟ ନିଖୋଜ ହୋଇଯାଇଥିବାବେଳେ ସେମାନଙ୍କ ସ୍ତ୍ରୀ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନିଖୋଜ ଡାକ୍ତରଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ଚୌଦ୍ୱାରସ୍ଥିତ ହାଉସିଂ ବୋର୍ଡ ଅଞ୍ଚଳରେ ରହୁଥିବା ହାଇଟେକ୍ ମେଡିକାଲର ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରା, ସ୍ତ୍ରୀ ତଥା ଡ୍ରିମ୍ସ କଲେଜ ଅଧ୍ୟାପିକା ପ୍ରିୟଦର୍ଶିନୀ, ଡା.ସ୍ୱାଧୀନ ପଣ୍ଡା ଓ ତାଙ୍କ ସ୍ତ୍ରୀ ସ୍ୱୀକୃତି ମହାପାତ୍ର ଗତ ୨୬ ତାରିଖରେ ବେଙ୍ଗାଲୁରୁ ଏବଂ କେରଳ ବୁଲିବାକୁ ଯାଇଥିଲେ। କେରଳର ୱାୟନାଡର ଲିନରା ଭିଲ୍ଲାରେ ରାତ୍ରିଯାପନ କରିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପଣ୍ଡିତଙ୍କ କାରନାମା




## ଆଇପିଏସ୍ ଅଫିସର ରାଜେଶ ପଣ୍ଡିତ ନିଲମ୍ବିତ



ପଣ୍ଡିତ ରାଜେଶ ଉତ୍ତମରାଓ

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

ଜଣେ ବିବାହିତ ମହିଳା ଇନ୍ସପେକ୍ଟରଙ୍କୁ ପ୍ରେମ ନିବେଦନ କରିବାକୁ ରାତିରେ ତାଙ୍କ ସରକାରୀ ବାସଭବନରେ ପଶିବା ସହ ତାଙ୍କ ସ୍ୱାମୀଙ୍କୁ ମାରଧର କରିବା ଅଗ୍ନିଶମ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କୁ ମହଙ୍ଗା ପଡ଼ିଛି। ୨୦୦୭ ବ୍ୟାଚ୍ ବରିଷ୍ଠ ଆଇପିଏସ୍ ଅଧିକାରୀ ☞ପୃଷ୍ଠା-୪

## ୧୮ ବଗି ଲାଇନଚ୍ୟୁତ: ରାଉରକେଲାର ୨ ମୃତ

**ଜାମଶେଦପୁର/ରାଞ୍ଚି,୩୦।୭ (ପି.ଟି.)**



ଝାଡ଼ଖଣ୍ଡର ବାରାବାମ୍ବୋ ନିକଟରେ ମଙ୍ଗଳବାର ହାଓଡ଼ା-ମୁମ୍ବାଇ ମେଲ୍‌ର ୧୮ ବଗି ଲାଇନଚ୍ୟୁତ ହୋଇଛି।

ବର୍ଷକ ତଳେ ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଟ୍ରେନ ଦୁର୍ଘଟଣାରେ ୨୯୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଗତ ୬ ସପ୍ତାହ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଘଟିଥିବା ଅନେକ ଟ୍ରେନ୍ ଦୁର୍ଘଟଣାରେ ୧୭ ଜଣଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ମଙ୍ଗଳବାର ଝାଡ଼ଖଣ୍ଡର ବାରାବାମ୍ବୋ ନିକଟରେ ହାଓଡା-ମୁମ୍ବାଇ ମେଲ୍‌ର ୧୮ ବଗି ଲାଇନଚ୍ୟୁତ ହେବାରୁ ୨ ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବାରମ୍ବାର ଟ୍ରେନ ଦୁର୍ଘଟଣା ଘଟି ଚାଲିଥିବାରୁ ପାର୍ଲାମେଣ୍ଟରେ ବିରୋଧୀ ଦଳଗୁଡ଼ିକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଝାଡ଼ଖଣ୍ଡର ଷଢ଼େଇକଳା-ଖରସୁଆଁ ଜିଲାରେ ମଙ୍ଗଳବାର ଭୋର ସମୟରେ ହାଓଡ଼ା-ମୁମ୍ବାଇ ମେଲ୍‌ର ଅନ୍ୟୂନ ୧୮ଟି ବଗି ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାଉରକେଲା ମାଲଗୋଦାମ ଅଞ୍ଚଳର ଅଜିତ ସାମଲ ଓ ରେଳବାଇ କଲୋନୀର ପି.ବିକାଶ ରାଓ। ଜାମଶେଦପୁରଠାରୁ ୮୦ ☞ପୃଷ୍ଠା-୪




**ପ୍ୟାରିସ୍ ଅଲିମ୍ପିକ୍ସ**

## ଇତିହାସ ରଚିଲେ ଭାକର

**ଚାଟାରକ୍ସ (ଫ୍ରାନ୍ସ), ୩୦।୭ (ପି.ଟି.)**

■ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତକୁ ବ୍ରୋଞ୍ଜ



ମନୁ ଭାକର
ସରବଜୋତ୍ ସିଂ

ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ୍‌ଭାବେ ଗୋଟିଏ ଅଲିମ୍ପିକ୍ସରେ ୨ଟି ପଦକ ଜିତି ଇତିହାସ ରଚିଛନ୍ତି ମନୁ ଭାକର। ପ୍ୟାରିସ ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାକର ଓ ସରବଜୋତ୍ ସିଂ ଯୋଡ଼ି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାକର-ସରବଜୋତ୍ ବ୍ରୋଞ୍ଜ ମୁକାବିଲାରେ ଦକ୍ଷିଣ କୋରିଆର ଲୀ ୱନହୋ ଓ ୟେହ ଜିନ୍‌ଙ୍କୁ ୧୬-୧୦ ପଏଣ୍ଟରେ ପରାସ୍ତ କରିଛନ୍ତି। ୨୨ ବର୍ଷୀୟ ଭାକର ଗତ ରବିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତାଙ୍କ ପୂର୍ବରୁ କୋଲକାତାରେ ଜନ୍ମିତ ବ୍ରିଟିଶ୍-ଇଣ୍ଡିଆନ ଆଥ୍‌ଲେଟ ନର୍ମାନ ପ୍ରିଚାର୍ଡ ୧୯୦୦ ଅଲିମ୍ପିକ୍ସରେ ୨ଟି ପଦକ ଜିତିଥିଲେ। ସେ ୨୦୦ ମିଟର ରେସ୍ ଏବଂ ୨୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ପାଇଥିଲେ। ମାତ୍ର ସେତେବେଳେ ଭାରତ ବ୍ରିଟିଶ୍ ଶାସନାଧୀନ ଥିଲା। ଏହା ପର ୧୨୪ ବର୍ଷର ଇତିହାସରେ ପ୍ରଥମଥର ପାଇଁ ବିରଳ କୃତିତ୍ୱ ହାସଲ କରି ଭାକର ଭାରତୀୟ କ୍ରୀଡ଼ାକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଆସନ୍ତା ଅଗଷ୍ଟ ୨ରେ ସେ ୨୫ ମିଟର ମହିଳା ପିସ୍ତଲ କ୍ୱାଲିଫିକେଶନ ଇଭେଣ୍ଟରେ ଭାଗନେବେ। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ଏବଂ ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ସେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଗୋଟିଏ ଅଲିମ୍ପିକ୍ସରେ ୩ଟି ପଦକ ଜିତି ବିରଳ ରେକର୍ଡ ପ୍ରତିଷ୍ଠା କରିବାର ସୁଯୋଗ ଭାକରଙ୍କ ନିକଟରେ ରହିଛି। ମନୁ ୨ଟି ପଦକ ଜିତି ଭାରତୀୟ ଅଲିମ୍ପିକ୍ସ ଇତିହାସର ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଭାରତ ସ୍ୱାଧୀନ ☞ପୃଷ୍ଠା-୪

**ପଶ୍ଚିମବଙ୍ଗ ପିସିସି ସଭାପତି ପଦରୁ ଅଧୀରଙ୍କ ଇସ୍ତଫା**

ବରିଷ୍ଠ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଲୋକ ସଭା ନିର୍ବାଚନର ଫଳାଫଳ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସେ ନିଜ ଇସ୍ତଫା ପତ୍ର ପଠାଇଥିବା ମଙ୍ଗଳବାର ଏଆଇସିସି ସାଧାରଣ ସମ୍ପାଦକ ଗୁଲାମ ଅହମଦ ମୀର୍ ସ୍ପଷ୍ଟ କରିଛନ୍ତି।

## ସଂକ୍ଷେପରେ

### ଲଭ୍ ଜିହାଦ୍ ପାଇଁ ଆଜୀବନ କାରାଦଣ୍ଡ

**ୟୁପି ବିଧାନସଭାରେ ବିଲ୍ ପାରିତ**

ଲକ୍ଷ୍ନୌ ୩୦।୭

ଉତ୍ତରପ୍ରଦେଶ ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବେଆଇନ ଧାର୍ମିକ ରୂପାନ୍ତରଣ (ସଂଶୋଧନ) ବିଲ୍, ୨୦୨୪କୁ ପାରିତ କରାଯାଇଛି। ମଙ୍ଗଳବାର ପାରିତ ହୋଇଥିବା ଏହି ସଂଶୋଧିତ ବିଲ୍‌ରେ ଧର୍ମାନ୍ତରଣ ଉଦ୍ଦେଶ୍ୟରେ କୌଣସି ମହିଳାଙ୍କୁ ପ୍ରତାରଣା କରିବା ସହ ବେଆଇନ୍ ଭାବେ ତାଙ୍କୁ ବିବାହ କରି ହଇରାଣ କରୁଥିବା ଦୋଷୀଙ୍କୁ ସର୍ବାଧିକ ଆଜୀବନ କାରାଦଣ୍ଡ କିମ୍ବା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ମାମଲାରେ ସର୍ବାଧିକ ୧୦ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। ତେବେ ଏହି ବିଲ୍‌କୁ କେନ୍ଦ୍ରକରି ସମାଜବାଦୀ ପାର୍ଟି(ଏସ୍‌ପି) ଯୋଗୀ ଆଦିତ୍ୟନାଥ ସରକାରକୁ ସମାଲୋଚନା କରିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଏହା ଭାଜପାର ଘୃଣା ଓ ନକାରାତ୍ମକ ରାଜନୀତିକୁ ଦର୍ଶାଉଛି ବୋଲି ଏସ୍‌ପି କହିଛି।

### ନୂଆ ଆପରାଧିକ ଆଇନର ସମୀକ୍ଷା ହେଉ: ଏଡିଟର୍ସ ଗିଲ୍ଡ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଚଳିତ ଜୁଲାଇ ମାସରୁ କାର୍ଯ୍ୟକାରୀ ହୋଇଥିବା ନୂଆ ଆପରାଧିକ ଆଇନର ସମୀକ୍ଷା ପାଇଁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦାବି କରିଛି। ଏହି ଆଇନର ବ୍ୟବସ୍ଥା ସାମ୍ବାଦିକମାନଙ୍କ ବିରୋଧରେ ବ୍ୟବହାର କରାଯିବାର ସମ୍ଭାବନା ରହିଥିବା ଗିଲ୍ଡ ଆଶଙ୍କା କରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଗିଲ୍ଡ କହିଛି, ବହୁବର୍ଷ ଧରି ବିଭିନ୍ନ ସରକାରଙ୍କ ସମୟରେ ଆପରାଧିକ ଆଇନର ବିଭିନ୍ନ ବ୍ୟବସ୍ଥା ଯଥା ଆଇପିସିର ତଥାକଥିତ ଘୃଣା ସୃଷ୍ଟିକାରୀ ଭାଷଣ ସହ ଜଡ଼ିତ ଆଇନର ଧାରା ୧୫୩ଏ, ୧୫୩ବି, ୨୯୫ଏ, ୨୯୮, ୫୦୨ ଏବଂ ୫୦୫ର ଦୁରୁପଯୋଗ ହେଉଛି। ସରକାରଙ୍କ ବିରୋଧରେ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ବିରୋଧରେ ଉପରୋକ୍ତ ଧାରାରେ ଏତଲା ଦାଏର ହେଉଛି। ଦଳମତ ନିର୍ବିଶେଷରେ ବିଭିନ୍ନ ରାଜ୍ୟରେ ମଧ୍ୟ ତାହା ଘଟୁଛି। ଖବରଦାତଙ୍କ ବିରୋଧରେ ଆପରାଧିକ ଏତଲା ଦାଏର ପୂର୍ବରୁ ଅଧିକ ସମୀକ୍ଷା ପାଇଁ ଗିଲ୍ଡ ପ୍ରସ୍ତାବ ଦେଇଛି।

# ଆରବ ସାଗରର ଉତ୍ତାପରୁ ଭୂସ୍ଖଳନ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଆରବ ସାଗରର ଉତ୍ତାପ ବୃଦ୍ଧି ଯୋଗୁ ଘନ ବାଦଲ ସୃଷ୍ଟି ହୋଇ କେରଳରେ ଖୁବ୍ କମ୍ ସମୟ ମଧ୍ୟରେ ଅତି ପ୍ରବଳ ବର୍ଷା ହେଲା। ଏହା ଭୂସ୍ଖଳନ ସମ୍ଭାବନାକୁ ବଢ଼ାଇଲା ବୋଲି ଜଣେ ବରିଷ୍ଠ ଜଳବାୟୁ ବିଜ୍ଞାନୀ ମଙ୍ଗଳବାର କହିଛନ୍ତି। ଅତ୍ୟଧିକ ବର୍ଷା ଲାଗିରହିବାରୁ କେରଳର ୱାୟନାଡ୍ ଜିଲା ପାର୍ବତ୍ୟାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକାଧିକ ଭୂସ୍ଖଳନ ଘଟି ଶତାଧିକଙ୍କ ଜୀବନ ଯାଇଛି। କୋଚିର ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ୟୁନିଭର୍ସିଟିର ଆଡଭାନ୍ସଡ୍ ସେଣ୍ଟର ଫର୍ ଆଟ୍‌ମୋସ୍ପିୟରିକ୍ ରାଡାର ରିସର୍ଚ୍ଚର ନିର୍ଦ୍ଦେଶକ ଏସ୍. ଅଭିଲାଷ କହିଛନ୍ତି, ଉପକୂଳରେ ମୌସୁମୀ ସକ୍ରିୟ ରହିବାରୁ କସରଗଡ, କନ୍ନୁର, ୱାୟନାଡ୍, କାଲିକଟ୍ ଏବଂ ମାଲାପୁରମ୍ ଜିଲାରେ ଅତି ପ୍ରବଳ ବର୍ଷା ହୋଇଛି। ଫଳରେ ୨ ସପ୍ତାହ ହେଲା ସମଗ୍ର କୋଙ୍କଣ ଅଞ୍ଚଳ ପ୍ରଭାବିତ ହୋଇଛି। ଦୁଇ ସପ୍ତାହର ବର୍ଷା ଯୋଗୁ ମାଟି ସମ୍ପୂର୍ଣ୍ଣ ବତୁରି ରହିଥିଲା। ସୋମବାର ଆରବସାଗର ଉପକୂଳରେ ଘନ ବାଦଲ ଆସ୍ତରଣ ସୃଷ୍ଟି ହୋଇଥିଲା। ଯାହାଫଳରେ ଉପରୋକ୍ତ ଜିଲାଗୁଡ଼ିକରେ ଅତି ପ୍ରବଳ ବର୍ଷା ହୋଇ ଭୂସ୍ଖଳନ ହେଲା। ୨୦୧୯ରେ ମଧ୍ୟ ଅନୁରୂପ କାରଣରୁ କେରଳରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା।

ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି, ଦକ୍ଷିଣପୂର୍ବ ଆରବସାଗର ଅଧିକ ଉତ୍ତପ୍ତ ହେଉଛି। ଫଳରେ କେରଳ ସମେତ ଉକ୍ତ ଅଞ୍ଚଳର ବାୟୁମଣ୍ଡଳ ଥର୍ମୋଡାଇନାମିକ୍ ଭାବେ ଅସ୍ଥିର ରହୁଥିବା ଅଭିଲାଷ କହିଛନ୍ତି। ବାୟୁମଣ୍ଡଳରେ ଅସ୍ଥିରତା ଘନ ବାଦଲ ସୃଷ୍ଟି କରାଉଛି, ଯାହା ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ। ଉତ୍ତର କୋଙ୍କଣ ଅଞ୍ଚଳ ଏବଂ ମାଙ୍ଗାଲୋରର ଦକ୍ଷିଣ ଭାଗରେ ପୂର୍ବରୁ ଏଭଳି ବର୍ଷା ସାଧାରଣ ଘଟଣାରେ ପରିଣତ ହୋଇଛି। ଅଭିଲାଷ ଓ ଅନ୍ୟ ବୈଜ୍ଞାନିକମାନଙ୍କ ଏହି ଗବେଷଣା ୨୦୨୨ରେ ଏନ୍‌ପିଜେ କ୍ଲାଇମେଟ୍ ଆଣ୍ଡ ଆଟ୍‌ମୋସ୍ପିୟରିକ୍ ସାଇନ୍ସ ପତ୍ରିକାରେ ପ୍ରକାଶ ପାଇଥିଲା। କୋଙ୍କଣ ଅଞ୍ଚଳର ୧୪ ଡିଗ୍ରୀ ଉତ୍ତରରୁ ୧୬ ଡିଗ୍ରୀ ଉତ୍ତର ମଧ୍ୟରେ ପ୍ରବଳ ବର୍ଷାର ହଟ୍‌ସ୍ପଟ୍ ଦକ୍ଷିଣ ଆଡ଼କୁ ସ୍ଥାନାନ୍ତର ହେଉଥିବା ଭୟଙ୍କର ପରିଣାମ ଆଣିପାରେ ବୋଲି ପୂର୍ବରୁ ବୈଜ୍ଞାନିକମାନେ ସତର୍କ କରାଇଥିଲେ।

ଭୂସ୍ଖଳନ ଭୟ ଥିବା ଅଞ୍ଚଳଗୁଡ଼ିକରେ ଏହାର ପୂର୍ବାନୁମାନ ପାଇଁ ବ୍ୟବସ୍ଥା କରିବା ସହ ସୁରକ୍ଷିତ ନିର୍ମାଣ ଲାଗି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ରାଜୀବନ କହିଛନ୍ତି, ଅତ୍ୟଧିକ ବୃଷ୍ଟିପାତ ସମ୍ପର୍କରେ ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ କରିପାରିବେ। କିନ୍ତୁ ତାହା ଭୂସ୍ଖଳନ ଘଟାଇବ କି ନାହିଁ, ସେମାନେ ନିଶ୍ଚିତ ଭାବେ କହିପାରିବେ ନାହିଁ। ପ୍ରବଳ ବର୍ଷା ସବୁବେଳେ ଭୂସ୍ଖଳନ ଘଟାଇ ନ ଥାଏ। ତେଣୁ ଭୂସ୍ଖଳନର ପୂର୍ବାନୁମାନ କରିବାକୁ ହେଲେ ଆମକୁ ସ୍ୱତନ୍ତ୍ର ମେକାନିଜମ୍ ଆପଣାଇବାକୁ ହେବ। ଏହା କଷ୍ଟସାଧ୍ୟ ହେଲେ ମଧ୍ୟ କରାଯାଇପାରିବ ବୋଲି ରାଜୀବନ କହିଛନ୍ତି। ମୁଖ୍ୟତଃ ମାଟିର ଗଠନ ଢାଞ୍ଚା, ଆର୍ଦ୍ରତା ଏବଂ ଗଡ଼ାଣିଆ ଅଞ୍ଚଳ ଯୋଗୁ ଭୂସ୍ଖଳନ ହୋଇଥାଏ। ଏସବୁକୁ ବିଚାରକୁ ନେଇ ଭୂସ୍ଖଳନର ପୂର୍ବାନୁମାନ କରିବାକୁ ହେବ ବୋଲି ରାଜୀବନ କହିଛନ୍ତି।



ୱାୟନାଡ୍‌ର ଭୂସ୍ଖଳନ କ୍ଷତିଗ୍ରସ୍ତ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଚଳାଇଛି।

### କେରଳକୁ ସହାୟତା ପାଇଁ ରାହୁଲଙ୍କ ଦାବି



ପ୍ରଳୟଙ୍କରୀ ଭୂସ୍ଖଳନରେ କ୍ଷତିଗ୍ରସ୍ତ କେରଳକୁ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଲୋକ ସଭାରେ ଦାବି କରିଛନ୍ତି। ଶୂନ୍ୟକାଳରେ କେରଳ ଭୂସ୍ଖଳନ ପ୍ରସଙ୍ଗ ଉଠାଇ ରାହୁଲ କହିଥିଲେ, ପ୍ରାଣ ହରାଇଥିବା ଲୋକମାନଙ୍କ ପରିବାରକୁ ସହାୟତା ରାଶି ବଢ଼ାଯାଉ। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ପରିବହନ ଓ ଯୋଗାଯୋଗ ସଂଯୋଗ ପୁନଃସ୍ଥାପନ ପାଇଁ ସେ ଦାବି କରିଥିଲେ। କଂଗ୍ରେସ ସଦସ୍ୟମାନେ ଏହା ଉପରେ ସରକାରଙ୍କୁ ଜବାବ ମାଗିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସହ କଥା ହୋଇଛନ୍ତି ଏବଂ ରିଲିଫ କାର୍ଯ୍ୟରେ ସମନ୍ୱୟ ପାଇଁ ସେଠାକୁ ଜଣେ ରାଷ୍ଟ୍ରମନ୍ତ୍ରୀଙ୍କୁ ପଠାଯାଇଛି। ୱାୟନାଡ୍ ଏମ୍‌ପି ରାହୁଲ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ କେରଳ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ସେ ଓ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ସକାଳେ ଭୂସ୍ଖଳନ କ୍ଷତିଗ୍ରସ୍ତ ୱାୟନାଡ୍ ଯିବାର ଥିବାବେଳେ ଖରାପ ପାଗ ଯୋଗୁ ତାହା ବାତିଲ ହୋଇଛି। ରାହୁଲ ଓ ପ୍ରିୟଙ୍କାଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଭୂସ୍ଖଳନ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସମସ୍ତ ସହାୟତା ଯୋଗାଇଦେବା ଲାଗି ସେମାନେ ୟୁଡିଏଫ୍ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

### ଉଦ୍ଧାର କାର୍ଯ୍ୟରେ କର୍ଣ୍ଣାଟକର ସହାୟତା

ବେଙ୍ଗାଲୁରୁ,୩୦।୭

କେରଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ କର୍ଣ୍ଣାଟକ ସରକାର ସମସ୍ତ ସହାୟତା ଯୋଗାଇ ଦେଇଥିବା ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ରଖିବା ପାଇଁ କନାଟକ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ କେରଳ ପଠାଇଛି। ବେଙ୍ଗାଲୁରୁରେ ଥିବା ଏନ୍‌ଡିଆର୍‌ଏଫ୍ ଟିମ୍, ମାଡ୍ରାସ ଇଞ୍ଜିନିୟରିଂ ଗ୍ରୁପ୍‌ର ଟିମ୍ ଓ ସେନା ଯବାନଙ୍କୁ ୱାୟନାଡ୍ ପଠାଯାଇଛି।

## ଅଗ୍ନିପଥ: ଅଖିଳେଶ–ଅନୁରାଗ ମୁହାଁମୁହିଁ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଲୋକ ସଭାରେ ମଙ୍ଗଳବାର ଅଗ୍ନିପଥ ଯୋଜନାକୁ ନେଇ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଭାଜପା ଏମ୍‌ପି ଅନୁରାଗ ଠାକୁରଙ୍କ ମଧ୍ୟରେ କଥା କଟାକଟି ହୋଇଛି। କେନ୍ଦ୍ର ବଜେଟ ଆଲୋଚନାରେ ଭାଗ ନେଇ ଅଖିଳେଶ କହିଥିଲେ, ଅଗ୍ନିପଥ ଯୋଜନାର ପ୍ରଚାରରେ ବୃହତ ଶିଳ୍ପସଂସ୍ଥାଗୁଡ଼ିକୁ ସରକାର ନିୟୋଜିତ କରିଛନ୍ତି। ଏହା ସବୁଠୁ ଭଲ ଯୋଜନା ବୋଲି ସେମାନେ ଟୁଇଟ୍ କରିବାକୁ କୁହାଯାଇଥିଲା। ଅଗ୍ନିବୀରମାନଙ୍କ ୪ ବର୍ଷର କାର୍ଯ୍ୟକାଳ ଶେଷ ହେବା ପରେ ଶିଳ୍ପସଂସ୍ଥାଗୁଡ଼ିକ ସେମାନଙ୍କୁ ନିଯୁକ୍ତି ସୁଯୋଗ ଦେବେ ବୋଲି କହିଥିଲେ। ଯୋଜନା ଠିକ୍ ନୁହେଁ ବୋଲି କେନ୍ଦ୍ର ସ୍ୱୀକାର କରିଥିବାରୁ ରାଜ୍ୟଗୁଡ଼ିକୁ କୋଟା ଦେବା ପାଇଁ କହିଛି। ଅଗ୍ନିପଥ ଯୋଜନା ସପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଥିଲେ, ଏହି ଯୋଜନା ଶତ ପ୍ରତିଶତ ନିଯୁକ୍ତି ଗ୍ୟାରେଣ୍ଟି ଦେଉଛି। ଯଦି ଯୋଜନା ଏତେ ଲାଭଦାୟକ, ତେବେ ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟ ସରକାରମାନେ ଅଗ୍ନିବୀରଙ୍କ ପାଇଁ ନିଯୁକ୍ତିରେ ୧୦% ସଂରକ୍ଷଣ ଯୋଗାଇଦେବାକୁ କାହିଁକି ଆବଶ୍ୟକ ମଣିଲେ ବୋଲି ଅଖିଳେଶ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା।



## ନବାବ ମଲିକଙ୍କୁ ଜାମିନ

ନୂଆଦିଲ୍ଲୀ, ୩୦।୭

ଏକ ଅର୍ଥ ହେରଫେର ମାମଲାରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ନବାବ ମଲିକଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ନବାବଙ୍କ ଅସୁସ୍ଥତାକୁ ଆଧାର କରି ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଜାମିନ ପ୍ରଦାନ କରିଛନ୍ତି। କିଡ୍‌ନୀଜନିତ ରୋଗ ସହ ବିଭିନ୍ନ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ଦର୍ଶାଇ ଜାମିନ ପ୍ରଦାନ କରିବାକୁ ମଲିକ ଗତ ୧୩ରେ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଏହି ମାମଲାରେ ପୂର୍ବରୁ ବମ୍ବେ ଉଚ୍ଚ ନ୍ୟାୟାଳୟ ନବାବଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କୁ ବିଶେଷ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ସହ ତାଙ୍କ ସ୍ୱାସ୍ଥ୍ୟ ଅଧିକାର ସହିତ କୌଣସି ପ୍ରକାରର ଉଲ୍ଲଂଘନ କରାଯାଇ ନ ଥିବା ବମ୍ବେ ଉଚ୍ଚ ନ୍ୟାୟାଳୟ କହିଥିଲେ।

## ଭେନେଜୁଏଲା ରାଷ୍ଟ୍ରପତିଙ୍କ ବିରୋଧରେ ଜୋର୍‌ଦାର ବିକ୍ଷୋଭ

କାରାକାସ୍,୩୦।୭

ଭେନେଜୁଏଲା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସମର୍ଥକ ଏବଂ ବିରୋଧୀମାନେ ମଙ୍ଗଳବାର ରାଲି ବାହାର କରିଥିଲେ। ବିରୋଧୀ ନିର୍ବାଚନରେ ବିଜୟୀ ହୋଇଥିବା ଦାବି କରୁଥିବାବେଳେ ଫଳାଫଳ ଶାସକ ସୋସିଆଲିଷ୍ଟ ପାର୍ଟି ସପକ୍ଷରେ ଯାଇଥିବାରୁ ଏହାକୁ ନେଇ ବିକ୍ଷୋଭ ଓ ସଂଘର୍ଷ ଜାରି ରହିଛି। ରାଷ୍ଟ୍ରପତି ମାଦୁରୋ ଭୋଟ ଚୋରି କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ମାଦୁରୋଙ୍କ ପୁନଃ ନିର୍ବାଚନ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଆମେରିକା କହିବା ସହ ଅଧିକ କଟକଣା ଜାରି କରିବାକୁ ବିଚାର କରୁଥିବା କହିଛି। ଅନ୍ୟପକ୍ଷରେ ଚାଇନା ଓ ରୁଷିଆ ମାଦୁରୋଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମାଦୁରୋ ୫୧ ପ୍ରତିଶତ ଭୋଟ ପାଇ ପୁନଃ ନିର୍ବାଚିତ ହୋଇଥିବା ଇଲେକ୍ସନ ବୋର୍ଡ ସୋମବାର ଘୋଷଣା କରିବା ପରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ନିର୍ବାଚନ କମିଶନ ଏକଛତ୍ରବାଦୀ ସରକାରଙ୍କ ପକେଟରେ ରହିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ମାଦୁରୋଙ୍କଠାରୁ ବିରୋଧୀ ରାଷ୍ଟ୍ରପତି ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଦୁଇଗୁଣାରୁ ଅଧିକ ଭୋଟ ପାଇଥିବା ସେମାନେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିବା ସହ ନିଆଁ ଜାଳି ପେଟ୍ରୋଲ ବୋମା ଫିଙ୍ଗି ପ୍ରତିବାଦ କରୁଛନ୍ତି। କାରାକାସ୍‌ର ରାଷ୍ଟ୍ରପତି ଭବନ ମିରାଫ୍ଲୋର୍ ନିକଟରେ ମଧ୍ୟ ବିକ୍ଷୋଭ ହୋଇଛି। ଲୋକେ ମାଦୁରୋ ସରକାରଙ୍କ ଉପରେ ଅତିଷ୍ଠ ହୋଇପଡ଼ିଲେଣି। ସେମାନେ ପରିବର୍ତ୍ତନ ଚାହାନ୍ତି ଓ ଭେନେଜୁଏଲାର ମୁକ୍ତି ଚାହାନ୍ତି ବୋଲି ଦାବି କରିଛନ୍ତି।

**ଭୋଟ ଚୋରି କରିଛନ୍ତି ନିକୋଲାସ୍**



ନିକୋଲାସ୍ ମାଦୁରୋ

## ଟେଲିଗ୍ରାମ ସିଇଓଙ୍କ ଶତାଧିକ 'ଜୈବିକ ପିଲା'

ଦୁବାଇ, ୩୦।୭

ସୋସିଆଲ ମିଡିଆ ମେସେଜିଂ ପ୍ଲାଟ୍‌ଫର୍ମ 'ଟେଲିଗ୍ରାମ'ର ପ୍ରତିଷ୍ଠାତା ତଥା ସିଇଓ ପାଭେଲ୍ ଡ୍ୟୁରୋଭ୍(୩୯)ଙ୍କ ୧୦୦ରୁ ଅଧିକ ଜୈବିକ ପିଲା ରହିଛନ୍ତି। ଦୁବାଇର ଏହି ପ୍ରଭାବଶାଳୀ ଉଦ୍ୟୋଗୀ ଟେଲିଗ୍ରାମରେ ନିଜ ୫.୭ ମିଲିୟନ ସବ୍‌ସ୍କ୍ରାଇବରଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି। ପାଭେଲ୍ କହିଛନ୍ତି, ଆଜିକୁ ୧୫ ବର୍ଷ ତଳେ ଜଣେ ବନ୍ଧୁ ଏକ ଅଜବ ଅନୁରୋଧ ନେଇ ତାଙ୍କ ନିକଟକୁ ଆସିଥିଲେ। ପ୍ରଜନନ ଜନିତ କିଛି ସମସ୍ୟା ଯୋଗୁ ଉକ୍ତ ବନ୍ଧୁ ଓ ତାଙ୍କ ସ୍ତ୍ରୀ ପିଲା ଜନ୍ମ କରିବାକୁ ସକ୍ଷମ ହେଉ ନ ଥିଲେ। ତେଣୁ ସନ୍ତାନ ଜନ୍ମ ପାଇଁ ଶୁକ୍ରାଣୁ ଦାନ କରିବାକୁ ସେ ପାଭେଲ୍‌ଙ୍କୁ ଅନୁରୋଧ କରିଥିଲେ। ଏନେଇ ଅଧିକ ତଥ୍ୟ ହାସଲ କରିବାକୁ ସେ ନିକଟସ୍ଥ ଆଇଭିଏଫ୍ (ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍) କ୍ଲିନିକ୍‌କୁ ଯାଇଥିଲେ। ଉକ୍ତ କ୍ଲିନିକ୍‌ର ମୁଖ୍ୟ ଡାକ୍ତର କହିଥିଲେ, ଏପରି ବହୁ ଦମ୍ପତି ରହିଛନ୍ତି, ଯେଉଁମାନେ ବିଭିନ୍ନ ଶାରୀରିକ ସମସ୍ୟା ଯୋଗୁ ସନ୍ତାନ ଜନ୍ମର ସୌଭାଗ୍ୟ ପାଉନାହାନ୍ତି। ଶୁକ୍ରାଣୁ ଦାନ ହିଁ ଏହାର ଏକମାତ୍ର ସମାଧାନ। ଶାରୀରିକ ଭାବେ ସୁସ୍ଥ ଥିବାରୁ ଡାକ୍ତର ତାଙ୍କୁ ଶୁକ୍ରାଣୁ ଦାନ କରିବାକୁ ପରାମର୍ଶ ଦେଇଥିଲେ। ପରେ ପାଭେଲ୍ ଉକ୍ତ ଆଇଭିଏଫ୍ କ୍ଲିନିକ୍ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ନିଜର ଶୁକ୍ରାଣୁ ଦାନ କରିଥିଲେ। ଏବେ ତାଙ୍କ ଦ୍ୱାରା ଦାନ କରାଯାଇଥିବା ଶୁକ୍ରାଣୁ ସାହାଯ୍ୟରେ ୧୨ ଦେଶରେ ୧୦୦ରୁ ଅଧିକ ଜୈବିକ ପିଲା ଜନ୍ମ ହୋଇଛନ୍ତି। ତେବେ ବର୍ତ୍ତମାନ ସେ ଶୁକ୍ରାଣୁ ଦାନ କରିବା ବନ୍ଦ କରିସାରିଥିଲେ ମଧ୍ୟ ଗୋଟିଏ କ୍ଲିନିକ୍‌ରେ ତାଙ୍କ ସ୍ପର୍ମ ଗଚ୍ଛିତ ହୋଇରହିଛି, ଯାହା ମାଧ୍ୟମରେ ଅନ୍ୟ କେତେକ ଦମ୍ପତି ମଧ୍ୟ ସନ୍ତାନ ଲାଭ କରିପାରିବେ। ନିଜ ଜୈବିକ ପିଲାଙ୍କୁ ନେଇ ଭବିଷ୍ୟତରେ ରହିଥିବା ଯୋଜନାକୁ ମଧ୍ୟ ପାଭେଲ୍ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ଡିଏନ୍‌ଏକୁ ଓପନ ସୋର୍ସ କରିବାକୁ ଯୋଜନା କରୁଛନ୍ତି। ଏହା ଦ୍ୱାରା ତାଙ୍କ ଜୈବିକ ସନ୍ତାନସନ୍ତତି ପରସ୍ପରକୁ ଖୋଜି ପାଇପାରିବେ। ତେବେ ଶୁକ୍ରାଣୁ ଦାନ କରୁଥିବାରୁ ଅନେକ ବ୍ୟକ୍ତି ତାଙ୍କ ଉପରେ ପ୍ରଶ୍ନ ଉଠାନ୍ତି ବୋଲି ଏହି ପୋଷ୍ଟରେ ଟେଲିଗ୍ରାମ ସିଇଓ କହିଛନ୍ତି। ସନ୍ତାନହୀନତା ସମସ୍ୟା ସହ ଜୁଝୁଥିବା ଲୋକଙ୍କ ଜୀବନରେ ଖୁସି ଆଣିବା ପାଇଁ ସେ ଏହି କାର୍ଯ୍ୟ କରିଛନ୍ତି, ଏଥିରେ ଲଜ୍ଜିତ ହେବାର ନାହିଁ ବୋଲି ପାଭେଲ୍ କହିଛନ୍ତି।



ପାଭେଲ୍ ଡ୍ୟୁରୋଭ୍

## ଫୁରସତ୍

### ଆଇଫୋନ୍ ନୁହେଁ, ବିବାହ ନିମନ୍ତ୍ରଣ କାର୍ଡ

ବିଶାଖାପାଟଣା

ସମ୍ପ୍ରତି ବିବାହ ପାଇଁ ଫ୍ୟାନ୍ସି ଏବଂ କଷ୍ଟୋମାଇଜ୍‌ଡ୍ ନିମନ୍ତ୍ରଣ କାର୍ଡର ବେଶ୍ ଚାହିଦା ରହିଛି। ଏହି ଧାରାକୁ ଅନୁସରଣ କରି ବିଶାଖାପାଟଣାର ଏକ ପ୍ରେମୀ ଯୁଗଳ ନିଜ ବିବାହ କାର୍ଡକୁ ଏକ ସ୍ୱତନ୍ତ୍ର ଉପାୟରେ ପ୍ରସ୍ତୁତ କରିଛନ୍ତି। ଏକ ନିଆରା ଆଇଫୋନ୍ ଥିମ୍ ସହ ଏହି ଯୋଡ଼ି ସେମାନଙ୍କ ବିବାହ ନିମନ୍ତ୍ରଣ କାର୍ଡ ତିଆରି କରିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲକ୍ଷ୍ମଣ ୱେଡିଂ କାର୍ଡ୍‌ସ ପକ୍ଷରୁ ଏହାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ୩ଟି ପୃଷ୍ଠାକୁ ନେଇ ଏକ ବୁକ୍‌ଲେଟ୍ ଷ୍ଟାଇଲ୍ ଲେ-ଆଉଟ୍ ସହ ଉକ୍ତ କାର୍ଡର ଡିଜାଇନ୍ କରାଯାଇଛି। ବିବାହ ହେବାକୁ ଥିବା ଯୋଡ଼ିଙ୍କ ଫଟୋ କଭର ପୃଷ୍ଠାର ବ୍ୟାକ୍‌ଗ୍ରାଉଣ୍ଡ ଭାବରେ ଦେଖିବାକୁ ମିଳିଛି। ଏହାକୁ ଏପରି ଭାବେ ଡିଜାଇନ୍ କରାଯାଇଛି, ଯେପରି ଏକ ଆଇଫୋନ୍‌ର ୱାଲ୍‌ପେପର୍‌ରେ କନ୍ୟା ଓ ବରଙ୍କ ଫଟୋ ରହିଛି। ଉକ୍ତ ନିମନ୍ତ୍ରଣ କାର୍ଡର ଭିତର ପୃଷ୍ଠାରେ ହ୍ୱାଟ୍ସଆପ୍ ଚାଟ୍ ବ୍ୟାକ୍‌ଗ୍ରାଉଣ୍ଡ ସହ ଭେନ୍ୟୁ ବିବରଣୀକୁ ଅତି ସୁନ୍ଦର ଓ କୌତୂହଳପୂର୍ଣ୍ଣ ଭାବରେ ସ୍ଥାନିତ କରାଯାଇଛି। ସେହିପରି ଏହି ନିମନ୍ତ୍ରଣ କାର୍ଡର 'ବ୍ୟାକ୍ କଭର୍'ରେ ଏକ ଚମତ୍କାର କ୍ୟାମେରା ଡିଜାଇନ ସହ ୩-ଡି ଇଫେକ୍ଟ ମଧ୍ୟ ରହିଛି।



### ବିବାହର ୩ ମିନିଟ୍ ମଧ୍ୟରେ ଛାଡ଼ପତ୍ର

କୁଏତ୍ ସିଟି

ସମ୍ପ୍ରତି ଏକ ନବ ବିବାହିତ ଯୋଡ଼ି ବିବାହର ମାତ୍ର ୩ ମିନିଟ୍ ମଧ୍ୟରେ ପରସ୍ପରକୁ ଛାଡ଼ପତ୍ର ଦେଇଛନ୍ତି। ରିପୋର୍ଟ ଅନୁଯାୟୀ କୁଏତ୍‌ରେ ଏହି ନବ ବିବାହିତ ଯୋଡ଼ି କୋର୍ଟ ମ୍ୟାରେଜ୍ କରିଥିଲେ। ବିବାହର ଆନୁଷ୍ଠାନିକ ପ୍ରକ୍ରିୟା ଶେଷ ହେବା ପରେ ଯେତେବେଳେ ଉକ୍ତ ଦମ୍ପତି କୋର୍ଟରୁ ବାହାରିଥିଲେ, ସେତେବେଳେ କନ୍ୟାଜଣକ ଝୁଣ୍ଟି ପଡ଼ିଥିଲେ। ଏତିକିବେଳେ ନବ ବିବାହିତ ବର ତାଙ୍କୁ ମୂର୍ଖ ବୋଲି କହିଥିଲେ। ସ୍ୱାମୀଙ୍କ ଏହି ବିବୃତିରେ କନ୍ୟାଜଣକ କ୍ରୋଧିତ ହୋଇ ପୁନଶ୍ଚ କୋର୍ଟରେ ପହଞ୍ଚି ସେମାନଙ୍କ ବିବାହକୁ ରଦ୍ଦ କରିବାକୁ ବିଚାରପତିଙ୍କୁ ଅନୁରୋଧ କରିଥିଲେ। କନ୍ୟାଙ୍କ ଅଭିଯୋଗ ଶୁଣି ଜଜ୍ ଉକ୍ତ ବିବାହକୁ ରଦ୍ଦ କରିଥିଲେ।

### ବ୍ରିଟେନ୍ ବ୍ୟବସାୟୀଙ୍କୁ ଡେଟ୍ କରୁଛନ୍ତି କ୍ରିତି

**ଲଣ୍ଡନ:** ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ନିଜ ଦମ୍‌ଦାର ଅଭିନୟ ସହ ପ୍ରଶଂସକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ତେବେ ସର୍ବଦା ନିଜ ବୃତ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହୁଥିବା କ୍ରିତି ଏବେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। କ୍ରିତିଙ୍କର କେତେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ବ୍ରିଟେନ୍‌ର କୋଟିପତି ବ୍ୟବସାୟୀ କବୀର ବହିଆଙ୍କ ସହ ଛୁଟି ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଗ୍ରୀସ୍‌ରେ କ୍ରିତି ଗତ ୨୭ ତାରିଖରେ କବୀରଙ୍କ ସହ ମିଶି ନିଜ ଜନ୍ମଦିନ ପାଳନ କରିଥିଲେ। ଅଭିନେତ୍ରୀ ଜଣକ ପ୍ରଥମେ ନିଜ ଜନ୍ମଦିନ ଫଟୋ ଶେୟାର କରିବାର କିଛି ସମୟ ପରେ କବୀର ମଧ୍ୟ ସମାନ ସ୍ଥାନରୁ ନିଜ ଫଟୋକୁ ଶେୟାର କରିଥିଲେ। ଏହାପରଠାରୁ ଉଭୟ କ୍ରିତି ଓ କବୀରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି ଓ ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ଅନୁମାନ କରାଯାଉଛି। କବୀର ହେଉଛନ୍ତି ବ୍ରିଟେନ୍‌ର ପ୍ରସିଦ୍ଧ ବ୍ୟବସାୟୀ ତଥା 'ସାଉଥ୍‌ୱାଲ୍ ଟ୍ରାଭେଲ'ର ପ୍ରତିଷ୍ଠାତା କୁଲ୍‌ଜିନ୍ଦର ବହିଆଙ୍କ ପୁଅ। ଲଣ୍ଡନର ସବୁଠାରୁ ଧନୀ ପରିବାର ମଧ୍ୟରେ କବୀରଙ୍କ ପରିବାରକୁ ଗଣନା କରାଯାଇଥାଏ। କବୀରଙ୍କ ମୋଟ ମୋଟ୍ ସମ୍ପତ୍ତି ପ୍ରାୟ ସାଢ଼େ ୩ ହଜାର କୋଟି ଟଙ୍କା ରହିଛି। ପ୍ରକାଶ ଯେ କ୍ରିତିଙ୍କୁ ଶେଷ ଥର ପାଇଁ ଚଳିତ ବର୍ଷ ରିଲିଜ୍ ହୋଇଥିବା 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିଆ' ଫିଲ୍ମରେ ଦେଖିବାକୁ ମିଳିଥିଲା।



**ହଷ୍ଟେଲ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ**

ଟିକିରି,(ପ୍ରଫୁଲ୍ଲ କୁମାର ବେହେରା): ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ମାଳାମ୍ବ ଗ୍ରାମର ଧନେଶ୍ୱର ଝୋଡିଆଙ୍କ ପୁଅ ଅଶୋକ ଝୋଡିଆ (୧୦)। ଚିକିତ୍ସା ଅବହେଳାରୁ ଅଶୋକଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ଧନେଶ୍ୱର ଅଭିଯୋଗ କରିଛନ୍ତି। ମଙ୍ଗଳବାର ବ୍ଲକ୍ ଶିକ୍ଷାଧିକାରୀ ଦୀପ୍ତିମୟୀ ସିଂ ଓ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ ସାହୁ ହଷ୍ଟେଲରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।




# ସ୍କୁଲରେ ଛାତ୍ରୀଛାତ୍ରଙ୍କୁ କରାଯିବ କାଉନ୍ସେଲିଂ

ଭୁବନେଶ୍ୱର, ୩୦।୭
(ଅସମାପିକା ସାହୁ)

- ନିଯୁକ୍ତି ପାଇବେ ମନସ୍ତତ୍ତ୍ୱବିତ୍
- ପିଲାଙ୍କୁ ପଢ଼ାଇବା ସହ ଆଚରଣ ଶିଖାଇବେ



ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ଯୋଗୁ ରେଜଲ୍ଟ ଖରାପ ହୋଇଥାଏ। କିଏ ପାଠପଢ଼ା ଅଧାରୁ ଛାଡ଼ିଥାଏ ତ' ଆଉ କିଏ ଖରାପ ଦିଗରେ ଯାଇଥାଏ। ଯେପରିକି ତମାଖୁ କିମ୍ବା ଅନ୍ୟକିଛି ନିଶାଦ୍ରବ୍ୟ ସେବନ କରିଥାନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସମସ୍ୟା ଲାଗି କିଏ ଅଭିଭାବକଙ୍କ ଠିକ ପରାମର୍ଶ ନ ଥିବା କୁହେ ତ' ଆଉ କିଏ ଖରାପ ପିଲାଙ୍କ ମେଳି ଦାୟୀ ବୋଲି କହିଥାନ୍ତି। ଅନ୍ୟପଟେ ସ୍କୁଲରେ ପିଲାଙ୍କୁ ମାଡ଼ ମାରିବା କିମ୍ବା ଆକଟ କରିବା ପ୍ରଥା ଉପରେ ଅଙ୍କୁଶ ଲାଗିଥିବାରୁ ଶିକ୍ଷକମାନେ ମଧ୍ୟ ପିଲାଙ୍କ ଆଚରଣକୁ ଅଣଦେଖା କରୁଛନ୍ତି। ଫଳରେ ଏପରି ସମସ୍ୟା ଲାଗି ପିଲାଙ୍କ ଭବିଷ୍ୟତ ନଷ୍ଟ ହେବା ସହ ରେଜଲ୍ଟ ମଧ୍ୟ ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ପିଲାଙ୍କୁ ଅଷ୍ଟମ ଶ୍ରେଣୀରୁ କିପରି ଠିକ୍ ଭାବେ ଯତ୍ନ ନିଆଯିବ ଏବଂ ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ କରାଯାଇପାରିବ, ସେଥିଲାଗି ସରକାର ଛାତ୍ରୀଛାତ୍ରଙ୍କୁ କାଉନ୍ସେଲିଂ କରିବା ପାଇଁ ଯୋଜନା କରିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂଚନାନୁସାରେ, ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ କାଉନ୍ସେଲିଂ କରାଯିବ। ପିଲାଙ୍କ ସମସ୍ୟାର ସମାଧାନ ସହ ସେମାନଙ୍କ ପାଠପଢ଼ା ଓ ବ୍ୟବହାର ଆଚରଣକୁ ମନସ୍ତତ୍ତ୍ୱବିତ୍‌ମାନେ ଯାଞ୍ଚ କରିବେ। ଏଥିପାଇଁ ସ୍କୁଲରେ ମନସ୍ତତ୍ତ୍ୱବିତ୍ ନିଯୁକ୍ତ ହେବେ। ଅନେକ ସ୍କୁଲରେ ଉଭୟ ଛାତ୍ରୀଛାତ୍ର ପଢୁଥିବାରୁ ଜଣେ ଲେଖାଏ ମହିଳା ଓ ପୁରୁଷ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତି ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଜଣେ ଲେଖାଏ ମନସ୍ତତ୍ତ୍ୱବିତ୍ ନିଯୁକ୍ତ ହେବେ। ବାଳିକା ବିଦ୍ୟାଳୟଗୁଡ଼ିକରେ କେବଳ ମହିଳା ମନସ୍ତତ୍ତ୍ୱବିତ୍ ନିଯୁକ୍ତି ପାଇବେ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଅଧିକାଂଶ ଛାତ୍ରୀଛାତ୍ରଙ୍କ ବ୍ୟବହାରରେ ତ୍ରୁଟି ରହୁଥିବା ବେଳେ କେତେକ ପିଲା ପାଠପଢ଼ା ପ୍ରତି ଗୁରୁତ୍ୱ ଦେଇ ନ ଥାନ୍ତି। ରାଜ୍ୟରେ ଥିବା ବିଭିନ୍ନ ସରକାରୀ ସ୍କୁଲରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସଂଖ୍ୟା ପ୍ରାୟ ୮ଲକ୍ଷ ୩୦ହଜାର ରହିଛି। ଗଣଶିକ୍ଷା ବିଭାଗ ରିପୋର୍ଟ ଅନୁଯାୟୀ, ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ପ୍ରାୟ ୫% ପିଲା ନିଶାଦ୍ରବ୍ୟ ସେବନ କରୁଥିବା ବେଳେ ନବମ ଶ୍ରେଣୀରେ ପ୍ରାୟ ୮% ଏବଂ ଦଶମ ଶ୍ରେଣୀରେ ୧୫ରୁ ୧୭% ପିଲା ତମାଖୁ ସେବନ କରିଥାନ୍ତି। ସେହିପରି ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରାୟ ୩% ପିଲା ଅଧାରୁ ପାଠ ଛାଡୁଥିବାବେଳେ ନବମରେ ଯେତିକି ପିଲା ନାମ ଲେଖାଇଥାନ୍ତି, ସେମାନଙ୍କ ମଧ୍ୟରୁ ୨୨% ପିଲା ନିୟମିତ ସ୍କୁଲ ଯାଇ ନ ଥାନ୍ତି। ଦଶମରେ ମଧ୍ୟ ୩୫% ପିଲା ସ୍କୁଲରେ ନିୟମିତ ଅନୁପସ୍ଥିତ ରହିଥାନ୍ତି। ଉଭୟ ଅଷ୍ଟମ ଓ ନବମ ଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ୧୩% ପିଲା ଜିଦ୍‌ଖୋର ଥିବାବେଳେ ୨୭% ପିଲା ଠିକ୍ ଭାବେ ଆଚରଣ ପ୍ରଦର୍ଶନ କରିପାରି ନ ଥାନ୍ତି। ଦଶମରେ ପଢୁଥିବା ପିଲାଙ୍କ ମଧ୍ୟରୁ ପ୍ରାୟ ୨୬% ଛାତ୍ର ସ୍କୁଲ ନାଁ କହି ବାହାରେ ବୁଲାବୁଲି କରୁଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮% ପିଲା ଅଧାରୁ ପାଠପଢ଼ା ଛାଡ଼ିଥାନ୍ତି। ଏସବୁ ସମସ୍ୟାର ସମାଧାନ ଲାଗି କାଉନ୍ସେଲିଂ କରିବା ଭଳି ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏନେଇ ଚୁକ୍ତିଭିତ୍ତିକ ଭାବେ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତ କରାଯିବ। ଯେଉଁମାନଙ୍କୁ ନିଯୁକ୍ତ କରାଯିବ, ସେମାନେ ବର୍ଷକୁ କେତେ ପିଲାଙ୍କୁ ସୁଧାର ଆଣିବାରେ ସହାୟକ ହୋଇଛନ୍ତି ତା'ର ରିପୋର୍ଟ ସ୍କୁଲର ପ୍ରଧାନଶିକ୍ଷକମାନେ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ଏହାବ୍ୟତୀତ ସ୍କୁଲରେ ପାଠପଢ଼ାରେ ମନସ୍ତତ୍ତ୍ୱବିତ୍‌ମାନେ ସାହାଯ୍ୟ କରିବେ। ଆବଶ୍ୟକ ସ୍ଥଳେ ସେମାନେ ସାମାଜିକ ବିଜ୍ଞାନ, ଇଂଲିଶ ଏବଂ ସାହିତ୍ୟ ବିଷୟ ପିଲାଙ୍କୁ ପଢ଼ାଇବେ। ସ୍କୁଲର ବିଭିନ୍ନ କାର୍ଯ୍ୟରେ ମଧ୍ୟ ସହଯୋଗ କରିବେ। ଦୈନିକ ଖେଳଛୁଟି ପରେ ଏକ କମନ କ୍ଲାସ ହେବ। ଯେଉଁଥିରେ ସବୁ ପିଲାଙ୍କୁ ସମୂହ ଭାବେ ଏହି ମନସ୍ତତ୍ତ୍ୱବିତ୍‌ମାନେ ପାଠପଢ଼ା ଶୈଳୀ ଏବଂ ଆଚରଣ ସମ୍ପର୍କରେ ବୁଝାଇବେ। ସରକାରୀ ସ୍କୁଲରେ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ। ମନସ୍ତତ୍ତ୍ୱବିତ୍ ନିଯୁକ୍ତି ପ୍ରକ୍ରିୟା ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯିବ ବୋଲି ଜଣାପଡ଼ିଛି।

# ମା' ହେଲା ମୌସୁମୀ

ବାରଙ୍ଗ,୩୦।୭
(ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୮ ବର୍ଷୀୟା ଧଳା ବାଘୁଣୀ ମୌସୁମୀ ପ୍ରଥମ ଥର ପାଇଁ ମା' ହୋଇଛି। ମୌସୁମୀ ପର୍ଯ୍ୟାୟକ୍ରମେ ୩ଟି ଛୁଆକୁ ଜନ୍ମ ଦେଇଛି। ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ସୋମବାର ରାତି ୮ଟା ୫୧ ମିନିଟ୍‌ରେ ଗୋଟିଏ, ମଙ୍ଗଳବାର ସକାଳେ ଗୋଟିଏ ଓ ରାତିରେ ଆଉ ଏକ ଛୁଆକୁ ସେ ଜନ୍ମ ଦେଇଛି। ଜନ୍ମିତ ୩ ଛୁଆଙ୍କ ମଧ୍ୟରୁ ଗୋଟିଏ ଛୁଆ ଜୀବିତ ରହିଛି। ସେହି ସାଧାରଣ ରଙ୍ଗର ଛୁଆକୁ ମା'ଠାରୁ ଅଲଗା କରି କର୍ତ୍ତୃପକ୍ଷ ଲାଳନପାଳନ କେନ୍ଦ୍ରକୁ ଆଣିଥିବା ଜଣାପଡ଼ିଛି। ମହାବଳ ବାଘ ରାଜେଶ ସହ ମିଳନରେ ମୌସୁମୀ ମା' ହେବାର ସୌଭାଗ୍ୟ ଅର୍ଜନ କରିଛି। ଗତ ଜୁନ ୨୭ରୁ ୨୯ ମଧ୍ୟରେ ରାଜେଶ ସହ ମୌସୁମୀର ମିଳନ ହୋଇଥିବାବେଳେ ଜୁଲାଇ ୧ରେ ଅଲଟ୍ରା ସୋନୋଗ୍ରାଫି ମାଧ୍ୟମରେ ଏଠାକାର ଡାକ୍ତର ମୌସୁମି ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ମା' ହେବାକୁ ଯାଉଥିବା ଧଳା ବାଘୁଣୀ ଗର୍ଭଧାରଣ କରିଥିବା ଜଣାପଡ଼ିବା ପରେ ସିସି କ୍ୟାମେରା ଲଗାଯାଇ ତାର ଗତିବିଧି ଉପରେ କର୍ତ୍ତୃପକ୍ଷ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଏଠାକାର ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇଥିଲା। ମଙ୍ଗଳବାର ସକାଳେ ଦାୟିତ୍ୱରେ ଥିବା କର୍ମଚାରୀ ସିସି କ୍ୟାମେରା ଯାଞ୍ଚ କରିବାରୁ ମୌସୁମୀ ଛୁଆ ଦେଇଥିବା ଜଣାପଡ଼ିଥିଲା। ତେବେ ଡାକ୍ତରଙ୍କ ଆକଳନ ଅନୁସାରେ ମୌସୁମୀ ୫ ଦିନ ଆଗରୁ ଛୁଆକୁ ଜନ୍ମ ଦେଇଛି। ନବଜାତକର ଲିଙ୍ଗ ନିରୂପଣ ହୋଇ ନ ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ମନିଷ ଓ ସ୍ନେହା ଗର୍ଭରୁ ୨୦୧୬ ମସିହାରେ ମୌସୁମୀ ଜନ୍ମଗ୍ରହଣ କରିଥିଲା। ମୌସୁମୀର ଶାବକ ଜନ୍ମ ପରେ ନନ୍ଦନକାନନରେ ବାଘ ସଂଖ୍ୟା ବୃଦ୍ଧି ପାଇ ୨୬ରେ ପହଞ୍ଚିଛି। ସେଥିମଧ୍ୟରେ ୫ଟି ଧଳା ବାଘ (୩ ଅଣ୍ଡିରା, ୨ମାଈ), ୪ଟି କଳା ଲୋମଯୁକ୍ତ ବାଘ (୩ ଅଣ୍ଡିରା, ୧ମାଈ), ୧୬ଟି ସାଧାରଣ ନାଲି ବାଘ(୮ ଅଣ୍ଡିରା, ୮ ମାଈ) ରହିଛନ୍ତି।

# ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

କଣିହାଁ, ୩୦।୭
(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ପଳଶାବାହାଲି ଗ୍ରାମ ସ୍କୁଲରେ ପଢୁଥିବା ଅଷ୍ଟମ ଶ୍ରେଣୀର ଛାତ୍ର ରାଜେଶ କୁମାର ପାତ୍ର (୧୪)ଙ୍କ ସାପ କାମୁଡ଼ାରେ ମଙ୍ଗଳବାର ମୃତ୍ୟୁ ହୋଇଛି। ସମ୍ପୃକ୍ତ ଛାତ୍ରଙ୍କ ଘର ଦେବଗଡ଼ ଜିଲା ରିଆମାଳ ବ୍ଲକ ଝରଡ଼ାବେରଣୀ ଗ୍ରାମରେ ହୋଇଥିବା ବେଳେ ସେ ପଳଶାବାହାଲି ଗାଁରେ ଥିବା ମାମୁ ଘରେ ରହି ପଢୁଥିଲେ। ଏହି ଖବର ଜଣାପଡ଼ିବା ପରେ କଣିହାଁ ଓ ରିଆମାଳ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୋମବାର ରାତିରେ ରାଜେଶ ମାମୁଘରେ ଶୋଇଥିବାବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଏହା ଜଣାପଡିବା ପରେ ତାଙ୍କୁ ଚିକିତ୍ସା ପାଇଁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୋରମ ଗାଡ଼ିଆରେ ବୁଡ଼ି ୩ ଶିଶୁ ମୃତ

**ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ତଦନ୍ତକାରୀ ଅଧିକାରୀ**

ହାଟଡିହୀ(ଶୁଭକାନ୍ତ ନାୟକ)/ ବଡ଼ଲା(ଦୁର୍ଗାପ୍ରସାଦ ଆୟଚ)/ ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/ ଆଗରପଡ଼ା (ସୁଶାନ୍ତ ଦାଶ), ୩୦।୭

ଖେଳୁଥିବା ବେଳେ ଏକ ମୋରମ ଗାଡ଼ିଆରେ ବୁଡ଼ି ୩ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ପଢ଼ିଆରୀପଲ୍ଲୀ ପଞ୍ଚାୟତର ଆତୁରିକଣା ଗ୍ରାମ ଡାହିସାହିରେ। ମୃତ ୩ ଶିଶୁ ହେଲେ ଗ୍ରାମର ଦୀନବନ୍ଧୁ ପାତ୍ରଙ୍କ ଝିଅ ଭାରତୀ(୪), ଗୌରାଙ୍ଗ ପାତ୍ରଙ୍କ ଝିଅ ପାୟଲ(୩ ବର୍ଷ ୫ ମାସ), କୋଦଣ୍ଡ ପାତ୍ରଙ୍କ ଝିଅ ଲିପ୍ସା (୩ ବର୍ଷ ୭ ମାସ)।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ୩ ଶିଶୁ ନିଜ ଘର ପାଖରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରେ ଚାଲିଥିବା 'ଆମ କଳିକା କେନ୍ଦ୍ର' ଆଡ଼େ ଯାଇଥିଲେ। ଉକ୍ତ କେନ୍ଦ୍ର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ମୋରମ ଗାଡ଼ିଆ ଅଛି। ଉକ୍ତ ବ୍ୟକ୍ତିଙ୍କ ଜମିରୁ ପୂର୍ବରୁ ମୋରମ ଖୋଳା ଯାଇଥିବାରୁ ଖାଲ ସୃଷ୍ଟି ହୋଇଥିଲା। ସେଥିରେ ପାଣି ଜମି ରହିଥିଲା। ନିକଟରେ ଖେଳୁଥିବା ବେଳେ ୩ ଶିଶୁକନ୍ୟା ଗାଡ଼ିଆ ଭିତରକୁ ଖସିପଡ଼ି ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଥିବା ଲୋକେ ଜାଣିବା ପରେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଭଦ୍ରକ ଜିଲାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ୩ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ସୋସୋ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୋଲିସ ୩ଟି ଅପମୃତ୍ୟୁ ମାମଲା (ନଂ.୧୭/୨୪, ୧୮/୨୪ ଓ ୧୯/୨୪) ରୁଜୁ କରିଛି। ମୋରମ ଖୋଳିଥିବା ବ୍ୟକ୍ତି ଏବଂ ଖୋଳା ଯାଇଥିବା ଜମି ବାବଦରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ନରସିଂହ ତନ୍ତୀ କହିଛନ୍ତି।

ହାଟଡିହୀ ତହସିଲଦାର ହାବିଲ ଖାଖା, ଚାଇଲ୍ଡ ଲାଇନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ ପରେ ବ୍ଲକ କର୍ମଚାରୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତହସିଲଦାର କହିଛନ୍ତି, ୩ ଶିଶୁଙ୍କ ମଧ୍ୟରୁ ଦୁଇଜଣ ନିୟମ ଅନୁସାରେ ୩ ବର୍ଷ ପରେ 'କଳିକା କେନ୍ଦ୍ର'ରୁ ପଳାଇଛନ୍ତି। ଜଣେ ବ୍ୟକ୍ତିଙ୍କ ପଟ୍ଟାଭୁକ୍ତ ଜମିରେ ଉକ୍ତ ମୋରମ ଗାଡ଼ିଆ। ମୋରମ ଖୋଳିଥିବା ଜମି ମାଲିକଙ୍କ ବିରୋଧରେ ଖଣି ବିଭାଗ ଯାହା ପଦକ୍ଷେପ ନେବ। ଖୁବ୍‌ଶୀଘ୍ର ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

# ଝାଡ଼ାବାନ୍ତି: ଦମ୍ପତି ମୃତ

କୋରାପୁଟ/ଲମତାପୁଟ, ୩୦।୭(ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ)

ଝାଡ଼ାବାନ୍ତିରେ କୋରାପୁଟ ଜିଲା ଲମତାପୁଟ ବ୍ଲକର ମେଦିପୁଟ ଗ୍ରାମର ରାମ ଜାନି (୬୨) ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରମା (୬୧)ଙ୍କ ମୃତ୍ୟୁ ହୋଇଛି। କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଚନ୍ଦ୍ରମା ଓ ମଙ୍ଗଳବାର ସ୍ୱାମୀ ରାମ ଆଖି ବୁଜି ଦେଇଛନ୍ତି। ମେଦିପୁଟ ଗ୍ରାମର ୧୮ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଲମତାପୁଟ ବ୍ଲକର ଉମ୍ବେଲ ପଞ୍ଚାୟତ ମେଦିପୁଟ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିଲା। ରବିବାର ୯ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚନ୍ଦ୍ରମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ ପ୍ରଥମ

**ପଲିଟେକ୍‌ନିକ୍ସ ର୍‍ୟାଙ୍କିଙ୍ଗ ରିପୋର୍ଟ ପ୍ରକାଶିତ**

ଭୁବନେଶ୍ୱର, ୩୦।୭
(ଅସମାପିକା ସାହୁ)


ସମାରୋହରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ଅନ୍ୟ ଅତିଥିମାନେ ପଲିଟେକ୍‌ନିକ୍ସ ର୍‍ୟାଙ୍କିଙ୍ଗ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି।

ରାଜ୍ୟରେ ପଲିଟେକ୍‌ନିକ୍ସ ର୍‍ୟାଙ୍କିଙ୍ଗ ରିପୋର୍ଟ ମଙ୍ଗଳବାର ପ୍ରକାଶ ପାଇଛି। ରାଜଭବନ ସନ୍ନିକଟ ସରକାରୀ ପଲିଟେକ୍‌ନିକ୍ କଲେଜରେ ଆୟୋଜିତ ଏକ ସମାରୋହରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। ପ୍ରଥମ ୧୦ଟି ପଲିଟେକ୍‌ନିକ୍ସ ର୍‍ୟାଙ୍କିଙ୍ଗରେ ୬ଟି ସରକାରୀ କଲେଜ ଥିବାବେଳେ ୪ଟି ଘରୋଇ କଲେଜ ରହିଛି। ଏଥିରେ କଟକର ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ ସରକାରୀ କଲେଜ ପ୍ରଥମ ଏବଂ କିଟ୍ ପଲିଟେକ୍‌ନିକ୍ସ ଦ୍ୱିତୀୟ ସ୍ଥାନରେ ରହିଛି। ୪ଟି ସରକାରୀ ପଲିଟେକ୍‌ନିକ୍ସ ଯଥାକ୍ରମେ ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ଏହି ର୍‍ୟାଙ୍କିଙ୍ଗ ରିପୋର୍ଟ ପ୍ରକାଶକୁ ନେଇ ମନ୍ତ୍ରୀ କହିଛନ୍ତି, ପଲିଟେକ୍‌ନିକ୍ସ ର୍‍ୟାଙ୍କିଙ୍ଗ୍ ଏକ ଯୁଗୋପଯୋଗୀ ପଦକ୍ଷେପ। ଏହା ଦ୍ୱାରା ୧୩୨ଟି ପଲିଟେକ୍‌ନିକ୍ସ ମଧ୍ୟରେ ପ୍ରତିଯୋଗିତା ହୋଇଛି। ନ୍ୟାବେଟ୍ (ନ୍ୟାଶନାଲ୍ ଆକ୍ରିଡିଏଶନ୍ ବୋର୍ଡ ଫର୍ ଏଜୁକେଶନ୍ ଆଣ୍ଡ ଟ୍ରେନିଂ) ସହାୟତାରେ ଏହି ର୍‍ୟାଙ୍କିଙ୍ଗ କରାଯାଇଛି। ଏଥିରେ ସିଧାସଳଖ ଛାତ୍ରୀଛାତ୍ରମାନେ ଉପକୃତ ହେବେ।

ଏହି ଅବସରରେ ମନ୍ତ୍ରୀ ସମନ୍ୱିତ ୱେବ୍‌ସାଇଟ୍‌କୁ ଉନ୍ମୋଚନ କରିଛନ୍ତି। ପୂର୍ବରୁ ଏହା ଭିନ୍ନ ଭିନ୍ନ ଆକାରରେ ଏକକ ୱେବ୍‌ସାଇଟ୍ ଭାବେ ଥିଲା। କିନ୍ତୁ ଏହାକୁ ସମନ୍ୱିତ କରାଯାଇଛି। ଏହାଦ୍ୱାରା ଗୋଟିଏ ୱେବ୍‌ସାଇଟ୍‌ରୁ ବିଭିନ୍ନ ଅନୁଷ୍ଠାନ ଯଥା– ସିପିସି(ସେଣ୍ଟ୍ରାଲ ପ୍ଲେସ୍‌ମେଣ୍ଟ ସେଲ୍), ଡିଏସ୍‌ଡିଇ(ଡାଇରେକ୍ଟର ଅଫ୍ ସ୍କିଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ଏଣ୍ଟରପ୍ରିନ୍ୟୁରଶିପ୍), ଡିଟିଇଟି (ଡାଇରେକ୍ଟର ଅଫ୍ ଟେକ୍ନିକାଲ ଏଜୁକେଶନ୍ ଆଣ୍ଡ ଟ୍ରେନିଂ), ଏସ୍‌ସିସିପି ଆଣ୍ଡ ଭିଟି (ଷ୍ଟେଟ୍ କାଉନ୍‌ସିଲ୍ ଅଫ୍ ଟେକ୍ନିକାଲ ଏଜୁକେଶନ୍ ଆଣ୍ଡ ଟ୍ରେନିଂ) ତଥ୍ୟ ପାଇପାରିବେ ଓ ତଥ୍ୟ ପ୍ରଦାନ କରିପାରିବେ। ପୂର୍ବରୁ ଯେଉଁ ଅସୁବିଧା ସୃଷ୍ଟି ହେଉଥିଲା, ତାହା ଆଉ ହେବ ନାହିଁ। ସମାରୋହରେ ମନ୍ତ୍ରୀ ସରକାରୀ ପଲିଟେକ୍‌ନିକ୍ସରେ ଜୀବନ ଦକ୍ଷତା ପ୍ରଶିକ୍ଷଣ ଆପ୍‌କୁ ଉନ୍ମୋଚନ କରିଥିଲେ। ମ୍ୟାକ୍‌ମିଲନ୍ ସହଭାଗିତାରେ ୨୦୨୪–୨୫ ଆର୍ଥିକ ବର୍ଷରୁ ପଲିଟେକ୍‌ନିକ୍ସର ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି ଜୀବନ ଦକ୍ଷତା କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ଉଦ୍ୟୋଗୀ କରିବା ପାଇଁ ନିଯୁକ୍ତି ପ୍ରୋତ୍ସାହନ ଦେବାରେ ଆତ୍ମବିଶ୍ୱାସ ଓ ସାମର୍ଥ୍ୟ ସୃଷ୍ଟି କରିବ। ଏଥିରେ ଆଇଟିଆଇ, ପଲିଟେକ୍‌ନିକ୍ ସହ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ଲାଭ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ। ସମାରୋହରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଦକ୍ଷତା ବିକାଶ ନିର୍ଦ୍ଦେଶକ ରେଘୁ ଜୀ, ବୈଷୟିକ ଶିକ୍ଷା ଓ ନିଯୁକ୍ତି ନିର୍ଦ୍ଦେଶିକା ରଶ୍ମିତା ନାୟକ ପ୍ରମୁଖ ଯୋଗଦେଇଥିଲେ।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ବଜେଟରେ ଗୋଟିଏ ରାଜ୍ୟର ନାଁ ନ ରହିବା ଅର୍ଥ ନୁହେଁ, ସେହି ରାଜ୍ୟକୁ ବ୍ୟୟବରାଦରେ ସାମିଲ କରାଯାଇନାହିଁ। ୨୦୦୯-୧୦ ବଜେଟରେ ଉପା ସରକାର ୨୬ଟି ରାଜ୍ୟର ନାମ ଉଲ୍ଲେଖ କରି ନ ଥିଲେ। **-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ମଲ ମିଡିୟମ୍ ନ୍ୟୁଜ ପେପର ଏଡିଟର ଆସୋସିଏଶନ ପକ୍ଷରୁ ଜନସମ୍ପର୍କ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ଶ୍ରୀ ୟୁନିଭର୍ସିଟି ପକ୍ଷରୁ ସଂଯୁକ୍ତା ପାଣିଗ୍ରାହୀ ଆୱାର୍ଡ ଅଫ୍ ଏକ୍ସିଲେନ୍ସ ୨୦୨୪, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## କଟକ

- ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଭୂମି ପ୍ରମାଣପତ୍ର ଦାବିରେ ଗଣବିକ୍ଷୋଭ ଓ ସଭା, ସ୍ଥାନ: ସିଏମ୍‌ସି ଅଫିସ ସମ୍ମୁଖ, ଚୌଧୁରୀ ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭାଷ ସଙ୍ଗଠନ ପକ୍ଷରୁ ଧାରଣା, ସ୍ଥାନ: ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା
- ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଜ୍ୟେଷ୍ଠପୁତ୍ର ସତ୍ୟବ୍ରତ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସେଣ୍ଟ ଜାଭିୟର୍ସ ସ୍କୁଲ ପଡ଼ିଆ, ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଗ୍ରାମ୍ୟପ୍ରଭା ପକ୍ଷରୁ ଶିଶୁ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ପେଣ୍ଟକଟା ବାତ୍ୟା ଆଶ୍ରୟସ୍ଥଳୀ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ପ୍ରଥମ ଷ୍ଟାଣ୍ଡିଂ କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ଭାଗସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପନୀ ଦିବସ, ସ୍ଥାନ: ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ଅପରାହ୍ନ ୧ଟା।

## ବାଲେଶ୍ୱର

- ୟୁଥ୍‌ଙ୍କ ନିମନ୍ତେ କାପାସିଟି ବିଲ୍ଡିଂ ଟ୍ରେନିଂ ପ୍ରୋଗ୍ରାମ୍, ସ୍ଥାନ- ପିଜି କାଉନସିଲ କନଫରେନ୍ସ ହଲ୍, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୮ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।
- ଜଳ ଜନିତ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଭିଏମ୍‌ଡିସି ବୈଠକ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଡାକ୍ତରଖାନାରେ ପୋଷଣଯୁକ୍ତ ଖାଦ୍ୟର ବ୍ୟବହାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଟ୍ରମାକେୟାର ସଭାଗୃହ, ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ଚୁନିଦା କ୍ଷେତ୍ରବାସୀ ସରକାରୀ ବିଦ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ପୂର୍ବତନ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଭଦ୍ରକ କଲେଜ ସଭାଗୃହ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ରକ୍ତଦାନ ଶିବିର,ସ୍ଥାନ: କନିଷି ହାଟ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଚାରା ରୋପଣ ଅଭିଯାନ,ସ୍ଥାନ:ଦାରିଙ୍ଗବାଡିର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ, ସମୟ: ସକାଳ ୭ ଟାରୁ ଆରମ୍ଭ ।

## ରାୟଗଡ଼ା

- ବ୍ଲକସ୍ତରୀୟ ଦିବ୍ୟାଙ୍ଗ ମେଳା ଓ କୃତ୍ରିମ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କମ୍ୟୁନିଟି ହଲ, ମୁନିଗୁଡା , ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର

- କର୍କଟ ରୋଗ ସୁରକ୍ଷା ଶିବିର, ସ୍ଥାନ: ନବରଙ୍ଗପୁର ଚଉଁରିଆଗୁଡ଼ା, ସମୟ: ପୂର୍ବାହ୍ନ ୯ଟା ୩୦।
- ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସମୀକ୍ଷା ବୈଠକ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଡିଏଫଏମ୍ ଟ୍ରଷ୍ଟ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ରେଡ୍ ରିବନ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏସି କଲେଜ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ରାଷ୍ଟ୍ରଦୀପ ପ୍ରସାର ସମିତିର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମାଉସୀ ମା ମନ୍ଦିର, ନାଲକୋ ଟାଉନଶିପ ଦାମନଯୋଡ଼ି, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଉପନିର୍ଦ୍ଦେଶକ ଖଣି ବିଭାଗର କାର୍ଯ୍ୟାଳୟ ପରିଦର୍ଶନ ବାର୍ଷିକ ରିପୋର୍ଟ ଅନୁଧ୍ୟାନ, ସ୍ଥାନ: ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ କୋରାପୁଟ, ସମୟ : ଅପରାହ୍ନ ୪ ଟା।

## ମାଲକାନଗିରି

- କୌଶଳ ରଥ ଅଭିଯାନ, ସ୍ଥାନ:ସରକାରୀ ପଲିଟେକ୍‌ନିକ୍, ମାଲକାନଗିରି, ସମୟ:ସକାଳ ୮ଟା।

## ସମ୍ବଲପୁର

- ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର

- ଡିଜିଟାଲ କ୍ରପ ସର୍ଭେ ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସେବା ନିବୃତ୍ତ ସମ୍ବର୍ଦ୍ଧନା, ସ୍ଥାନ: ୟୁନିୟନ ବ୍ୟାଙ୍କ, ସମୟ: ଅପରାହ୍ନ ୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ଟୁଙ୍ଗି ରେ ଭାଗବତ ପାଠ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼

- ଆଚାର୍ଯ୍ୟ ବିକାଶ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ସକାଳ ୬ଟା ୩୦।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ବିଜେଡି ପକ୍ଷରୁ ବ୍ଲକ ଅଫିସ ଘେରାଉ, ସ୍ଥାନ: ଅତାବିରା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ କୋଠରି ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠି ସାଧନ କେନ୍ଦ୍ର, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେପୁର ବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ: ଅପରାହ୍ନ ୫ଟା।
- ଗଙ୍ଗାଧର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର କ୍ଲବ, ବରପାଲି, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜଳସେଚନ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ଡେଙ୍ଗୁ ସଚେତନତା ଶିବିର, ସ୍ଥାନ: ଆମ୍ବେଦକର ବସ୍ତି, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ଆଦିବାସୀ କଲ୍ୟାଣ ସଂଘ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାସନ ପକ୍ଷରୁ ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଳି, ସମୟ: ଅପରାହ୍ନ ୧ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ଗ୍ରାମ ଦେବୀଙ୍କ ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଭାଗୀପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ଉତ୍ସବ ପାଇଁ ଶେଷ ବୈଠକ, ସହରସ୍ଥିତ ସତସଙ୍ଗ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ପୂଜା ସହ ମହାଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ନେଇ ସଚେତନତା ବୈଠକ, ସ୍ଥାନ:ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ

- ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଢେଙ୍କାନାଳସ୍ଥିତ ହୋଟେଲ ନିରୁପମା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପେଟ୍ରୋକେମିକାଲ ପ୍ରକଳ୍ପ ନିମନ୍ତେ ଜନଶୁଣାଣି, ସ୍ଥାନ: ଗୌରଚଣ୍ଡି ଠାକୁରାଣୀ ପ୍ରାଙ୍ଗଣ, ଜାଲପଦା, ବାଲିତୁଠ, ସମୟ: ପୂର୍ବାହ୍ନ ୧୧ଟା।
- ଏରସମା ବ୍ଲକରେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ, ସ୍ଥାନ: ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ୧୧ଟା।

## ନୟାଗଡ଼

- ଓସେପା ଓ ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ସାଧନ କର୍ମୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଦେପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମ ଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜଙ୍ଗଲ ଅଧିକାର ଆଇନ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଯାଜପୁର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶିଳ୍ପ, ବ୍ୟବସାୟ ତଥା ପ୍ରତିଯୋଗିତା ପାଇଁ ଅନୁକୂଳ ପ୍ରଭାବ ହେତୁ ଶୁଭଫଳ ପାଇବେ। କୌଣସି ଅପୂରଣୀୟ ଇଚ୍ଛା ମନକୁ ବିଚଳିତ କରିବ। ନୂତନ ସ୍ଥାନ ବୁଲିଯିବା ସୁଯୋଗ ମିଳିବ ଓ ବନ୍ଧୁଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଅଶ୍ୱିନୀ ନକ୍ଷତ୍ରର ବିବାଦ ପରିପ୍ରେକ୍ଷୀରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** ପଛରେ ଅନେକ କଥା କହୁଥିବା ବ୍ୟକ୍ତି ମୁହଁ ସାମ୍ନାରେ ନିଜର ଭଳି ଆଚରଣ କରିବେ। ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। ଅର୍ଥ କିମ୍ବା ଦରକାରୀ ଜିନିଷ ପାଇବାକୁ ନେଇ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି। ଶିଳ୍ପ, କାରିଗରି, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଆଜି ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହିବ। କୌଣସି ମୂଲ୍ୟବାନ ଜିନିଷ କ୍ରୟ ସକାଶେ ଆର୍ଥିକ ଅନଟନ ମୁଖ୍ୟ ସମସ୍ୟା ହେବ। ଯାହା କିଛି କହିବେ ଭାବିଚିନ୍ତି କହନ୍ତୁ, ନଚେତ୍ ଭଲ ବଦଳରେ ମନ୍ଦ ଫଳ ଭୋଗିବାକୁ ପଡ଼ିପାରେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ନ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** କାର୍ଯ୍ୟବ୍ୟସ୍ତତା ହେତୁ ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଅର୍ଥର ଅଭାବ ନ ଥିଲେ ମଧ୍ୟ ଖର୍ଚ୍ଚ ପ୍ରତି ସଜାଗ ରହିବା ଭଲ। ନିଜ ଲୋକଙ୍କୁ ଭୁଲ୍ ବୁଝି ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ମହିଳାମାନେ ସୁଫଳ ପାଇବେ।

**ସିଂହ** ଆଜି ଆକସ୍ମିକ ଯାତ୍ରା କରିବା ସହିତ ପରିବାରର ଆବଶ୍ୟକତା ପୂରଣ ଦିଗରେ ଖର୍ଚ୍ଚାନ୍ତ ହେବେ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଅସମର୍ଥ ହୋଇପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ୱାସ୍ଥ୍ୟ ବ୍ୟାହତ ଆଶଙ୍କା ଉପୁଜିପାରେ। ହଠାତ୍ ଜଣେ ବନ୍ଧୁ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** ବିଭିନ୍ନ ଦିଗରୁ ଅର୍ଥାଗମ ସହ ପାର୍ଟିରେ ବନ୍ଧୁମିଳନ ଓ ସୁସ୍ୱାଦୁ ଭୋଜନର ଯୋଗ ରହିଛି। ସ୍ଥଗିତ କାମକୁ ତ୍ୱରିତ ପଦକ୍ଷେପ ନେଇ ସମ୍ପନ୍ନ କରିବେ। ଲାଗି ରହିଥିବା ଘରୋଇ ସମସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ଦିନଟିରେ କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ହଠାତ୍ ଜଣେ ବନ୍ଧୁଙ୍କ କାମରେ ଯୋଗଦେବା ପାଇଁ ମନ ଛଟପଟ ହେବ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନରେ କିଛିଟା ବ୍ୟତିକ୍ରମଜନିତ ଅଶାନ୍ତି ସୃଷ୍ଟି କରିବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କିମ୍ବା ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ଆଜି ସମସ୍ୟା ମଧ୍ୟରେ ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହୋଇ କୃତକାର୍ଯ୍ୟ ହେବେ। ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅବହେଳା କରିପାରିବେ ନାହିଁ। ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସଙ୍ଗରେ ଯିବାକୁ ବାଧ ହେବେ। ବନ୍ଧୁଙ୍କ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଆଜି ଅନ୍ୟମନସ୍କ କିମ୍ବା ସତର୍କତା ଅଭାବରୁ ଧନହାନି ଘଟିପାରେ। କୌଣସି ବିବାଦୀୟ ମନ୍ତବ୍ୟ ଦେଇ ବନ୍ଧୁମାନଙ୍କ ଅପ୍ରିୟଭାଜନ ହୋଇପାରନ୍ତି। ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବ। ଭଲ ସମ୍ପର୍କ ରଖିଥିବା ନିଜ ଲୋକମାନେ ସ୍ୱାର୍ଥହାନି ଆଶଙ୍କାରେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେବା ହେତୁ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ପଡ଼ୋଶୀ ସାଧାରଣ କଥାକୁ ଅତିରଞ୍ଜିତ କରି କଳହ କରିପାରନ୍ତି । କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ଲକ୍ଷ୍ୟ କରି ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଶା କରୁଥିବା ଜିନିଷ ନ ପାଇବା କାରଣରୁ ମନରେ ଅସନ୍ତୋଷ ଭରି ରହିପାରେ।

**ମୀନ** ସମସ୍ୟାର ସମାଧାନ କରି ନ ପାରିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହେବ। ନିକଟ ଅତୀତରେ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ଆବଶ୍ୟକତା ପୂରଣ ସକାଶେ ଧାର କରିବାକୁ ପଡ଼ିପାରେ। କାମର ଚାପ ବଢ଼ିବା କାରଣରୁ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଘରୋଇ ବାଦବିବାଦ କିମ୍ବା ଜମିଜମା ବିଷୟ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ।

ଆଜି ଜୁଲାଇ ୩୧ ତାରିଖ, ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ ଚକ୍ରବୁଲା ଏକାଦଶୀ ବୁଧବାର, ରାଶିନକ୍ଷତ୍ର-ଦିବା ଘ.୧୦.୧୩ମି. ଗତେ, ମୃଗଶିରା/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୨୫ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କେରଳରେ ଓଡ଼ିଆ ...

ସୋମବାର ରାତି ପ୍ରାୟ ୨ଟାରେ ଭୂସ୍ଖଳନ ସହ ମାଟି ମିଶା ପାଣି ଜନବସତି ଅଞ୍ଚଳକୁ ମାଡ଼ି ଆସିଥିଲା। ଏନେଇ ବିଷ୍ଣୁଙ୍କ ବାପା ତଥା ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପ୍ରମୋଦ କୁମାର ଚିନାରା କହିଛନ୍ତି, ରାତି ପ୍ରାୟ ୨ଟାରେ ବନ୍ୟାପାଣି ମାଡ଼ି ଆସିଲା। ଏହାପରଠାରୁ ବିଷ୍ଣୁଙ୍କ ପତ୍ତା ମିଳୁନି। ପ୍ରିୟଦର୍ଶିନୀଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳ ୬ଟାରେ ଫୋନ୍ ଯୋଗେ ଏ ସମ୍ପର୍କରେ ପ୍ରିୟଦର୍ଶିନୀ ମୋତେ ଜଣାଇଥିଲେ। ପରେ ମୁଁ ଏନେଇ ହାଇଟେକ୍ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲି। ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ବିଷ୍ଣୁଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନିକ ସ୍ତରରେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ, ଡା. ଚିନାରା ୨ ବର୍ଷ ତଳେ ପ୍ରିୟଦର୍ଶିନୀଙ୍କୁ ବିବାହ କରିଥିଲେ।

### ଆଇପିଏସ୍ ଅଫିସର...

ପଣ୍ଡିତଙ୍କୁ ରାଜ୍ୟ ସରକାର ମଙ୍ଗଳବାର ଚାକିରିରୁ ନିଲମ୍ବନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ନୀତି ଆୟୋଗ ବୈଠକ ଶେଷ କରି ଫେରିବା ପରେ ପଣ୍ଡିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି ପଣ୍ଡିତଙ୍କ ବିରୋଧରେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ଦେଇଥିବା ଗୋପନୀୟ ରିପୋର୍ଟ ଆଧାରରେ ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗତ ୨୭ ତାରିଖରେ କ୍ୟାପିଟାଲ ଥାନା ଅଧୀନରେ ଆସୁଥିବା ଅଞ୍ଚଳରେ ରାଜେଶ ପଣ୍ଡିତ ଘଟାଇଥିବା ଘଟଣାକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଣେ ଆଇପିଏସ୍ ଅଫିସର ଭାବେ ପଣ୍ଡିତ ରାଜେଶ ଘଟାଇଥିବା ଘଟଣା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସର୍ବଭାରତୀୟ ସେବା, ୧୯୬୯ ନିୟମ ଅନୁଯାୟୀ ରାଜେଶଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରିବେ। ପୋଲିସ ଡିଜିଙ୍କ ବିନା ଅନୁମତିରେ ସେ ପୋଲିସ ମୁଖ୍ୟାଳୟ ଛାଡ଼ି କୁଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଯଦି କୌଣସି ବ୍ୟବସାୟ ବା ଆଉ କେଉଁଠାରେ ଚାକିରି ନ କରିବେ ତେବେ ରାଜେଶଙ୍କୁ ଆଲାଉନ୍ସ ଆକାରରେ ସରକାର ଡିଡିଓ ମାଧ୍ୟମରେ ଅର୍ଥ ପ୍ରଦାନ କରିବେ। ସେ ତାହା ପୋଲିସ ମୁଖ୍ୟାଳୟରୁ ଗ୍ରହଣ କରିବେ ବୋଲି ଉଲ୍ଲେଖ କରାଯାଇଛି।

### ୧୮ ବଗି ଲାଇନଚ୍ୟୁତ: ରାଉରକେଲାର ...

କି.ମି. ଦୂର ବାରାବାମ୍ବୋ ନିକଟରେ ଭୋର ୩ଟା ୪୫ ମିନିଟ୍ ସମୟରେ ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ସେଠାରେ ଏକ ମାଲବାହୀ ଟ୍ରେନ୍ ମଧ୍ୟ ଲାଇନଚ୍ୟୁତ ହୋଇଥିବା ସାଉଥଇଷ୍ଟର୍ନ ରେଲୱେ ମୁଖପାତ୍ର ଓମ୍‌ପ୍ରକାଶ ଚରଣ କହିଛନ୍ତି। ତେବେ ଦୁଇଟିଯାକ ଦୁର୍ଘଟଣା ଏକସଙ୍ଗେ ଘଟିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ରେଲୱେ ପକ୍ଷରୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରେଲୱେ ନିରାପତ୍ତା କମିଶନଙ୍କ ନେତୃତ୍ୱରେ ଏକ ଟିମ୍ ଦୁର୍ଘଟଣାର ତଦନ୍ତ କରିବ।

ପଶ୍ଚିମ ସିଂହଭୂମ ଡେପୁଟି କମିଶନର କୁଳଦୀପ ଚୌଧରୀଙ୍କ ସୂଚନା ଅନୁଯାୟୀ ହାଓଡା-ମୁମ୍ବାଇ ଟ୍ରେନ୍ ସେଠାରେ ଛିଡ଼ାହୋଇଥିବା ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ଲାଇନଚ୍ୟୁତ ହୋଇଥିବା ୧୮ ବଗି ମଧ୍ୟରୁ ୧୬ଟି ପାସେଞ୍ଜର ବଗି ହୋଇଥିବାବେଳେ ଗୋଟିଏ ପାୱାର କାର୍ ଏବଂ ଅନ୍ୟଟି ପାଣ୍ଟ୍ରି କାର୍ ବୋଲି ମୁଖପାତ୍ର ସୂଚନା ଦେଇଛନ୍ତି। ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଆହତମାନଙ୍କୁ ସହାୟତା ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ବାରାବାମ୍ବୋରେ ଚିକିତ୍ସା ଯୋଗାଇ ଦିଆଯାଉଛି। ରେଲୱେ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କ ପାଇଁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଥିବାବେଳେ ସାମାନ୍ୟ ଆହତଙ୍କୁ ଲକ୍ଷେ ଟଙ୍କା ଲେଖାଏ ମିଳିବ। ୮୦ ପ୍ରତିଶତ ଯାତ୍ରୀଙ୍କୁ ଚକ୍ରଧରପୁର ରେଲଷ୍ଟେଶନ ପଠାଇଦିଆଯାଇଥିବାବେଳେ ଅବଶିଷ୍ଟ ୨୦ ପ୍ରତିଶତଙ୍କୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପଠାଯାଇଥିବା ରେଲ୍‌ୱେର ମୁଖ୍ୟ ଜନସମ୍ପର୍କ ଅଧିକାରୀ କହିଛନ୍ତି।

ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଲାଗିରହିଥିବାରୁ ଇଣ୍ଡିଆ ବ୍ଲକ୍‌ର ନେତାମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଗତ କିଛି ମାସ ମଧ୍ୟରେ ଟ୍ରେନ୍ ଦୁର୍ଘଟଣାରେ ଅନେକ ଜୀବନ ଗଲାଣି। ମଙ୍ଗଳବାର ଝାଡ଼ଖଣ୍ଡରେ ଘଟିଥିବା ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ସରକାରଙ୍କୁ ନିନ୍ଦା କରିଛି। ଟ୍ରେନ୍‌ଗୁଡ଼ିକରେ ମୌଳିକ ନିରାପତ୍ତାକୁ ଅଣଦେଖା କରାଯାଉଥିବାରୁ ପ୍ରତିଦିନ ଲୋକେ ଅସୁବିଧାରେ ପଡୁଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ଅମଳରେ ଟ୍ରେନ୍ ଦୁର୍ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଥିବାବେଳେ କେନ୍ଦ୍ର ସରକାର ଏବଂ ରେଳ ମନ୍ତ୍ରଣାଳୟ ନିଜକୁ ଦାୟୀ କରୁ ନ ଥିବା ଟିଏମ୍‌ସି କହିଛି।

## ଟ୍ରେନ୍ ଦୁର୍ଘଟଣାରେ ୨ ମୃତକ ରାଉରକେଲାର


ଅଜିତ ସାମଲ


ପି.ବିକାଶ ରାଓ

ରାଉରକେଲା,୩୦।୭ (ସଙ୍ଗୀତା ଜେନା)

ହାୱଡ଼ାରୁ ମୁମ୍ବାଇ ଛତ୍ରପତି ଶିବାଜୀ ଟର୍ମିନାଲ୍‌ସକୁ ଯାଉଥିବା ମୁମ୍ବାଇ ମେଲ୍ ଦୁର୍ଘଟଣାରେ ୨ମୃତକ ହେଉଛନ୍ତି ରାଉରକେଲାର ଯୁବକ। ସେମାନେ ହେଉଛନ୍ତି ମାଲଗୋଦାମ ଅଞ୍ଚଳର ଅଜିତ ସାମଲ ଓ ରେଳବାଇ କଲୋନୀର ପି.ବିକାଶ ରାଓ। ଅଜିତ ବିବାହିତ ଓ ୨ ସନ୍ତାନର ଜନକ। ସେ ଟାଟାନଗରରେ ଜଣେ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ, ଅଜିତ ସୋମବାର ସକାଳେ ପନିପରିବା କିଣି ଘରକୁ ଦେବା ପରେ ଟାଟାଯାଇଥିଲେ। ଏହି ଟ୍ରେନ୍‌ରେ ରାତିରେ ରାଉରକେଲା ଫେରୁଥିଲେ। ସେହିପରି ପି.ବିକାଶ ରାଓ ଅବିବାହିତ। ରେଳବାଇ କଲୋନୀରେ ମା' ଓ ଭାଇଙ୍କ ସହ ରହୁଥିଲେ। ସେ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ଦୁହେଁ, ଜେନେରାଲ ବଗିରେ ଯାତ୍ରା କରୁଥିଲେ ବୋଲି ସୂଚନା ମିଳିଛି। ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ରହିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କୁହାଯାଇଛି। ରାଉରକେଲାରେ ଦୁଇ ଯୁବକଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ୮ଟ୍ରେନର ମାର୍ଗ ପରିବର୍ତ୍ତନ, ୩ ବାତିଲ

ଭୁବନେଶ୍ୱର, ୩୦।୭(ଅନୁରାଧା ମହାରଣା)

ଝାଡ଼ଖଣ୍ଡ ଚକ୍ରଧରପୁର ଡିଭିଜନରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା କାରଣରୁ ରେଳ ଚଳାଚଳ ପ୍ରଭାବିତ ହୋଇଛି। ଏହି କ୍ରମରେ ୮ଟ ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଥିବାବେଳେ ୩ଟି ଟ୍ରେନ୍ ବାତିଲ ହୋଇଛି। ବାତିଲ ହୋଇଥିବା ଟ୍ରେନ୍ ମଧ୍ୟରେ ହାୱଡା-କଣ୍ଟାବାଞ୍ଜି ଏକ୍ସପ୍ରେସ୍, ଖଡ଼ଗପୁର-ଧାନବାଦ ଏକ୍ସପ୍ରେସ୍ ଓ ହାୱଡା-ବଡ଼ବିଲ ଏକ୍ସପ୍ରେସ୍ ରହିଛି। ତେବେ ଯାତ୍ରୀଙ୍କୁ ଟ୍ରେନ୍ ସମ୍ପର୍କିତ ସୂଚନା ପ୍ରଦାନ ତଥା ସହାୟତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ଚକ୍ରଧରପୁର, ଟାଟାନଗର , ହାୱଡ଼ା, ମୁମ୍ବାଇର ଦାଦର, କଲ୍ୟାଣ ଓ ଠାଣେ ସମେତ ରାଉରକେଲା ଓ ସମ୍ବଲପୁର ଷ୍ଟେଶନର ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି।

### ଇତିହାସ ରଚିଲେ ...

ହେବାପରେ ତାଙ୍କ ପୂର୍ବରୁ କେବଳ ସୁଶୀଲ କୁମାର (କୁସ୍ତି) ଓ ପି.ଭି. ସିନ୍ଧୁ (ବ୍ୟାଡ୍‌ମିଣ୍ଟନ) ଭିନ୍ନଭିନ୍ନ ଅଲିମ୍ପିକ୍ସରେ ୨ଟି ପଦକ ଜିତି ଏହି କ୍ଲବର ସଦସ୍ୟ ଅଛନ୍ତି। ଭାକରଙ୍କ ଏହି ସଫଳତା ଦେଶରେ ମହିଳା କ୍ରୀଡ଼ାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। "ମୁଁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛି ଏବଂ ସମସ୍ତଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ମଧ୍ୟ ଜ୍ଞାପନ କରୁଛି" ବୋଲି ନିଜ ପ୍ରଥମ ପ୍ରତିକ୍ରିୟାରେ ଭାକର ପ୍ରକାଶ କରିଛନ୍ତି। ୩ ବର୍ଷ ପୂର୍ବେ ଟୋକିଓ ଅଲିମ୍ପିକ୍ସରେ ବନ୍ଧୁକ ଖରାପ ହୋଇଯିବାରୁ ସେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇପାରି ନ ଥିଲେ। ସେହିପରି ସୌରଭ ଚକ୍ରବର୍ତ୍ତୀଙ୍କୁ ପାର୍ଟନର କରି ମିକ୍ସଡ ଟିମ୍ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ୭ମ ସ୍ଥାନରେ ରହିଥିଲେ।

ଏଠାରେ ବ୍ରୋଞ୍ଜ ପଦକ ବିଜୟ ଅମ୍ବାଲା ଶୁଟର ସରବଜୋତ୍ ସିଂଙ୍କୁ ନୂଆ ପରିଚୟ ଦେଇଛି। ଶନିବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଫାଇନାଲରେ ସେ ୫୭୭ ପଏଣ୍ଟ ସ୍କୋର କରି ୯ମ ସ୍ଥାନରେ ରହିଥିଲେ। ଏହି ବିଫଳତାକୁ ପଛରେ ପକାଇ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। "ମୁଁ ବହୁତ ଖୁସି ଅନୁଭବ କରୁଛି। ଗେମ୍ ବହୁତ କଷ୍ଟସାଧ୍ୟ ଥିଲା ଏବଂ ସେଠାରେ ଅନେକ ଚାପ ମଧ୍ୟ ରହିଥିଲା। ଫଳାଫଳରେ ମୁଁ ପ୍ରକୃତରେ ଆନନ୍ଦିତ" ବୋଲି ୨୨ ବର୍ଷୀୟ ସରବଜୋତ୍ କହିଛନ୍ତି। ମିକ୍ସଡ ଇଭେଣ୍ଟରେ ଭାରତର ଆରମ୍ଭ ନୈରାଶ୍ୟଜନକ ରହିଥିଲା। ସରବଜୋତ୍‌ଙ୍କ ଓପନିଂ ଶୁଟ୍ ମାତ୍ର ୮.୬ ରହିଥିଲା। ଭାକର ୧୦.୨ ଶୁଟ୍ କରିବାରୁ ଏଗ୍ରିଗେଟ୍ ୧୮.୮ରେ ପହଞ୍ଚିଥିଲା। ସେ ତୁଳନାରେ କୋରିଆ ଯୋଡ଼ି ୨୦.୫ ପଏଣ୍ଟ ହାସଲ କରି ଆଗରେ ରହିଥିଲେ। ୦-୨ରେ ପଛୁଆ ରହିବା ପରେ ଭାରତୀୟ ଯୋଡ଼ି ଚାପ ପରିସ୍ଥିତି ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାକରଙ୍କ ସ୍ଥିର ପ୍ରଦର୍ଶନ ଉପାଦେୟ ରହିଥିଲା। ଭାକର ଓ ସରବଜୋତ୍ ପରବର୍ତ୍ତୀ ୪ ରାଉଣ୍ଡ ଜିତି ୮-୨ରେ ପହଞ୍ଚିବାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ୧୩ ରାଉଣ୍ଡ ବିଶିଷ୍ଟ ମୁକାବିଲାରେ ଭାକର କେବଳ ୩ ଥର ୧୦ ପଏଣ୍ଟ ତଳକୁ ସ୍କୋର କରିଥିଲେ। ପ୍ରକାଶଯୋଗ୍ୟ, ସରବଜୋତ୍ ମଧ୍ୟ ଜଣେ ବିଶ୍ୱ ଚାମ୍ପିୟନଶିପ୍, ବିଶ୍ୱକପ୍ ଏବଂ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ।

## ଜଳଭଣ୍ଡାର, ନଦୀ ଜଳ ପ୍ରବାହ ସ୍ଥିତି ସମୀକ୍ଷା

### ଜିଲାପାଳଙ୍କୁ ସତର୍କ ରହିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ଲଗାଣ ବର୍ଷା ଯୋଗୁ ହୀରାକୁଦ ସମେତ ବିଭିନ୍ନ ନଦୀ ଅବବାହିକାରେ ଥିବା ଜଳଭଣ୍ଡାରଗୁଡ଼ିକର ଜଳସ୍ତର, ନଦୀରେ ଜଳପ୍ରବାହ ସ୍ଥିତି ନେଇ ଜଳ ସମ୍ପଦ ବିଭାଗ ଏବଂ ଜିଲାପାଳମାନଙ୍କ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଲୋକ ସେବା ଭବନଠାରେ ଆୟୋଜିତ ବୈଠକରେ ହୀରାକୁଦ ଓ ରେଙ୍ଗାଲି ସମେତ ଅନ୍ୟ ବୃହତ୍ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ଏବଂ ବର୍ତ୍ତମାନର ଜଳସ୍ତର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଛି। ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ବର୍ଷାଋତୁରେ ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଲେ ବିଭାଗ ଦ୍ୱାରା ଅନୁସରଣ କରାଯାଉଥିବା ରୁଲ୍ କର୍ଭ, ବିଭିନ୍ନ ନଦୀ ଅବବାହିକାର ଉପରମୁଣ୍ଡରେ ଜଳ ପ୍ରବେଶର ସୂଚନା ଏବଂ ବିଭିନ୍ନ ନଦୀରେ ଜଳ ପ୍ରବାହର କ୍ଷମତା ଆଧାରରେ ନଦୀରେ ଜଳ ଛଡ଼ାଯାଇଥାଏ। ହୀରାକୁଦ ଜଳଭଣ୍ଡାରରେ ୯୮ଟି ଗେଟ୍ ମଧ୍ୟରୁ ୨୦ଟି ଗେଟ୍ ଖୋଲାଅଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ସ୍ଥିତି, ନଦୀରେ ଜଳ ପ୍ରବାହ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଜଳକା ନଦୀ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିବା ସେ କହିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି, ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ କରାଯାଇଛି। ଏଥିପାଇଁ ମାନକ ସଞ୍ଚାଳନ ପଦ୍ଧତି(ଏସ୍‌ଓପି) ରହିଛି। ଏହାକୁ ଆଧାରକରି ରାଜ୍ୟ ତଥା ଜିଲାସ୍ତରରେ ସମ୍ଭାବ୍ୟ ବନ୍ୟା, ବାତ୍ୟା, ମରୁଡ଼ି ଆଦିର ପରିଚାଳନା କରାଯାଉଛି। ଲଗାଣ ବର୍ଷାଜନିତ ପ୍ରଭାବର ମୁକାବିଲା ସ୍ଥିତିରେ ଜିଲାଗୁଡିକର ଅଧିକାରୀ ଓ କର୍ମଚାରୀଙ୍କୁ ଛୁଟି ନ ନେବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ପୂର୍ବରୁ ରହିଥିବା ଏସ୍‌ଓପି ଆଧାରରେ ପୁନରୁଦ୍ଧାର ବ୍ୟବସ୍ଥା, ପ୍ରଶିକ୍ଷଣ,ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଯେଉଁ ଏସ୍‌ଓପି ରହିଛି, ଲଗାଣ ବର୍ଷାଜନିତ ପ୍ରଭାବ ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ତାହାକୁ ଅଧିକ କ୍ରିୟାଶୀଳ କରାଯାଇ ବିଭିନ୍ନ ବିଭାଗ ଓ ଜିଲାସ୍ତରରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

# ବିରୋଧୀ ଉଠାଇଲେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ



- ସରକାରଙ୍କୁ ବିରୋଧୀଙ୍କ ପ୍ରଶ୍ନ
- ନୀତି ଆୟୋଗ ବୈଠକରେ କ'ଣ ମାଗିଲେ
- ସ୍ୱତନ୍ତ୍ର ରାଜ୍ୟପାହ୍ୟା, ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ନା ସ୍ୱତନ୍ତ୍ର ପ୍ୟାକେଜ

ଭୁବନେଶ୍ୱର,୩୦।୭(ଅନିଲ ଦାସ)

ସ୍ୱତନ୍ତ୍ର ରାଜ୍ୟପାହ୍ୟା, ସ୍ୱତନ୍ତ୍ର ଫୋକସ ଷ୍ଟେଟ୍ ନା ସ୍ୱତନ୍ତ୍ର ଆବଣ୍ଟନ, ନୀତି ଆୟୋଗ ବୈଠକରେ ରାଜ୍ୟ ସରକାର କ'ଣ ଦାବି ରଖିଛନ୍ତି। ସେ ବିଷୟରେ ସରକାର ଗୃହକୁ ଅବଗତ କରାନ୍ତୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗ ବୈଠକରେ ଯୋଗଦେଇ ଫେରିବା ପରେ ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇ ବିବୃତି ଦାବି କରିଛନ୍ତି।

ଶୂନ୍ୟକାଳରେ ବିଜେଡି ସଭ୍ୟ ଅରୁଣ ସାହୁ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ବିଧାନସଭାର ବଜେଟ ସେସନ ଚାଲିଛି। ଇତିମଧ୍ୟରେ ନୂଆଦିଲ୍ଲୀରେ ନୀତି ଆୟୋଗ ବୈଠକ ଶେଷ ହୋଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ ଫେରିଛନ୍ତି। ନୀତି ଆୟୋଗ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ରାଜ୍ୟ ପାଇଁ କ'ଣ ଦାବି କରିଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା, ସ୍ୱତନ୍ତ୍ର ଫୋକସ ଷ୍ଟେଟ୍ ନା ସ୍ୱତନ୍ତ୍ର ଆବଣ୍ଟନ, କ'ଣ ଦାବି ରଖିଲେ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଭାଜପାର ୨୦୧୪ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଥିଲା। ପରବର୍ତ୍ତୀ ସମୟରେ ଦଳ ଏହାକୁ ହଟାଇ ଦେଇଥିଲା। ଏବେ ନୂଆ ସ୍ୱତନ୍ତ୍ର ଆବଣ୍ଟନର ଯୁଗ ଆସିଛି। ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଇଛି। ଓଡ଼ିଶାର ଭୋଟ ପାଇ କେନ୍ଦ୍ରରେ ଭାଜପା ସରକାର କରିଛନ୍ତି। ୨୧ ଏମ୍‌ପିରୁ ୨୦ ଏମ୍‌ପି ନେଇଛନ୍ତି। ଏପରି ସ୍ଥିତିରେ ଓଡ଼ିଶା ପାଇଁ ନୀତି ଆୟୋଗ ବୈଠକରେ ସ୍ୱତନ୍ତ୍ର ରାଜ୍ୟପାହ୍ୟା ନା ସ୍ୱତନ୍ତ୍ର ଫୋକସ ଷ୍ଟେଟ ନା ସ୍ୱତନ୍ତ୍ର ଆବଣ୍ଟନ ମଗାଯାଇଛି ତାହା ଗୃହରେ ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିଜେଡି ସହିତ କଂଗ୍ରେସ ମଧ୍ୟ ତାଳ ଦେଇଛି। କଂଗ୍ରେସ ମଧ୍ୟ ସମାନ ପ୍ରଶ୍ନ କରିଛି। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟ ମାନ୍ୟତା ଡବଲ ଇଞ୍ଜିନ ସରକାର ଦେବେ ବୋଲି ଆମେ ଆଶା କରୁଛୁ। ସ୍ୱତନ୍ତ୍ର ରାଜ୍ୟପାହ୍ୟା ନା ସ୍ୱତନ୍ତ୍ର ଫୋକସ ନା ସ୍ୱତନ୍ତ୍ର ପ୍ୟାକେଜ ଦାବି ହୋଇଛି ସେ ବିଷୟରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି। ଓଡ଼ିଶା ଏକ ଆଦିବାସୀ ଓ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଆନ୍ଧ୍ର ଓ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ମିଳିଛି। ଓଡ଼ିଶାକୁ ଅଣଦେଖା କରାଯାଇଛି। ଭାଜପା ୨୦୧୪ ଦଳୀୟ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟପାହ୍ୟା କଥା କହିଥିଲା। ଏବେ କ'ଣ ଦାବି ରଖିଛନ୍ତି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଛନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆନ୍ଧ୍ରକୁ ପଇସା ଦେଇଛନ୍ତି। ଏହି ଡ୍ୟାମର ଉଚ୍ଚତା ଧୀରେ ଧୀରେ ବଢ଼ାଯାଉଛି। ଏହାଦ୍ୱାରା କୋରାପୁଟ ଓ ମାଲକାନଗିରିର ବହୁ ଆଦିବାସୀ ଗାଁ ବୁଡି ଯିବାର ସମ୍ଭାବନା ରହିଛି। ପୋଲାଭରମ ପ୍ରସଙ୍ଗରେ କ'ଣ କରିଛନ୍ତି ତାହା ମୁଖ୍ୟମନ୍ତ୍ରୀ ଗୃହରେ ପ୍ରକାଶ କରିବାକୁ କାଡାମ ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ସି.ଏସ. ରାଜନ ଏକ୍କା ମଧ୍ୟ ନୀତି ଆୟୋଗ ବୈଠକରେ ସରକାର କି ପ୍ରସ୍ତାବ ରଖିଛନ୍ତି ତାହା ଗୃହରେ ପ୍ରକାଶ କରିବାକୁ ଦାବି କରିଛନ୍ତି।

## ୭୧୯ ବେଆଇନ କୋଠା ବିରୋଧରେ ମାମଲା

ଭୁବନେଶ୍ୱର ତଥା ଅନ୍ୟାନ୍ୟ ସହର ଗୁଡ଼ିକରେ ବେଆଇନ କୋଠାବାଡି ବିରୋଧରେ ୭୧୯ଟି ମାମଲା ଦାଖଲ ହୋଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ୬୮୯ଟି ବେଆଇନ ଆପାର୍ଟମେଣ୍ଟ ମାମଲା ଦାୟର ହୋଇଛି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି। ତାରା ପଚାରିଥିଲେ ରାଜ୍ୟରେ ବିଭିନ୍ନ ସହରରେ ବେଆଇନ ଆପାର୍ଟମେଣ୍ଟ ସଂଖ୍ୟା କେତେ। ଭୁବନେଶ୍ୱରରେ କେତେ ସଂଖ୍ୟକ ବେଆଇନ ଆପାର୍ଟମେଣ୍ଟ ରହିଛି। ଆଇନସମ୍ମତ ନ ଥାଇ ଏହି ଆପାର୍ଟମେଣ୍ଟ ନିର୍ମାଣ କରାଯାଇଥିବାରୁ ସମ୍ପୃକ୍ତ ବିଲଡରମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ମନ୍ତ୍ରୀ କହିଛନ୍ତି, ବେଆଇନ କୋଠାବାଡି ନିର୍ମାଣ କରୁଥିବା ବ୍ୟକ୍ତିବିଶେଷ କିମ୍ବା ସଂସ୍ଥାମାନଙ୍କ ବିରୋଧରେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ର ଧାରା ୯୦, ୯୧, ୯୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଇନଗତ ବ୍ୟବସ୍ଥା ରହିଛି।

## ୪ ଘଣ୍ଟାରୁ କମ୍ ସମୟ ଅଫିସରେ ରହିଲେ ଛୁଟି ପଡ଼ିବ

**ଅର୍ଥ ବିଭାଗ କର୍ମଚାରୀଙ୍କ ପାଇଁ ନିର୍ଦ୍ଦେଶନାମା**

ଅର୍ଥ ବିଭାଗ କର୍ମଚାରୀ ମନଇଚ୍ଛା ଅଫିସକୁ ଆସିପାରିବେ ନାହିଁ କିମ୍ବା ଡ୍ୟୁଟିରେ ଖିଲାପ କରିପାରିବେ ନାହିଁ। ଏନେଇ ବିଭାଗ ପକ୍ଷରୁ ମଙ୍ଗଳବାର କର୍ମଚାରୀଙ୍କ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। କର୍ମଚାରୀଙ୍କୁ ଅତି କମ୍‌ରେ ସାଢେ ୭ ଘଣ୍ଟା କାମ କରିବାକୁ ପଡ଼ିବ। ୪ ଘଣ୍ଟାରୁ କମ୍ ସମୟ ଅଫିସରେ କାମ କରିଥିଲେ ସେଦିନ ଅନୁପସ୍ଥିତ ବୋଲି ଧରାଯିବ। ସେହିପରି ୪ ଘଣ୍ଟାରୁ ଅଧିକ ସାଢେ ୭ଘଣ୍ଟାରୁ କମ୍ ହେଲେ ହାପ୍ ଡେ' ବୋଲି ଧରାଯିବ। କର୍ମଚାରୀମାନେ ଆସିବା ଓ ଯିବା ସମୟ ବାୟୋମେଟ୍ରିକରେ ସୂଚିତ କରିବେ। ଅର୍ଥାତ କେତେବେଳେ ଅଫିସରୁ ବାହାରକୁ ଯିବେ, କେତେବେଳେ ଆସିବେ ସେ ସବୁ ବାୟୋମେଟ୍ରିକରେ ସୂଚିତ କରିବାକୁ ପଡ଼ିବ। ବାହାରିବା ସମୟ ସୂଚିତ ନ ଥିଲେ ଅନୁପସ୍ଥିତ ଧରାଯିବ। ଦିନ ୧୦ଟା ସୁଦ୍ଧା କର୍ମଚାରୀ ଅଫିସରେ ଉପସ୍ଥିତ ରହିବେ। ଅଫିସରେ ପହଞ୍ଚିବାକୁ ଅଧଘଣ୍ଟା କୋହଳ ମିଳିବ। ଏହା ସବୁବେଳେ ଲାଗୁ ହେବନି। କେବଳ ଜରୁରୀ ପରିସ୍ଥିତିରେ ଅଧଘଣ୍ଟା କୋହଳ ମିଳିବ।

## ୮୩୦୦ ଗାଁକୁ ନାହିଁ ପକ୍କା ରାସ୍ତା

ରାଜ୍ୟର ୮୩୦୦ଗାଁକୁ ପକ୍କା ରାସ୍ତା ନାହିଁ। ମାତ୍ର ୨୦,୧୪୦ଟି ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିଛି। ରାଜ୍ୟରେ ପ୍ରାୟ ୫୯,୯୭୧ ଗାଁ ଥିବାବେଳେ ସେଥିରୁ ମାତ୍ର ୨୦,୧୪୦ଟି ଗାଁରେ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ଭବପର ହୋଇପାରିଛି। ଅର୍ଥାତ ୩୯,୮୩୧ଟି ଗାଁରେ ପାଇପ୍ ଯୋଗେ ପାନୀୟ ଜଳ ସୁବିଧା ନାହିଁ।

ବିଜେଡି ବିଧାୟକ ଧ୍ରୁବଚରଣ ନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୨୦,୧୪୦ଟି ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ରାଜ୍ୟର ସମସ୍ତ ଗାଁକୁ ଆସନ୍ତା ୨୦୨୫ ଡିସେମ୍ବର ସୁଦ୍ଧା ପାଇପ୍ ଯୋଗେ ଜଳଯୋଗାଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିରୁ କୌଣସି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ଥିବା ବିଭାଗର ଦୃଷ୍ଟିଗୋଚର ହୋଇନାହିଁ। ପାଇପ୍ ଯୋଗେ ଜଳଯୋଗାଣ ଅଚଳ ହେବା ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯାଇ ୭୨ଘଣ୍ଟା ମଧ୍ୟରେ ମରାମତି କରାଯାଇ ପାନୀୟ ଜଳ ଯୋଗାଣ କରାଯାଇଥାଏ। ସେହିପରି ରାଜ୍ୟରେ ମୋଟ ୫୯,୯୭୧ଟି ଗାଁ ମଧ୍ୟରୁ ୫୧,୬୭୧ଟି ଗାଁକୁ ପକ୍କାରାସ୍ତା ନିର୍ମାଣ କରାଯାଇଛି। ବାକି ୮୩୦୦ ଗାଁକୁ ବିଭିନ୍ନ ଯୋଜନାରେ ପର୍ଯ୍ୟାୟକ୍ରମେ ପକ୍କା ରାସ୍ତା ସଂଯୋଗ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତ।

# ପାନୀୟ ଜଳ ଯୋଗାଣକୁ ନେଇ ବିଧାନସଭାରେ ଉଦ୍‌ବେଗ

**୨୦୨୫ ଶେଷ ସୁଦ୍ଧା ସବୁ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବ: ମନ୍ତ୍ରୀ ରବି ନାଏକ**

ପିଇବା ପାଣି ଯୋଗାଣକୁ ନେଇ ବିଧାନଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ନିଜ ନିଜ ଅଞ୍ଚଳରେ ପିଇବା ପାଣିର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଧାନସଭାରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଚିକିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁରଳ, ସୁମାଣ୍ଡି ଓ ସୋନପୁର ପଞ୍ଚାୟତ ସମୁଦ୍ରକୂଳିଆ ହୋଇଥିବାରୁ ସେଠାରେ ପିଇବା ପାଣି ସମସ୍ୟା ରହିଛି। ସେହି ପଞ୍ଚାୟତଗୁଡ଼ିକୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଛନ୍ତି, ସୁରଳ, ସୁମାଣ୍ଡି ଏବଂ ସୋନପୁର ପଞ୍ଚାୟତରେ ୧୦୮ଟି ନଳକୂପ କାର୍ଯ୍ୟକ୍ଷମ ଅଛି। ସେଥିରୁ ୩୦ଟି ଲୁଣି ପ୍ରଭାବିତ ହୋଇଥିବାରୁ ସେ ଅଞ୍ଚଳର ଲୋକଙ୍କୁ ୧୦ଟି ଗ୍ରାମକୁ ପାଇପ ଯୋଗେ ଏବଂ ୭୧ଟି ନଳକୂପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହାଛଡ଼ା ଉକ୍ତ ୩ଟି ପଞ୍ଚାୟତ ସହିତ ଚିକିଟି ବ୍ଲକର ୧୬ଟି ପଞ୍ଚାୟତ ଓ ପାତ୍ରପୁର ବ୍ଲକର ୧୪ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ୨୬୩ କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ ନେଇଛନ୍ତି। ଏହା ଆସନ୍ତା ୨୦୨୫ ଡିସେମ୍ବର ୩୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ବିଜେଡି ସଭ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର, ଦୁର୍ଗା ପ୍ରସନ୍ନ ନାୟକ. ଭାଜପା ସଭ୍ୟ ଭାସ୍କର ମଢ଼େଇ, ଲକ୍ଷ୍ମଣ ବାଗ, ପୂର୍ଣ୍ଣଚନ୍ଦ୍ର ସେଠି, କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ନଳିନୀ କାନ୍ତ ପ୍ରଧାନ, କଂଗ୍ରେସ ସଭ୍ୟ ଦାଶରଥି ଗମାଙ୍ଗ ପ୍ରମୁଖ ଗ୍ରାମାଞ୍ଚଳରେ ପାନୀୟ ଜଳ ମିଳୁ ନ ଥିବା ଅଭିଯୋଗ କରିଥିଲେ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାଇପର ମାନ ନିର୍ଦ୍ଧାରଣ ହେଉନି। ଅତି କମ୍‌ରେ ୩ ଫୁଟ ତଳେ ପାଇପ ଯିବା କଥା। ମାତ୍ର ଫୁଟେ କିମ୍ବା ୬ ଇଞ୍ଚ ତଳେ ନିଆଯାଉଛି। କେତେକ ଜାଗାରେ ମାଟି ଉପରେ ମଧ୍ୟ ନିଆଯାଉଛି। ସେସବୁ ପାଇପ ଫାଟି ପାଣି ନଷ୍ଟ ହେଉଛି। ଦୂଷିତ ପାଣି ପିଇ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅବିଭକ୍ତ କୋରାପୁଟ ଜିଲାର କାଶିପୁରରେ ଲୋକମାନେ ଦୂଷିତ ପାଣି ପିଇ ଝାଡ଼ାବାନ୍ତିରେ ମରୁଛନ୍ତି।

ବୋରିଗୁମାଠାରେ ଏକ ପାନୀୟ ଜଳ ପ୍ରକଳ୍ପ ୮ ବର୍ଷ ହେବ ନିର୍ମାଣ ହେଉଛି। ତାହା ସରିବା ନାଁ ଧରୁନି। ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। ଏକ ଗୃହ କମିଟି କରି ସରକାର ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଅବସ୍ଥା ଅନୁଧ୍ୟାନ କରନ୍ତୁ ବୋଲି ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଦାବି କରିଛନ୍ତି।

ସଦସ୍ୟମାନଙ୍କର ଉଦ୍‌ବେଗକୁ ଦେଖି ପାନୀୟ ଜଳ ପ୍ରକଳ୍ପଗୁଡ଼ିକ କିପରି ଶୀଘ୍ର ଶେଷ ହେବ ସେ ନେଇ ଏକ କମିଟି ଗଠନ କରି ନିୟମିତ ସମୀକ୍ଷା କରିବାକୁ ବାଚସ୍ପତି ସୁରମା ପାଢ଼ୀ ପାନୀୟ ଜଳ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ଘରକୁ ପିଇବା ପାଣି ଯୋଗାଇ ଦିଆଯିବ। ୪୧ଟି ଓଭରହେଡ ଟାଙ୍କି ନିର୍ମାଣ ହେବ। ସେଥିରୁ ଗୋଟିଏ ନିର୍ମାଣ ସରିଛି। ବିଭିନ୍ନ ଅଞ୍ଚଳରେ କିପରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ସେ ନେଇ ସରକାର ଉଦ୍ୟମ ଚଳାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ଫେରିଗଲା ୬ ଲକ୍ଷ ୫୬ ହଜାର ପକ୍କା ଘର

ପୂର୍ବର ବିଜେଡି ସରକାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ନ ଦେବାରୁ ଲୋକେ ଘର ପାଇଲେନି। ବେପରୁଆ କାମ ଯୋଗୁ ୬ ଲକ୍ଷ ୫୬ ହଜାର ୯୪୫ ପକ୍କା ଘର ଫେରିଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି। ଭାଜପା ସଭ୍ୟ ମାନସ ଦତ୍ତଙ୍କ ଏକ ଲିଖିତ ପ୍ରଶ୍ନରେ ଉତ୍ତର ରଖି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ମଙ୍ଗଳବାର ବିଧାନସଭାରେ କହିଛନ୍ତି, ୨୦୧୬ରୁ ୨୦୨୪ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଆଯାଇ ନ ଥିବାରୁ ପକ୍କା ଘର ଫେରିଯାଇଛି। ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୩୬ ଲକ୍ଷ ୫୭ ହଜାର ୮୪୭ ପକ୍କା ଘର ନିର୍ମାଣ ଶେଷ ହୋଇଥିବାବେଳେ ୫ ଲକ୍ଷ ୨୭ ହଜାର ୬୦୪ ଗୃହ ନିର୍ମାଣାଧୀନ ରହିଛି। ମଞ୍ଜୁର ହୋଇଥିବା ୩୨ ହଜାର ୯୧୩ ପକ୍କା ଘର କାମ ଆରମ୍ଭ ହୋଇପାରି ନାହିଁ। ଓଡ଼ିଶାକୁ ୪୨ ଲକ୍ଷ ୧୮ ହଜାର ୩୬୪ ପକ୍କା ଘର କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ଏବେ ବି ୧ ଲକ୍ଷ ୨୬ ହଜାର ୭୧୯ ପରିବାର ଆବାସ ପାଇଁ ଆବେଦନ କରି ଘର ଅପେକ୍ଷାରେ ଅଛନ୍ତି।




# ବଜେଟ୍ ଆଲୋଚନାରେ ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

- ସାଧାରଣ ବଜେଟ୍ ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ବେଳେ କକ୍ଷତ୍ୟାଗ କଲେ ବିଜେଡି, କଂଗ୍ରେସ
- ଗତ ବଜେଟ୍ ତୁଳନାରେ ଏଥର ୩.୭୭ ପ୍ରତିଶତ ବୃଦ୍ଧି ଘଟିଛି: ରମେଶ
- ଭାଜପା ସରକାର କରିବ ଭାବି ନ ଥିଲା, ହଉ ହଉ ହେଇଗଲା: ତାରା

ବିଧାନସଭାରେ ସାଧାରଣ ବଜେଟ ଉପରେ ଚାଲିଥିବା ଆଲୋଚନା ସମୟରେ ମଙ୍ଗଳବାର ଅପରାହ୍ନରେ ମଧ୍ୟ ପୂର୍ବଦିନ ଭଳି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳାରେ ବଜେଟ ଆଲୋଚନା ଚାଲିଥିଲେ ସୁଦ୍ଧା ବିରୋଧୀ ଏବଂ ଶାସକ ଦଳ ପରସ୍ପରର ଗୋହି ଖୋଲାଖୋଲି ହୋଇଛନ୍ତି। ଶାସକ ଦଳ ସଦସ୍ୟ ସିଦ୍ଧାନ୍ତ ମହାପାତ୍ର ଆଲୋଚନାରେ ଭାଗ ନେଇ କହିଛନ୍ତି ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଗତ ସରକାର ଯାହା କରିବା କଥା କରିନାହାନ୍ତି। ଗଞ୍ଜାମ ପରିଧାନ ସଂସ୍ଥା ଗଞ୍ଜାମରେ କରାଯାଇଛି। ଏହି ସଂସ୍ଥା କିଛି ସ୍କୁଲ ପାଇଁ ପିଲାଙ୍କ ଡ୍ରେସ୍ କିଛି ପରିମାଣରେ ତିଆରି କରିଦେଇ ବାକି କୋଲକାତାରୁ କିଣି ଆଣୁଛି। ତେଣୁ ଏକଥା କହିବାର ଅର୍ଥ ମହିଳାଙ୍କୁ ବାସ୍ତବରେ ସ୍ୱାବଲମ୍ବୀ କରିବାର ଅଛି। ସେହିପରି ଚାଷ କଥା କହିଲେ, ଗଞ୍ଜାମ ଏବଂ ଜଗତସିଂହପୁରରେ ମାତ୍ରାଧିକ କୀଟନାଶକ ବ୍ୟବହାର କାରଣରୁ ସେଠାରେ ଉତ୍ପାଦନ କ୍ଷମତା କମିଯାଇଛି। ତେଣୁ ଆମ ମାଟିର ଉତ୍ପାଦନ କ୍ଷମତା କେତେ ଅଛି ତାହା ପରୀକ୍ଷା ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ବିଜେଡି ସଦସ୍ୟ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ଚଳିତ ଥର ଆଗତ ହୋଇଥିବା ବଜେଟରେ ଗତବର୍ଷ ତୁଳନାରେ ୧୫ ପ୍ରତିଶତ ଅଭିବୃଦ୍ଧି ଘଟିଥିବା କହୁଛନ୍ତି। ବାସ୍ତବରେ ଗତଥର ତୁଳନାରେ ଚଳିତ ବଜେଟରେ ୩.୭୭ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୦୦ ମସିହାରେ ଆବଶ୍ୟକ ଖାଦ୍ୟ ପଦାର୍ଥ ଉତ୍ପାଦନ ହୋଇପାରୁ ନ ଥିଲା। ହେଲେ ବିଜେଡିର ୨୪ ବର୍ଷ ଶାସନରେ ଓଡ଼ିଶାକୁ ୫ଥର କୃଷି କର୍ମଣ ପୁରସ୍କାର ମିଳିଛି। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ବିଶ୍ୱଗୁରୁ ହୋଇପାରିଛି। କ୍ରୀଡା କ୍ଷେତ୍ରରେ ଯାହାସବୁ ହୋଇଛି ସେକଥା ସମସ୍ତେ ଜାଣନ୍ତି। ବିକାଶ ଦିଗରେ ଯାଉଥିବା ରାଜ୍ୟକୁ ଆଗକୁ ନେବାରେ ଆପଣମାନଙ୍କୁ ସହାୟକ ହେବ ବୋଲି ସେ କହିଛନ୍ତି।

କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଜଣେ ବନ୍ଧୁ ଏ ଗୃହରେ ବହୁବାର ଓଡ଼ିଆ ଅସ୍ମିତା କଥା ଉଠାଇଲେ। ନିର୍ବାଚନ ସମୟରେ ଏମାନେ ପୁରୀରୁ ଜଗନ୍ନାଥଙ୍କ କଥା ଏବଂ ଓଡ଼ିଆ ଅସ୍ମିତା କଥା ବାରମ୍ବାର କହିଲେ, ଯାହାକି ଦାନା ବାନ୍ଧିଥିଲା। ହେଲେ ଭୁଲି ନ ଯାଆନ୍ତୁ, ବିଜେଡି-ଭାଜପା ରାଜ୍ୟରେ ୯ ବର୍ଷ ଏକାଠି ଶାସନ କରିଛନ୍ତି। ସେତେବେଳେ ଦୁଇ ଦଳ ବଜେଟ ଆଲୋଚନା ସମୟରେ ମିଶିକି ଟେବୁଲ୍ ପିଟୁଥିଲେ। ୨୦୦୦ ମସିହା ପୂର୍ବରୁ ଏତେ ମାତ୍ରାରେ ଖଣି, ଖାଦାନ ଚୋରି ହେଉ ନ ଥିଲା। ୨୦୦୩ ପରଠାରୁ ପାରାଦୀପରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଏବଂ କୋଭିଡ୍ ସମୟରେ ହଜାର ହଜାର ଟ୍ରକରେ ଖଣି ଚୋରି ହେଲା। ୨୦୦୦ ମସିହା ପୂର୍ବରୁ ଏ ପରିସ୍ଥିତି ନ ଥିଲା। ଖଣି ବିକ୍କି ଭିତିରିଆ ଏବଂ ଉପରିଆ ନେଇ 'ପି'ରୁ ନାଁ ଆରମ୍ଭ ହେଉଥିବା ଜଣେ ତାମିଲ ସବୁ ଟଙ୍କା ନେଲେ। ସେ ଆଗରୁ ଓଡ଼ିଶାକୁ କଣ୍ଟ୍ରୋଲ କରୁଥିଲେ, ଏବେ ମଧ୍ୟ କରୁଛନ୍ତି। ଏହି ବଜେଟରେ ନୂତନତ୍ୱ କିଛି ନାହିଁ। ରାଜ୍ୟରେ ଛତୁଆ ଦୁର୍ନୀତି ଏକ ସବୁଠାରୁ ବଡ଼ ଘଟଣା। ପୂର୍ବରୁ ଏ ବିଜେଡି ସରକାର ଥିବାବେଳେ କହିଛି ଏ ଦୁର୍ନୀତିକୁ ନ ରୋକିଲେ ଅଭିଶାପରେ ଆଗକୁ ବଢ଼ିପାରିବ ନାହିଁ। ଏବେ ସେହି କଥା ପ୍ରମାଣିତ ହୋଇଛି। ଚାଷୀ ଆନ୍ଦୋଳନ ସମୟରେ ଅନେକ କୃଷକଙ୍କୁ ଗାଡ଼ି ମଡ଼ାଇ ଆକ୍ରମଣ କରି ମାରିଲେ, ଏବେ ଅବସ୍ଥା ଦେଖନ୍ତୁ। ସେମିତି ପ୍ରଧାନମନ୍ତ୍ରୀ ଚାଷୀଙ୍କ ଆୟ ଦୁଇଗୁଣା କରିବେ କହିଥିଲେ। ଧାନର ଏମ୍‌ଏସ୍‌ପି ବୃଦ୍ଧି ଲାଗି ସର୍ବଦଳୀୟ ବୈଠକ ପରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ସମୟ ମଗାଗଲା। ବାଚସ୍ପତି ମଧ୍ୟ ଚିଠି ଲେଖିଲେ, ହେଲେ ପ୍ରଧାନମନ୍ତ୍ରୀ ସମୟ ଦେଲେନି। ଏଠି ଭାଜପା ତ ସରକାର କରିବ ବୋଲି ଆଶା କରି ନ ଥିଲା। ହଉ ହଉ ହେଇଗଲା। ବିଜେଡି ମଧ୍ୟ ବିରୋଧୀ ଦଳରେ ବସିବ ଭାବି ନ ଥିଲା, ହେଲେ ସେଇଆ ହେଇଗଲା। ଖରିଫ ଚାଷ ଲାଗି ରାଜ୍ୟ ସରକାର ଯେତିକି ଟଙ୍କାର ବ୍ୟୟ ବରାଦ କରିଛନ୍ତି ଯଦି ଚାଷୀଙ୍କୁ ଏମ୍‌ଏସପି ୩୧୦୦ ଟଙ୍କା ଦିଅନ୍ତି ତେବେ ୨୫ ପ୍ରତିଶତ କୃଷକ ଅର୍ଥ ପାଇପାରିବେ। ପ୍ରଥମେ ମହାନଦୀ ସମସ୍ୟାର ସମାଧାନ କରନ୍ତୁ। ଭାଜପା ସଦସ୍ୟ ଆକାଶ ଦାସ ନାଏକ କହିଛନ୍ତି, ରାଜ୍ୟ ସରକାର ଏକ ଦୂରଦର୍ଶୀ, ବାସ୍ତବଧର୍ମୀ ବଜେଟ ଆଣିଛନ୍ତି। ଏଥିରେ ଯାହାସବୁ ବ୍ୟୟବରାଦ କରାଯାଇଛି ସେସବୁ ସ୍ୱାଗତଯୋଗ୍ୟ। ଭାଜପା ସଦସ୍ୟ ଗୌରୀ ଶଙ୍କର ମାଝୀ କହିଛନ୍ତି, ମୋହନ ସରକାର ସବୁ କ୍ଷେତ୍ର ଲାଗି ବଜେଟରେ ବ୍ୟୟ ବରାଦ କରିଛନ୍ତି। ବିଜେଡି ସଦସ୍ୟ ଧ୍ରୁବ ସାହୁ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠିତ ହୋଇସାରିଛି। ୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ବେଳକୁ ଆମ ରାଜ୍ୟର ଋଣ ଭାର ୧୮ ହଜାର କୋଟି ଥିଲା। ୨୪ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଥିବା ଭିତରେ ରାଜ୍ୟର ଋଣ ଭାର ୭୮,୦୦୦ କୋଟିରେ ପହଞ୍ଚିଥିଲା। ହେଲେ ଚଳିତ ବଜେଟରେ କେବଳ ମୋହନ ସରକାର ୪୩,୪୯୫ କୋଟି ଟଙ୍କାର ଋଣ ଆକଳନ କରିଛନ୍ତି। ୨୪ ବର୍ଷରେ ଯେତିକି ଋଣ ବିଜେଡି ସରକାର କରି ନ ଥିଲା ତାର ଅଧା ଟଙ୍କା ଏ ସରକାର ଚଳିତ ବଜେଟରେ ଋଣ କରୁଛି। ରାଜ୍ୟ ସରକାର ବୋଧହୁଏ ବଜେଟ କରିବା ବେଳେ ଭୁଲି ଯାଇଛନ୍ତି ଆମ ଅର୍ଥନୀତି ଖଣି ଉପରେ ନିର୍ଭରଶୀଳ ବୋଲି ସେ କହିଛନ୍ତି। ତେବେ ଅନ୍ୟ ସଦସ୍ୟମାନେ ବଜେଟ ଆଲୋଚନାରେ ମଧ୍ୟ ଭାଗ ନେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ସାଧାରଣ ବଜେଟ ଉପରେ ନିଜର ପ୍ରତିକ୍ରିୟା ରଖିବା ସମୟରେ ବିଜେଡି ସଦସ୍ୟମାନେ ବିରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଆକ୍ଷେପମୂଳକ ମନ୍ତବ୍ୟ ରଖୁଥିବା କହି ବିଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଏହାପରେ କଂଗ୍ରେସ ସଦସ୍ୟମାନେ ମଧ୍ୟ କକ୍ଷତ୍ୟାଗ କରିଥିଲେ। ଶାସକ ଦଳ ସଦସ୍ୟମାନଙ୍କ ଉପସ୍ଥିତିରେ ବଜେଟକୁ ଅନୁମୋଦନ ମିଳିଥିଲା। ଏହାସହ ୩୧ ତାରିଖ ସୁଦ୍ଧା ବିଭିନ୍ନ ସେବା ଓ ଉଦ୍ଦେଶ୍ୟ ସାଧାନ ନିମିତ୍ତ ଖର୍ଚ୍ଚ ତୁଲାଇବା ପାଇଁ ଲେଖାନୁଦାନ ଅନୁସୂଚୀର ସପ୍ତମ ସ୍ତମ୍ଭରେ ସୂଚିତ ମୋଟ୍ ୯୫ ହଜାର କୋଟି ଟଙ୍କାର ଲେଖା ଅନୁଦାନକୁ ଅନୁମୋଦନ ମିଳିଛି।



ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା। -ଶ୍ରୀମା

-କାମଦା ଏକାଦଶୀ
ଉପବାସ, ହଳ ନିଷେଧ



# ପଣ୍ଡିତଙ୍କ କାରନାମା

ବାଡ଼ ଯଦି ଫସଲ ଖାଏ ତେବେ ତାହାର ସୁରକ୍ଷା କେହି କରିପାରିବେ ନାହିଁ। ସମାନ ପ୍ରକାରେ ଆଇନ ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱ ମୁଣ୍ଡାଇଥିବା ପୋଲିସ ଯଦି ଦୁର୍ବ୍ୟବହାର, ଅପରାଧ ଓ ଦୁର୍ନୀତିରେ ଜଡ଼ିତ ରହେ ତେବେ ସାମାଜିକ ସ୍ତରରେ ବିଶୃଙ୍ଖଳା ସୃଷ୍ଟିହେବା ସ୍ୱାଭାବିକ। ଏଭଳି ଆଚରଣ ପୋଲିସକୁ ନାଗରିକମାନଙ୍କ ବିଶ୍ୱାସଭାଜନ କରାଇପାରିବ ନାହିଁ। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ବହୁ ସମୟରେ ରାଜ୍ୟ ପୋଲିସରେ କାର୍ଯ୍ୟରତ ଅନେକ କର୍ମଚାରୀ ଓ ଅଧିକାରୀଙ୍କ ଏଭଳି ଆଚରଣ ଖବର ସାମ୍ନାକୁ ଆସେ , ଯାହାକୁ ଖାକିରେ ଦାଗ ବୋଲି ସାଧାରଣରେ ଚର୍ଚ୍ଚା ହୋଇଥାଏ। ଏମିତି ଏକ ସଦ୍ୟ ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଛି। ଜୁଲାଇ ୨୭ରେ ଭୁବନେଶ୍ୱରରେ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓ ନାମକ ଜଣେ ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଯେଉଁଭଳି ଭାବେ ଜଣେ ମହିଳା ପୋଲିସ ଇନ୍ସପେକ୍ଟରଙ୍କ ସ୍ୱାମୀଙ୍କୁ ଆକ୍ରମଣକଲେ ତାହା ଜନସାଧାରଣଙ୍କୁ ଉଭୟ କୌତୂହଳ ଯୋଗାଇବା ସହ ଆଶ୍ଚର୍ଯ୍ୟ କରିଛି। ପଣ୍ଡିତ ରାଜେଶ ସେହି ମହିଳାଙ୍କ ଘରକୁ କାହିଁକି ପ୍ରବେଶକଲେ ଏବଂ ତାଙ୍କ ସ୍ୱାମୀଙ୍କୁ କେଉଁ କାରଣରୁ ଆକ୍ରମଣକଲେ ସେ ସମ୍ପର୍କରେ ଅନେକ ଗୁଜବ ଶୁଣିବାକୁ ମିଳୁଛି। ଯାହାର ସତ୍ୟାସତ୍ୟ ହୁଏତ ଅନୁସନ୍ଧାନ ପରେ ଜଣାପଡ଼ିବ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପଣ୍ଡିତଙ୍କୁ ନିଲମ୍ବିତ କରାଯିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୃହ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ମହଲରେ ପଣ୍ଡିତ ରାଜେଶଙ୍କ ସମ୍ପର୍କରେ ଅନେକ କଥା ଶୁଣିବାକୁ ମିଳେ ଯାହାକି ଏଠାରେ ଲେଖିବା ସମ୍ଭବପର ନୁହେଁ। ତେବେ ଏହି ବରିଷ୍ଠ ଅଫିସରଙ୍କ ବ୍ୟବହାରକୁ ଏକଘରିଆ କରି ଦେଖିଲେ ଚଳିବ ନାହିଁ। ଦୀର୍ଘ ୨୪ ବର୍ଷ ଧରି ଚାଲିଆସିଥିବା ଏକ ରାଜନୈତିକ ବ୍ୟବସ୍ଥାରେ ରାଜ୍ୟବାସୀ ହନ୍ତସନ୍ତ ହେବା ଯୋଗୁ ଗତ ନିର୍ବାଚନରେ ପରିବର୍ତ୍ତନ ଆଣିଥିଲେ। ସେହି ପୂର୍ବତନ ରାଜନୈତିକ ବ୍ୟବସ୍ଥାରେ ଶାସକ ଦଳର ରାଜନେତାମାନଙ୍କୁ ଗୌଣ କରିଦିଆଯିବା ସହ ଅମଲାତନ୍ତ୍ରକୁ ଅତ୍ୟଧିକ କ୍ଷମତାସୀନ କରିଦିଆଯାଇଥିଲା। ରାଜ୍ୟର ଅନେକ ଆଇଏଏସ୍, ଆଇପିଏସ୍ ଏବଂ ଅନ୍ୟ କେତେକ ସେବାର ଅଫିସରମାନେ ନିଜକୁ ସର୍ବେସର୍ବା ଭାବିବାକୁ ଆରମ୍ଭ କରିଦେଲେ। ଯେହେତୁ ରାଜନୈତିକ ବ୍ୟକ୍ତିମାନଙ୍କର ଗୁରୁତ୍ୱ ହ୍ରାସ ପାଇଲା, ସେହି ତୁଳନାରେ ଅମଲାତନ୍ତ୍ରୀଙ୍କ ପ୍ରଭାବ ଏବଂ ପ୍ରାଦୁର୍ଭାବ ବୃଦ୍ଧି ଘଟିଲା। ସେଭଳି ପ୍ରଶାସନକୁ ଓଡ଼ିଶାର ଜନସାଧାରଣ ପସନ୍ଦ କରନ୍ତି ନାହିଁ ବୋଲି ନିର୍ବାଚନ ମାଧ୍ୟମରେ ଜଣାଇଦେଲେ।

ଏଠାରେ ସ୍ୱୀକାର କରିବାକୁ ହେବ ଯେ, ରାଜନୈତିକ ମୁହଁରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ସରକାରୀ ବ୍ୟବସ୍ଥାରେ ଏ ପର୍ଯ୍ୟନ୍ତ ତାହାର ପ୍ରଭାବ ପଡ଼ିନାହିଁ। ଅରାଜକତାର ସୀମାରେ ପହଞ୍ଚିଥିବା କ୍ଷମତାସୀନ ବ୍ୟକ୍ତି ଏବେ ଓଡ଼ିଶାରେ ମାଳ ମାଳ ହୋଇ ବୁଲୁଥିବା ଭଳି ମନେହୁଏ। ପୋଲିସ ଅଫିସର ପଣ୍ଡିତ ରାଜେଶଙ୍କ ଚାରିତ୍ରିକ ଦୋଷ ଲୋକଲୋଚନକୁ ଆସିବା ପୂର୍ବରୁ ଅନ୍ୟ ଏକ ଘଟଣା ସେହିଭଳି ଅରାଜକତାର ପରିଚୟ ଦେଇଥିଲା। ରଥଯାତ୍ରା ସମୟରେ ରାଜ୍ୟପାଳ ରଘୁବର ଦାସଙ୍କ ପୁତ୍ର ଯେଉଁଭଳି ଭାବେ ଜଣେ କନିଷ୍ଠ ରାଜ୍ୟପାଳ କର୍ମଚାରୀଙ୍କୁ ପୁରୀରେ ଆକ୍ରମଣ କରିଥିଲେ ତାହା ସମସ୍ତଙ୍କର ମନେଅଛି। ସେହି ଘଟଣାରେ ବିରୋଧୀ ରାଜନୈତିକ ଦଳ ବିଜୁ ଜନତା ଦଳ ଓ କଂଗ୍ରେସ ପ୍ରବଳ ପାଟିତୁଣ୍ଡ କରି ବିଧାନସଭାରେ ହଇଚୋଳ ସୃଷ୍ଟି କରିଥିଲେ। ପ୍ରତିକ୍ରିୟା ସ୍ୱରୂପ, ସେହି କନିଷ୍ଠ ଅଫିସରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ବଦଳି କରିଦିଆଗଲା। କିନ୍ତୁ ରାଜ୍ୟପାଳଙ୍କ ପୁତ୍ରଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ। ଏଭଳି ପ୍ରଚ୍ଛଦପଟରେ ନୂତନ ଭାବେ କ୍ଷମତାକୁ ଆସିଥିବା ଭାରତୀୟ ଜନତା ପାର୍ଟିର ନେତୃବୃନ୍ଦ ଓଡ଼ିଶାରେ ଯଦି ପରିବର୍ତ୍ତନ ଆଣିବାକୁ ଇଚ୍ଛୁକ, ତେବେ ଏଭଳି ଘଟଣାଗୁଡ଼ିକରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଅତିଶୀଘ୍ର ଗ୍ରହଣ କରିବା ଉଚିତ ହେବ। ସବୁ କଥା ପରେ ବି ଉଲ୍ଲେଖ କରିବା ଦରକାର ଯେ ସମ୍ପୃକ୍ତ ମହିଳା ପୋଲିସ କର୍ମଚାରୀ ଏବଂ ତାଙ୍କ ସ୍ୱାମୀ ଉଭୟେ କେହି ପଣ୍ଡିତ ରାଜେଶଙ୍କ ବିରୋଧରେ କୌଣସି ବିଧିବଦ୍ଧ ଅଭିଯୋଗ ଏ ପର୍ଯ୍ୟନ୍ତ ଦାଏର କରିନାହାନ୍ତି।

# ଦୁର୍ଘଟଣା ପରେ ଦୁର୍ଘଟଣା

ଜୁଲାଇ ୩୦ ସକାଳେ ଝାଡ଼ଖଣ୍ଡର ଷଢ଼େଇକଳା-ଖରସୁଆଁ ଜିଲା ବାରାମାମ୍ବୋ ନିକଟରେ ହାଓଡା-ମୁମ୍ବାଇ ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇ ୨ ଜଣଙ୍କ ମୃତ୍ୟୁ ହେବା ସହ ୨୦ ଜଣ ଆହତ ହୋଇଛନ୍ତି। ଏହି ଘଟଣା ଉପରେ ପୂର୍ବତନ ରେଳମନ୍ତ୍ରୀ ତଥା ଏବକାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ସବୁ ସପ୍ତାହରେ ଏମିତି ଘଟଣା ଘଟିଚାଲିଛି, ଏହା କ'ଣ ଶାସନ। ଦେଖିବାକୁ ଗଲେ ଗତ ବର୍ଷ ଜୁନ୍ ୨ରେ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ବାହାନଗା ରେଳ ଦୁର୍ଘଟଣା ପରେ ନିୟମିତ ବ୍ୟବଧାନରେ ରେଳ ଦୁର୍ଘଟଣା ଘଟିଚାଲିଛି । ଏହା ଯାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ସରକାରୀ ସୂତ୍ର ଅନୁଯାୟୀ ବାହାନଗା ରେଳ ଦୁର୍ଘଟଣାରେ ୨୯୬ରୁ ଅଧିକ ଲୋକଙ୍କର ମୃତ୍ୟୁ, ୧୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହା ପରଠାରୁ ଯାତ୍ରୀବାହୀ ଟ୍ରେନ୍ ମୁହାଁମୁହିଁ ଧକ୍କାହେବା, ଲାଇନଚ୍ୟୁତ ହେବା ଘଟଣାରେ ଅନେକ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏପରିକି ଚଳିତ ବର୍ଷ ଏଯାବତ୍ ଘଟିଥିବା ୫ଟି ଦୁର୍ଘଟଣା ମଧ୍ୟରୁ ଜୁନ୍ - ଜୁଲାଇ ମାସ ମଧ୍ୟରେ ଘଟିଥିବା ୪ଟି ଟ୍ରେନ୍ ଦୁର୍ଘଟଣାରେ ୧୭ଜଣଙ୍କର ମୃତ୍ୟୁ ହୋଇଛି ଓ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ବାରମ୍ବାର ମାଲବାହୀ ଟ୍ରେନ୍‌ଗୁଡ଼ିକ ବିଭିନ୍ନ ସ୍ଥାନରେ ଲାଇନଚ୍ୟୁତ ହେଉଛି। ଓଡ଼ିଶାରେ ଏହାର ଜ୍ୱଳନ୍ତ ପ୍ରମାଣ ମିଳିଛି। ଏଇ ନିକଟରେ ଜୁଲାଇ ୨୮ ତାରିଖରେ ମଞ୍ଚେଶ୍ୱର ରେଲୱେ ଷ୍ଟେଶନରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଏହାର ୩ ଦିନ ପୂର୍ବରୁ ଭୁବନେଶ୍ୱର ରେଲୱେ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହେବା ସହ ମଙ୍ଗଳବାର ସମ୍ବଲପୁର ସରଲାରେ ମାଲଗାଡ଼ିର ଗୋଟିଏ ବଗି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାର ମୁଖ୍ୟ କାରଣ ବହୁ ସମୟରେ ସିଗ୍‌ନାଲ ମ୍ୟାନ୍ କିମ୍ବା ଅନ୍ୟ ଅଧିକାରୀଙ୍କ ଉପରେ ଲଦି ଦିଆଯିବା ଦେଖାଯାଏ। କିନ୍ତୁ କାରଣର ଗମ୍ଭୀର ଅନୁସନ୍ଧାନ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସୁରକ୍ଷା 'କବଚ' ବ୍ୟବସ୍ଥା ସମ୍ପର୍କରେ ଅନେକ କଥା କୁହାଯାଉଛି। ଟେଲିଭିଜନ ଆଲୋଚନାରେ ସରକାରଙ୍କୁ ସମର୍ଥନ ଜଣାଇବା ପାଇଁ ଧାଡ଼ି ଲଗାଇ ଲୋକେ ବକର ବକର ହେଉଛନ୍ତି। ଅନ୍ୟପଟେ ୨୦୨୪-୨୫ ବଜେଟରେ ରେଳପଥ ଦୁର୍ଘଟଣା ରୋକିବା ପାଇଁ ଏବଂ କବଚ ବ୍ୟବସ୍ଥା ବିସ୍ତାର କରାଯିବା ସକାଶେ କୌଣସି ବିଶେଷ ବ୍ୟୟ ବରାଦ କରାଯିବାର ଉଦାହରଣ ଦେଖାଯାଉନାହିଁ। ଯେଉଁ ୧ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ତାହା କେବେ ଖର୍ଚ୍ଚ ହୋଇ ସାଧାରଣ ଯାତ୍ରୀଙ୍କୁ ତାହାର ଜୀବନ ସୁରକ୍ଷିତ ରଖିବାରେ ସଫଳ ହେବ କେହି ଜାଣିନାହାନ୍ତି।

ଉଲ୍ଲେଖଯୋଗ୍ୟ, ଭାରତୀୟ ରେଳସେବା ସମ୍ଭବତଃ ପୃଥିବୀର ସର୍ବବୃହତ୍। ଭାରତୀୟ ରେଳ ଏକ ସଫଳ ଏବଂ ଲାଭଦାୟକ ସଂସ୍ଥା, ଯାହାକୁ ବଞ୍ଚାଇ ରଖିବା ସବୁ ରାଜନୈତିକ ଦଳଙ୍କର ଦାୟିତ୍ୱ। କେବଳ କର୍ମଚାରୀଙ୍କ ଉପରେ ଦୋଷ ଲଦିଦେଇ ରାଜନୈତିକ ଲୋକ ଖସିଯିବା ଉଚିତ ନୁହେଁ। ଆଜି ଭାରତୀୟ ରେଳ ଯେଉଁ ସ୍ତରରେ ପହଞ୍ଚିଛି , ତାହା ରେଳ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସମ୍ଭବ ହୋଇଛି। କିନ୍ତୁ ନୂତନ ବୈଷୟିକ ଜ୍ଞାନକୌଶଳ (ଟେକ୍ନୋଲୋଜି) ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଲାଣି । ରାଜନୈତିକ ଚାପରେ ବିଭିନ୍ନ ନୂତନ ରେଳଗାଡ଼ି ଆରମ୍ଭ କଲାବେଳେ କର୍ମଚାରୀମାନଙ୍କର ମତ ଲୋଡ଼ାଯାଉନାହିଁ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ହୁଏତ ସେଥିପାଇଁ ଓଡ଼ିଶା, ବଙ୍ଗଳା ଏବଂ ଆନ୍ଧ୍ର ଭଳି ରାଜ୍ୟରେ ଅଧିକ ଦୁର୍ଘଟଣା ଘଟୁଛି। କାରଣ ଏହି ଅଞ୍ଚଳରେ କ୍ଷତି ଘଟାଉଥିବା ଯାତ୍ରୀବାହୀ ଗାଡ଼ି ତୁଳନାରେ ବିପୁଳ ଲାଭ କରୁଥିବା ମାଲବାହୀ ରେଳଗାଡ଼ି ଅଧିକ ଯାତାୟାତ କରୁଛି। ଅର୍ଥାତ୍ ଭାରତୀୟ ରେଳର ସର୍ବାଧିକ ଲାଭ ଏହି ଅଞ୍ଚଳରୁ ହେଉଥିବାବେଳେ ଏଠାରେ ଅର୍ଥ ବିନିଯୋଗ କରାଯାଉନାହିଁ। ଫଳସ୍ୱରୂପ, ଏହି ଅଞ୍ଚଳରେ ଅଧିକ ଦୁର୍ଘଟଣା ହେବା ସହ ଅଧିକ ମୃତ୍ୟୁ ଘଟୁଛି।

# ଓଡ଼ିଶା ବଜେଟ: ଏକ ସମୀକ୍ଷା



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ଜୁଲାଇ୨୫ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ସାମାଜିକ ସୁରକ୍ଷା, ଅନ୍ନଦାତା, ମହିଳା, ଯୁବ ଓ ଗରିବଙ୍କୁ ଗୁରୁତ୍ୱ ଦିଆଯାଇଛି ବୋଲି କୁହାଯାଇଛି। ବଜେଟରେ ପ୍ରଗତିଶୀଳ ଓଡ଼ିଶା ଗଠନ ଓ ନାରୀଶକ୍ତିର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି ସରକାରୀ ଦଳ ତରଫରୁ କୁହାଯାଇଥିଲା ବେଳେ ବିରୋଧୀ ଦଳ ତରଫରୁ ଏହା ନୈରାଶ୍ୟଜନକ ବଜେଟ ବୋଲି କୁହାଯାଇଛି। ଡବଲ ଇଞ୍ଜିନ ସରକାର ୨ଗୁଣ ନିରାଶ କରିଛି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ବଜେଟର ସବିଶେଷ ସମୀକ୍ଷାକଲେ ବାସ୍ତବ ରୂପ ଜଣାପଡ଼ିବ। ସାଧାରଣତଃ ଏକ ବଜେଟକୁ ଯେତେବେଳେ ସମୀକ୍ଷା କରାଯାଏ, ନୋମିନାଲ ବା ନାମାଙ୍କନ ମୂଲ୍ୟରେ ବା ସଂଖ୍ୟା ଦୃଷ୍ଟିରୁ କେତେ ବୃଦ୍ଧି ପାଇବ ତାହା ବିଚାର କରାଯାଏ ନାହିଁ। କାରଣ ଏହା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଇଥାଏ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ମଧ୍ୟ ବୃଦ୍ଧି ପାଏ। ଏଣୁ ଆର୍ଥିକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କେତେ ବ୍ୟୟ ଅଟକଳ ବୃଦ୍ଧି ପାଇଛି, ତାହା ସମୀକ୍ଷା ହେବା କଥା। ପୁନଶ୍ଚ ନାମାଙ୍କନ ଜିଡିପି (କରେଣ୍ଟ ମୂଲ୍ୟରେ ରାଜ୍ୟ ଜିଡିପି) ବୃଦ୍ଧି ଅନୁସାରେ ମୋଟ ବ୍ୟୟ ତଥା ବିଭିନ୍ନ କ୍ଷେତ୍ରରେ ବ୍ୟୟ, ରାଜସ୍ୱ, ଅଣ ରାଜସ୍ୱ କେତେ ବୃଦ୍ଧି ପାଇଛି ତାହାକୁ ବିଚାରକରିବା ଆବଶ୍ୟକ।

୨୦୨୩-୨୪ରେ ନାମାଙ୍କନ ଘରୋଇ ରାଜ୍ୟ ଉତ୍ପାଦ (ଜିଏସ୍‌ଡିପି)୧୨.୫% ବୃଦ୍ଧି ପାଇ ୮.୬୧ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏହା ୧୦.୫୭% ବୃଦ୍ଧି ପାଇ ୮.୩୨୭ ଲକ୍ଷ କୋଟି ଟଙ୍କା ହୋଇଛି। ବାସ୍ତବ ଜିଏସ୍‌ଡିପି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ୮ରୁ ୮. ୫% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ତାହା ୮.୪୬% ହୋଇଛି। ୨୦୨୪-୨୫ ବଜେଟରେ ବାସ୍ତବ ଅଭିବୃଦ୍ଧି ୮% ଓ ନାମାଙ୍କନ ଅଭିବୃଦ୍ଧି ୧୧.୨% ଆକଳନ କରାଯାଇଛି ଏବଂ ନାମାଙ୍କନ ଜିଏସ୍‌ଡିପି ୯.୨୬ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ନାମାଙ୍କନ ଜିଏସ୍‌ଡିପି ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ମଧ୍ୟ ବୃଦ୍ଧି ପାଏ। ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ଟଙ୍କାର ମୂଲ୍ୟ ହ୍ରାସ ପାଏ। ଅର୍ଥାତ୍ ୨୦୨୪-୨୫ରେ ବାସ୍ତବ ଅଭିବୃଦ୍ଧି କମ୍ ହେବ ଏବଂ ମୁଦ୍ରାସ୍ଫୀତି ବେଶି ହେବ। ନାମାଙ୍କନ ଅଭିବୃଦ୍ଧି ୧୧.୨% ହେବ ବୋଲି ଆକଳନ କରାଯିବା ଅର୍ଥ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ



୧୧.୨% ବୃଦ୍ଧି ପାଇବା ଉଚିତ। ଯଦି ନ ହେଲା ତେବେ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ସହ ତାଳଦେଇ ବୃଦ୍ଧି ପାଇନାହିଁ ବୋଲି ଧରିବାକୁ ହେବ। ୨୦୨୪-୨୫ ବଜେଟରେ ମୋଟ ବ୍ୟୟବରାଦ ୨.୬୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଲୋକ ସଭା ଏବଂ ଓଡ଼ିଶା ବିଧାନସଭାରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଫେବୃଆରୀରେ ତତ୍କାଳୀନ ଓଡ଼ିଶା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରାଜ୍ୟ ସରକାର ୨୦୨୪-୨୫ପାଇଁ ସମ୍ପୂର୍ଣ୍ଣ ବଜେଟ ପରିବର୍ତ୍ତେ ଏକ ୨.୫୫ ଲକ୍ଷ କୋଟି ଟଙ୍କାର ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ , ଯେଉଁଥିରେ ଭୋଟ-ଅନ୍-ଆକାଉଣ୍ଟ ବା ଲେଖାନୁଦାନ ପରିମାଣ ପ୍ରଥମ ୪ ମାସ ପାଇଁ ୧.୧୮ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୨ -୨୩ ଆର୍ଥିକ ବର୍ଷ ପାଇଁ ତତ୍କାଳୀନ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨ ଲକ୍ଷ କୋଟି ଟଙ୍କାର ଓ ୨୦୨୩-୨୪ରେ ୨ ଲକ୍ଷ ୩୦ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିଲେ। ଏହାର ଅର୍ଥ ୨୦୨୩-୨୪ ବଜେଟରେ ପୂର୍ବବର୍ଷ ତୁଳନାରେ ୧୫% ବୃଦ୍ଧି ପାଇଲା ବେଳେ ୨୦୨୪-୨୫ରେ ମଧ୍ୟ ସେହି ୧୫% ବୃଦ୍ଧି ପାଇଛି।

୨୦୨୩-୨୪ ପ୍ରଶାସନିକ ବ୍ୟୟ (ପୂର୍ବରୁ ଅଣ ଯୋଜନା ବ୍ୟୟ) ୯୪,୦୦୦ କୋଟି ଟଙ୍କା ହୋଇଥିଲାବେଳେ ଅନ୍ତରୀଣ ବଜେଟରେ ୧,୦୩, ୫୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ଏହି ବଜେଟରେ ୯୭,୭୨୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରଶାସନିକ ବ୍ୟୟ ସାଧାରଣତଃ ସମ୍ପଦ ସୃଷ୍ଟି କରେନା, କିନ୍ତୁ ନିଯୁକ୍ତି ସୃଷ୍ଟି ପାଇଁ ଆବଶ୍ୟକ ଏବଂ ପରୋକ୍ଷରେ ଆର୍ଥିକ କାର୍ଯ୍ୟକଳାପକୁ ତୀବ୍ର କରେ, ଅଭିବୃଦ୍ଧିରେ ସହାୟକ ହୁଏ। ଏହାର ଅର୍ଥ ସରକାର ବେତନ, ପେନ୍‌ସନ ,ସୁଧ ବାବଦରେ ବେଶି ବ୍ୟୟ କରିବେ ନାହିଁ। ତେଣୁ ଯେଉଁ ନିଯୁକ୍ତିର ପ୍ରତିଶ୍ରୁତି ଦେଇଛନ୍ତି, ତାହା କିପରି ସମ୍ଭବ ହେବ ? ସେହିପରି କାର୍ଯ୍ୟକ୍ରମ ବ୍ୟୟ (ପୂର୍ବରୁ ଯୋଜନା ବ୍ୟୟ) ଯାହା ୨୦୨୩ -୨୪ ବଜେଟରେ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ଏବଂ ଅନ୍ତରୀଣ ବଜେଟରେ ୧ଲକ୍ଷ ୪୦ହଜାର କୋଟି ଟଙ୍କା ଥିଲା ତାହା ଅନ୍ତରୀଣ ବଜେଟ ତୁଳନାରେ ମାତ୍ର ୧୫,୦୦୦ କୋଟି ଟଙ୍କା ବୃଦ୍ଧି ପାଇ ଏହି ବଜେଟରେ୧ ଲକ୍ଷ ୫୫ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ତାହା କିଛି ନୁହେଁ। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୨୦୨୩ -୨୪ ରେ ୩୭୦୦ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା ବେଳେ୨୦୨୪-୨୫ର ଅନ୍ତରୀଣ ବଜେଟରେ ୩୯୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଉକ୍ତ ବଜେଟରେ ତାହା ୩୯୦୦ କୋଟି ଟଙ୍କା ରହିଛି। ସେହିପରି ୨୦୨୩-୨୪ ଲୋକାଲ ବଡିଜ୍ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ (ପଞ୍ଚାୟତ ଓ ପୌରପାଳିକା) ହସ୍ତାନ୍ତର ପାଇଁ ୭୩୦୦ କୋଟି ଧାର୍ଯ୍ୟ କରାଯାଇଥିଲାବେଳେ ୨୦୨୪-୨୫ ଅନ୍ତରୀଣ ବଜେଟରେ ୭,୬୦୦ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା। ଏହା ସାମାନ୍ୟ ବୃଦ୍ଧି କରାଯାଇ ଏହି ବଜେଟରେ ୮୩୭୫ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି।

ଯଦି ବଜେଟ ବ୍ୟୟ ଅଟକଳ ନାମାଙ୍କନ ଜିଏସ୍‌ଡିପି ଅନୁସାରେ ୨୦୨୩-୨୪ରେ ଏହା ୨୭.୬୪% ହୋଇଥିଲାବେଳେ ୨୦୨୪-୨୫ରେ ପ୍ରାୟ ସମାନ ୨୮.୬୧% ଧାର୍ଯ୍ୟ କରାଯାଇଛି । ସରକାର ବିକଶିତ ଓଡ଼ିଶା କିପରି ଗଠନ କରିବେ ବୋଲି କହୁଛନ୍ତି। ଯଦି ପିଠାର ଆକାର ନ ବଢ଼ିଲା, ତେବେ ଭାଗ କେମିତି ବଢ଼ିଲା ବୋଲି କାହିଁକି କୁହାଯାଉଛି ? ଏହି ସାମାନ୍ୟ ଟିକସ ବୃଦ୍ଧି ଯୋଗୁ ନୁହେଁ, ଋଣ ଯୋଗୁ ଘଟିବ। ଋଣ - ଜିଏସ୍‌ଡିପି ଅନୁପାତ ୨୦୨୩-୨୪ରେ ୧୨.୪% ଥିଲାବେଳେ ୨୦୨୪-୨୫ରେ ୧୩.୧%କୁ ବୃଦ୍ଧି ପାଇବ। ପୁନଶ୍ଚ ଯଦି କେଉଁ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ପାଇଥିବ ବା ନୂଆ ଯୋଜନା କରାଯାଇଥିବ, ତେବେ ଆଉ କେଉଁଠି ହ୍ରାସ ପାଇଥିବ। ପୂର୍ବ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟୟବରାଦ ଯାହା ୨୪,୮୨୯ କୋଟି ଟଙ୍କା ଥିଲା ତାହା ୩୬% ବୃଦ୍ଧି ପାଇ ଏହି ବଜେଟରେ ୩୩,୯୧୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ୧୬ଟି ନୂଆ ଯୋଜନା କାର୍ଯ୍ୟକାରୀ କରାଯାଇଛି ଏବଂ କିନ୍ତୁ ନୂତନ ଯୋଜନାରେ ଯେଉଁ ବ୍ୟୟ ବରାଦ କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ ପାଣି। ଉଦାହରଣ ସ୍ୱରୂପ ବିଭିନ୍ନ ସୂତ୍ରରୁ ତଥ୍ୟ ଅନୁସାରେ ସୁଭଦ୍ରା ଯୋଜନା ପାଇଁ ୧୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ପ୍ରକୃତରେ ୬୦,୦୦୦ କୋଟି ଟଙ୍କା ଲାଗିବ। ୩୫୦୦ କୋଟି ଟଙ୍କାରେ ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବେ। କିନ୍ତୁ ପ୍ରକୃତରେ ମାତ୍ର ୩୫୦୦ କୋଟି ଟଙ୍କା ବ୍ୟୟବରାଦ କରି ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଯେଉଁ ୩୧୦୦ ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି, ସେଥି ପାଇଁ ପ୍ରକୃତରେ ୧୦,୦୦୦ କୋଟି ଟଙ୍କା ଲାଗିବ।

ମୋ:୯୪୩୭୨୦୮୭୬୨

# ପ୍ରଜନନକ୍ଷମ ବୟସସୀମା କମୁଛି



ଡା. ଶୁଭଶ୍ରୀ ମିଶ୍ର

ଆଜିର ସମୟରେ ମହିଳାମାନଙ୍କର ସନ୍ତାନ ପ୍ରସବ ହାର ବା ଇଂଲିଶରେ ଯାହାକୁ ଟୋଟାଲ ଫର୍ଟିଲିଟି ରେଟ୍ ବା ଟିଏଫ୍‌ଆର୍‌ର ଭବିଷ୍ୟତକୁ ନେଇ ବିଶ୍ୱସ୍ତରୀୟ ଚିକିତ୍ସା ବିଜ୍ଞାନ ପତ୍ରିକା ଦି ଲାନ୍‌ସେଟ୍‌ର ତଥ୍ୟ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତର ଟୋଟାଲ ଫର୍ଟିଲିଟି ରେଟ୍ ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦ ହେବାକୁ ଯାଉଛି ବୋଲି ଆନୁମାନିକ ତଥ୍ୟ ରହିଛି। ଦି ଲାନ୍‌ସେଟ୍‌ରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାଶିଂଟନ ସ୍କୁଲ ଅଫ ମେଡିସିନର ଇନ୍‌ଷ୍ଟିଚ୍ୟୁଟ ଅଫ ହେଲଥ୍ ମେଟ୍ରିକ୍‌ସ ଆଣ୍ଡ ଇଭାଲୁଏଶନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁ (ଲାଇଭ ବାର୍ଥ)ଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷ୍ଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି। ଟୋଟାଲ ଫର୍ଟିଲିଟି ରେଟ୍ ହେଉଛି ପ୍ରଜନନକ୍ଷମ ବୟସ ସୀମା, ଯାହା ୧୫-୪୯ ବର୍ଷ ମଧ୍ୟରେ, ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତତିଙ୍କ ହାରାହାରି ସଂଖ୍ୟା ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟୋଟାଲ ଫର୍ଟିଲିଟି ରେଟ୍ ହେଉଛି ୨.୧, ଯାହାକୁ ରିପ୍ଲେସମେଣ୍ଟ ରେଟ୍ ରୂପେ ବୁଝାଯାଇଥାଏ। ଦି ଲାନ୍‌ସେଟ୍‌ର ତଥ୍ୟ ମଧ୍ୟ ଏହା ଉଲ୍ଲେଖ କରିଛି ଭାରତର ଟୋଟାଲ ଫର୍ଟିଲିଟି ରେଟ୍ ୨୦୨୧ରେ ଏହି ପ୍ରତିସ୍ଥାପନ ହାରଠାରୁ କମ୍ ହୋଇସାରିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନ୍‌ଏଫ୍‌ଏଚ୍‌ଏସ୍ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫ୍‌ଆର୍ ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫ୍‌ଆର୍‌ରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବିତ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ



ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ଲାଗି ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛନ୍ତି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫ୍‌ଆର୍ ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ୍ ହୋଇଯାଇ ହୋଇଛି ୨.୨୩, ତା' ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନ୍‌ଏଫ୍‌ଏଚ୍‌ଏସ୍-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫ୍‌ଆର୍‌ରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନ ଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତତୋଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮।

ବିଶ୍ୱର ବିଶେଷକରି ଅନଗ୍ରସର ଛୋଟ ଦେଶମାନଙ୍କ ପାଇଁ ଟୋଟାଲ ଫର୍ଟିଲିଟି ରେଟ୍ ହ୍ରାସ ପାଇବା ନାନା ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ସବୁଠାରୁ ବଡ଼ ପ୍ରଭାବ ପଡ଼ିଥାଏ ଦେଶର ଶ୍ରମ ଶକ୍ତି ଉପରେ। କାରଣ ଏହି କାରଣ ପାଇଁ ଦେଶର ନିୟମିତ ଓ ନିର୍ଭରଶୀଳ ଶ୍ରମଶକ୍ତି ସଂକୁଚିତ ହୋଇଯିବାରୁ ଏହାକୁ ପରିପୂରଣ ନିମନ୍ତେ ବାହାର ଶ୍ରମିକଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏହି କାରଣରୁ ବର୍ତ୍ତମାନ ବିଶେଷକରି ୟୁରୋପର ଅନେକ ଦେଶରେ ସାମାଜିକ ଓ ଅସ୍ଥିରତା ସୃଷ୍ଟି କରିଥାଏ। ପୂର୍ବ ଏସିଆର ଦକ୍ଷିଣ କୋରିଆ ଓ ଜାପାନ ପରି ଅଭିବୃଦ୍ଧି ସମ୍ପନ୍ନ ଉନ୍ନତ ଦେଶରେ ଜନସଂଖ୍ୟା ସଂକୋଚନଜନିତ ଏକ ବିରାଟ ସଙ୍କଟକୁ ସାମ୍ନା କଲାଣି। କାରଣ ଟୋଟାଲ ଫର୍ଟିଲିଟି ରେଟ୍‌ରେ ଅଳମବିଲୋମ ହେଲେ ଏହା ଜନସଂଖ୍ୟାର ପେଣ୍ଡୁଲମକୁ ଓଲଟାଇ ଦେବ। ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ିଙ୍କଠାରୁ ବୃଦ୍ଧା ବୃଦ୍ଧଙ୍କ ସଂଖ୍ୟା ଢେର ଆଗରେ ରହିବ। ସାମାଜିକ ଚିତ୍ରରେ ମଧ୍ୟ ଏହା ଉଲ୍ଲେଖନୀୟ ଏହି ଯୁବକ ଯୁବତୀମାନେ ଯେଉଁମାନେ କି ଦେଶ, ସମାଜ ଓ ପରିବାରର ଉତ୍ପାଦନଶୀଳତାକୁ ବଢ଼ାଇଥାନ୍ତି କିନ୍ତୁ ବୃଦ୍ଧାବୃଦ୍ଧମାନେ ନିର୍ଭର କରିଥାନ୍ତି। ସମୟ ବଢ଼ିବା ସହ ଏହି ନିର୍ଭରଶୀଳତାର ଅନୁପାତ ବଢ଼ିଲେ ଏକ ସାମାଜିକ ବିଷମ ପରିସ୍ଥିତି ସୃଷ୍ଟି କରିବ। କେବଳ ଯେ ଛୋଟିଆ ଦେଶମାନେ ଏହି ସଙ୍କଟକୁ ସାମ୍ନା କରୁଛନ୍ତି ତାହା ନୁହେଁ। ଚାଇନାରେ ମଧ୍ୟ ଏହି ସଙ୍କଟ ଆରମ୍ଭ ହେଲାଣି। ପୂର୍ବର ଏକ ସନ୍ତାନ ନୀତିକୁ ବର୍ତ୍ତମାନ ସରକାର ବଦଳାଇ ଥିଲେ ମଧ୍ୟ ଅନେକ ଦମ୍ପତି ଏକାଧିକ ସନ୍ତାନ ଜନ୍ମ ନିମନ୍ତେ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଦ୍ୱାରା ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରି ଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟୋଟାଲ ଫର୍ଟିଲିଟି ରେଟ୍ ଏଭଳି ବିଚ୍ୟୁତି ଘଟିବା ଦେଖାଯାଇଛି।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, କଟକ**

## ଏଇ ଭାରତରେ

କାଠରେ ନିଖୁଣ ମୂର୍ତ୍ତି ଖୋଦେଇକରି ବିଶ୍ୱରେ ସୁଖ୍ୟାତି ପାଇଛନ୍ତି କଶ୍ମୀରର ମହମ୍ମଦ ୟୁସୁଫ ମୁରାନ। ଏମିତି କି ତାଙ୍କ ଦ୍ୱାରା ନିର୍ମିତ ଜିନିଷ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଛି। ବଡ଼ କଥା ହେଉଛି ମୁରାନ ଜଣେ ମୂକ ଓ ବଧିର। ରହୁଛନ୍ତି କେନ୍ଦ୍ରୀୟ କଶ୍ମୀରର ବଡ଼ଗାଁଓରେ। ତାଙ୍କୁ ଏବେ ବୟସ ୫୭। ଏହି କଳା ସେ ପ୍ରଥମେ ପିତା ଓ ପରେ ବଡ଼ଭାଇଙ୍କଠାରୁ ଶିକ୍ଷା କରିଛନ୍ତି। କାଠ ତିଆରି କଶ୍ମୀର ହୁକାର ଦାମ ୮୦,୦୦୦ ଟଙ୍କା ରହିବାବେଳେ ସେଣ୍ଟ ଜର୍ଜ ଅଫ୍ ଲିଡା ତିଆରି କରିବା ଲାଗି ୫ ବର୍ଷ ଲାଗିଛି ଓ ଏହାର ମୂଲ୍ୟ ରହିଛି ୬.୫ ଲକ୍ଷ ଟଙ୍କା। ୨୦୦ ବର୍ଷ ହେଲା ପିଢ଼ି ପରେ ପିଢ଼ି ତାଙ୍କ ପରିବାର ଏହି କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ମୁରାନ ଏହି କଳାକୁ ବର୍ତ୍ତମାନ ଏକ ଭିନ୍ନ ସ୍ତରରେ ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ଜୁଲାଇ ୧୯୭୫

- କେନ୍ଦ୍ର ସରକାରଙ୍କ ଜାହଜ ଚଳାଚଳ ଓ ପରିବହନ ବିଭାଗ ପକ୍ଷରୁ ଗୋପାଳପୁର ବନ୍ଦର ଉନ୍ନୟନ ଲାଗି ୧୫ ଲକ୍ଷ ଟଙ୍କା ମଞ୍ଜୁର।
- ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମିର୍ କାଶିମ ରାଜ୍ୟସଭାର ସଦସ୍ୟ ରୂପେ ଶପଥ ଗ୍ରହଣ କରିଛନ୍ତି।
- ସ୍ୱାଧୀନତା ଲାଭ କରିଥିବା କମରୋ ଦ୍ୱୀପପୁଞ୍ଜକୁ ଭାରତର ସ୍ୱୀକୃତି ପ୍ରଦାନ।

## ଚିରନ୍ତନୀ

ସ୍ଫଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସି
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶୀ।
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | |
| | 5 | | | | 1 | | | |
| | | | | 9 | 3 | | 4 | 7 |
| 9 | | 1 | | | | | 6 | 4 |
| | 8 | | | | | 2 | | |
| 3 | | | 4 | | | | | |
| | 3 | | | | | 6 | | |
| | | 8 | | 6 | | | | 1 |
| 7 | | | | | 8 | | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 4 | 8 | 6 | 7 | 1 | 5 |
| 1 | 7 | 6 | 3 | 5 | 9 | 2 | 8 | 4 |
| 4 | 8 | 5 | 7 | 2 | 1 | 3 | 9 | 6 |
| 6 | 4 | 1 | 8 | 3 | 7 | 9 | 5 | 2 |
| 5 | 3 | 2 | 9 | 1 | 4 | 6 | 7 | 8 |
| 8 | 9 | 7 | 2 | 6 | 5 | 4 | 3 | 1 |
| 9 | 5 | 3 | 6 | 4 | 8 | 1 | 2 | 7 |
| 2 | 6 | 8 | 1 | 7 | 3 | 5 | 4 | 9 |
| 7 | 1 | 4 | 5 | 9 | 2 | 8 | 6 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜସ୍ୱ ବ୍ୟୟ ହ୍ରାସ କରାଯାଉ

ମହାଶୟ,
ଓଡ଼ିଶା ସରକାର ୨୦୨୪- ୨୫ ଆର୍ଥିକ ବର୍ଷ ପାଇଁ ପ୍ରାୟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ସରକାରଙ୍କ ରାଜସ୍ୱ ବ୍ୟୟ ବାବଦକୁ ବଜେଟର ୬୨.୫୬ % ଅର୍ଥାତ ପ୍ରାୟ ୧ ଲକ୍ଷ ୬୬ ହଜାର କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ଫଳତଃ, ରାଜ୍ୟ ସରକାରଙ୍କ ଯୋଜନା ବ୍ୟୟ ହ୍ରାସ ହେଉଛି। ରାଜ୍ୟ ସରକାରୀ କର୍ମଚାରୀଙ୍କ ଦରମା, ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ, ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାଗୁଡ଼ିକୁ ଦିଆଯାଉଥିବା ଅନୁଦାନ, ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଗସ୍ତ ଖର୍ଚ୍ଚ, ସରକାର ଦେଉଥିବା ବିଭିନ୍ନ ପ୍ରକାରର ସବସିଡି, ସରକାରଙ୍କ ଋଣର ସୁଧ ଓ ସରକାରୀ ବିଜ୍ଞାପନ ଇତ୍ୟାଦି ବାବଦକୁ କରାଯାଉଥିବା ସମସ୍ତ ଖର୍ଚ୍ଚ ସରକାରଙ୍କ ରାଜସ୍ୱ ବ୍ୟୟ ପରିସରଭୁକ୍ତ । ଏଥିପାଇଁ ସରକାର ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୪୪ ହଜାର କୋଟି ଟଙ୍କାର ଋଣ କରିବେ। ଫଳରେ ରାଜ୍ୟର ଋଣଭାର ୧ ଲକ୍ଷ ୩୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ମୁଣ୍ଡପିଛା ଋଣଭାର ପ୍ରାୟ ୩୦ ହଜାର ଟଙ୍କା ହେବ। ସୁତରାଂ, ଓଡ଼ିଶା ସରକାର ଅନାବଶ୍ୟକ ଯୋଜନାମାନ ବନ୍ଦ କରିଦେବା ଉଚିତ। ଧନୀଦରିଦ୍ର ନିର୍ବିଶେଷରେ ଲୋକଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀ କରିବା ଉଚିତ ନୁହେଁ। ସରକାର ରାଜ୍ୟ ଓ ରାଜ୍ୟବାସୀଙ୍କ ହିତ ଓ ବିକାଶ ନିମନ୍ତେ ଯଥାସମ୍ଭବ ନିଜ ରାଜସ୍ୱ ବ୍ୟୟକୁ ହ୍ରାସ କରନ୍ତୁ ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏନ୍‌ଜିଟି ମାଗିଲେ ଡଙ୍କାରୀ ରିପୋର୍ଟ

## ପାହାଡ଼ ଧସି ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା

### ୪ ସପ୍ତାହରେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ଯାଜପୁର/ଧର୍ମଶାଳା, ୩୦।୭(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)

ଗତ ୭ ବର୍ଷ ମଧ୍ୟରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବିଭିନ୍ନ କଳାପଥର ଖାଦାନ ଓ କ୍ରଶରରେ ୪୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇସାରିଛି। ସେଥିମଧ୍ୟରୁ ୧୫।୫।୨୦୨୪ରେ ଡଙ୍କାରୀ ପାହାଡ଼ ଧସି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ୟୁଥ ୟୁନାଇଟେଡ ଫର୍ ସଷ୍ଟେନେବୁଲ ଆନର୍ଭାମେଣ୍ଟ ଟ୍ରଷ୍ଟ ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଗଠିତ ଖଣ୍ଡପୀଠ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଏକ୍ସପର୍ଟମେମ୍ବର ଅରୁଣ କୁମାର ବର୍ମା ୨୯।୭।୨୦୨୪ରେ ଶୁଣାଣି କରି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଧର୍ମଶାଳା ତହସିଲ ଅଞ୍ଚଳର କଳାପଥର ଖାଦାନଗୁଡ଼ିକରେ ୨୦୧୭ରେ ୧୦ ଜଣ, ୨୦୧୮ରେ ୧୪ ଜଣ ଓ ୨୦୨୩-୨୪ରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତେବେ ଡଙ୍କାରୀ ପାହାଡ଼ ଧସି ଶ୍ରମିକଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଚହଳ ପକାଇଥିଲା। ଡଙ୍କାରୀ ପାହାଡ଼ର ଖାତା ନମ୍ବର ୪୬୫ରେ ପ୍ଲଟ୍ ନମ୍ବର ୧୨୮(ପି) ଓ ୪୫(ପି)ର ୪ ଏକର ଜମିରେ କଳାପଥର ଉତ୍ତୋଳନ ପାଇଁ ଲିଜ୍‌ଧାରୀ ନାରାୟଣ ରାଉତଙ୍କୁ ଅନୁମତି ମିଳିଥିଲା। ଏହାବାଦ୍ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ଉପଯୁକ୍ତ ଭାବେ ନିରୀକ୍ଷଣ ନ କରି ୧୮।୪।୨୦୨୪ରେ କନ୍‌ସେଣ୍ଟ ଟୁ ଅପରେଟ(ସିଟିଓ) ପ୍ରଦାନ କରାଯାଇଥିଲା। ଲିଜ୍‌ଧାରୀ ଅନୁମତିଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ କରିବା ସହ ବ୍ଲାଷ୍ଟିଂ, ଓଭରଲୋଡ ଗାଡ଼ି ପରିବହନ ଯୋଗୁ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଅତ୍ୟଧିକ ବାୟୁ ପ୍ରଦୂଷଣ ସୃଷ୍ଟି ହେଉଥିଲା। ଏହାବାଦ୍ ଏହି ଖାଦାନ ନିକଟରେ ଥିବା ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏଥିଯୋଗୁ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ମର୍ମରେ କ୍ଷୁଦ୍ରଜଳସେଚନ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ୩୧।୮।୨୦୧୮ରେ ଧର୍ମଶାଳା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହି କଳାପଥର ଖାଦାନରେ ମାଇନିଂ ପ୍ଲାନ ଏବଂ ଏସ୍‌ପିସିବିର ନିବନ୍ଧନ(ଟର୍ମ ଏଣ୍ଡ କଣ୍ଡିଶନ) ପାଳନ ହୋଇନାହିଁ। ଏହାସହ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି (ଡିଜିଏମ୍‌ଏସ୍)ର ଗାଇଡ୍ ଲାଇନ ଏଠାରେ କାର୍ଯ୍ୟକାରୀ ହେଉନାହିଁ। କଳାପଥର ପରିବହନ ଯୋଗୁ ରାସ୍ତା କ୍ଷତିଗ୍ରସ୍ତ ହେଉଥିଲେ ହେଁ ପୂର୍ତ୍ତ ବିଭାଗ ଆଖି ବୁଜି ଦେଇଛି। ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଲକ୍ଷ୍ୟ ରହୁଥିବାରୁ ସରକାରଙ୍କ ଉପରୋକ୍ତ ଆଇନକାନୁନ ସବୁ ଫସର ଫାଟୁଛି। ଫଳରେ କଳାପଥର ଉତ୍ତୋଳନ ସମୟରେ ଅଘଟଣ ଘଟି ବର୍ଷକୁ ପ୍ରାୟ ୫ ରୁ ୧୦ ଜଣ ଶ୍ରମିକଙ୍କ ଜୀବନ ଯାଉଛି। ଏନେଇ ସଂପୃକ୍ତ ପ୍ରଶାସନିକ ଅଧିକାରୀ ପ୍ରଭାବୀ ଢଙ୍ଗରେ ପଦକ୍ଷେପ ନେଇ ପାରୁ ନ ଥିବାରୁ ଦୁର୍ଘଟଣାଗୁଡ଼ିକ ନିୟନ୍ତ୍ରଣ ହେବା ସ୍ଥଳେ ଆହୁରି ବଢ଼ିବାରେ ଲାଗିଛି, ଯାହାର ଏକ ବଡ଼ ଉଦାହରଣ ଡଙ୍କାରୀ ପାହାଡ଼ରେ ଦେଖିବାକୁ ମିଳିଛି।

ଏନେଇ ଅଭିଯୋଗକାରୀ ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସମେତ ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏସ୍‌ପିସିବିର ସଦସ୍ୟ ସଚିବ, ଷ୍ଟେଟ ଆନର୍ଭାମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟିର ସଦସ୍ୟ ସଚିବ, ପାଣିକୋଇଲି ଆର୍ ଏଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଯାଜପୁର ରୋଡ଼ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ, ଯାଜପୁର ଏସ୍‌ପି, କ୍ଷୁଦ୍ର ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି, ଜଙ୍ଗଲ ବିଭାଗର ଡେପୁଟି ଡାଇରେକ୍ଟର ଓ ଲିଜ୍‌ଧାରୀ ନାରାୟଣ ରାଉତଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହି ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରୁଥିବାବେଳେ ୧୩।୯।୨୦୨୪ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ ହୋଇଛି।



ଡଙ୍କାରୀ ପାହାଡ଼

# ୭ ଜିଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୩୦।୭ (ଅନୁରାଧା ମହାରଣା)

ରାଜ୍ୟରେ ବୁଧବାରଠାରୁ ବର୍ଷାର ପରିମାଣ ବଢ଼ିବା ସହ ଆଗାମୀ ୪ଦିନ ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୩ଦିନ ପର୍ଯ୍ୟନ୍ତ କେତେକ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ୭ଟି ଜିଲାରେ ବୁଧବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକ ମଧ୍ୟରେ କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୋଳ ଓ କେନ୍ଦୁଝର ଆଦି ଜିଲା ରହିଛି। ଏଥିସହ ୧୨ଟି ଜିଲାକୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ଉକ୍ତ ଜିଲାଗୁଡ଼ିକ ମଧ୍ୟରେ ଦେବଗଡ଼, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ ଏବଂ ମାଲକାନଗିରି ଜିଲା ରହିଛି। ସେହିପରି ଗୁରୁବାର ୧୬ଟି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସେଥିମଧ୍ୟରୁ ୫ଟି ଜିଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଥିବାବେଳେ ଆସନ୍ତା ୩୧ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଉତ୍ତର ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ। ମଙ୍ଗଳବାର ମାଲକାନଗିରିରେ ସର୍ବାଧିକ ୧୧.୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିବାବେଳେ ବାରିପଦାରେ ୧୧.୦ ମିମି, କେନ୍ଦ୍ରାପଡ଼ାରେ ୮.୪ ମିମି ଓ ପାରାଦୀପରେ ୮.୨ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ରହିଛି।

## ପ୍ରଶିକ୍ଷଣ ଦ୍ୱାରା ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୭ (ସୁନିତ୍ ମିଶ୍ର)

ଜାତୀୟ ଆପ୍ରେଣ୍ଟିଶିପ୍ ପ୍ରଶିକ୍ଷଣ ଯୋଜନା ଯୁବପିଢ଼ିଙ୍କୁ ଆପ୍ରେଣ୍ଟିଶିପ୍ ସୁଯୋଗ ସହିତ ଯୋଡ଼ିବା ସହ ଚାକିରି ପ୍ରଶିକ୍ଷଣ ପ୍ରଦାନ କରିବା ତଥା ସେମାନଙ୍କୁ ଅଧିକ ରୋଜଗାରକ୍ଷମ କରିବାରେ ବେଶ୍ ସହାୟକ ହେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ୍ ପ୍ରଶିକ୍ଷଣ ଯୋଜନା ୨.୦ ପୋର୍ଟାଲର ଶୁଭାରମ୍ଭ ସହ ଡିବିଟି ମାଧ୍ୟମରେ ଛାତ୍ରବୃତ୍ତି ଆକାରରେ ୧୦୦ କୋଟି ଟଙ୍କା ଜାରି କରିଛନ୍ତି। ନିଯୁକ୍ତି ସୁଯୋଗକୁ ଗତି ଦେବା ସହ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ଦିଗରେ ଏହି ପୋର୍ଟାଲର ଶୁଭାରମ୍ଭ ହୋଇଛି। ଏହି ପୋର୍ଟାଲ ଆପ୍ରେଣ୍ଟିଶିପ୍ ସୁଯୋଗକୁ ବ୍ୟାପକ କରିବ। ପ୍ରାର୍ଥୀ ଏବଂ ନିଯୁକ୍ତିଦାତାଙ୍କୁ ମ୍ୟାଚ୍ ମେକିଂ କରିବାରେ ସାହାଯ୍ୟ କରିବ।

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏକ ପ୍ରାଥମିକ ପ୍ରୟାସ: ମନ୍ତ୍ରୀ

ଭୁବନେଶ୍ୱର, ୩୦।୭ (ସୁନିତ୍ ମିଶ୍ର)

ବିଶୁଦ୍ଧ ପାନୀୟ ଜଳ ମଣିଷର ମୌଳିକ ଆବଶ୍ୟକତା। ତେଣୁ ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ହେଉଛି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଲକ୍ଷ୍ୟ। ବିକଶିତ ଓଡ଼ିଶା ଗଠନ ଦିଗରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକ୍ରିୟା ଏକ ପ୍ରାଥମିକ ପ୍ରୟାସ ବୋଲି ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ମତପ୍ରକାଶ କରିଛନ୍ତି। ଭୁବନେଶ୍ୱର ଏସ୍‌ଆଇଆର୍‌ଡି କ୍ୟାମ୍ପସ୍ଥିତ ଏମ୍‌ଜିଏନ୍‌ଆର୍‌ଇଜିଏ ସମ୍ମିଳନୀ କକ୍ଷରେ ଆୟୋଜିତ ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ନାଏକ ଅଧ୍ୟକ୍ଷତା କରି କହିଛନ୍ତି, ରାଜ୍ୟର ବିଭିନ୍ନ ଜିଲାରେ ଚାଲିଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବା ଦରକାର। ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟରେ ୩୫,୧୯୩ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୭ ପ୍ରକଳ୍ପ ନିର୍ମାଣାଧୀନ ଅଛି।

## କାଉଡ଼ିଆଙ୍କ ମୃତଦେହ ନେଇ ଯାଉଥିବା ଆମ୍ବୁଲାନ୍ସକୁ ଅଟକାଇଲା ପୋଲିସ

କୋରାପୁଟ,୩୦।୭ (ଅମିତାଭ ବେହେରା)

ଶ୍ରାବଣ ଦ୍ୱିତୀୟ ସୋମବାରରେ ପାଣି ଢାଳି ଫେରିଲା ବେଳେ ଜଣେ କାଉଡିଆଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳର ସୁକେଶ ଦୀପ(୨୧)। ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳର ୧୪ ଜଣ କାଉଡ଼ିଆ ପାଣି ଢାଳିବା ପାଇଁ ଗୁପ୍ତେଶ୍ୱର ଆସିଥିଲେ। ସେମାନେ ପାଣି ଢାଳି ଗୋଟିଏ ଗାଡ଼ିରେ ମାଛକୁଣ୍ଡ ଓ କୋଲାବ ବୁଲି ଫେରିବା ସମୟରେ ବାଟରେ ସୁକେଶ ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହକୁ ମେଡିକାଲରୁ ଏକ ଆମ୍ବୁଲାନ୍ସ ଯୋଗେ ସାଥିରେ ଆସିଥିବା ଅନ୍ୟ କାଉଡ଼ିଆମାନେ ବରପାଲିକୁ ନେଇଯାଉଥିଲେ। ଆମ୍ବୁଲାନ୍ସରେ ଯାଉଥିବା ସମୟରେ ନବରଙ୍ଗପୁର ପାଖରେ ଡ୍ରାଇଭରଙ୍କୁ ପୋଲିସ ଫୋନ କରି ମୃତଦେହ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଫେରାଇ ଆଣିବାକୁ କହିଥିଲେ।

# ୧୩୦ କିଲୋମିଟର ବେଗରେ ଗଡ଼ିବ ଟ୍ରେନ୍

■ ୭୫.୦୧ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୩୦।୭ (ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧା ରୋଡ୍-ପୁରୀ ରେଳ ସେକ୍ସନରେ ଟ୍ରେନ୍‌ର ବେଗ ବୃଦ୍ଧି ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ନିରାପତ୍ତା ପାଇଁ ରେଳଧାରଣା କଡ଼ରେ ବାଡ଼ ଦେବାକୁ ଯୋଜନା ହୋଇଛି। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୭୫.୦୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାଦ୍ୱାରା ଏହି ମାର୍ଗରେ ଘଣ୍ଟା ପ୍ରତି ୧୩୦ କିଲୋମିଟର ଏବଂ ତା'ଠାରୁ ଅଧିକ ବେଗରେ ଟ୍ରେନ ନିରାପଦ ଚଳାଚଳ କରିପାରିବ। ବର୍ତ୍ତମାନର ଯୋଜନାରେ ରେଳ ଜମିର ସୀମାନ୍ତରେ ଫେନ୍‌ସିଂ ନିର୍ମାଣ ଅନ୍ତର୍ଭୁକ୍ତ ଥିବାବେଳେ ପ୍ରକୃତ ଦୂରତା ସହିତ ଜୋନାଲ ରେଳ କର୍ତ୍ତୃପକ୍ଷଙ୍କ ସ୍ଥାନିତ ସ୍ଥିତି, ରକ୍ଷଣାବେକ୍ଷଣ ଆବଶ୍ୟକତା, ମଲ୍ଟି ଟ୍ରାକିଂ କାର୍ଯ୍ୟ, ଅପରାଧ ସ୍ତର ଏବଂ ପ୍ରସ୍ତାବିତ ବାଡ଼ର ସାମଗ୍ରିକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ। ଏହି ପଦକ୍ଷେପ ଲେଭଲ କ୍ରସିଂ, ଫ୍ଲାଏଓଭର, ଉପମାର୍ଗ, ବ୍ରିଜ ଏବଂ ପ୍ରବେଶ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଟ୍ରାକ୍ ପ୍ରବେଶକୁ ସିଲ୍ କରିବାକୁ ଲକ୍ଷ୍ୟ ରଖିଛି। ଏହାବ୍ୟତୀତ ରେଳ ଟ୍ରାକ୍ ନିକଟରେ ବିଚରଣ କରୁଥିବା ଗୃହପାଳିତ ପ୍ରାଣୀ ରେଳ ଲାଇନରେ ପ୍ରବେଶ କରିପାରିବେ ନାହିଁ। ଏହାଦ୍ୱାରା ଯାତାୟାତ ସୁଗମ ହେବା ସହ ପ୍ରାଣୀଙ୍କ ଜୀବନ ନଷ୍ଟ ହେବ ନାହିଁ। ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକ ସଭାରେ ସୂଚନା ଦେଇ କହିଥିଲେ ଯେ, ୧୧୦ କିଲୋମିଟରରୁ ୧୩୦ କିଲୋମିଟର ବେଗରେ ବନ୍ଦେ ଭାରତ ଟ୍ରେନ ଚଳାଚଳକୁ ସୁଗମ କରିବା ପାଇଁ ଅଣସୁରକ୍ଷିତ ସ୍ଥାନରେ ସୁରକ୍ଷା ବାଡ଼ କୌଶଳ ପ୍ରୟୋଗ କରାଯିବ।

# ସଚିବ ଶାଶ୍ୱତ ମିଶ୍ରଙ୍କୁ ରାଜଭବନରେ ବିଦାୟ ସମ୍ବର୍ଦ୍ଧନା



ସଚିବ ଶାଶ୍ୱତ ମିଶ୍ରଙ୍କୁ ରାଜ୍ୟପାଳ ରଘୁବର ଦାସ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି।

ଭୁବନେଶ୍ୱର, ୩୦।୭ (ଅସମାପିକା ସାହୁ)

ରାଜଭବନଠାରେ ମଙ୍ଗଳବାର ବିଦାୟୀ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହିତ ନବନିଯୁକ୍ତ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତଙ୍କୁ ସ୍ୱାଗତ କରାଯାଇଛି। ରାଜଭବନର କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି ନୂଆ ଦାୟିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅର୍ଥ ଓ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ମିଶ୍ର ରାଜ୍ୟ ପ୍ରଗତିରେ ଉଲ୍ଲେଖନୀୟ ଭୂମିକା ନିଭାଇବେ ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି। ରାଜ୍ୟପାଳ ନବନିଯୁକ୍ତ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତଙ୍କୁମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
SECURITY GUARD REQUIRED
ଭୁବନେଶ୍ୱର ପାଇଁ।
ରହିବା, ଖାଇବା ସୁବିଧା ଅଛି।
Contact: 8917662664
7008723791

ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ।
ଦରମା: ୧୦,୦୦୦/- ଏବଂ ରହିବା ଓ ଖାଇବା ମାଗଣା।
ଯୋଗାଯୋଗ: 7809525452

See Career Appointment on every Wednesday & Saturday

ସ୍ପାରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀଲୋକ ଆବଶ୍ୟକ
ରହିବା, ଖାଇବାର ସୁବିଧା ଅଛି।
ଦରମା- ୧୫,୦୦୦/-।
ଯୋଗାଯୋଗ:
7077262523
8598937906

WALK-IN-INTERVIEW
We are hiring Technicians and Riggers for Telecom Tower Operation under Technocon Services
Dated: - 27th July to 3rd Aug 2024
❖at Reliance Jio Centre Gandhi chowk, *Jeypore, Koraput
❖at Reliance Jio office Angan Complex, Khaliguda, *Rayagada.
Qualification for Technician:- ITI/ Diploma with min. 2yrs. of experience/ Freshers may applied.
For Rigger: - 10+2/ ITI
Salary: - As per company standards and Negotiable
Contacts:- 7381020291 / 6289500133

IN THE COURT OF THE SR. CIVIL JUDGE - CUM - P.O., COMMERCIAL COURT CUTTACK

Civil Suit No.94 of 2020 III.

Andhra Bank (Now Union Bank of India)
Mangalabag Branch, Cuttack ...Plaintiff
- Versus -
D. Pawan Kumar & another ...Defendants

Def. - 2: D. Nageswar Rao, S/o Late D.C. Rao, resident of Plot No.: 184/2239, Sikharpur, P.S.: Madhupatna, Town/Dist.: Cuttack - 753003, 9437251111 (M),

SUMMON BY PAPER PUBLICATION
(Under Order -5, Rule-20 (1-A) of the Code of Civil Procedure).

Take notice that, the plaintiff has instituted the above suit before the Hon'ble Court, for a decree of Rs.6,30,389/- with interest against the defendants along with other relief. The above mentioned defendants are therefore, directed to appear before this Hon'ble Court, in person or through Counsel or duly authorized agent, in support of your defense to show cause within 30 days from the publication or on 20.08.2024 at 10.00 a.m., as to why reliefs prayed for, should not be granted.

Take notice that in case of default, the suit will be heard and determined in your absence.

Given under my hand Seal of this Hon'ble Court on this 01.07.2024.

Sd/- JUDGE
SR. CIVIL JUDGE (COMMERCIAL COURT)
CUTTACK

IN THE COURT OF THE SR. CIVIL JUDGE - CUM - P.O., COMMERCIAL COURT CUTTACK

Civil Suit No.93 of 2020 III.

Andhra Bank (Now Union Bank of India)
Mangalabag Branch, Cuttack ...Plaintiff
- Versus -
M/s. Graphics Mantras & another ...Defendants

Def. 1: M/s. Graphics Mantras, Prop.: Mr. Sushruta Mohapatra, At: Sarala Market Complex, Shop No.: 6 & 7, Near ABM Tower, Kalyaninagar, P.O./P.S.: Madhupatna, Town/Dist.: Cuttack-753013.
Def. 2: Mr. Sushruta Mohapatra, S/o.: Late Giridhari Rana, resident of Nayachouk, P.O./P.S.: Madhupatna, Town/Dist.: Cuttack - 753010

SUMMON BY PAPER PUBLICATION
(Under Order -5, Rule-20 (1-A) of the Code of Civil Procedure)

Take notice that, the plaintiff has instituted the above suit before the Hon'ble Court, for a decree of Rs.15,54,727/- with interest against the defendants along with other relief. The above mentioned defendants are therefore, directed to appear before this Hon'ble Court, in person or through Counsel or duly authorized agent, in support of your defense to show cause within 30 days from the publication or on 21.08.2024 at 10.00 a.m., as to why reliefs prayed for, should not be granted.

Take notice that in case of default, the suit will be heard and determined in your absence.

Given under my hand Seal of this Hon'ble Court on this 04.07.2024.

Sd/- JUDGE
SR. CIVIL JUDGE (COMMERCIAL COURT)
CUTTACK

MCL
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5215

ଡାକ ବିଭାଗ (ସିଭିଲ ୱିଙ୍ଗ୍)
ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୩/ସିଡିବି/୨୦୨୪-୨୫ (ଦ୍ୱିତୀୟ କଲ୍)। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ଶ୍ରେଣୀଗୃହ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ । ଅଟକଳ ମୂଲ୍ୟ: ଟ.୫୯,୯୭,୬୧୭.୦୦ । ଅମାନତ ରାଶି: ଟ.୧,୧୯,୯୫୨.୦୦ । ସମାପ୍ତି ଅବଧି: ୧୯୫ (ଏକଶହ ପଞ୍ଚାନବେ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୨।୦୮।୨୦୨୪ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://eprocure.gov.in/eprocure/appରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

IN THE COURT OF THE SR. CIVIL JUDGE - CUM - P.O., COMMERCIAL COURT CUTTACK

Civil Suit No.95 of 2020 III.

Andhra Bank (Now Union Bank of India)
Mangalabag Branch, Cuttack ...Plaintiff
- Versus -
M/s. Suresh Pharma & another ...Defendants

Def. 1: M/s. Suresh Pharma, Prop.: Mr. Tophan Badhei, At: Plot No.: 1308, Holding No. 139, Ward No.22, Bania Sahi, P.O.- Buxi Bazar, P.S.- Mangalabag, Town/Dist.: Cuttack-753001
Def. 2: Mr. Tophan Badhei, S/o.: Suresh Badhei, At: Machhua Bazar, P.O.: Buxi Bazar, P.S.: Mangalabag, Town/Dist.: Cuttack- 753001.

SUMMON BY PAPER PUBLICATION
(Under Order -5, Rule-20 (1-A) of the Code of Civil Procedure)

Take notice that, the plaintiff has instituted the above suit before the Hon'ble Court, for a decree of Rs.6,21,053/- with interest against the defendants along with other relief. The above mentioned defendants are therefore, directed to appear before this Hon'ble Court, in person or through Counsel or duly authorized agent, in support of your defense to show cause within 30 days from the publication or on 16.08.2024 at 10.00 a.m., as to why reliefs prayed for, should not be granted.

Take notice that in case of default, the suit will be heard and determined in your absence.

Given under my hand Seal of this Hon'ble Court on this 01.07.2024.

Sd/- JUDGE
SR. CIVIL JUDGE (COMMERCIAL COURT)
CUTTACK

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
(MINISTRY OF SOCIAL JUSTICE & EMPOWERMENT, DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN), GOVT. OF INDIA)
Olatpur, P.O: Bairoi, Dist- Cuttack-754010 (Odisha)
Tel. 0671-2805347, Mob: 9438568953, 9040365694, 9937755426, Website: https://svnirtar.nic.in
E-Mail : dislisvnirtar@gmail.com

ADMISSION NOTICE

Applications are invited from the eligible candidates in the prescribed form for admission into:
"Diploma in Indian Sign Language Interpretation" (D.I.S.L.I.)-2024-25

ELIGIBILITY
For admission: A Candidate should have:
(a) Senior Secondary (10+2) or equivalent with minimum 50% marks
(b) Functional hands (c) Fluency in at least one language
(d) Hearing in the normal range
(The reservation and relaxation for SC/ST/OBC/PWD and other categories shall be as per the rules of the Central Government/ State Government, whichever is applicable)

Mode of Admission
Through Entrance Examination

DURATION OF THE COURSE: 02 Years

Date of available of Application Form in website : 31.07.2024
Closing date of Receipt of Application form : 20.08.2024 (05.00 PM)

- The Course fee will be waived off for UDID card holder PwD students and parents or sibling of persons with disability.
- Each Student will be paid stipend of Rs 2000/- PM for 10 months per year, for duration of 2 years.

For more details log on to https://svnirtar.nic.in.

Sd/-
DIRECTOR

TP SOUTHERN ODISHA DISTRIBUTION LIMITED
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010

NOTICE INVITING TENDER
Dt.: 31.07.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | PO for SITC of Network Link Load Balancer for DC and DR with 07 Years Warranty and Support | TPSODL/OT/2024-25/026 | 2,00,000 | 5,000 | 10.08.2024; 18:00 Hrs. |
| 2 | Rate contract for installation of Metering units, DP-structure & it's associated works for feeder metering at TPSODL. | TPSODL/OT/2024-25/028 | 2,00,000 | 5,000 | 10.08.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୭।୨୦୨୪

| | |
|---|---|
| ୩,୧୭,୩୪୭ ଟଙ୍କା | |
| ସୁନା | ୧୨.୮୫୦ ଗ୍ରାମ୍ |
| ରୁପା | ୮୭.୧୫୦ ଗ୍ରାମ୍ |

# ଦଇତାପତି ନିଯୋଗର ନାପସନ୍ଦ, ନୋଟିସ ପ୍ରତ୍ୟାହାର ଦାବି

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

### ଦଇତାପତି ସେବକଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ

ବାହୁଡ଼ା ଯାତ୍ରା ଦିନ ମା' ସୁଭଦ୍ରାଙ୍କ ରଥ ଉପରକୁ ଅନଧିକୃତ ବ୍ୟକ୍ତିଙ୍କୁ ଚଢ଼ାଇବା ଘଟଣାରେ ଜଣେ ଦଇତାପତି ସେବକଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆଗାମୀ ୭ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯିବା ସହ ବୃତ୍ତାନ୍ତ ନିଷ୍ପତ୍ତି ନ ହେବାଯାଏ ସମ୍ପୃକ୍ତ ସେବକଙ୍କ ପ୍ରାପ୍ୟ ପାଉଣା ସ୍ଥଗିତ ରଖିବାକୁ ଦଇତା ନିଯୋଗ ସମ୍ପାଦକଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଥିବା ଗଣମାଧ୍ୟମରୁ ଜଣାପଡ଼ିଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନକୁ ଦଇତାପତି ନିଯୋଗ ସମ୍ପାଦକ ଓ ବରିଷ୍ଠ ଦଇତାପତି ସେବକ ନାପସନ୍ଦ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ନୋଟିସ ଫେରସ୍ତ ନେଇ ନିଯୋଗର ସଭାପତି ଓ ସମ୍ପାଦକଙ୍କ ସହ ଆଲୋଚନା କରାଯାଉ ବୋଲି ମତବ୍ୟକ୍ତ କରି କହିଛନ୍ତି।

ନୋଟିସ ସମ୍ପର୍କରେ ସୂଚନା ପ୍ରଦାନ କରି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାର ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ତଥା ସମସ୍ତଙ୍କ ସହଯୋଗରେ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଦୀର୍ଘ ୫୩ ବର୍ଷ ପରେ ଚଳିତବର୍ଷ ପଡ଼ିଥିବା ବିରଳ ରଥଯାତ୍ରାକୁ ଶୃଙ୍ଖଳିତ କରିବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ଶ୍ରୀବିଗ୍ରହଙ୍କ ପହଣ୍ଡି ସମ୍ପନ୍ନ ହୋଇ ଉକ୍ତଦିନ ତିନିରଥ ଟଣା ହୋଇଥିଲା। ଦଇତାପତି ସେବକମାନେ ଦିନରାତି ପରିଶ୍ରମ କରି ମହାପ୍ରଭୁଙ୍କ ସେବା କରିଛନ୍ତି। ନୋଟିସ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ହସ୍ତଗତ ହୋଇନାହିଁ। ଅପରପକ୍ଷରେ ସହାୟକମାନେ ରଥ ଉପରକୁ ଯିବେ ବୋଲି ରଥଯାତ୍ରା ପୂର୍ବରୁ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ, ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ଠାକୁର ରଥରେ ବିଜେ ହେବା ପରେ ରଥ ଶୋଧ ବେଳେ ରଥ ତଳକୁ ଓହ୍ଲାଇ ଆସିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ବାହୁଡା ଦିନ ଠାକୁର ରଥ ଉପରକୁ ଆସି ନଥିଲେ କି ଶୋଧ ହୋଇ ନ ଥିଲା। ଉକ୍ତ ସମୟରେ ସମ୍ପୃକ୍ତ ସହାୟକ ଜଣଙ୍କ ରଥ ଉପରେ ଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ତାଙ୍କୁ ତଳକୁ ଆସିବାକୁ କହିବା ମାତ୍ରେ ସେ ତଳକୁ ଚାଲି ଆସିଥିଲେ। ତେବେ ଏପରି ଛୋଟ ଘଟଣାକୁ ଅତିରଞ୍ଜିତ କରି ନୋଟିସ କରିବା ଓ ପ୍ରାପ୍ୟ ପାଉଣା ରୋକ କରିବାକୁ ଚିଠି କରିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ଦାସମହାପାତ୍ର କହିଛନ୍ତି। ସେହିଭଳି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ପ୍ରଶାସନ ଏପରି ନୋଟିସ ପ୍ରଦାନ କରିବା ଦୁଃଖର ବିଷୟ। ଚଳିତ ବର୍ଷ ବିରଳ ରଥଯାତ୍ରାକୁ ସଫଳ କରିବା ନିମନ୍ତେ ଦଇତାପତି ସେବକଙ୍କ ଅକ୍ଳାନ୍ତ ପରିଶ୍ରମ ରହିଥିଲା। ଅନ୍ୟ ସମସ୍ତ ସେବାୟତମାନଙ୍କ ସହଯୋଗ ମଧ୍ୟ ରହିଥିଲା। ତେବେ ଆଜି ନୁହେଁ କେଉଁ କାଳରୁ ଦଇତାପତିଙ୍କୁ ସହାୟତା କରିବା ନିମନ୍ତେ ସହାୟକ ରହିଥାନ୍ତି। ତେଣୁ ପ୍ରଶାସନ ସହାୟକ ପାସ୍ ଦେଇଥାଏ। ତେବେ ଯେଉଁ ବ୍ୟକ୍ତିଙ୍କୁ ପ୍ରଶାସକ ରଥ ଉପରୁ କାଢିଲେ ସେ ସହାୟକ ପାସ୍ ନେଇ ରଥ ଉପରକୁ ଯାଇଥିଲେ। ସେ ଜଣେ ମହାପ୍ରଭୁଙ୍କ ଭକ୍ତ। ଯେଉଁ ସମୟରେ ମହାପ୍ରଭୁଙ୍କ ନୀତି ନିମନ୍ତେ କସ୍ତୁରୀ ମିଳୁନାହିଁ, ସେ ସମୟରେ ଉକ୍ତ ସହାୟକ ଜଣଙ୍କ ଟଙ୍କା ଖର୍ଚ୍ଚ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କସ୍ତୁରୀ ଆଣି ପ୍ରଦାନ କରିଥିଲେ। ତେବେ ମୁଖ୍ୟ ପ୍ରଶାସକ ତାଙ୍କୁ ଯେଉଁଭଳି ଭାବରେ ରଥ ଉପରୁ କାଢିଲେ ତାହା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ଅଟେ। ତେବେ ମୁଖ୍ୟ ପ୍ରଶାସକ ତାଙ୍କର କାର୍ଯ୍ୟ କରିଥିବାରୁ ନିଯୋଗ ପକ୍ଷରୁ କୌଣସି ବିରୋଧ କରାଯାଇ ନ ଥିଲା। ମାତ୍ର ରଥଯାତ୍ରା ପରେ ଏପରି ନିଯୋଗକୁ ପ୍ରଶାସନ ପକ୍ଷରୁ ନୋଟିସ ପ୍ରଦାନ କରାଯିବା ଅତ୍ୟନ୍ତ ଦୁଃଖଦ ବିଷୟ। ତେଣୁ ପ୍ରଶାସନ ତୁରନ୍ତ ନୋଟିସ ପ୍ରତ୍ୟାହାର କରାଯାଉ ବୋଲି ଦାସ ମହାପାତ୍ର କହିଛନ୍ତି।



ପୁରୀ ବେଳାଭୂମିରେ ଆବର୍ଜନା ଜମି ରହିଛି ।

# ପେଟ୍ରୋଲ ପମ୍ପରେ ଅଗ୍ନିକାଣ୍ଡ



ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରୁଛନ୍ତି ।

ନିମାପଡ଼ା, ୩୦।୭(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଜୟଶ୍ରୀ ଛକସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପରେ ମଙ୍ଗଳବାର ସନ୍ଧ୍ୟାରେ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି। ପେଟ୍ରୋଲ ପମ୍ପରେ ଥିବା ଏସ୍‌ଏଲପି କେବୁଲ, କେବୁଲ ଚାମ୍ବର ଫାଟିଯାଇଥିବାରୁ ପ୍ରବଳ ଶବ୍ଦ ହେବାରୁ ପମ୍ପରେ କାର୍ଯ୍ୟରତ କର୍ମଚାରୀ, ଗ୍ରାହକ, ସ୍ଥାନୀୟ ଲୋକ ଭୟଭୀତ ହୋଇ ପେଟ୍ରୋଲ ପମ୍ପ ଛାଡ଼ି ଏଣେତେଣେ ପଳାଇଥିଲେ। ଖବରପାଇ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ କେବୁଲ ଶର୍ଟ ହୋଇ ଏଭଳି ଅଘଟଣ ଘଟିଛି ବୋଲି ପେଟ୍ରୋଲ ପମ୍ପ କର୍ମଚାରୀ ନବ କିଶୋର ମହାନ୍ତି, ସ୍ମୃତିରଞ୍ଜନ ଆଚାର୍ଯ୍ୟ କହିଛନ୍ତି। ଅଗ୍ନିକାଣ୍ଡର ପରିସ୍ଥିତି ଆୟତ୍ତାଧୀନ ରହିଥିବା ଓ ନିଆଁ ଲିଭାଯାଇଥିବା ଅଗ୍ନିଶମ କର୍ମଚାରୀ ସରୋଜକାନ୍ତ ସାହୁ କହିଛନ୍ତି। ନିମାପଡ଼ାରେ ଥିବା ସମସ୍ତ ପେଟ୍ରୋଲ ପମ୍ପର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୈନିକ ଯାଞ୍ଚ କରାଯିବା ଦିଗରେ ବିଭାଗୀୟ ଅଧିକାରୀ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏହି ଘଟଣାକୁ ନେଇ ଅନ୍ୟ ପେଟ୍ରୋଲ ପମ୍ପଗୁଡ଼ିକ କିଛି ଘଣ୍ଟା ଧରି ବନ୍ଦ ରହିଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ସ୍ୱେଚ୍ଛାସେବୀ ସଂଗଠନ 'ଏସିଏସ୍ କମିଟି' ଗଠିତ

ଅସ୍ତରଙ୍ଗ,୩୦।୭(ମମତା ଜେନା)

କାକଟପୁର ବ୍ଲକ ଭଣ୍ଡାଘର ପଞ୍ଚାୟତ ଖାନପୁର ଗ୍ରାମର ଯୁବକମାନେ 'ଏସିଏସ୍ କମିଟି' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢିଛନ୍ତି। ଗ୍ରାମ୍ୟ କମିଟି ସଭାପତି ସବୀର ଅହମ୍ମଦ, ଯୁବ ବ୍ୟବସାୟୀ ସୋହେଲ ଖାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାର ମୂଳ ଲକ୍ଷ୍ୟ ଗ୍ରାମର ଦଳିତ ଅବହେଳିତ ସ୍ୱାମୀ ପରିତ୍ୟକ୍ତା ଅସହାୟା ମହିଳା, ଥାନା, କୋର୍ଟ, କଚେରି ପ୍ରଶାସନିକ ଅଧିକାରୀଙ୍କଠାରୁ ନ୍ୟାୟ ପାଇବା ସହିତ ସେମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ବଞ୍ଚିବାର ଆନନ୍ଦ ଅନୁଭବ କରିବେ, ଏହା କମିଟି ସହଯୋଗ କରିବ ବୋଲି କମିଟି ସଭାପତି ମୁନ୍ ସଫ ଖାନ ଜଣାଇଛନ୍ତି। ଏହା 'ଜନତା କି ଅଦାଲତ' ଭାବରେ କାମ କରିବ ବୋଲି ସମ୍ପାଦକ ରିହାନ ଅଲ୍ଲୀ, କୋଷାଧ୍ୟକ୍ଷ ଓସିମ୍ ଖାନ୍, ଜଣାଇଛନ୍ତି। କମିଟିରେ ଏଜାଜ୍, ବୁଲୁ, ସଲ୍ଲ, ଉଦ୍ଦୀନ, ହାପିଜ୍ ମିଂନାହାଜ, ଅମଜାଦ, ସାବୀର, ମୋଜାହିଦ୍, ମେହେବୁବ, ନିୟାଜ ଉଦ୍ଦିନ, ଶେର, ମୁସ୍ତାକ, ରାଜା, ଫିରୋଜ, କଲାମ, ସୋବନ୍, ନାକା, ହମିଦ୍, ଚାନ୍ଦୁ, ରିଆଜ, ଅର୍ବାଜ୍ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଅଛନ୍ତି।

### ଅସରାଏ ବର୍ଷାରେ ରାସ୍ତା ବେହାଲ

ବଲଙ୍ଗା,୩୦।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ପଞ୍ଚାୟତ ଚକବଲଙ୍ଗା ଗ୍ରାମ ରାସ୍ତାଟି ଅସରାଏ ବର୍ଷାରେ ଶୋଚନୀୟ ହୋଇପଡୁଛି। ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ରାସ୍ତା ନିର୍ମାଣରେ ଖର୍ଚ୍ଚ ହେଉଥିଲେ ମଧ୍ୟ ବଲଙ୍ଗାସ୍ଥିତ ଚନ୍ଦନପୁର ଶାଖା କେନାଲ ଦେଇ ଚକବଲଙ୍ଗା ଗ୍ରାମ ପର୍ଯ୍ୟନ୍ତ ୧ କି.ମି. ରାସ୍ତାରେ ଦୈନିକ ଛୋଟ ଗାଡ଼ିଠାରୁ ଭାରିଯାନ ଚଳାଚଳ ଅସମ୍ଭବ ହୋଇପଡୁଛି। ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପଟେ ସ୍କୁଲ କଲେଜ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନଙ୍କୁ ପଚାରିବାରେ, ଏ ରାସ୍ତା ସମସ୍ୟା ବିଷୟରେ ଅବଗତ ଅଛୁ। ତୁରନ୍ତ ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ପୁରୀ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ପୁରୀ ରୋଟାରୀ କ୍ଲବର ୫୬ତମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏମ୍ପାୟାର୍ସ ହୋଟେଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ବିଦାୟୀ ସଭାପତି ସନ୍ତୋଷ ଲେଙ୍କାଙ୍କଠାରୁ କୃଷ୍ଣଚନ୍ଦ୍ର ପାତ୍ର ଏବଂ ବିଦାୟୀ ସମ୍ପାଦକ କେଦାରନାଥ ଚୌଧୁରୀଙ୍କଠାରୁ ଶୈଳେଶ ବେହେରା ଚଳିତବର୍ଷ ପାଇଁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ପ୍ରାକ୍ତନ ଗଭର୍ନର ଶାନ୍ତନୁ କୁମାର ପାଣି ଓ ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଡ ଗଭର୍ନର ପ୍ରଫେସର ଡ. ଗଙ୍ଗାଧର ମିଶ୍ର ଯୋଗଦେଇଥିଲେ। କ୍ଲବର ପ୍ରାକ୍ତନ ସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଦାୟୀ ସଭାପତି ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରି ବିଗତ ବର୍ଷର ସହଯୋଗ ପାଇଁ ରୋଟାରିଆନ୍‌ମାନଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପାଣିଙ୍କ ଦ୍ୱାରା କ୍ଲବର ନୂତନ ସଦସ୍ୟା ଡା. ଶୀତଲ କୋଟନୀ ଓ ନୂତନ ସଦସ୍ୟ ଭାବେ ତାଙ୍କ ସ୍ୱାମୀ ଜୟଜଗଦୀଶ ପାତ୍ରଙ୍କୁ ଗ୍ରହଣ କରାଯାଇଥିଲା। ଉତ୍ସବର ସମ୍ମାନ ଓ ସମ୍ବର୍ଦ୍ଧନା ପର୍ବରେ କ୍ଲବ ପକ୍ଷରୁ ଗତ ୩ ବର୍ଷ ଧରି ରୋଟାରୀ କମ୍ୟୁନିଟି ପରିସରରେ ନିୟମିତ ଭାବେ ଚାଲି ଆସୁଥିବା ଚକ୍ଷୁ ଯତ୍ନ କେନ୍ଦ୍ରର ପ୍ରମୁଖ ସହଯୋଗୀ କଟକସ୍ଥ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସଭାପତି ରୋଟାରିଆନ୍ ଦେବାଶିଷ ପଣ୍ଡାଙ୍କ ସମେତ ଚକ୍ଷୁ ବିଶେଷଜ୍ଞ ଓ ଷ୍ଟାଫ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ରଥଯାତ୍ରା ସମୟରେ ପଲ୍ଲିଶ୍ରୀ ମେଳା ପରିସରରେ ୯ ଦିନ ଧରି ଆୟୋଜିତ ଚକ୍ଷୁ ପରୀକ୍ଷା ଶିବିର ସହଯୋଗୀ ପୁରୀ ଫାର୍ମାସ୍ୟୁଟିକାଲ ସାଇନ୍ସ କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପ୍ରାକ୍ତନ ସଭାପତି ଦେବୀପ୍ରସନ୍ନ ନନ୍ଦ ଓ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ କ୍ଲବ ମୁଖପତ୍ର 'ନୀଳଚକ୍ର'ର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ପ୍ରାକ୍ତନ ସଭାପତି ବିଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ମୁଖପତ୍ର 'ନୀଳଚକ୍ର' ଉନ୍ମୋଚନ କରୁଛନ୍ତି ।

# ପୋଲିସକୁ ଆକ୍ରମଣ କରି ଜଣେ ଗିରଫ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ପୋଲିସ କର୍ମଚାରୀଙ୍କୁ ମରଣାତ୍ମକ ଆକ୍ରମଣ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଡ଼ିଶାଗଦା ଥାନା ଅଧୀନ ନୂଆଗାଁର ରଘୁ ରତ୍ନାକର ଗୁଡ଼ିଆ ସାହୁ (୫୩)। ପୋଲିସ ରଘୁଙ୍କ ନିକଟରୁ ଗୋଟିଏ ଛୁରି ଜବତ କରିଛି। ଏନେଇ ସିଂହଦ୍ୱାର ଥାନା ପୋଲିସ ୭୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୁବାସ ଚନ୍ଦ୍ର ବିଶୋଇ ପୁରୀରେ ଓଏସ୍‌ଏପି ଭାବେ ପୁରୀରେ ନିୟୋଜିତ ରହଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ରଥ ନିକଟରେ ଡ୍ୟୁଟି କରୁଥିବା ସମୟରେ ରଘୁ ରଥ ନିକଟକୁ ଆସିଥିଲେ। ତେବେ କୌଣସି କଥାକୁ ନେଇ ସୁବାସ ରଘୁଙ୍କୁ ବାରଣ କରିଥିଲେ। ଏହାକୁ ନେଇ ସେ ରାଗିଯାଇ ଏକ ଛୁରିରେ ସୁବାସଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୁବାଷଙ୍କ ଓଠରେ ଆଘାତ ଲାଗିଥିଲା। ସେଠାରେ ଥିବା ଅନ୍ୟ ପୋଲିସ ରଘୁଙ୍କୁ କାବୁ କରିଥିଲେ।

# ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଦିନିକିଆ ଶିବିର

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ବିବେକାନନ୍ଦ ଯୁବ ଶକ୍ତି ସଙ୍ଗଠନ ଓ ବିବେକାନନ୍ଦ କେନ୍ଦ୍ର ପୁରୀର ମିଳିତ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ଦିନିକିଆ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସନ୍ତୋଷ ମହାନ୍ତି, ପ୍ରଫେସର ବାସୁଦେବ ଛାଟୋଇ ଯୋଗଦେଇ ଏହି ପରବେଶ ସୁରକ୍ଷା ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ମନୋଜ ତ୍ରିପାଠୀ, ଡ. ପ୍ରଦୀପ ନାୟକ ପାୱାର ପଏଣ୍ଟ ମାଧ୍ୟମରେ କ୍ଲାଇମେଟ ଚେଞ୍ଜ ଉପରେ ଗବେଷଣାତ୍ମକ ଟ୍ରେନିଂ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଡ. ମନୋଜ ସାମନ୍ତରାୟ, ପ୍ରାକ୍ତନ ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ସର୍ବୋଦୟ ନେତ୍ରୀ ଜ୍ୟୋତ୍ସ୍ନା ନାୟକ, ରସାସୁଷମା ସାହୁ, କନ୍ୟାକୁମାରୀରୁ ଆସିଥିବା କାଞ୍ଚନ ପାର୍ଥ, ମ୍ୟାନେଜର ଅଜୟ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ପରିବେଶବିତ୍ ଜଗନ୍ନାଥ ବସ୍ତିଆ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ବୃକ୍ଷର ମହାନ୍ ଆବଶ୍ୟକ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଚନ୍ଦନ ବାରିକ୍, ରାଜେଶ ଭୋଇ, ନିଲୁ ବାରିକ, ସନ୍ତୋଷ ସାହୁ, ସତ୍ୟସୁନ୍ଦର ଦାସ, ନିମାପଡ଼ାର ଶଶୀଶେଖର ପଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନୁଷ୍ଠାନ ସଭାପତି ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ପରିଚାଳନା କରିଥିଲେ। ଅନ୍ନପୂର୍ଣ୍ଣା ରଥ ଧନ୍ୟବାଦ ଦେଇଥିଲେ।




ଶିବିରରେ ମଞ୍ଚାସୀନ ଅତିଥି ।

# ମହିଳା କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଗିରଫ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ସଫେଇ କର୍ମଚାରୀଙ୍କୁ ଅସଦାଚରଣ ଓ ଆକ୍ରମଣ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲୋକନାଥ ରୋଡ଼ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ବୃନ୍ଦାବନ ନଗରର ବୈଷ୍ଣବ ପୁରୀ ଓରଫ ଟି. ତମ୍ଭୁନାଥ ସୁବୁଦ୍ଧି। ପୋଲିସ ଆକ୍ରମଣରେ ବ୍ୟବହାର ହୋଇଥିବା ପଥର ଜବତ କରିବା ସହ ୭୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀ ସିଂହଦ୍ୱାର ସମ୍ମୁଖରେ ସଫେଇ କରୁଥିବାବେଳେ ବୈଷ୍ଣବ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆସଦାଚରଣ କରିଥିଲେ। ଏଥିରେ ମହିଳା କର୍ମଚାରୀ ପ୍ରତିବାଦ କରିବାରୁ ବୈଷ୍ଣବ ସେମାନଙ୍କୁ ପଥରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଛି।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ ବିଚାରବର୍ଗ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ ବିଚାରବର୍ଗ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲା ସଂଯୋଜକ ବିଶ୍ୱନାଥ ପଣ୍ଡା ଏଥିରେ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ସତ୍ରରେ ମୁଖ୍ୟ ଅତିଥି ଭାବେ ପ୍ରସନ୍ନ ମିଶ୍ର, ସମ୍ମାନିତ ଅତିଥି ଭାବେ ଗୀତାଶ୍ରୀ ଦେବୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମଞ୍ଚର ଓଡ଼ିଶା ପୂର୍ବପ୍ରାନ୍ତର ସହ ସଂଯୋଜକ ପ୍ରସନ୍ନ ଛୋଟରାୟ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।ମୁଖ୍ୟବକ୍ତା ଛୋଟରାୟ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସ୍ୱାବଲମ୍ବନ ବିଚାର ଉପରେ ବିଶଦ ଆଲୋଚନା କରିଥିଲେ। ଉଦ୍ୟମୀଙ୍କ ମଧ୍ୟରେ ଦୀପକ ସାହୁ ନିଜ ସ୍ୱାବଲମ୍ବନ ଯାତ୍ରାର ସମ୍ୟକ ଅନୁଭବ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ସତ୍ରରେ ଓଡ଼ିଶା ପୂର୍ବପ୍ରାନ୍ତର ମହିଳା ପ୍ରମୁଖ ଲକ୍ଷ୍ମୀପ୍ରିୟା ସାହୁ ମନ୍ଦିର ଅର୍ଥନୀତି ଉପରେ ବିଶଦ ଆଲୋଚନା କରିଥିଲେ। ପୁରୀ ବିଭାଗ ସଂଯୋଜକ ପ୍ରଶାନ୍ତ କୁମାର ଭୂଆଁ ସ୍ୱାବଲମ୍ବନ ଜିଲା ଉପରେ ନିଜ ମତ ରଖିଥିଲେ। ସେହିପରି ତୃତୀୟ ସତ୍ରରେ ସେବା ଭାରତୀୟ ଓଡ଼ିଶା ପ୍ରାନ୍ତ ସଂଗଠକ ମନ୍ତ୍ରୀ କୈଳାସ ଜେନା ପାରମ୍ପରିକ ବୃତ୍ତି ଉପରେ ବେଶର ଅର୍ଥନୀତି କିପରି ପ୍ରଭାବିତ ହେଉଛି, ସେନେଇ ଆଲୋଚନା କରିଥିଲେ। ନଗର ସଂଯୋଜକ ଶଂକର୍ଷଣ ରାଉତ ଧନ୍ୟବାଦ ଦେଇଥିଲେ। ବ୍ୟବସ୍ଥା ପ୍ରମୁଖ ଉପେନ୍ଦ୍ର ବିଶୋଇ, ମଞ୍ଜୁଲତା ସ୍ୱାଇଁ, ସବିତା ବିଶୋଇ, ପୂର୍ଣ୍ଣଚନ୍ଦ୍ର ଦାସ, ସଞ୍ଜୟ ମହାନ୍ତି, ବିଚିତ୍ରା ରଞ୍ଜନ ସାହୁ, ଜଗନ୍ନାଥ ଷଡ଼ଙ୍ଗୀ, ତରୁଣାଦିତ୍ୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ସ୍ୱଦେଶୀ ବିଚାରବର୍ଗରେ ଉପସ୍ଥିତ ଅତିଥି ।

# ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କୋଠରିକୁ ନେଇ ବଢୁଛି ଚର୍ଚ୍ଚା

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୪୬ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଛି। ରତ୍ନଭଣ୍ଡାର ଭିତରେ ଗୁପ୍ତ ସୁଡ଼ଙ୍ଗ ତଥା ଗୁପ୍ତଭଣ୍ଡାର ଥିବା ନେଇ ସେବାୟତଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଆଲୋଚନା ହେଉଥିଲା। ତେଣୁ ଲୋକମାନଙ୍କ ମନରେ ଥିବା ସନ୍ଦେହକୁ ଦୃଷ୍ଟିରେ ରଖି ଭିତର ରତ୍ନଭଣ୍ଡାର ମରାମତି ପୂର୍ବରୁ ଅତ୍ୟାଧୁନିକ ବୈଷୟିକ ପଦ୍ଧତିରେ ଯାଞ୍ଚ କରାଯିବାକୁ ରତ୍ନଭଣ୍ଡାର ତଦାରଖ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସୋମବାର ବୈଠକ ପରେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ସୂଚନା ଦେଇଥିଲେ। କମିଟିର ଅଧ୍ୟକ୍ଷ ରଥଙ୍କ ପ୍ରତିକ୍ରିୟା ପରେ ଗୁପ୍ତ ସୁଡ଼ଙ୍ଗକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। ଏନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରତ୍ନଭଣ୍ଡାର ଭିତରେ ଗୁପ୍ତ ସୁଡ଼ଙ୍ଗ ରହିଛି କି ନାହିଁ ସେନେଇ ଲେଜର ସ୍କାନିଂ କରାଯିବ ଓ ଜିପିଆରଏସ୍ କରାଯିବ ବୋଲି କୁହାଯାଇଛି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ରତ୍ନଭଣ୍ଡାର ଭିତରେ ଗୁପ୍ତସୁଡ଼ଙ୍ଗ ଓ କୋଠରି ନିଶ୍ଚିନ୍ତ ଭାବରେ ରହିଛି। ତେଣୁ ଏହାର ଯାଞ୍ଚ କରାଯାଇ ରତ୍ନଅଳଙ୍କାର ଚୋରି ହୋଇଛି କି ନାହିଁ ସେନେଇ ସୂଚନା ପ୍ରଦାନ କରାଯାଉ। ଏଥିସହିତ ଏହାର ସିବିଆଇ ତଦନ୍ତ କରିବାକୁ ସୁପାରିସ କରାଯାଉ। ସେହିପରି ୧୯୭୨, ୭୩ ମସିହାରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର କଢ଼ାଯାଇ ମା' ମହାଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଉକ୍ତ ମୂର୍ତ୍ତିକୁ ପୁନଃ କଢ଼ାଯାଇ ପୂଜା କରାଯାଉ ବୋଲି ପଟ୍ଟନାୟକ ମତ ରଖିଛନ୍ତି। ସେହିଭଳି ଶ୍ରୀମନ୍ଦିରର କିଛି ବରିଷ୍ଠ ସେବାୟତଙ୍କ କହିବା ଅନୁଯାୟୀ, ଭିତର ରତ୍ନଭଣ୍ଡାର ପରିସରରେ ଗୁପ୍ତ ସୁଡ଼ଙ୍ଗ ରହିଛି। ପଥରରେ ଗୁପ୍ତ ଦ୍ୱାରର ରାସ୍ତା ରହିଛି। ତେବେ କମିଟି ସଦସ୍ୟ ଉକ୍ତ ଦ୍ୱାର ଖୋଜି ପାଉନାହନ୍ତି। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କଲେ ଏହା ଜଣାପଡିବ ବୋଲି ଆଶା କରାଯାଉଛି। ଏନେଇ ସାମାଜିକ କର୍ମୀ ଦିଲୀପ ବରାଳଙ୍କ କହିବା ଅନୁଯାୟୀ ପୂର୍ବରୁ ଅନେକ ତଦନ୍ତ କମିଶନ ବସିଛି। ତାହାର ରିପୋର୍ଟ ସାର୍ବଜନୀନ କରାଗଲା ନାହିଁ। ଅତୀତରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଜିପିଆର୍‌ଏସ୍ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ରିପୋର୍ଟ ସାର୍ବଜନୀନ କରାଗଲା ନାହିଁ। ସରକାର ସମସ୍ତ ରିପୋର୍ଟକୁ ସାର୍ବଜନୀନ କରି ଲୋକମାନଙ୍କ ସନ୍ଦେହକୁ ଦୂର କରାନ୍ତୁ। ରତ୍ନଭଣ୍ଡାର ଭିତରେ ଯଦି ଗୁପ୍ତ ସୁଡ଼ଙ୍ଗ ବା କୋଠାରି ଥିବା ନେଇ ଅନୁମାନ କରି ଜିପିଆର୍‌ଏସ୍ କରାଯିବ ତେବେ ତାହାର ରିପୋର୍ଟକୁ ସାର୍ବଜନୀନ କରାଯାଉ। ପୂର୍ବରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ଶ୍ରୀମନ୍ଦିର ଚାରିପାଖରେ ଜିପିଆରଏସ୍ କରାଯାଇଥିଲା, ତାହାର ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ କରାଗଲା ନାହିଁ। ଅପରପକ୍ଷରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କରିବା କମିଟିର ମୁଖ୍ୟ କାର୍ଯ୍ୟ। ତେଣୁ କମିଟି ରତ୍ନଅଳଙ୍କାରର ଗଣତି କରି ୧୯୭୮ ମସିହାର ରିପୋର୍ଟ ସହ ବର୍ତ୍ତମାନ ଅଳଙ୍କାର ମ୍ୟାଚ କରନ୍ତୁ ବୋଲି ବରାଳ କହିଛନ୍ତି। ସେହିପରି ପୁରୀ ବାସିନ୍ଦା ମଇନା ପାଢୀଙ୍କ କହିବା ଅନୁଯାୟୀ, ପିଲାବେଳେ ତାଙ୍କ ବାପା ଜେଜେଙ୍କଠାରୁ ଶୁଣିଛନ୍ତି ରତ୍ନଭଣ୍ଡାର ଭିତରେ ଗୁପ୍ତ ଭାବରେ ଅଳଙ୍କାର ରହିଛି। ସୁଡ଼ଙ୍ଗ ରହିଛି, ଯାହା ବିଭିନ୍ନ ମଠ ତଥା ରାଜମହଲକୁ ରାସ୍ତା ରହିଛି। ବିଦେଶୀମାନେ ଆକ୍ରମଣ କରିବା ସମୟରେ ରାଜା ଓ ସେବାୟତମାନେ ସୁଡ଼ଙ୍ଗ ଦେଇ ଗୁପ୍ତରେ ଠାକୁର ଓ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରୁଥିଲେ। ତେଣୁ ରତ୍ନଭଣ୍ଡାର ଭିତରେ ଗୁପ୍ତ ଭାବରେ କୋଠରି ଓ ସୁଡ଼ଙ୍ଗ ରହିଛି। ତେଣୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କଲେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ପାଢୀ କହିଛନ୍ତି। ବାଣିକାନ୍ତ ମଲ୍ଲିକ କହିଛନ୍ତି, ଗୁପ୍ତ ସୁଡ଼ଙ୍ଗ ଓ କୋଠରି ରହିଥାଇପାରେ। ତେଣୁ କମିଟି ଯେଉଁ ନିଷ୍ପତ୍ତି ନେଇଛି ସ୍କାନିଂ ବା ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରାଯିବ ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଗଲେ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇପାରିବ ବୋଲି ମଲ୍ଲିକ କହିଛନ୍ତି।

# ଘର ଭିତରେ ସ୍ୱେରେଜ୍ ପାଣି

## ସପ୍ତାହେ ଧରି ଦୁର୍ଦ୍ଦଶାରେ ଷ୍ଟାରସିଟି ଅଞ୍ଚଳବାସୀ

ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)



ଘରୁ ବାହାରିଲେ ସ୍ୱେରେଜ୍ ପାଣିରେ ଗୋଡ଼ ଧୋଇ ଯିବାକୁ ପଡୁଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତା' ସାଙ୍ଗକୁ ବର୍ଷାର ଦୁର୍ଦ୍ଦଶା ପାଇଁ କଲବଲ ହେଉଛନ୍ତି ୱାର୍ଡ ନଂ.୨ ଅନ୍ତର୍ଗତ ପଟିଆ ଷ୍ଟାରସିଟି ଅଞ୍ଚଳବାସୀ।

ଗତ ସପ୍ତାହେ ହେବ ଘର ପାଖରେ ଥିବା ସ୍ୱେରେଜ୍ ଟାଙ୍କିରୁ ପାଣି ଆସି ରାସ୍ତା ଉପରେ ଢେଉ ଖେଳୁଛି। କେବଳ ସେତିକି ନୁହେଁ, ସେଠାରେ ରହୁଥିବା ପ୍ରାୟ ୭/୮ ପରିବାରଙ୍କ ଘର ଭିତରେ ସ୍ୱେରେଜ୍ ପାଣି ପଶିଛି। ଅଫିସ୍ ଯିବାଠାରୁ ଆରମ୍ଭ କରି ପିଲାମାନେ ସ୍କୁଲ ଯିବା ନେଇ ସମସ୍ତେ ହଇରାଣ ହେଉଛନ୍ତି। ମାତ୍ର ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ସ୍ଥିତି ସୁଧୁରିପାରି ନାହିଁ। ଘଟଣା ନେଇ ସ୍ଥାନୀୟ ଅଧିବାସୀ ତଥା ବରିଷ୍ଠ ନାଗରିକ ଫକୀର ମୋହନ ଦାସ ବିଏମ୍‌ସି ଏବଂ ୱାଟ୍‌କୋରେ ଅଭିଯୋଗ କରିଥିଲେ। ଏପରିକି ବିଏମ୍‌ସିର ସଫା ଆପ୍‌ରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ଯାଏ ସମାଧାନର ବାଟ ବାହାରି ପାରିନାହିଁ। ଫକୀର ମୋହନ ନିଜ ସ୍ତ୍ରୀଙ୍କ ସହ ସମ୍ପୃକ୍ତ ଅଞ୍ଚଳରେ ଗତ ୧୨ ବର୍ଷ ହେବ ରହି ଆସୁଛନ୍ତି। ଘରେ ଆଉ କେହି ରହୁ ନ ଥିବାବେଳେ ଏଭଳି ଅସ୍ୱଚ୍ଛ ପରିବେଶରେ ସେମାନେ ଘରୁ ବାହାରି ପାରୁନାହାନ୍ତି। ଏପରିକି ମେଡିସିନ କିଣିବା ପାଇଁ ମଧ୍ୟ ଯାଇପାରୁ ନ ଥିବା ଫକୀରମୋହନ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପାଖରେ ନୂଆକରି ହୋଇଥିବା ଏକ ହୋଟେଲ ଓ ହଷ୍ଟେଲ୍‌ର ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସବୁ ମଇଳା ପାଣି ଆସି ସ୍ୱେରେଜ୍ ଜାମ୍ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେହିପରି ଅପରିଷ୍କାର ପାଣି ଜମିରହିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ମଧ୍ୟ ଭୟ ରହୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



ବାରଙ୍ଗ-ମୁଣ୍ଡଳୀ ବ୍ରିଜ୍‌ରେ ପ୍ରବାହିତ ବନ୍ୟାଜଳ।

# ମୁଣ୍ଡଳୀରେ ପହଞ୍ଚିଲା ଚଳିତବର୍ଷର ପ୍ରଥମ ବନ୍ୟାଜଳ

ବାରଙ୍ଗ,୩୦।୭(ଲିଙ୍ଗରାଜ ରାଉତ)

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରୁ ମହାନଦୀର ମୁଣ୍ଡଳୀ ଦେଇ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦର ଜଳସ୍ତର ବୃଦ୍ଧି ପାଇଥିବାବେଳେ ରବିବାର ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିଛନ୍ତି। ଖୋଲା ଯାଇଥିବା ୨୦ଟି ସ୍ଲୁଇସ୍ ଗେଟ ଦେଇ ଡ୍ୟାମ୍‌ରୁ ୩ ଲକ୍ଷ ୪୬ ହଜାର ୬୯୮ ଘନଫୁଟ ବନ୍ୟାଜଳ ନିଷ୍କାସନ କରାଯାଉଛି। ମଙ୍ଗଳବାର ସକାଳେ ମୁଣ୍ଡଳୀ ନିକଟସ୍ଥ ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଧୀରେଧୀରେ ମହାନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମୁଣ୍ଡଳୀଠାରେ ୨ ଲକ୍ଷ ୫୭ ହଜାର ଘନଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ବ୍ୟାରେଜର ଉପର ଭାଗରେ ଜଳସ୍ତର ୮୩. ୯୦ ଏବଂ ତଳ ଭାଗରେ ୮୦. ୬୪୦ ରହିଥିବାବେଳେ ବନ୍ୟାଜଳ ବିପଦସଙ୍କେତ ତଳେ ରହିଛି। ମଙ୍ଗଳବାର ଅପରାହ୍ନ ୪ଟା ସୁଦ୍ଧା ମୁଣ୍ଡଳୀଠାରେ ୪ ଲକ୍ଷ ୧୫ ହଜାର ଘନଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ବ୍ୟାରେଜର ଉପର ଭାଗରେ ଜଳସ୍ତର ୮୬. ୬୦ ଏବଂ ତଳ ଭାଗରେ ୮୩. ୭୦ ମିଟରରହିଥିବାବେଳେ ବନ୍ୟାଜଳ ବିପଦ ସଙ୍କେତ ତଳେ ରହିଛି। ମଙ୍ଗଳବାର ରାତି ସୁଦ୍ଧା ବନ୍ୟାଜଳ ୫ ଲକ୍ଷ ଘନଫୁଟ ପାଖାପାଖି ପହଞ୍ଚିବ ବୋଲି ଅନୁମାନ କରାଯାଉଥିବା ନେଇ ମୁଣ୍ଡଳୀ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏବେ ତଳିଆ ଅଞ୍ଚଳ ପାଇଁ କୌଣସି ବିପଦ ନ ଥିବାରୁ ଅଞ୍ଚଳବାସୀ ଆତଙ୍କିତ ନ ହେବାକୁ ମୁଣ୍ଡଳି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବନ୍ୟାଜଳ ଦେଖିବାକୁ ସକାଳୁ ସକାଳୁ ଦେଖଣାହାରିଙ୍କ ଭିଡ଼ ଆରମ୍ଭ ହୋଇଯାଇଛି।

# ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ବାରଙ୍ଗ,୩୦।୭(ଲିଙ୍ଗରାଜ ରାଉତ)

ଋଣ ପ୍ରଦାନକାରୀ ସଂସ୍ଥାର କର୍ମଚାରୀମାନେ ଷଣ୍ଢପୁର ଗ୍ରାମକୁ ଋଣ ଆଦାୟ ପାଇଁ ଆସିଥିବାବେଳେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଗୋଡ଼ିସାହି ଫାଣ୍ଡିରେ ମଙ୍ଗଳବାର ଅଭିଯୋଗ ହୋଇଛି। କର୍ମଚାରୀମାନେ ଘଟଣାସ୍ଥଳରୁ ଖସି ଗାଁ ଭିତରକୁ ଚାଲି ଆସିଥିବାରୁ ବଞ୍ଚିଯାଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଏକ ମକଦ୍ଦମା ରୁଜୁ କରିଛି। ଏଥିସହ ଆକ୍ରମଣରେ ବ୍ୟବହୃତ କୋଦାଳ, ଫାଇନାନ୍ସ କର୍ମଚାରୀଙ୍କ ଏକ ବାଇକ୍ ଜବତ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ମହାନଗର ନିଗମର ଷଣ୍ଢପୁର ଗ୍ରାମର ରାଜେନ୍ଦ୍ର ଭୋଇ(୪୪)। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଋଣ ପ୍ରଦାନକାରୀ ଫାଇନାନ୍ସ କମ୍ପାନୀର ୩ ଜଣ କର୍ମଚାରୀ ୨ଟି ବାଇକ୍‌ରେ ଷଣ୍ଢପୁର ଗ୍ରାମକୁ ଆସିଥିଲେ। ଋଣ ଟଙ୍କା ପୈଠ କରିବାରେ ଅବହେଳା କରିବାରୁ ଉକ୍ତ ୩ ଜଣ ରାଜେନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଙ୍କଠାରୁ ଟଙ୍କା ଆଦାୟ କରିବାକୁ ପହଞ୍ଚିଥିଲେ। ଏହି ସମୟରେ ରାଜେନ୍ଦ୍ର ସେଠାରେ ପହଞ୍ଚି ବକେୟା ଟଙ୍କା ଦେବାକୁ ମନା କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ୩ କର୍ମଚାରୀ ବିରୋଧ କରିଥିଲେ। ତେବେ ରାଜେନ୍ଦ୍ର ସେମାନଙ୍କ ପାଖକୁ ଆସି ଗୌରାଙ୍ଗ ଚରଣ ସାହୁ ନାମକ ଜଣେ କର୍ମଚାରୀଙ୍କ ମୋବାଇଲ ଭାଙ୍ଗି ଦେବା ସହ ପାଖରେ ଥିବା ଏକ କୋଦାଳରେ ତାଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଟେକା ପଥର ମାଡ଼ କରିବାରୁ ଭୟରେ କର୍ମଚାରୀମାନେ ଜୀବନ ବିକଳରେ ସେଠାରୁ ଗାଁ ଭିତରକୁ ଚାଲି ଆସିଥିଲେ। ପରେ ରାଜେନ୍ଦ୍ର ଗୌରାଙ୍ଗଙ୍କ ବାଇକ୍‌କୁ ନେଇଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଗୋଡି ସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନିଶାସକ୍ତ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଫାଇନାନ୍ସ କର୍ମଚାରୀ ମୁନା ଦଳେଇ ଓ ଗୌରଙ୍ଗ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ନନ୍ଦନକାନନ ମୁଖ୍ୟ ରାସ୍ତାରେ ଗର୍ତ୍ତ

ବାରଙ୍ଗ,୩୦।୭(ଲିଙ୍ଗରାଜ ରାଉତ)



ରାଜ୍ୟରେ ଆରମ୍ଭ ହୋଇଯାଇଛି ଲଘୁଚାପଜନିତ ବର୍ଷା। ଏହି ବର୍ଷାଜଳ ଠିକ୍ ଭାବେ ନିଷ୍କାସନ ହେଉ ନ ଥିବାରୁ ବର୍ଷା ସମୟରେ ରଘୁନାଥପୁର ଗ୍ରାମମୁଣ୍ଡ ନନ୍ଦନକାନନ ମୁଖ୍ୟ ରାସ୍ତାରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଫଳରେ ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣାର କାରଣ ପାଲଟିଛି। ଏହାରି ଭିତରେ ମୁଖ୍ୟରାସ୍ତାର କେତେକ ସ୍ଥାନରେ ଗର୍ତ୍ତ ହୋଇଥିବାର ଦେଖିବାକୁ ମିଳିଛି। ଏକ ସଂସ୍ଥା ଦ୍ୱାରା ନନ୍ଦନକାନନ- ଜୟଦେବ ବିହାର ମୁଖ୍ୟ ରାସ୍ତାରେ ମାଟି ତଳେ କେବୁଲ ଲାଇନ ବିଛାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାମର ଦାୟିତ୍ୱରେ ଥିବା ସଂସ୍ଥା ରାସ୍ତାକଡ଼ରେ ଗାତ କରି ଦେଇ ବିପଦସଙ୍କୁଳ ଅବସ୍ଥାରେ ଛାଡ଼ିଦେଇ ଚାଲି ଯାଇଛି। ଆଉ ଯେଉଁଠି କାର୍ଯ୍ୟ ଚାଲିଛି, ସେଠାରେ ମଧ୍ୟ ପଥଚାରୀଙ୍କ ଜାଣିବା ପାଇଁ କୌଣସି ସାଙ୍କେତିକ ଚିହ୍ନ ଲଗାଯାଇ ନାହିଁ କି ଖୋଳା ଯାଉଥିବା ସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ଆବଦ୍ଧ କରାଯାଇନାହିଁ। ଏହି ରାସ୍ତା ଏକ ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାରୁ ପ୍ରତ୍ୟହ ଶହଶହ ଗାଡ଼ିମୋଟର ଯାତାୟାତ କରୁଥିବାବେଳେ ଏଭଳି ଦାୟିତ୍ୱହୀନତା କାର୍ଯ୍ୟ ପାଇଁ ଧନଜୀବନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି।

# ଜଳବନ୍ଦୀ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)

ରାଜ୍ୟର ସମସ୍ତ ସହରୀ ଲୋକାଲ ବଡି (ୟୁଏଲ୍‌ବି)ରେ ଜଳବନ୍ଦୀ ସମସ୍ୟାର ସମାଧାନ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୌସୁମୀ ସମୟରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ତୁରନ୍ତ ସମାଧାନ ସହ ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ଆମର ପ୍ରାଥମିକତା ହେବା ଆବଶ୍ୟକ ବୋଲି ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଛନ୍ତି।



ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀ।

ଏଥିସହ ବିଭାଗ ପକ୍ଷରୁ ଜାରି ଏସ୍‌ଓପି ଅନୁଯାୟୀ ନିଆଯାଇଥିବା କାର୍ଯ୍ୟଗୁଡ଼ିକର ସେ ସମୀକ୍ଷା କରିଥିଲେ। ତୁରନ୍ତ ପ୍ରତ୍ୟେକ ୟୁଏଲ୍‌ବିରେ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରି ଜଳବନ୍ଦୀ ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତୀକରଣ, ସ୍ଥାନୀୟ ଗୋଷ୍ଠୀ ସହାୟତାରେ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବା, ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଏବଂ ମୋବାଇଲ୍ ନମ୍ବରରେ ସୂଚନା ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ମଜଭୁତ୍ କରିବା ନେଇ ମତ ପ୍ରକାଶ ପାଇଥିଲା। କୌଣସି ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଲେ ସ୍ଥାନୀୟ ଲୋକେ ତୁରନ୍ତ ବିଭାଗକୁ ଅବଗତ କରାଇବା ଆବଶ୍ୟକ। ଫଳରେ ତୁରନ୍ତ ପଦକ୍ଷେପ ନିଆଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ରାଜେଶ ପ୍ରଭାକର ପାଟିଲ, ନଗର ପ୍ରଶାସକ (ମ୍ୟୁନିସିପାଲିଟି ଆଡମିନିଷ୍ଟ୍ରେଶନ) ଦେବାଶିଷ ସିଂ, ଆଡିଶ୍‌ନାଲ ସେକ୍ରେଟାରୀ ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଆଡ଼େ ଖାଲଖମା



ଜିଜିପି-ପାଣ୍ଡରା ରୋଡ୍।



ଝାରପଡ଼ା-ଜଗନ୍ନାଥନଗର ମେନ୍‌ରୋଡ୍।



ଏସ୍‌ପ୍ଲାନେଡ-ଡିଆଇସି ଅଫିସ୍ ରୋଡ୍।



ୟୁନିଟ୍-୯ ରେଡ୍‌କ୍ରସ ପଛପଟ ରୋଡ୍।



ବମିଖାଲ ଓଭରବ୍ରିଜ୍ ତଳ ରୋଡ୍।



ଝାରପଡ଼ା ଓଭରବ୍ରିଜ୍ ତଳ ରୋଡ୍।



ଜିଜିପି କଲୋନୀ ରୋଡ୍।

# ଶିଶୁଭବନ ପରିସରରେ ଆବର୍ଜନା

କଟକ,୩୦।୭(ଶିଳ୍ପା ପ୍ରିୟଦର୍ଶିନୀ)




ମେଡିକାଲ ପରିସରରେ ଜମି ରହିଥିବା ଆବର୍ଜନା ଓ ଅପରିଷ୍କାର ପାଣି।

କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ର ବିଭିନ୍ନ ବିଭାଗ ପରିସରରେ ଆବର୍ଜନା ଜମି ରହିଛି। ଏହାଦ୍ୱାରା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହାକୁ ନେଇ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସହରରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସଫେଇକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଶିଶୁଭବନ ପରିସରରେ ଆବର୍ଜନା ଜମି ରହିଥିବା ଦେଖିବାକୁ ମିଳିଛି। ସେହିପରି କେତେକ ସ୍ଥାନରେ ଦୀର୍ଘଦିନ ହେବ ବର୍ଷାପାଣି ଜମି ରହିଥିବାବେଳେ ଆଉ କିଛି ସ୍ଥାନରେ ଗଛଡାଳ ପଡି ରହିଛି। ଏଭଳି ଅସ୍ୱାସ୍ଥ୍ୟକର ପରିବେଶରେ ଶିଶୁରୋଗୀଙ୍କ ସମ୍ପର୍କୀୟ ରହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମେଡିକାଲ ସଫେଇ ପାଇଁ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ହେଲେ କ'ଣ ପାଇଁ ସଫେଇ କରାଯାଉନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଡେଙ୍ଗୁ ଆଶଙ୍କା ଦେଖାଦେଇଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଶିଶୁଭବନ ପରିସର ଓ ସମସ୍ତ ବିଭାଗ ଦିନକୁ ୩ ଥର ସଫା କରାଯାଇଥାଏ। ଏଥିପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ୩ଟି ପର୍ଯ୍ୟାୟରେ ସଫେଇ ପାଇଁ ଉକ୍ତ ସଂସ୍ଥାର ୬୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଶିଶୁଭବନ ପରିସରରୁ ଆବର୍ଜନା କାଢି ନିକଟସ୍ଥ ସାଇବାବା ମନ୍ଦିର ପଛପାର୍ଶ୍ୱରେ ପକାଯାଇଥାଏ। ସେଠାରୁ ସିଏମ୍‌ସି ଗାଡି ତାହାକୁ ନେଇଥାଏ। ହେଲେ ଏବେ ଆବର୍ଜନା ସଫା ନ ହେବାରୁ ଶିଶୁରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରିଛି।

■ଠିକ୍ ଭାବେ ସଫା ହେଉନି
■ବର୍ଷାପାଣି ନିଷ୍କାସନ ବ୍ୟବସ୍ଥା ହେଉନି
■ରୋଗୀ ସମ୍ପର୍କୀୟଙ୍କୁ ଘାରିଛି ଡେଙ୍ଗୁ ଭୟ

ଏନେଇ ମେଡିକାଲକୁ ଆସିଥିବା ବ୍ରହ୍ମପୁର ଅଞ୍ଚଳର ମଲ୍ଲି ବଡ଼ମୁଣ୍ଡି କହିଛନ୍ତି, ଝିଅ ଦେହ ଅସୁସ୍ଥ ଥିବାରୁ ପ୍ରାୟ ୧୩ ଦିନ ହେବ ଶିଶୁଭବନ ଆଇସିୟୁରେ ଚିକିତ୍ସା ଚାଲିଛି। ଆଇସିୟୁ ବାହାରେ ଜଣେ ସମ୍ପର୍କୀୟଙ୍କୁ ରହିବାକୁ ଅନୁମତି ମିଳିଛି। ହେଲେ ଅଧା ସମୟ ସେଠାରେ ନ ରହିବାକୁ ମେଡିକାଲ ପକ୍ଷରୁ କୁହାଯାଉଛି। ଫଳରେ ରାତିରେ ବାହାରେ ଶୋଇବାକୁ ପଡୁଛି। ମେଡିକାଲ ପରିସରରେ ଆବର୍ଜନା ଜମି ଦୁର୍ଗନ୍ଧ ହେଉଛି। ବାଧ୍ୟ ହୋଇ ସେଠାରେ ବସିବା ସହ ଖାଇବାକୁ ପଡୁଛି। ତେଣୁ ଏଭଳି ପରିସ୍ଥିତିରେ ଡେଙ୍ଗୁ ଭୟ ଲାଗି ରହୁଛି। ସେହିପରି ଜଗତ୍‌ସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ସ୍ୱର୍ଣ୍ଣଲତା କାଣ୍ଡି କହିଛନ୍ତି, ୧୬ ଦିନର ଶିଶୁକୁ ମେଡିକାଲ ଏସ୍‌ଏନ୍‌ସିୟୁରେ ଚିକିତ୍ସା ପାଇଁ ଭର୍ତ୍ତି କରିଛୁ। ୧୩ ଦିନ ହେବ ଶିଶୁଭବନରେ ରହୁଛି। ମେଡିକାଲ ପରିସର ସଫା ନ ହେବାରୁ ମାଛି, ମଶାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଅପରପକ୍ଷରେ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ଜେନା କହିଛନ୍ତି, ମେଡିକାଲରେ ଶିଶୁରୋଗୀଙ୍କ ଚିକିତ୍ସା ଚାଲିଥିବାରୁ ସର୍ବଦା ସଫେଇକୁ ଗୁରୁତ୍ୱ ଦିଆଯାଇଥାଏ। ପ୍ରତିଦିନ ସଫେଇ କରାଯାଉଛି। ଯଦି କୌଣସି ସ୍ଥାନରେ ଆବର୍ଜନା ଜମି ରହିଛି ତାହାକୁ ସଫା କରିବା ପାଇଁ ଦାୟିତ୍ୱରେ ଥିବା ଉକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ।

## ଓଏଚ୍‌ଆର୍‌ସିରେ ମାମଲା

କଟକ,୩୦।୭(କାର୍ତ୍ତିକ ସାହୁ)

### ଏସ୍‌ସିବି ମେଡିକାଲ ପରିସରରେ ଡେଙ୍ଗୁ

ଏସ୍‌ସିବି ମେଡିକାଲ ପରିସରରେ ଡେଙ୍ଗୁ ବ୍ୟାପିବା ଘଟଣାକୁ ନେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ମଙ୍ଗଳବାର ଏକ ପିଟିଶନ୍ ଦାୟର ହୋଇଛି। ମେଡିକାଲ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ଏହାର ପ୍ରମୁଖ କାରଣ ପାଲଟିଛି। ମେଡିକାଲ ପରିସରରେ ପରିମଳ ଓ ମଶା ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ଡେଙ୍ଗୁ ଚିହ୍ନଟ ପରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆବେଦନକାରୀ ଦର୍ଶାଇଛନ୍ତି। ଏହି ଘଟଣାରେ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ସତ୍ୟପାଠ ଜରିଆରେ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେବାକୁ ଓଏଚ୍‌ଆର୍‌ସିଙ୍କୁ ପ୍ରାର୍ଥନା କରାଯାଇଛି।

ପ୍ରକାଶ ଯେ, ଦିନକରେ ଏସ୍‌ସିବି ମେଡିକାଲ ପରିସରରୁ ୫ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିଲେ। ଏବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୧୩ରେ ପହଞ୍ଚିଛି। ତେବେ ମେଡିକାଲ ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଖାଲରେ ନର୍ଦ୍ଦମା ଜଳ ଜମି ରହିବାରୁ ଡେଙ୍ଗୁ ମଶାର ଉତ୍ପତ୍ତିସ୍ଥଳ ପାଲଟିଛି। ହେଲେ ସିଏମ୍‌ସି ପକ୍ଷରୁ ଏଥିପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ, ଯଦ୍ୱାରା ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ସିଏମ୍‌ସି ଏଥିପ୍ରତି ଗୁରୁତ୍ୱ ଦେବା ସହ ନିରାକରଣ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ପିଟିଶନ୍‌ରେ ଦର୍ଶାଇଛନ୍ତି।

## ବିଭିନ୍ନ ବ୍ଲକ୍‌ର କନିଷ୍ଠଯନ୍ତ୍ରୀଙ୍କ ବଦଳି

କଟକ ସଦର,୩୦।୭(ସୁଶାନ୍ତ କୁମାର ଜେନା)

ସାଧାରଣ ନିର୍ବାଚନ ପରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କନିଷ୍ଠ ଯନ୍ତ୍ରୀମାନଙ୍କର ବଦଳି ଆଦେଶନାମା କଟକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି। କଟକ ସଦର ବ୍ଲକରୁ କନିଷ୍ଠଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ର, ସୌମ୍ୟା ସୁଚରିତା ବିଷୋୟୀଙ୍କୁ ମାହାଙ୍ଗା ବ୍ଲକ୍‌କୁ ବଦଳି କରାଯାଇଥିବାବେଳେ ଅରୁଣିମା ଆଚାର୍ଯ୍ୟଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ୍‌କୁ ବଦଳି କରାଯାଇଛି। ସେହିପରି ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ମାହାଙ୍ଗା ବ୍ଲକରୁ କଟକ ସଦର, ଶିବଶଙ୍କର ମୁଣ୍ଡ ଓ ଜୟନ୍ତ କୁମାର ସାହୁଙ୍କୁ ମାହାଙ୍ଗାରୁ ଟାଙ୍ଗୀ–ଚୌଦ୍ୱାର, ନବଚାରି ବୈରୀ ଗଞ୍ଜନ ଦଳବେହେରାଙ୍କୁ ନିଶ୍ଚିନ୍ତକୋଇଲିରୁ ନିଆଳି, ଅନାମ ଚରଣ ବିଶ୍ୱାଳଙ୍କୁ ନିଶ୍ଚିନ୍ତକୋଇଲିରୁ ସାଲେପୁର, ସାଗର ମଲ୍ଲିକଙ୍କୁ ନିଆଳିରୁ ମାହାଙ୍ଗା, ନାଗେଶ୍ୱର ଦାସଙ୍କୁ କଟକ ସଦର ବ୍ଲକ୍‌ରୁ ମାହାଙ୍ଗା ବ୍ଲକ୍‌କୁ ବଦଳି କରାଯାଇଛି।

## 'ପରମ୍ପରା କେବେ ସ୍ଥିର ନୁହେଁ'

ଭୁବନେଶ୍ୱର,୩୦।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ 'ନ୍ୟୁ ବ୍ରିଜ୍ ଇଣ୍ଡିଆ' ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ ଓ କଳାତ୍ମକ ପ୍ରୟାସ ଜାରିରଖିଛି। ଅନୁଷ୍ଠାନର ଡ. ରାଜଶ୍ରୀ ବିଶ୍ୱାଳ ଏବଂ ସମକାଳୀନ ଚିତ୍ରଶିଳ୍ପୀ ବୀରେନ୍ଦ୍ର ପାଣି ମାଲେସିଆର ରାଜଧାନୀ କୁଆଲାଲମ୍ପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଡିଆନ କଲଚୁରାଲ ସେଣ୍ଟରଠାରେ 'ମାନେଉଭେରିଙ୍ଗ ଟ୍ରାଡିଶନ: କଣ୍ଟେମ୍ପରାରି ଭିଜୁଆଲ ଏକ୍ସପ୍ରେଶନ ଫ୍ରମ୍ ସାଉଥ ଏସିଆ' ଶୀର୍ଷକ ଗୁରୁତ୍ୱପୂର୍ଣ୍ଣ କଳାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ମାଲେସିଆର ସୂତ୍ର ଫାଉଣ୍ଡେଶନ, ଏନ୍‌ଏସ୍‌ସିବିଆଇସିସି ଏବଂ ନ୍ୟୁ ବ୍ରିଜ୍ ଇଣ୍ଡିଆର ମିଳିତ ସହଯୋଗରେ ମାଲେସିଆରେ ଅବସ୍ଥିତ ହାଇକମିଶନର କାଉନସେଲର ଅମୃତା ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଦାଶ କହିଥିଲେ, 'ପରମ୍ପରା' କେବେ ସ୍ଥିର ନୁହେଁ, ଏହା ସର୍ବଦା ପରିବର୍ତ୍ତନର ଗତିଶୀଳ ପ୍ରକ୍ରିୟାରେ ଥାଏ। ମାଲେସିଆ ଏବଂ ଦକ୍ଷିଣ–ପୂର୍ବ ଏସିଆ ସହିତ ଏକ ଅଭିନବ ସାଂସ୍କୃତିକ ସମ୍ପର୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୃଷ୍ଟି ହୋଇଥିଲା। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଦତ୍ତୁକ ରାମଲି ଇବ୍ରାହିମ୍ ଏବଂ ପ୍ରବାସୀ ଡ. କୃଷ୍ଣଗୋପାଳ ରାମପାଲ ଉପସ୍ଥିତ ଥିଲେ।

## ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ବୃଦ୍ଧିକୁ ବିରୋଧ




କଟକ ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଟକ,୩୦।୭(ଶିଳ୍ପା ପ୍ରିୟଦର୍ଶିନୀ)

### ଆର୍‌ଡିସିଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ନିର୍ଦ୍ଦେଶକ୍ରମେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଆର୍‌ଡିସିଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଅହେତୁକ ଦର ବୃଦ୍ଧିକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି, ସାଧାରଣ ଲୋକେ ଦରଦାମ୍ ବୃଦ୍ଧିରୁ ଯେଭଳି ମୁକ୍ତି ପାଇବେ ସେନେଇ ସରକାର ଗୁରୁତ୍ୱ ଦିଅନ୍ତୁ। ନଚେତ୍ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବେହେରା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୈଳବାଳା ଜେନା, ଅନିତା ନାୟକ, ସୂର୍ଯ୍ୟକାନ୍ତ ରାଉତ, ଅନିଲ ବେଉରା, କେଦାର ପୃଷ୍ଟି, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁଭାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି, କଂଗ୍ରେସ ନେତା ଚନ୍ଦନ ଦାସ ଉପସ୍ଥିତ ଥିଲେ।

## ଜନ ଆରୋଗ୍ୟ ସମିତି ବୈଠକ

ଖୁଣ୍ଟୁଣୀ,୩୦।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡା. ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଦସ୍ୟା ମିନତି ଗାଗରାଇ, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡା, ଆୟୁଷ ଡାକ୍ତର ପ୍ରଜ୍ଞାମୟୀ ସେଠୀ, ବ୍ଲକ ପ୍ରୋଗ୍ରାମ ଅଧିକାରିଣୀ ଅର୍ପିତା ମହାପାତ୍ର ଯୋଗଦେଇଥିଲେ। ଡାକ୍ତରଖାନା ପୁରାତନ ଗୃହର ମରାମତି, ଚତୁଃପାର୍ଶ୍ୱରେ ସୁଉଚ୍ଚ ପ୍ରାଚୀର ନିର୍ମାଣ, ମୁଖ୍ୟ ପ୍ରବେଶ ଦ୍ୱାର ଷ୍ଟିଲ ଫାଟକ ନିର୍ମାଣ, ସମସ୍ତ ରୁମ୍‌ରେ ସିସିଟିଭି କ୍ୟାମେରା ସଂଯୋଗ, ଡାକ୍ତରଖାନା ପରିସରରେ ଚାରା ରୋପଣ, ଲାବରେଟୋରି ଗୃହ ନିର୍ମାଣ ଓ ଡାକ୍ତରଖାନା ପରିସରକୁ ଆବର୍ଜନାମୁକ୍ତ ରଖିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ଜିଲା ପରିଷଦ ସଭ୍ୟା ଓ ସରପଞ୍ଚଙ୍କୁ ସେମାନଙ୍କ ପାଣ୍ଠିରୁ ସହାୟତା ଦେଇ ମୁଖ୍ୟ ଫାଟକ ନିର୍ମାଣ ଓ ଜଳ ଯୋଗାଣକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଥିଲା। ଫାର୍ମାସିଷ୍ଟ ଦିଲୀପ ଦାସ ଗତବର୍ଷର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରଭାଇଜର ରମାକାନ୍ତ ସିହ୍ନା ଓ ସମସ୍ତ ନର୍ସ ଉପସ୍ଥିତ ଥିଲେ।

## କଟକରୁ ଆଉ ୨ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୩୦।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରିକି ଏସ୍‌ସିବି ମେଡିକାଲରେ ଡେଙ୍ଗୁ କାୟାବିସ୍ତାର କରିଛି। ୧ ସପ୍ତାହ ମଧ୍ୟରେ ୧୧ ଜଣ ଆକ୍ରାନ୍ତ ମେଡିକାଲ ପରିସରରୁ ଚିହ୍ନଟ ହୋଇଛନ୍ତି। ସେହିପରି ମଙ୍ଗଳବାର କଟକ ସହରରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏସ୍‌ସିବି କ୍ୟାମ୍ପସ ପରିସରରୁ ୨ ଓ ଅନ୍ୟ ଜଣେ ରାଣୀହାଟ ଅଞ୍ଚଳର ବୋଲି ଜଣାପଡିଛି। କଟକ ଜିଲାରେ ଏବେ ୫୨ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ସହରର ୪୨ ଓ ଅନ୍ୟ ସ୍ଥାନର ୧୦ ଜଣ ରହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ୩ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏସ୍‌ସିବି କ୍ୟାମ୍ପସରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଫେଇ କରିବା ନେଇ ଚିଠି କରାଯାଇଛି। ମେଡିକାଲ ପରିସର ସଫା ରହିଲେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କମିପାରିବ।

ଅପରପକ୍ଷରେ ଏସ୍‌ସିବି ମେଡିକାଲକୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଚିଠି ପରେ ତତ୍ପର ହୋଇଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ। ଡେଙ୍ଗୁ ସଂକ୍ରମଣ ରୋକିବା ଏବଂ ସ୍ୱଚ୍ଛତା ରଖିବା ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍‌ର ୫ ଜଣିଆ ସଦସ୍ୟ ଡାକ୍ତରଖାନା ପରିସରରେ ଥିବା ଛାତ୍ରୀନିବାସ, ଛାତ୍ରାବାସ, ପିଜି ଛାତ୍ରାବାସର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବେ ବୋଲି ଜଣାପଡିଛି।

### ଏସ୍‌ସିବିରେ ସଂକ୍ରମଣ ରୋକିବାକୁ ଟିମ୍ ଗଠନ



## ସିଟି ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଟକ,୩୦।୭ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନରେ ପ୍ରକଳ୍ପ କାମ କରିବା ପରେ ବିଲ୍ କରାଯାଉନାହିଁ। ଠିକାଦାର, ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟ ବିଲ୍ ପାଇବା ପାଇଁ ସିଏମ୍‌ସି ଅଫିସ୍‌କୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଛନ୍ତି। ହେଲେ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ କର୍ପୋରେଟର ସନ୍ତୋଷ କୁମାର ଭୋଳ କଟକ ସିଟି ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନ ସାଢେ ୫ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ସେଠାରେ ପହଞ୍ଚି ୨ ଦିନ ମଧ୍ୟରେ କମିଟି ଗଠନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାପରେ ଭୋଳ ଧାରଣାରୁ ଉଠିଥିଲେ।



ସନ୍ତୋଷ କୁମାର ଭୋଳ



ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ କଟକ ଅନ୍ନପୂର୍ଣ୍ଣା ଥିଏଟରରେ ମଙ୍ଗଳବାର ମଞ୍ଚସ୍ଥ ନାଟକ 'ଶିଡ଼ି ତଳର ଘର'ର ଏକ ଦୃଶ୍ୟ।

## ଏଥର ରକ୍ତଦାନ ଶିବିର, ଚାରାରୋପଣ

କଟକ,୩୦।୭ (କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ସ୍ୱାଧୀନତା ଦିବସ ପାଳନ ଅବସରରେ ଏଥର ରକ୍ତଦାନ ଶିବିର ଓ ଚାରାରୋପଣ କାର୍ଯ୍ୟକ୍ରମ ହେବ। ଜିଲାର ମୁଖ୍ୟ ପ୍ରବେଶ ପଥ ଓ ଐତିହାସିକ ପୀଠ ତଥା ସରକାରୀ କାର୍ଯ୍ୟାଳୟଗୁଡିକୁ ଆଲୋକରେ ସଜ୍ଜିତ କରାଯିବ। ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟ ସମ୍ପାଦନ ନିମନ୍ତେ କଟକ ମହାନଗର ନିଗମ(ସିଏମ୍‌ସି)କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି।

ସୂଚନା ଅନୁସାରେ, ସ୍ୱାଧୀନତା ଦିବସ ପାଳନର ସମସ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ପାଳନ କରାଯିବ। ଏଥିସହ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବେ। ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କଟକ ବାରବାଟୀ ଷ୍ଟାଡିୟମ ପଡ଼ିଆରେ ପାଳନ ହେବ। ସକାଳ ୯ଟାରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବେ। ବିଭିନ୍ନ ସରକାରୀ/ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ସହରର ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତା ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ କରିପାରିବେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଭୋର ସାଢେ ୪ଟାରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ୍ ପରିବେଷଣ କରାଯିବ।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଚଳିତବର୍ଷ ଓଏସ୍‌ଏପି, ସଶସ୍ତ୍ର ବାହିନୀ, ପୋଲିସ୍ ବ୍ୟାଣ୍ଡ, ହୋମ୍‌ଗାର୍ଡ ଦଳଙ୍କ ଦ୍ୱାରା ରାଷ୍ଟ୍ରୀୟ ସଲାମ ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରାଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନର ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍, ଗାଇଡ୍ ଓ ସିଭିଲିଆନ ଦଳ ସମ୍ମିଳିତ ପରେଡରେ ଭାଗ ନେବେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା କନିଷ୍ଠ ଓ ବରିଷ୍ଠ ବିଭାଗରେ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲାସ୍ତରୀୟ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ କମିଟି ମାଧ୍ୟମରେ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଏଡିସିପି ଅନିଲ କୁମାର ମିଶ୍ର ଓ ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୂର୍ବବର୍ଷର ବିବରଣୀ ପାଠ ସହ ବୈଠକ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା, କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରି ଦାସ, ୟୁନେସ୍କୋ ଓଡ଼ିଶା ଶାଖାର ମହାସଚିବ ଦ୍ୱିପାୟନ ପଟ୍ଟନାୟକ, କଟକ ମହାନଗର ନିଗମ ଉପାୟୁକ୍ତ ସୋନା ଟୁଡୁ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜିବ କୁମାର ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କର, ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ଆଞ୍ଚଳିକ ପରିବହନ ଅଧିକାରୀ ବି. ଏନ୍. ଅଧିକାରୀ, ଜିଲା ଅବକାରୀ ଅଧୀକ୍ଷକ କମଳ ଲୋଚନ ପାଇକରାୟ, ଜିଲା ସମାଜ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ସଂସ୍କୃତି ଅଧିକାରୀ ନଳିନୀ କୁମାର ସାହୁ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ସହଭାଗିତାରେ ପ୍ରକଳ୍ପ କାମ ତ୍ୱରାନ୍ୱିତ କର'

## ୩ୟ ସ୍ଥାୟୀ କମିଟିର ପ୍ରଥମ ବୈଠକ

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ପରିଷଦ ତୃତୀୟ ସ୍ଥାୟୀ (ଷ୍ଟାଣ୍ଡିଂ) କମିଟିର ପ୍ରଥମ ବୈଠକ ଜିଲା ପରିଷଦର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ତଥା କମିଟି ଅଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ତ୍ତ, ଜଳସେଚନ, ବିଦ୍ୟୁତ୍, ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର ସମୀକ୍ଷା କରାଯାଇଥିଲା। ଏହି ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗୀୟ ଯନ୍ତ୍ରୀମାନେ କମିଟି ନିକଟରେ ତଥ୍ୟ ଉପସ୍ଥାପନ କରିଥିଲେ।

ପ୍ରଥମେ ବିଦ୍ୟୁତ୍ ବିଭାଗର ଆଲୋଚନା ହୋଇଥିଲା। ଜିଲାରେ ୨୩୧୨ ଜଣ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥିବା ବେଳେ ୧୫୮ ଜଣଙ୍କୁ ସଂଯୋଗ ଦିଆଯାଇଛି। ଅନ୍ୟ ୭୨୨ ଜଣଙ୍କୁ ବିଜୁ ଗ୍ରାମ ଜ୍ୟୋତି ଯୋଜନା (ବିଜିଜେୱାଇ)ରେ ସଂଯୋଗ ଦିଆଯାଇଛି। ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ୧୪୨ଟିପ୍ରକଳ୍ପ ପାଇଁ ୬ କୋଟି ୩୯ ଲକ୍ଷ ଟଙ୍କା ଜିଲାରେ ବଳକା ଥିବାରୁ କମିଟି ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗରେ ରାସ୍ତା ଏବଂ ଡ୍ରେନେଜ୍ ମରାମତି, ରକ୍ଷଣାବେକ୍ଷଣରେ ବିଭାଗୀୟ ଅବହେଳାକୁ ନେଇ କମିଟି ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁ ସମୟ ଅବଧି ପୂର୍ବରୁ ବିପର୍ଯ୍ୟସ୍ତ ହେବା ସହ ଖାଲଖମାରେ ପରିଣତ ହେଉଛି। ସେହିପରି ଡ୍ରେନ୍ ମରାମତି ନ ହେବାରୁ ତାହା ନଷ୍ଟହେବାକୁ ବସିଲାଣି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଡ୍ରେନ୍ ବର୍ଷାଦିନ ପୂର୍ବରୁ ମରାମତି କରାଗଲା ନାହିଁ। ଡ୍ରେନ୍ ପୋତି ହୋଇଗଲାଣି। ଖାଲଖମା ରାସ୍ତା ଏବଂ ଡ୍ରେନ୍ ମରାମତି ପାଇଁ ସଦସ୍ୟମାନେ କହିଥିଲେ। ଜିଲା ପରିଷଦର ଅତିରିକ୍ତ ସଭାଗୃହ ନିର୍ମାଣ ପାଇଁ ୨୦୧୭ରେ ପୂର୍ତ୍ତ ବିଭାଗକୁ ପ୍ରଥମ ପର୍ଯ୍ୟାୟରେ ୮୮ ଲକ୍ଷ, ପରବର୍ତ୍ତୀ ସମୟରେ ୪୦ ଲକ୍ଷ ଏପରି ମୋଟ ୧ କୋଟି ୨୮ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ସରିଲାନାହିଁ। ଏହି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ କମିଟି ଅଧ୍ୟକ୍ଷ ମହାରଣା ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବାଣପୁର ସାଳିଆ ଜଳସେଚନ ପ୍ରକଳ୍ପ ଅଧୀନ ୧୫ ପାଣି ପଞ୍ଚାୟତ ମାଧ୍ୟମରେ କେନାଲ ମରାମତି, ସଫେଇ କାର୍ଯ୍ୟ ଜାରି ରହିଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଥିଲେ। ଜିଲାରେ ୨୧୪ଟି ନୂତନ ନଳକୂପ ଖନନ କରାଯାଇଥିବା ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କହିଥିଲେ। ଜିଲାରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ସରକାର ମେଗା ପାନୀୟଜଳ ପ୍ରକଳ୍ପ ଆରମ୍ଭ କରିଥିଲେ। ତେବେ ପ୍ରକଳ୍ପ ନିର୍ମାଣରେ ମନ୍ଥରତା, ପୁରାତନ ପାଣିଟାଙ୍କିର ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବାରୁ କମିଟି ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ମହାରଣା ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଅନୁମୋଦନକ୍ରମେ ୧୦ଟି ବ୍ଲକରେ ୪୬ଟି ବାୟୋମେଟ୍ରିକ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ କେନ୍ଦ୍ର ମଧ୍ୟରୁ ୪୨ଟି ସମ୍ପୂର୍ଣ୍ଣ ହୋଇଥିବା ବିଭାଗୀୟ ଯନ୍ତ୍ରୀ କହିଥିଲେ। ୨୦୨୦ ଅକ୍ଟୋବର ୧୮ରେ ୧୦ଟି ବ୍ଲକରେ କୃଷକମାନଙ୍କ ବ୍ୟବହାର ନିମନ୍ତେ ୩୨ଟି କଂକ୍ରିଟ ଧାନଖଳା ନିର୍ମାଣ ପାଇଁ ସରକାର ୨ କୋଟି ୩୪ ଲକ୍ଷ ୨୪ ହଜାର ଟଙ୍କା ଅନୁମୋଦନ କରିଥିଲେ। ବର୍ତ୍ତମାନ ସୁଦ୍ଧା ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର, ଜଟଣୀ, ଚିଲିକା ଆଦି ବ୍ଲକରେ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଜିଲା ପରିଷଦ ନିର୍ବାହୀଯନ୍ତ୍ରୀ ଏହାର ଅନୁଧ୍ୟାନ ସହ ତୁରନ୍ତ ଧାନଖଳା କାମ ସାରିବାକୁ ଉପାଧ୍ୟକ୍ଷ ମହାରଣା ପରାମର୍ଶ ଦେଇଥିଲେ। ୧୦ଟି ବ୍ଲକରେ ବିଭିନ୍ନ ପ୍ରକଳ୍ପ ପାଇଁ ଜିଲା ପରିଷଦ ପକ୍ଷରୁ ପ୍ରଥମ, ଦ୍ୱିତୀୟ କିସ୍ତି ଅନୁଦାନ ଦିଆଯାଇଥିବା ବେଳେ ଖୋର୍ଦ୍ଧା ଓ ଭୁବନେଶ୍ୱର ବ୍ଲକକୁ ବାଦ୍ ଦେଲେ ଅନ୍ୟ ବ୍ଲକରେ ପ୍ରକଳ୍ପ ନିର୍ମାଣ ମନ୍ଥର ଗତିରେ ଚାଲିଛି। ସହକାରୀ, ଅତିରିକ୍ତ ଯନ୍ତ୍ରୀମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପଞ୍ଚାୟତ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ ସମ୍ପାଦନ କରିବାକୁ କମିଟି ଅଧ୍ୟକ୍ଷ ମହାରଣା କହିଛନ୍ତି। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ରହିଥିବା ଜମିଜମା ସମସ୍ୟା ତୁରନ୍ତ ସମାଧାନ କରି କାର୍ଯ୍ୟ ସମ୍ପାଦନ କରିବାକୁ କହିଛନ୍ତି। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ବିଲ୍ ପାସ୍ କରିବାରେ ବିଳମ୍ବ କରୁଛନ୍ତି। ଏନେଇ ବ୍ଲକ୍‌ସ୍ତରରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଜନପ୍ରତିନିଧିଙ୍କ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଅଣଦେଖା, ପରାମର୍ଶକୁ ଗ୍ରହଣ ନ କରିବା ନେଇ କମିଟି ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ଉନ୍ନୟନମୂଳକ କାର୍ଯ୍ୟରେ ବାଧକ ସାଜିବା ପରିବର୍ତ୍ତେ ସହଭାଗିତାରେ କାର୍ଯ୍ୟ ଶେଷ କରିବାକୁ କମିଟି ସଦସ୍ୟମାନେ କହିଥିଲେ। କାମ ସରିବା ପରେ ତୁରନ୍ତ ବିଲ୍ ପାସ୍ କରିବାକୁ ସଦସ୍ୟମାନେ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ଏହି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଅନାଦି ସାହୁ, ଗଙ୍ଗାଧର ମଲ୍ଲିକ, ମହେଶ୍ୱର ଦାସ, ପ୍ରଭାକର ସାହୁ, ପ୍ରଦୀପ ଛୋଟରାୟଙ୍କ ସମେତ ୧୦ ବ୍ଲକର ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଜ୍ଞାନ ବିଜ୍ଞାନ ମେଳାରେ ୯୫ ପ୍ରକଳ୍ପ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ।

ବୋଲଗଡ଼,୩୦।୭(ଦେବବ୍ରତ ହୋତା)

ବୋଲଗଡ଼ ସଦର ମହକୁମା ସରସ୍ୱତୀ ଶିଶୁମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ପୁରେନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ସଙ୍କୁଳ ସଂଯୋଜକ ବିଚିତ୍ର କୁମାର ରଥ, ପରିଚାଳନା କମିଟି ସଭାପତି ଗାନ୍ଧୀ କୁମାର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ଉପସଭାପତି ରବୀନ୍ଦ୍ର କୁମାର ଡିଆବାଘ, ସଦସ୍ୟା ଗୀତାଞ୍ଜଳି ଦଳାଇ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ବୈଜ୍ଞାନିକ ମନୋବୃତ୍ତି ଦ୍ୱାରା ଦେଶର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସୁଶ୍ରୀ ରଶ୍ମିତା ରଣସିଂହ ବିବରଣୀ ପଠନ କରିଥିବା ବେଳେ ଆଚାର୍ଯ୍ୟ ଦେବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ କନିଷ୍ଠ ବର୍ଗରୁ ୪୯ଟି, ଶିଶୁ ବର୍ଗ ୨୪, ବାଲ୍ ବର୍ଗ ୧୪, କିଶୋର ବର୍ଗରୁ ୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୋଟ୍ ୯୫ଟି ପ୍ରକଳ୍ପ ସହିତ ପ୍ରଶ୍ନ ମଞ୍ଚ, ପତ୍ର ବାଚନ, ନିବନ୍ଧ, ପ୍ରୟୋଗ, ବୃତ୍ତି କଳା, ଗୀତ ଆଦି ବିଭାଗରୁ ମୋଟ୍ ୨୦୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ ବିଭାଗରୁ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନାରାୟଣ ଗୁରୁଜୀ, ନୂତନ ଗୁରୁଜୀ, ସନ୍ତୋଷ ଗୁରୁଜୀ, ଅଭିଜିତ ଗୁରୁଜୀ, ରମାମଣି ଗୁରୁମା, ହରପ୍ରିୟା ଗୁରୁମାଙ୍କ ସମେତ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନେ ଏବଂ ପ୍ରଶ୍ନମଞ୍ଚର ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର ଟିମ୍‌ଗୁଡ଼ିକ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାକୁ ଚୟନ ହୋଇଛନ୍ତି। ଶେଷରେ ଆଚାର୍ଯ୍ୟ ଦେବପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# ୨ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି

ଟାଙ୍ଗୀ,୩୦।୭(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ୨୬ଟି ଉଚ୍ଚ ବିଦ୍ୟାଳୟ ରହିଛି। ସେଥିରୁ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ, କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ, ନିରାକାରପୁର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ପ୍ରଧାନ ଶିକ୍ଷକ ପଦବୀ ରହିଛି। ଓଡ଼ିଶା ଶିକ୍ଷା ସେବା ଅଧିକାରୀମାନେ ଏହିସବୁ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ କରିଥାନ୍ତି। ନିରାକାରପୁର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ ହୋଇଛି। କିନ୍ତୁ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଓ କୁହୁଡି ଜନତା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ୨୦୨୨ ଜୁନ୍‌ଠାରୁ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ ଅବସର ନେବାପରେ ଏହି ପଦବୀ ଖାଲିପଡ଼ିଛି। ଟାଙ୍ଗୀ ବ୍ଲକ ସଦର ମହକୁମା ହୋଇଥିବାରୁ ବ୍ଲକର ନୋଡାଲ ସ୍କୁଲ ଭାବେ କାର୍ଯ୍ୟ କରୁଛି। ପରୀକ୍ଷା ପ୍ରଶ୍ନପତ୍ର ଓ ବିଭିନ୍ନ ପରୀକ୍ଷା ଏହି ବିଦ୍ୟାଳୟ ଦାୟିତ୍ୱ ନେଇଥାଏ। ବରିଷ୍ଠ ଶିକ୍ଷକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ ତୁଲାଉଥିବା ବେଳେ ଶିକ୍ଷାଦାନରେ ସମୟ ଦେବା ସମ୍ଭବ ହେଉନାହିଁ। ସେହିପରି କୁହୁଡି ଜନତା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଦରମା ପାଇବାରେ ମଧ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ବିଦ୍ୟାଳୟରେ ଶିକ୍ଷାଦାନ ସହ ମଧ୍ୟାହ୍ନଭୋଜନ ସମେତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ରହୁଛି। ହେଲେ ଶିକ୍ଷା ଅନୁଷ୍ଠାନର ମୁଖ୍ୟ ପଦବୀ ଖାଲି। ତେଣୁ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିବା କଷ୍ଟକର। ଗଣଶିକ୍ଷା ବିଭାଗ ତୁରନ୍ତ ଦୁଇଟି ପୁରାତନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

# ସଚେତନ ହେଲେ ନିୟନ୍ତ୍ରଣ ହେବ ବାୟୁ ପ୍ରଦୂଷଣ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଗୁନିଆ,୩୦।୭(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମା ସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବାୟୁମଣ୍ଡଳ ପ୍ରଦୂଷଣର କାରଣ ଓ ନିୟନ୍ତ୍ରଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ଭୁବନେଶ୍ୱର ଦ୍ୱାରା ସଭା ହୋଇଥିଲା। ଏଥିରେ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ମୁଖ୍ୟ ବୈଜ୍ଞାନିକ ଡ. ନବୀନ କୁମାର ଧଳ, ଅଧ୍ୟକ୍ଷା ଓ ବୈଜ୍ଞାନିକ ଡ. ତୃପ୍ତି ଦାସ ଏବଂ ବୈଜ୍ଞାନିକ ଡ. ବୋପାଥି ଯୋଗଦେଇଥିଲେ। ଜୀବଜଗତ ବଞ୍ଚିବାକୁ ହେଲେ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ ବୋଲି ସଭିଏଁ ଜାଣିଛେ। ଦ୍ରୁତ ଶିଳ୍ପାୟନ ଏବଂ ମାତ୍ରାଧିକ ବୃକ୍ଷଛେଦନ ପାଇଁ ପରିବେଶ ଧ୍ୱଂସ ଆଡ଼କୁ ଗତିକରୁଛି। ପ୍ରକୃତରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ମଣିଷ ପକ୍ଷେ ଅସମ୍ଭବ। ବାୟୁ ପ୍ରଦୂଷଣ ଉତ୍ସରୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଏହାର ସର୍ବୋତ୍କୃଷ୍ଟ ଉପାୟ। ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ପାରିପାର୍ଶ୍ୱିକ ପ୍ରଭାବ ସର୍ବପ୍ରଥମେ ଆକଳନ କରିବା ଜରୁରୀ ଆବଶ୍ୟକ। ସେହିପରି ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଭାରତରେ ପ୍ରଣୟନ ହୋଇଥିବା ୧୯୮୧ରେ ନିରାକରଣ ଓ ନିବାରଣ ଆଇନକୁ ପାଳନ କରିବା ଦରକାର। ଅନ୍ୟପକ୍ଷରେ ପରିବେଶ ସୁରକ୍ଷା ଏବଂ ଏହାର ଉନ୍ନତୀକରଣ ପ୍ରତ୍ୟେକ ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସମସ୍ତେ ଜାଣିବା ଆବଶ୍ୟକ। ଗୋଟିଏ ବୃକ୍ଷ ଛେଦନ ପୂର୍ବରୁ ୫ଟି ଚାରା ରୋପଣକରି ସୁନ୍ଦର, ସବୁଜମୟ ପୃଥିବୀ ସୃଷ୍ଟିକଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ ବୋଲି ଡ. ଧଳ ଛାତ୍ରୀଛାତ୍ରମାନଙ୍କୁ ବୁଝାଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି, ସଭ୍ୟା ପୁଷ୍ପାଞ୍ଜଳି ଜୟସିଂହ, ଇଂ.ରାମ ମାନସ ପଣ୍ଡା, ବିଶ୍ୱରଞ୍ଜନ ପଟ୍ଟନାୟକ, ଯୁବ ଇଂ. ଦେବାଶିଷ ସାହୁ, ଶିକ୍ଷୟିତ୍ରୀ ସୁରଜିତା ଦଳାଇ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ: ଧାନଫସଲ ନଷ୍ଟ

ବେଗୁନିଆ, ୩୦।୭(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ଏହି ବ୍ଲକର ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମ ନିକଟ ଜଙ୍ଗଲରୁ ୩ଟି ହାତୀ ଚାଷଜମିରେ ପଶି ୪ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଗ୍ରାମର ପତିତପାବନ ଶ୍ରୀଚନ୍ଦନ, ମୁରଲୀ ଶ୍ରୀଚନ୍ଦନ, ଶ୍ୟାମ ଶ୍ରୀଚନ୍ଦନ, ବକାରୀ ଶ୍ରୀଚନ୍ଦନ, ଝଜ ମହାପାତ୍ର ଓ ସଉରି ବେହେରାଙ୍କର ନଷ୍ଟ ହୋଇଥିବା ଜଣାପଡ଼ିଛି। ଫଳରେ କ୍ଷତିଗ୍ରସ୍ତ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ପୁଣି ଧାନ ବିହନ କେଉଁଠୁ ଆଣିବେ ଏବଂ କେବେ ତଳି ପକାଇ ଚାଷକାମ କରିବେ ତାହା ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।



ହାତୀ ଦଳିଦେଇଥିବା ଧାନଫସଲ।

# ଶିକ୍ଷା ସପ୍ତାହ ଉଦ୍‌ଯାପିତ

ନିରାକାରପୁର,୩୦।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ଶିକ୍ଷାନୀତି-୨୦୨୦ର ଚତୁର୍ଥ ବାର୍ଷିକ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ସୋମବାର ଉଦ୍‌ଯାପନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଲଳିତପାଟପୁର କ୍ଲଷ୍ଟର୍‌ର ପ୍ରତ୍ୟେକ ବିଦ୍ୟାଳୟରେ ଚାଲୁରହିଥିବା ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଦ୍ୟାଞ୍ଜଳି ପୋର୍ଟାଲରେ ସେଚ୍ଛାସେବୀମାନଙ୍କ ନାମ ପଞ୍ଜୀକରଣ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ସିଆରସିସି ପଞ୍ଚାନନ ଭୁଜବଳ ତଦାରଖ କରିଥିଲେ। ଏହି ଅବସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଙ୍ଗଟାଠାରେ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ, ସହକାରୀ ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ ସେଚ୍ଛାସେବୀ ବନ୍ଧୁମାନଙ୍କ ଆବଶ୍ୟକ ଉପରେ ବୁଝାଇଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

ଯାଁଳା,୩୦।୭(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ମଙ୍ଗଳବାର ସନ୍ଧ୍ୟା ୬ଟାରେ ଗଙ୍ଗପଡ଼ା ଛକରେ ଜଣେ ଯୁବକ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଧକ୍କା ଦେଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଖସି ପଳାଇଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳରେ ଶ୍ରମିକଭାବେ କାମ କରୁଥିବା ପୋଲିସ ଅନୁମାନ କରୁଛି।

# ସମ୍ଭାଗସ୍ତରୀୟ କବାଡ଼ି ପ୍ରତିଯୋଗିତା




କବାଡ଼ି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସମ୍ଭାଗସ୍ତରୀୟ ଦୁଇଦିନିଆ କବାଡ଼ି ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୋପାଳ ସମ୍ଭାଗ ଅନ୍ତର୍ଗତ କଟକ, ଭୋପାଳ, ବିଳାସପୁର, ରାୟପୁର ଓ ଉଜ୍ଜୈନରୁ ୧୨୦ ଛାତ୍ର ଓ ୧୨୦ ଛାତ୍ରୀ ଭାଗ ନେଇଛନ୍ତି। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାଠପଢ଼ା ସହ ଖେଳକୁଦ, ଶୃଙ୍ଖଳା ଜରୁରୀ। ସମାଜସେବାରେ ବ୍ରତୀ ହେବା ପାଇଁ ପ୍ରତିଯୋଗୀମାନଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟକ୍ଷା କବିତା କର, ଉପାଧ୍ୟକ୍ଷା ଡ. ମମତାମୟୀ ଚୌଧୁରୀ ଉପସ୍ଥିତ ଥିଲେ। ବାରବାଟୀ ଓ କଳିଙ୍ଗ ଷ୍ଟାଡିୟମର କବାଡ଼ି ବିଶେଷଜ୍ଞଙ୍କ ଉପସ୍ଥିତିରେ ଖେଳ ଆରମ୍ଭ ହୋଇଥିଲା। ସାମାଜିକ ବିଜ୍ଞାନର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଭୋଳ ସଂଯୋଜନା କରିଥିବା ବେଳେ ଅଧ୍ୟକ୍ଷା କର ସ୍ୱାଗତ ଭାଷଣ ଓ ଇଂଲିଶ ଅଧ୍ୟାପକ ଜ୍ୟୋତିଶଙ୍କର ମହାଳିକ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ବେହେରା ଓ ଶିକ୍ଷୟିତ୍ରୀ ମନୋରମା ଜେନା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ଭୋପାଳ ସମ୍ଭାଗ ପକ୍ଷରୁ ଜାତୀୟସ୍ତରୀୟ କବାଡ଼ି ଦଳ ଚୟନ କରାଯିବ।

# ୧୦ରେ ରାଜପଥ ଅବରୋଧ ଚେତାବନୀ

## ଗୋଷ୍ଠୀ ବିବାଦ ପ୍ରସଙ୍ଗ

ଟାଙ୍ଗୀ,୩୦।୭(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ଅଞ୍ଚଳରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଗୋଷ୍ଠୀ ବିବାଦ ତେଜିବାରେ ଲାଗିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ତେବେ ଘଟଣାକୁ ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କୁ ନ ଧରିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ୯ ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଗଠିତ କୋର କମିଟି ସଭାପତି ଲଲାଟ କେଶରୀ ମଙ୍ଗରାଜଙ୍କ ସଭାପତିତ୍ୱରେ ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ତାରିଖରେ ଜିଲାପାଳ, ଏସ୍‌ପିଙ୍କ ନିକଟରେ ଲିଖିତଭାବେ ଅଭିଯୋଗ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୁଣି ଥରେ ଲିଖିତ ଭାବେ ପ୍ରଶାସନକୁ ଜଣାଇବାକୁ ନିଷ୍ପତ୍ତି ହୋଇଛି। ଅଗଷ୍ଟ ୭ ତାରିଖ ସୁଦ୍ଧା ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ୧୦ ତାରିଖରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସୋରଣର ବିଦ୍ୟାଧର ପ୍ରଧାନ, ରତିକାନ୍ତ ବୈରିଗଞ୍ଜନ, ମାନସିଂହପୁରର ତପନ ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସୁବୁଦ୍ଧି, କୁହୁଡିର ମନୋଜ କୁମାର ମାନସିଂହ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଭାଜପା ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ଶତ୍ରୁଘ୍ନ ପ୍ରଧାନ, ବିରିବାଡିର ଦୁର୍ଗା ହରିଚନ୍ଦନ, ଶରତ ମାନସିଂହ, ବରଡି ଓ ଚଣ୍ଡେଶ୍ୱରର ସରପଞ୍ଚ, ପାରିଓରଡର ସୁବାସ ପ୍ରଧାନ,



ବୈଠକରେ ଯୋଗଦେଇଥିବା କୋର କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ।

# ଟ୍ରେନ୍ ଆଗକୁ ଡେଇଁ ବ୍ୟବସାୟୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ବାଣୀବିହାର ରେଲୱେ ଓଭରବ୍ରିଜ୍ ନିକଟରେ ମଙ୍ଗଳବାର ଟ୍ରେନ୍ ଆଗକୁ ଡେଇଁ ଜଣେ ବ୍ୟବସାୟୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ପାଟେଳି ଗ୍ରାମର ଦୁଷ୍ମନ୍ତ ମହାନ୍ତିଙ୍କ ପୁଅ ରଞ୍ଜିତ ମହାନ୍ତି (୩୨)। ଭୁବନେଶ୍ୱର ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଅପରାହ୍ନ ପ୍ରାୟ ୧ଟା ବେଳେ ରଞ୍ଜିତ ତାଙ୍କ କାର୍ ଯୋଗେ ଆସି ବାଣୀବିହାର ରେଳଷ୍ଟେଶନ ପାଖରେ ପହଞ୍ଚିଥିଲେ। ଏହାପରେ ସେ କାର ରଖି ଟ୍ରେନ୍ ଆଗକୁ ଡେଇଁପଡ଼ିଥିଲେ। ପାରିବାରିକ ସମସ୍ୟାକୁ ନେଇ ରଞ୍ଜିତ ଏଭଳି ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା (ନଂ. ୫୭/୨୦୨୪) ରୁଜୁ କରି ତଦନ୍ତ ଚଳାଇଛି।

# କୋଟିପତି ଅବକାରୀ ଯୁଗ୍ମ କମିଶନର ଗିରଫ

## ଆୟଠାରୁ ୧୭୨% ଅଧିକ ସମ୍ପତ୍ତି ଠୁଳ କରିଥିଲେ ରାମଚନ୍ଦ୍ର ମିଶ୍ର

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ଭିଜିଲାନ୍ସ ଯାଞ୍ଚ ପରେ ଭୁବନେଶ୍ୱର ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ରଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଠାବ ହୋଇଥିବା ମୋଟ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୧୭୨ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ରାମଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ତେଣୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମଙ୍ଗଳବାର ରାମଚନ୍ଦ୍ରଙ୍କ ନାମରେ ଏକ ମାମଲା (ନଂ.୧୫/୨୦୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି।



ରାମଚନ୍ଦ୍ର ମିଶ୍ର

ଏହି ମାମଲାରେ ରାମଚନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ରାମଚନ୍ଦ୍ରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତ ରାମଚନ୍ଦ୍ର ୧୯୮୮ ଜୁନ ୧୦ରେ ଅବକାରୀ ବିଭାଗରେ ସବ୍‌ଇନ୍‌ସ୍ପେକ୍ଟର ଭାବେ ସରକାରୀ ସେବାରେ ଯୋଗଦେଇଥିଲେ। ପ୍ରଶିକ୍ଷଣ ପରେ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ କାମ କରିଥିଲେ। ପରେ ରାମଚନ୍ଦ୍ର ୨୦୦୯ରେ ଇନ୍ସପେକ୍ଟର, ୨୦୧୮ରେ ଏସ୍‌ପି ଏବଂ ୨୦୨୧ରେ ଡେପୁଟି କମିଶନର ଭାବେ ପଦୋନ୍ନତି ପାଇଥିଲେ। ଚଳିତବର୍ଷ ଜାନୁଆରୀରେ ପୁଣି ତାଙ୍କର ପଦୋନ୍ନତି ହୋଇଥିଲା। ସେ ଯୁଗ୍ମ କମିଶନର ଭାବେ କାର୍ଯ୍ୟରତ ଥିଲେ।

ସୋମବାର ଭିଜିଲାନ୍ସ ପକ୍ଷରୁ ରାମଚନ୍ଦ୍ରଙ୍କ ଘର ଓ କାର୍ଯ୍ୟାଳୟ ସମେତ ଭୁବନେଶ୍ୱର, ବଲାଙ୍ଗୀର, ସୋନପୁର ଆଦି ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରରେ ୫୨ଟି ପ୍ଲଟ୍, ଭୁବନେଶ୍ୱର ଆଇଗିଣିଆରେ ଗୋଟିଏ ଡୁପ୍ଲେକ୍ସ, ଖାରବେଳନଗର ଚନ୍ଦ୍ରମା କମ୍ପ୍ଲେକ୍ସରେ ଗୋଟିଏ ଟୁ ବିଏଚ୍‌କେ ଫ୍ଲାଟ୍, ବଡ଼ଗଡ ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ଗୋଟିଏ ଟୁ ବିଏଚ୍‌କେ ଫ୍ଲାଟ୍, ବଲାଙ୍ଗୀର ଟିକରପଡ଼ାରେ ଗୋଟିଏ ୩ମହଲା କୋଠା, ଗୋଟିଏ ଏକମହଲା ବିଶିଷ୍ଟ କୋଠା, ସମ୍ବଲପୁର ବୁର୍ଲାରେ ଗୋଟିଏ ଦୁଇମହଲା କୋଠା, ସୁବର୍ଣ୍ଣପୁରରେ ଗୋଟିଏ ଏକ ମହଲା କୋଠା, ତରଭାରେ ଗୋଟିଏ ରାଇସ୍ ମିଲ୍, ସୁବର୍ଣ୍ଣପୁରରେ ଗୋଟିଏ ଫାର୍ମ ହାଉସ ଠାବ ହୋଇଥିଲା। ଏଥିସହ ବ୍ୟାଙ୍କ ଓ ଜୀବନବୀମା ଜମା ୪୩.୧୨ ଲକ୍ଷ, ୨୩୦ ଗ୍ରାମ୍ ସୁନା ଅଳଙ୍କାର, ୩୧୭ ଗ୍ରାମ୍ ରୁପା ଅଳଙ୍କାର, ୧୧.୨୫ ଲକ୍ଷ ଟଙ୍କାର ୩ଟି ଦୁଇଚକିଆ ଯାନ, ଘରୋଇ ସାମଗ୍ରୀ ଓ ନଗଦ ଟଙ୍କା ଠାବ କରାଯାଇଥିଲା।

# ୨୭ ଜୁଲାଇ ରାତି

ଭୁବନେଶ୍ୱର, ୩୦।୭(ସତ୍ୟଜିତ୍ ରାଉତ)

ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଅଗ୍ନିଶମ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କ ବିରୋଧରେ ରାଜ୍ୟ ସରକାର ନେଇଥିବା ନିଲମ୍ବନ କାର୍ଯ୍ୟାନୁଷ୍ଠାନ ଏବେ ସାରା ରାଜ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ପଣ୍ଡିତ ଜଣେ ମହିଳା ଇନ୍ସପେକ୍ଟରଙ୍କ କ୍ୱାର୍ଟର୍ସରେ ରାତିରେ ପଶି ତାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ ପାଇଁ ବାଧ୍ୟ କରିଥିବା କୁହାଯାଉଛି। ଏହି ଘଟଣାରେ ପୀଡ଼ିତାଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ଘଟଣା କିନ୍ତୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଲାଣି।

ଏନ୍‌ଏଚ୍‌ଆର୍‌ସିରେ ମାନବାଧିକାର କର୍ମୀ ଜୟନ୍ତ ଦାସ ଗତ ରବିବାର କରିଥିବା ଅଭିଯୋଗ ଅନୁସାରେ ଜୁଲାଇ ୨୭ତାରିଖ ଶନିବାର ରାତିରେ ମହିଳା ଇନ୍ସପେକ୍ଟରଙ୍କ କ୍ୱାର୍ଟର୍ସକୁ ଆଇପିଏସ୍ ଅଧିକାରୀ ପଣ୍ଡିତ ଯାଇଥିଲେ। ସେଠାରେ ତାଙ୍କୁ ପଣ୍ଡିତ ପ୍ରଥମେ ପ୍ରେମ ନିବେଦନ କରିଥିଲେ। ଏପରି କି ବିବାହ କରିବାକୁ ଜିଦ୍ ଧରିଥିଲେ। ଏହି ସମୟରେ ମହିଳା ଇନ୍ସପେକ୍ଟରଙ୍କ ସ୍ୱାମୀ ପଳାଇଆସିଥିଲେ। ଏତେ ରାତିରେ ପଣ୍ଡିତଙ୍କୁ ଘରକୁ ଆସିବାର କାରଣ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପଣ୍ଡିତ ଉତ୍କ୍ଷିପ୍ତ ହୋଇ ଇନ୍ସପେକ୍ଟରଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ଖବର ପାଇ କ୍ୟାପିଟାଲ ଥାନାର ଏକ ପିସିଆର୍ ଭ୍ୟାନ୍ ସେଠାରେ ପହଞ୍ଚିଥିଲା। ଏପରିକି କ୍ୟାପିଟାଲ ଥାନାଧିକାରୀ ଓ ଜୋନ୍ ଏସିପି ମଧ୍ୟ ସେଠାକୁ ଯାଇଥିଲେ। ଅନ୍ୟପକ୍ଷରେ ହୋହାଲ୍ଲା ଶୁଣି ଆଖପାଖ ଅଞ୍ଚଳର ଲୋକ ମଧ୍ୟ ରୁଣ୍ଡ ହୋଇଯାଇଥିଲେ। ପ୍ରଥମେ ମହିଳାଙ୍କ ଆହତ ସ୍ୱାମୀଙ୍କୁ ପୋଲିସ ପକ୍ଷରୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ପୋଲିସର ବୁଝାଶୁଝା ପରେ ଘଟଣାସ୍ଥଳରୁ ପଣ୍ଡିତ ଚାଲିଯାଇଥିଲେ ବୋଲି ଏନ୍‌ଏଚ୍‌ଆର୍‌ସିରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। କମିଶନ ଏହି ଘଟଣାର ତଦନ୍ତ କରନ୍ତୁ। ଏଥିସହ କ୍ୟାପିଟାଲ ଥାନା ପୋଲିସର ଆଇଆଇସି, ଜୋନ ଏସିପି, ଭୁବନେଶ୍ୱର ଡିସିପି ଓ ଅଭିଯୁକ୍ତ ଆଇପିଏସ୍ ଅଫିସରଙ୍କ ସିଡିଆର୍ ଜବତ କରାଯାଉ। ଏପରି କି ଇନ୍ସପେକ୍ଟରଙ୍କ ବାସଭବନ, ତାଙ୍କ ସ୍ୱାମୀ ଚିକିତ୍ସିତ ହୋଇଥିବା ଘରୋଇ ହସ୍ପିଟାଲ ଓ କ୍ୟାପିଟାଲ ପୋଲିସ ଷ୍ଟେଶନର ସିସିଟିଭି ଜବତ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରାଯାଇଛି। ଏସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଘଟଣା ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଉଲ୍ଲେଖ କରାଯାଇପାରେ ଯେ, ସମ୍ପୃକ୍ତ ମହିଳା ପୋଲିସ ଅଫିସର କିମ୍ବା ଆକ୍ରମଣର ଶିକାର ହୋଇଥିବା ତାଙ୍କ ସ୍ୱାମୀ ଉଭୟେ କେହିବି ଏପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ଦେଇନାହାନ୍ତି। ଭବିଷ୍ୟତରେ ଯଦି ଉଭୟେ କହିବେ ଯେ, ଏଭଳି କୌଣସି ଘଟଣା ଘଟି ନାହିଁ, ତେବେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଲମ୍ବନ ପଦକ୍ଷେପ ତ୍ରୁଟିପୂର୍ଣ୍ଣ ପ୍ରମାଣିତ ହେବ। ପ୍ରଥମେ ଗୋଟିଏ ଖବରକାଗଜରେ ଘଟଣା ସମ୍ପର୍କରେ ରିପୋର୍ଟ ବାହାରିଥିଲା। ସେଥିରେ କାହାରି ନାମ ଉଲ୍ଲେଖ ନ ଥିଲା। ତେଣୁ ଯେତେ ଚାଞ୍ଚଲ୍ୟକର ଇସ୍ୟୁ ଥିବା ସତ୍ତ୍ୱେ ଏହି ଘଟଣାର ସତ୍ୟାସତ୍ୟ ପ୍ରମାଣ କରିବା ଏକ ପ୍ରକାର ଅସମ୍ଭବ। ଘଟଣା ସମ୍ପର୍କରେ ବରିଷ୍ଠ ଆଇପିଏସ୍ ଅଧିକାରୀ ପଣ୍ଡିତଙ୍କ ମତାମତ ଆଣିବାକୁ ତାଙ୍କ ମୋବାଇଲ୍ ଫୋନ୍ ୯୭୭୭୨୮୮୮୯ରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଫୋନ୍ ସୁଇଚ୍ ଅଫ୍ ଥିବାରୁ କୌଣସି ଉତ୍ତର ମିଳିପାରି ନାହିଁ। ଏନେଇ ଜଣେ ଅବସରପ୍ରାପ୍ତ ପୋଲିସ ଡିଜି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଜଣେ ଅଧିକାରୀଙ୍କୁ ନିଲମ୍ବନ କରିବା ପୂର୍ବରୁ ଭାବିଚିନ୍ତି କରିବା କଥା। ସେ ଆଇପିଏସ୍ ଅଧିକୀରୀ ଜଣଙ୍କ ଉକ୍ତ ମହିଳା ଅଧିକାରୀଙ୍କ କ୍ୱାର୍ଟର୍ସକୁ କାହିଁକି ଯାଇଥିଲେ, ସେଠାରେ କ'ଣ ହୋଇଥିଲା, କିଏ ଏହି ଘଟଣା ଦେଖିଛି ଏସବୁ ବୁଝାଶୁଝା କରି କାର୍ଯ୍ୟାନୁଷ୍ଠାନ ନେବା କଥା। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ କ'ଣ ପ୍ରମାଣ ଥିଲା, ଯାହା ଫଳରେ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କଲେ ତାହା ସେ ଜାଣିଥିବେ। ଏହି ଘଟଣାରେ ତଦନ୍ତ କଲେ ସତ ଘଟଣା ଜଣାପଡ଼ିବ। ତେବେ ଯଦି ଏହି ଘଟଣା ସତ ହୋଇଥିବ ତାହା ନିହାତି ଖରାପ ଓ ଅତି ନିନ୍ଦନୀୟ ବୋଲି ପୂର୍ବତନ ପୋଲିସ ଡିଜି କହିଛନ୍ତି।

# ଲାଞ୍ଚ ନେଇ ଧରିଲାପଡ଼ିଲେ ବ୍ଲକ୍ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର/ଜଟଣୀ,୩୦।୭(ସତ୍ୟଜିତ୍ ରାଉତ/ରବୀନ୍ଦ୍ର ନାଥ ମହାକୁଡ଼)

ଜଣେ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ୍ ସହକାରୀ ଯନ୍ତ୍ରୀ (ଏଇ) ନିବେଦିତା ମହାନ୍ତି। ନିବେଦିତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ ହୋଇଛି। ଏନେଇ ଭିଜିଲାନ୍ସ ଥାନାରେ (ନଂ.୧୬/୨୦୨୪) ମାମଲା ରୁଜୁ କରାଯାଇ ନିବେଦିତାଙ୍କୁ ଗିରଫ କରାଯାଇଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ଠକିଦେଲା ପୁଅ: ବିଷ ପିଇଲେ ମା'ବାପା

ଦିଗପହଣ୍ଡି,୩୦।୭(ଅଶେଷ ନାଥ ମିଶ୍ର)

**ଚାକିରି କରାଇଦେବାକୁ କହି କୋଟିଏ ଟଙ୍କା ନେଇ ପୁଅ ଫେରାର**

- ମା' ମୃତ, ବାପା ଗୁରୁତର
- ଶ୍ମଶାନରୁ ଅଧାପୋଡ଼ା ମୃତଦେହ ଜବତ

ପୁଅର ଅପକର୍ମ ପାଇଁ ବିଷ ପିଇଦେଲେ ମା' ବାପା। ଏଥିରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଡାକ୍ତରଖାନାରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଅନ୍ୟପକ୍ଷରେ ବନ୍ଧୁବାନ୍ଧବ ଓ ସାହିପଡ଼ିଶା ଗାଁ ଶ୍ମଶାନରେ ମୃତଦେହ ସଂସ୍କାର କରୁଥିବା ବେଳେ ପୋଲିସ ପହଞ୍ଚି ଦରପୋଡ଼ା ମୃତଦେହ ଜବତ କରିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମରେ।

ଗୌତମୀ ଗ୍ରାମ ଗୋଲାସାହିର ଅବସରପ୍ରାପ୍ତ ଅମିନ ଏସ.ମୁକୁନ୍ଦ ଦୋରା ଓ ଏସ.ଦମୟନ୍ତୀ ଦୋରାଙ୍କ ସାନପୁଅ ଏସ.ଲୁଲୁ କୁମାର ଚାକିରି କରାଇଦେବାକୁ କହି ଆଖପାଖ ଗ୍ରାମର ବହୁ ଯୁବକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଗଲେ। ଠକେଇର ଶିକାର ହୋଇଥିବା ଯୁବକ ଏବଂ ତାଙ୍କ ସମ୍ପର୍କୀୟମାନେ ମୁକୁନ୍ଦଙ୍କ ଘରକୁ ଆସି ବାରମ୍ବାର ଟଙ୍କା ମାଗିବା ସହ ଧମକଚମକ ଦିଅନ୍ତି। ତେଣୁ ପୁଅର ଏଭଳି ଅପକର୍ମରେ ବ୍ୟତିବ୍ୟସ୍ତ ହୋଇ ଲୋକଙ୍କ ଅପମାନ ସହି ନ ପାରି ମୁକୁନ୍ଦ ଏବଂ ସ୍ତ୍ରୀ ଦମୟନ୍ତୀ ସୋମବାର ରାତିରେ କୀଟନାଶକ ପିଇ ଦେଇଥିଲେ। ମଙ୍ଗଳବାର ସକାଳେ ଘର କବାଟ ନ ଖୋଲିବାରୁ ପଡୋଶୀ ଲୋକେ ସନ୍ଦେହ କରି କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଘରେ ଦମୟନ୍ତୀ ମୃତ ଅବସ୍ଥାରେ ପଡ଼ିଥିବା ବେଳେ ମୁକୁନ୍ଦ ଛଟପଟ ହେଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ମୁକୁନ୍ଦଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ସମ୍ପର୍କୀୟ ଲୋକେ ଦମୟନ୍ତୀଙ୍କ ମୃତଦେହକୁ ଗାଁ ଶ୍ମଶାନରେ ଦାହ କରି ସଂସ୍କାର କରୁଥିବା ବେଳେ ବ୍ରହ୍ମପୁର ସଦର ଥାନା ପୋଲିସ ଶ୍ମଶାନରେ ପହଞ୍ଚି ଦରପୋଡ଼ା ମୃତଦେହକୁ ଜବତ କରିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଏଦୀଙ୍କ ହାତରେ ମଦ ବୋତଲ ଫଟୋ ଭାଇରାଲ

## ଢେଙ୍କାନାଳ ଜେଲ ଅଧୀକ୍ଷକ କହିଲେ ବହୁ ପୁରୁଣା

ଢେଙ୍କାନାଳ,୩୦।୭(ରତନ ନାୟାର)

ଏକ ହତ୍ୟା ମାମଲାରେ ଢେଙ୍କାନାଳ ଜେଲରେ ଥିବା ଜଣେ କଏଦୀ ହାତରେ ମଦ ବୋତଲ ଧରିଛନ୍ତି। ଏପରି ଏକ ଫଟୋ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଢେଙ୍କାନାଳ ଜେଲ ଅଧୀକ୍ଷକ ଊର୍ମିଳା ମିଞ୍ଜ୍ କହିଛନ୍ତି, ଭାଇରାଲ ହୋଇଥିବା ଫଟୋ ବହୁ ପୁରୁଣା। ତେବେ ଭାଇରାଲ ହେଉଥିବା ଏହି ଫଟୋକୁ ନେଇ ସହରରେ ନାନା ଚର୍ଚ୍ଚା ଚାଲିଛି। ଢେଙ୍କାନାଳ ଜେଲରେ କଏଦୀମାନେ କିପରି ଆରାମଦାୟକ ଜୀବନଶୈଳୀ ବିତାଉଛନ୍ତି ତାହା ଏହି ଫଟୋରୁ ଦୃଶ୍ୟମାନ ହେଉଥିବା ସହରବାସୀ ଆଲୋଚନା କରୁଛନ୍ତି। ତୁରନ୍ତ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଭାଇରାଲ ହେଉଥିବା ଫଟୋରେ ହାତରେ ମଦ ବୋତଲ, ସିଗାରେଟ ଧରିଥିବା କଏଦୀ ଜଣକ ୨୦୧୭ ମସିହା ଫେବୃଆରୀରେ ଏକ ହତ୍ୟା ମାମଲାର ଅଭିଯୁକ୍ତ। ସେହି ସମୟର ପଞ୍ଚାୟତ ନିର୍ବାଚନକୁ ନେଇ ଢେଙ୍କାନାଳ ସଦର ଥାନା ତରଭା ଗ୍ରାମରେ ଉକ୍ତ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ଜେଲ ଯାଇଥିବା ଅଭିଯୁକ୍ତଙ୍କ ଭିତରେ ଜଣେ ଓଏସ୍‌ଏପି ବାଟାଲିୟନର କର୍ମଚାରୀ ଥିଲେ। ଅନ୍ୟ ୨ଜଣ ସେହି ସମୟରେ ବିଜୁ ଜନତା ଦଳର ଦୃଢ଼ ସମର୍ଥକ ଥିଲେ। ସମ୍ପୃକ୍ତ ହତ୍ୟା ଅଭିଯୁକ୍ତମାନଙ୍କ ଭିତରୁ ଜଣେ ହାତରେ ମଦ ବୋତଲ, ସିଗାରେଟ ଧରିଥିବାର ଫଟୋ ଭାଇରାଲ ହୋଇଛି। ଫଳରେ ଜେଲ ଭିତରେ ଆଇନଶୃଙ୍ଖଳାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଜେଲର ଚାରିକାନ୍ଥ ଭିତରେ କଏଦୀମାନେ କିପରି ମଦ ବୋତଲ, ସିଗାରେଟ ଓ ନିଶାଦ୍ରବ୍ୟ ବ୍ୟବହାର କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଜେଲ ଅଧୀକ୍ଷକ ମିଞ୍ଜ୍ କହିଛନ୍ତି, ଯେଉଁ ଫଟୋ ଭାଇରାଲ ହେଉଛି, ତାହା ଏବେକାର ନୁହେଁ। ଏହା ବହୁ ପୁରୁଣା। ତଥାପି ଏହା କିପରି ଘଟିଲା, ତାହା ଆଶ୍ଚର୍ଯ୍ୟ ଲାଗୁଛି। ଏହା ଦୁର୍ଭାଗ୍ୟଜନକ।



ଭାଇରାଲ ହୋଇଥିବା ଫଟୋରେ ଜଣେ କଏଦୀ ମଦ ବୋତଲ ଧରିଛନ୍ତି।

# ଜ୍ୱାଇଁଙ୍କ ହାତୁଡ଼ି ମାଡ଼ରେ ଶ୍ୱଶୁର ମୃତ

ବାଙ୍କୀ,୩୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତର ନଦୀକୂଳ ସାହି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜ୍ୱାଇଁଙ୍କ ହାତୁଡ଼ି ମାଡ଼ରେ ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି। ଏନେଇ ବାଙ୍କୀ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଜ୍ୱାଇଁଙ୍କୁ ନେଇ ଥାନାରେ ଅଟକ ରଖିଛି। ମୃତକ ହେଲେ କାଳନ୍ଦୀ ଦାସ (୬୨)। ଅଭିଯୋଗ ଅନୁଯାୟୀ, କାଳନ୍ଦୀଙ୍କ ଝିଅ ପୂଜା ସହ ଦୁଃଶାସନଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ସବୁ ଠିକ୍ ଚାଲିଥିଲା। କିଛି ବର୍ଷ ପରେ ଦୁଃଶାସନ ସବୁବେଳେ ପୂଜାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ମଧ୍ୟ ଦେଉଥିଲେ। ଏନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପୂଜା ପୁଅକୁ ଧରି ବାପ ଘରକୁ ଚାଲି ଆସିଥିଲେ। ଦୁଃଶାସନ ସୋମବାର ପ୍ରାୟ ୨ଟା ୩୦ରେ ଶ୍ୱଶୁର ଘରକୁ ଯାଇଥିଲେ। ଏହି ସମୟରେ ଶାଶୁ, ଶ୍ୱଶୁର ଏବଂ ସ୍ତ୍ରୀ ସହ ଦୁଃଶାସନଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଦୁଃଶାସନ ଉତ୍ତ୍ୟକ୍ତ ହୋଇ କାଳନ୍ଦୀଙ୍କ ମୁଣ୍ଡକୁ ହାତୁଡ଼ିରେ ପିଟିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ କାଳନ୍ଦୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଫେରାର

ରାୟଗଡ଼ା,୩୦।୭(ଆଶିଷ ରଞ୍ଜନ ପଣ୍ଡା)

ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଫେରାର। ରାୟଗଡ଼ା ସହରର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ସୋମବାର ବିଳମ୍ବିତ ରାତିରେ ସ୍ତ୍ରୀ ପି. ଗୌରିଶ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଗୌରୀ ପାଲାକା ଫେରାର ହୋଇଯାଇଛନ୍ତି। ପାରିବାରିକ କଳହରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ନେଇ ସୂଚନା ମିଳିଛି।

ଗୌରିଶ୍ରୀଙ୍କ ବଡ଼ ଝିଅ ଲକ୍ଷ୍ମୀଙ୍କ କହିବାନୁଯାୟୀ, ରାତିରେ ତାଙ୍କ ବାପା ଓ ମା'ଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ପାଟିତୁଣ୍ଡ ହୋଇଥିଲା। ଖାଇବା ପରେ ଉଭୟେ ଶୋଇବା ପାଇଁ ନିଜ କୋଠରିକୁ ଚାଲିଯାଇଥିଲେ। ଏହାପରେ ଝିଅମାନେ ପାଖ କୋଠରିରେ ଶୋଇପଡ଼ିଥିଲେ। ତେବେ ରାତି ସାଢ଼େ ୧୨ଟା ବେଳେ ବାପା ଗୌରୀ ଝିଅମାନଙ୍କୁ ଉଠାଇ ତୁମ ମା' ଘର ଭିତରେ ମରିକି ପଡ଼ିଛି, ଯାଇ ଦେଖିନିଅ ବୋଲି କହି ଘରୁ ବାହାରି ପଳାଇଥିଲେ। ଗୌରିଶ୍ରୀ ତଳେ ପଡ଼ିଥିବା ଦେଖି ଝିଅମାନେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡ଼ିକାଲ କର୍ତ୍ତୃପକ୍ଷ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ରାୟଗଡ଼ା ଟାଉନ ଥାନା ଏସ୍‌ଆଇ କ୍ଷୀରସିନ୍ଧୁ ସାହୁ ରାତି ପ୍ରାୟ ୨ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପଡୋଶୀଙ୍କ କହିବାନୁଯାୟୀ, ଉଭୟେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସର୍ବଦା କଳହ ଲାଗୁଥିଲା। ଶ୍ୱଶୁର ଗୌରୀ ପାଲାକା ମଦ୍ୟପାନକରି ସବୁବେଳେ ଶାଶୁଙ୍କ ସହ ଝଗଡ଼ା କରୁଥିବା ନେଇ ଗୌରିଶ୍ରୀଙ୍କ ଜ୍ୱାଇଁ କହିଛନ୍ତି। ଏ ନେଇ ଟାଉନ ଥାନା ଆଇଆଇସି କେକେବିକେ କହଁର କହିଛନ୍ତି, ଥାନାରେ କେସ୍ ନଂ. ୨୫୨ରେ ମାମଲା ରୁଜୁକରି ତଦନ୍ତ ଚାଲିଛି ଏବଂ ଅଭିଯୁକ୍ତ ଗୌରୀଙ୍କୁ ଖୋଜା ଚାଲିଛି। ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ମୃତ ଗୌରିଶ୍ରୀଙ୍କ ୩ ଝିଅଙ୍କ ମଧ୍ୟରୁ ବଡ଼ ଝିଅଙ୍କ ବିବାହ ହୋଇସାରିଛି। ଜଣେ ଯୁକ୍ତ ୩ ଓ ଅନ୍ୟ ଜଣେ ଯୁକ୍ତ ୨ରେ ପଢୁଥିବା ଜଣାପଡ଼ିଛି।



ମୃତା ଗୌରିଶ୍ରୀ।

# ମାଟି ତଳୁ ନବଘନଙ୍କ ମୃତଦେହ କାଢ଼ି ତଦନ୍ତ



ମାଟିତଳୁ ମୃତଦେହ କଢ଼ାଯାଉଛି।

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/କଣ୍ଟାପଡ଼ା, (ସୁରନାରାୟଣ ସାହୁ)୩୦।୭

- ୧୦ଦିନ ହେଲା ବରମୁଣ୍ଡାରୁ ନିଖୋଜ ଥିଲେ
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଭୁବନେଶ୍ୱର ବରମୁଣ୍ଡାରୁ ନିଖୋଜ ଥିବା ନବଘନ ପାଟ୍ଟଶାଣୀ (୪୫) ଓରଫ ବଙ୍ଗାଙ୍କ ମୃତ୍ୟୁକୁ ନେଇ ରହସ୍ୟ ଲାଗିରହିଛି। ଗତ ଜୁଲାଇ ୨୦ରେ କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ କାଦଳ ନଦୀ ଉରାଢ଼ ଗ୍ରାମ ନିକଟ ତେଲିଯୋଡ଼ି ମୁହାଣ ନିକଟରୁ ଠାବ ହୋଇଥିବା ମୃତଦେହଟି ନବଘନଙ୍କର ବୋଲି ମଙ୍ଗଳବାର ସ୍ପଷ୍ଟ ହୋଇଛି। ସେତେବେଳେ ଗୋବିନ୍ଦପୁର ପୋଲିସ ମୃତଦେହକୁ ଜବତ କରି ପୋଷ୍ଟର ଲଗାଇଥିଲା। ପରିଚୟ ନ ମିଳିବାରୁ ୯୬ ଘଣ୍ଟା ପରେ ପୋଲିସ ମୃତଦେହକୁ ମାଟିତଳେ ପୋତି ଦେଇଥିଲା। ଏହି ଘଟଣାର ୧୦ ଦିନ ପରେ ମଙ୍ଗଳବାର ପରିବାର ଲୋକେ ଉକ୍ତ ମୃତଦେହଟି ନବଘନଙ୍କର ବୋଲି ସ୍ପଷ୍ଟ କରି ନ୍ୟାୟ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଗୋବିନ୍ଦପୁର ଥାନା ନିକଟ ସିମଳଦାସ୍ଥିତ ମଶାଣିରେ ପୋତାଯାଇଥିବା ମୃତଦେହକୁ ପୋଲିସ ପକ୍ଷରୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ନବଘନଙ୍କୁ ହତ୍ୟା ଅଭିଯୋଗ ଆଣି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗାଁର ଶତାଧିକ ଲୋକ ମଙ୍ଗଳବାର ଅପରାହ୍ନରେ ବରମୁଣ୍ଡା ନିକଟ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



ମୃତ ନବଘନ ପାଟ୍ଟଶାଣୀ

### ଭରତପୁର ଥାନାରେ ହୋଇଥିଲା ନିଖୋଜ ଅଭିଯୋଗ

ଦୁଇ ଝିଅଙ୍କ ପିତା ନବଘନ ଜୁଲାଇ ୧୯ ରାତିରେ ନିଜ କାର୍‌ରେ ଘରୁ ବାହାରିଆଉ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ତାଙ୍କ ଖୋଜଖବର ପାଇନଥିଲେ। ପରିବାର ଲୋକଙ୍କ ପକ୍ଷରୁ ଭରତପୁର ଥାନାରେ ନିଖୋଜ ଅଭିଯୋଗ ହୋଇଥିଲା। ଥାନା ପକ୍ଷରୁ ଏକ ମ୍ୟାନ ମିସିଙ୍ଗ୍ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକୃତ କରାଯାଇ ଖୋଜାଖୋଜି ଜାରି ରହିଥିଲା।

### ଭାସିଯାଉଥିବା ମୃତଦେହକୁ ମତ୍ସ୍ୟଜୀବୀ ଦେଖିଥିଲେ

ଜୁଲାଇ ୨୦ ଶନିବାର ସକାଳେ କାଦଳ ନଦୀରେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବାବେଳେ ନବଘନଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଲୋକଙ୍କ ସହଯୋଗରେ ପାଣିରୁ ମୃତଦେହକୁ ଉଦ୍ଧାର କରିଥିଲା। ନବଘନ ଧଳାରଙ୍ଗର ଶାର୍ଟ, ନୀଳରଙ୍ଗର ପ୍ୟାଣ୍ଟ ଓ ହାତରେ ଏକ ଘଣ୍ଟା ପିନ୍ଧିଥିଲେ। ତେବେ ତାଙ୍କ ମୁହଁ ଓ ବେକରେ ଗଭୀର କ୍ଷତଚିହ୍ନ ଥିବାରୁ ତାଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଇଥିଲା। ହେଲେ ମୃତଦେହର ପରିଚୟ ନ ମିଳିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା। ଗୋବିନ୍ଦପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୪) ରୁଜୁ କରାଯାଇ ରବିବାର କଟକ ଏସ୍‌ସିବିରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ତେବେ ଏଯାଏ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବା ପୋଲିସ ସୂଚନା ଦେଇଛି।

### ପୋଷ୍ଟରରୁ ପରିଚୟ ଜଣାପଡ଼ିଲା

ଗୋବିନ୍ଦପୁର ପୋଲିସ ପକ୍ଷରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସମେତ ରେଳଷ୍ଟେଶନ ଆଦି ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିଲା। ପ୍ରଥମେ ପୋଷ୍ଟରରୁ ଦେଖି ପୋଲିସ ନବଘନଙ୍କ ପରିବାର ଲୋକଙ୍କୁ ଦେଖାଇଥିଲା। ପୋଷ୍ଟରରେ ଥିବା ମୃତଦେହ ନବଘନଙ୍କର ବୋଲି ପରିବାର ଲୋକେ ସ୍ପଷ୍ଟ କରି ସୋମବାର ରାତିରେ ଗୋବିନ୍ଦପୁର ଥାନାକୁ ଯାଇଥିଲେ।

### ନିଖୋଜର ୪ ଦିନ ପରେ କାର୍ ମିଳିଥିଲା

ନିଖୋଜର ୪ଦିନ ପରେ ନବଘନଙ୍କ କାର୍ (ଓଡି ୦୨ସିଇ୫୦୫୦) ମିଳିଥିଲା। ଉକ୍ତ କାର୍‌କୁ ଆଉ ଜଣେ ଚଳାଉଥିବାବେଳେ ଜାଗମରା ନୂଆରୋଡ ନିକଟରୁ ପୋଲିସ ଜବତ କରିଥିଲା। ଉକ୍ତ ଗାଡ଼ିକୁ ତାଙ୍କ ପାଖରେ ବନ୍ଧକ ରଖାଯାଇ ଟଙ୍କା ନିଆଯାଇଥିବା ସମ୍ପୃକ୍ତ ଚାଳକ କହିଥିଲେ। ତେବେ ଏହି ଘଟଣାରେ ରହସ୍ୟ ଥିବା ପୋଲିସ ସନ୍ଦେହ କରୁଛି।

### ଅପହରଣ ପରେ ହତ୍ୟା ସନ୍ଦେହ

ନବଘନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତ୍ୱରିତ ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ନବଘନଙ୍କ ନାଁରେ ଖଣ୍ଡଗିରି, ଭରତପୁର ଥାନା ଆଦିରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଏପରିକି ୨୦୨୩ରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ରକରି କେହି ତାଙ୍କୁ ଅପହରଣ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### କେଉଁ ଥାନା କରିବ ତଦନ୍ତ

ନବଘନଙ୍କୁ ହତ୍ୟା କରାଯାଇଥିବା ଶତପ୍ରତିଶତ ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ପ୍ରଥମେ ଭରତପୁର ଥାନାରେ ରିପୋର୍ଟ ହୋଇଥିବା ବେଳେ ଗୋବିନ୍ଦପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ହେଲେ ଏବେ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ତଦନ୍ତ ଆଗେଇବ। ରିପୋର୍ଟ ଆସିବା ପରେ କେଉଁ ପୋଲିସ ଏହାର ତଦନ୍ତ କରିବ ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତ ନବଘନଙ୍କ ସମ୍ପର୍କୀୟଙ୍କ ରାସ୍ତାରୋକୋ

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୩୦।୭(ଅସମାପିକା ସାହୁ)

ଚଳିତବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ରାଜ୍ୟ, ଜିଲା, ବ୍ଲକ୍‌ସ୍ତରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ସେହିପରି ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନକୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ର ସଂଘ, ଶିକ୍ଷାଧିକାରୀ, ଜିଲା, ବ୍ଲକ୍ ଓ ପଞ୍ଚାୟତକୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଛାତ୍ରବୃତ୍ତି ପାଇବାକୁ ଥିବା ଛାତ୍ରୀଛାତ୍ରୀଙ୍କ ତାଲିକା ମାଧ୍ୟମିକ ବିଦ୍ୟାଳୟ ଲଗ୍‌ଇନ୍‌ରେ ଉପଲବ୍ଧ ରହିଛି। ଆସନ୍ତା ଅଗଷ୍ଟ ୮ ତାରିଖ ପୂର୍ବରୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଠାରୁ ରାଶନ କାର୍ଡ, ବ୍ୟାଙ୍କ ତଥ୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟ ଅପଲୋଡ୍ କରିବାକୁ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ଅର୍ଥ ବିଭାଗରେ ଓଡ଼ିଆ ଭାଷାର ବ୍ୟବହାର ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୩୦।୭(ଶର୍ମିଷ୍ଠା ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ସ୍ତରରେ ସମସ୍ତ ବିଭାଗର ନଥି କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ହେବା ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅର୍ଥ ବିଭାଗ ଅଧୀନରେ ଥିବା ସରକାରୀ କର୍ମଚାରୀଙ୍କୁ ସମସ୍ତ ନଥି କାର୍ଯ୍ୟ ଯଥା– ଟିପ୍ପଣୀ, ଆଦେଶ, ବିଜ୍ଞପ୍ତି, ସ୍ମାରକପତ୍ର, ସଙ୍କଳ୍ପ ଏବଂ ପତ୍ରବିନିମୟ ଓଡ଼ିଆ ଭାଷାରେ ସମ୍ପାଦିତ କରିବାକୁ ବିଜ୍ଞପ୍ତି ମାଧ୍ୟମରେ ଅନୁରୋଧ କରାଯାଇଛି।

### ଏଏଚ୍‌ପିଜିଆଇସିରେ ଖୋଲିବ ୩ ବିଭାଗ

କଟକ,୩୦।୭(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ (ଏଏଚ୍‌ପିଜିଆଇସି)ରେ ରେଡ଼ିଓଲୋଜି, ୟୁରୋଲୋଜି ଓ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଖୋଲିବ। ଏଥିପାଇଁ ଅନୁଷ୍ଠାନର କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ବିଭାଗଗୁଡ଼ିକରେ ଡାକ୍ତର ନିଯୁକ୍ତି ଠାରୁ ଆରମ୍ଭ କରି ପାଠପଢ଼ା ହେବ। ଏଥିସହ ଡି.ଏମ୍ ପାଠ୍ୟକ୍ରମ ଆରମ୍ଭ ପାଇଁ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି)କୁ ଚିଠି ଲେଖାଯିବ। କର୍କଟ ରୋଗୀମାନେ ଏସ୍‌ସିବି ମେଡିକାଲର ୟୁରୋଲୋଜି ଏବଂ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଉପରେ ଚିକିତ୍ସା ପାଇଁ ନିର୍ଭର କରି ରହୁଛନ୍ତି। ଏଏଚ୍‌ପିଜିଆଇସିରେ ୟୁରୋଲୋଜି ଓ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଡାକ୍ତର ଥିଲେ ସୁଦ୍ଧା ପୂର୍ଣ୍ଣ ମାତ୍ରାରେ ଚିକିତ୍ସା ସେବା ମିଳିପାରୁନାହିଁ। ଆଗାମୀ ଦିନରେ ଏହା ବିଭାଗରେ ପରିଣତ ହେବା ସହ କର୍କଟ ରୋଗୀ ସେବା ପାଇବେ ବୋଲି ମେଡିକାଲ ପକ୍ଷରୁ ସୂଚନା ରହିଛି।

# ମୁଣ୍ଡ, ଗଳା କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ୁଛି

**ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ପ୍ରଭାବିତ**

- ଏମ୍ସ ଭୁବନେଶ୍ୱରରେ ବାର୍ଷିକ ୪ ହଜାର ରୋଗୀଙ୍କ ହେଉଛି ଅସ୍ତ୍ରୋପଚାର
- ୧୨ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ରେଡିଓଥେରାପି ଓ କେମୋଥେରାପି ପ୍ରଦାନ



କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର, ୩୦।୭(ଅସମାପିକା ସାହୁ)

ପ୍ରତିବର୍ଷ ମୁଣ୍ଡ ଓ ଗଳା କର୍କଟ ରୋଗୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଉଛି, ଯାହାକି ଚିନ୍ତାଜନକ। ଏମ୍ସ ଭୁବନେଶ୍ୱର ଇଏନ୍‌ଟି ଏବଂ ରେଡିଓଥେରାପି ବିଭାଗକୁ କେବଳ ବାର୍ଷିକ ୧୦ ହଜାରରୁ ଅଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଏଥିମଧ୍ୟରୁ ସାଢ଼େ ୩ହଜାରରୁ ୪ ହଜାର ରୋଗୀ କେବଳ ମୁଣ୍ଡ ଓ ଗଳା କର୍କଟ ଭାବେ ଚିହ୍ନଟ ହେଉଛନ୍ତି। ଏମାନଙ୍କର ଅସ୍ତ୍ରୋପଚାର କରାଯାଉଥିବା ବେଳେ ପ୍ରାୟ ୧୨ଶହରୁ ଅଧିକ ରୋଗୀ ରେଡିଓଥେରାପି ଏବଂ କେମୋଥେରାପି ନେଇଥାନ୍ତି। ମଦ୍ୟପାନ ଏବଂ ତମାଖୁ ସେବନ ହେତୁ ମୁଣ୍ଡ ଓ ଗଳା କର୍କଟ ରୋଗର ଭୟାବହତା ବୃଦ୍ଧି ଘଟୁଥିବା ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍ସ ଭୁବନେଶ୍ୱର ଇଏନ୍‌ଟି ଏବଂ ରେଡିଏଶନ ଅଙ୍କୋଲୋଜି ବିଭାଗ ସହଯୋଗରେ ବିଶ୍ୱ ମୁଣ୍ଡ ଓ ଗଳା କର୍କଟ ଦିବସ ପାଳନ ଅବସରରେ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ବିଶ୍ୱାସ ଯୋଗଦେଇ କହିଛନ୍ତି, ତମାଖୁ ସେବନ, ଧୂମପାନ ଏବଂ ମଦ୍ୟପାନ ପରି କୁଅଭ୍ୟାସ କାରଣରୁ ଏହା କ୍ରମଶଃ ଭୟଙ୍କର ରୂପ ଧାରଣ କରୁଛି। ଏହି କର୍କଟ ରୋଗ ଥରେ ଚିହ୍ନଟ ହେବା ପରେ ଅସ୍ତ୍ରୋପଚାର, ରେଡିଓଥେରାପି ଏବଂ କେମୋଥେରାପି ଦ୍ୱାରା ଚିକିତ୍ସା କରାଯାଇ ଆରୋଗ୍ୟ କରାଯାଇପାରିବ। ଏମ୍ସ ଭୁବନେଶ୍ୱରରେ ସମସ୍ତ ଚିକିତ୍ସା ସୁବିଧା ମାଗଣାରେ ଯୋଗାଇ ଦିଆଯାଉଥିବା ଡା. ବିଶ୍ୱାସ ସୂଚନା ଦେଇଛନ୍ତି।

ଇଏନ୍‌ଟି ଏବଂ ମୁଣ୍ଡ ଓ ଗଳା ସର୍ଜରି ବିଭାଗର ମୁଖ୍ୟ ଡା. ପ୍ରଦୀପ କୁମାର ପରିଡ଼ା କହିଛନ୍ତି, ମୁଣ୍ଡ ଓ ଗଳା କର୍କଟ ବିଶେଷକରି ମୁଖଗହ୍ୱରକୁ ପ୍ରଭାବିତ କରିଥାଏ। ଭାରତୀୟଙ୍କ ମଧ୍ୟରେ ଏହା ସର୍ବାଧିକ କର୍କଟ ଅଟେ। ମହିଳାଙ୍କ ତୁଳନାରେ ଏହି ରୋଗରେ ପୁରୁଷମାନେ ଅଧିକ ଆକ୍ରାନ୍ତ ହୁଅନ୍ତି। ପାଟି ଖୋଲିବାରେ ଅସୁବିଧା ହେବା ସହ ପାଟି କ୍ରମଶଃ ସଙ୍କୁଚିତ ହୋଇଯିବା, ତୁଣ୍ଡ ଘା', ଦାନ୍ତ ଓ ବେକ ଫୁଲିଯିବା ଭଳି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବାକୁ ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଡିନ୍ ଡା. ପ୍ରଶାନ୍ତ .ଆର୍. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ାଙ୍କ ସମେତ ଅଧ୍ୟାପକ, ଛାତ୍ରୀଛାତ୍ର, ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ। ମଦ୍ୟପାନ, ତମ୍ବାଖୁଜାତୀୟ ନିଶାଦ୍ରବ୍ୟ ସେବନ ପରିତ୍ୟାଗ ସହ କର୍କଟ ଚିହ୍ନଟ ଏବଂ ଚିକିତ୍ସା ସମ୍ପର୍କରେ ସଚେତନତା ପ୍ରସାର କରାଯାଇଥିଲା। ପ୍ରତି ସୋମବାର ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକ ମୁଣ୍ଡ ଓ ଗଳା କର୍କଟ କ୍ଲିନିକ କାର୍ଯ୍ୟକାରୀ ହେଉଥିବା ଇଏନ୍‌ଟି ବିଭାଗର ସହଯୋଗୀ ପ୍ରଫେସର ଡା. ଦିଲୀପ କୁମାର ସାମଲ ସୂଚନା ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ମୁଖ କର୍କଟ ଏବଂ ମୁଣ୍ଡ ଓ ଗଳା କର୍କଟ ପାଇଁ ମାଗଣା ସ୍କ୍ରିନିଂ କରାଯାଇଥିଲା।

# କାଠ ମାଫିଆ, ଶିକାରୀମୁକ୍ତ ହେବ ଜଙ୍ଗଲ


କୋମ୍ବିଂ ଅପରେଶନ ପାଇଁ ଆସିଥିବା ସିଆର୍‌ପିଏଫ୍ ଯବାନମାନେ ମକ୍‌ଡ୍ରିଲ କରୁଛନ୍ତି।

ଭୁବନେଶ୍ୱର, ୩୦।୭(ଅସମାପିକା ସାହୁ)

**ସିଆର୍‌ପିଏଫ୍ - ବନ କର୍ମଚାରୀଙ୍କ ମିଳିତ କୋମ୍ବିଂ ଆରମ୍ଭ**

ଜଙ୍ଗଲରେ ଶିକାର ରୋକିବାକୁ ବନ ବିଭାଗ ଯେତିକି ଗୁରୁତ୍ୱ ଦେଉଛି, ଜଙ୍ଗଲ ତସ୍କରୀକୁ ମଧ୍ୟ ସେତିକି ଗୁରୁତ୍ୱ ଦେଉଛି। ଶିକାରୀଙ୍କ ଉତ୍ପାତ ରୋକିବା ସହିତ କାଠ ମାଫିଆଙ୍କୁ କାବୁକରିବା ପାଇଁ ଆରମ୍ଭ କରିଛି ସ୍ୱତନ୍ତ୍ର ରଣନୀତି। ବନ କର୍ମଚାରୀଙ୍କୁ ଶିକାରୀ ଏବଂ ତସ୍କରଙ୍କ ସହିତ ଲଢ଼େଇ କରିବା ପାଇଁ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) କର୍ମଚାରୀ ଏବଂ ବନ ବିଭାଗର ଅଧିକାରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ମିଳିତ କୋମ୍ବିଂ ଅଭ୍ୟାସ ଆରମ୍ଭ ହୋଇଛି।

ସିଆର୍‌ପିଏଫ୍‌ର ୪୫୦ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ କର୍ମଚାରୀ ଅଭୟାରଣ୍ୟ ଭିତରେ କୋମ୍ବିଂ ଅପରେଶନ କରିଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୭ଦିନ ପର୍ଯ୍ୟନ୍ତ ଏହା ଚାଲୁରହିବ। ସିଆର୍‌ପିଏଫ୍ ଚନ୍ଦକା ଜଙ୍ଗଲ ମଧ୍ୟରେ ୩ଟି କ୍ୟାମ୍ପ କରିବେ। ପ୍ରତି କ୍ୟାମ୍ପରେ ପାଖାପାଖି ୧୫୦ ଜଣ ଲେଖାଏ ଯବାନ ରହିବେ। କୋମ୍ବିଂ ଟ୍ରେନିଂ ବେଳେ ବନ ବିଭାଗ ସିଆର୍‌ପିଏଫ୍‌କୁ ସାହାଯ୍ୟ କରିବ। ଏହାଦ୍ୱାରା ବନ୍ୟଜନ୍ତୁ ଶିକାର ସହିତ ଜଙ୍ଗଲୀଜାତ ଦ୍ରବ୍ୟ ଚୋରାଚାଲାଣ ଉପରେ ରୋକ ଲାଗିବ ବୋଲି ଆଶା କରାଯାଉଛି। ଓଡ଼ିଶା ଜଙ୍ଗଲରୁ ମାଫିଆ ଓ ଶିକାରୀଙ୍କ ପ୍ରାଦୁର୍ଭାବକୁ ରୋକିବାକୁ ରାତିରେ ମଧ୍ୟ ନାଇଟ ପାଟ୍ରୋଲିଂ କରାଯିବ। ଏ ନେଇ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଏ ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ସିଆର୍‌ପିଏଫ୍ ଆଇଜି ଆମ ଅନୁରୋଧ ରଖି ସହଯୋଗ ଯୋଗାଇ ଦେଇଛନ୍ତି। କାଠମାଫିଆ ଓ ଶିକାରୀଙ୍କ ଦୌରାତ୍ମ୍ୟରୁ ଜଙ୍ଗଲକୁ ରକ୍ଷା କିପରି କରାଯିବ ସେନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ମିଳିତ ପ୍ରଶିକ୍ଷଣରେ ବନ ବିଭାଗର ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ଏହି କୋମ୍ବିଂ ଅପରେଶନ ଉଭୟ ସିଆର୍‌ପିଏଫ୍ ଏବଂ ବନ କର୍ମଚାରୀଙ୍କ ପାଇଁ ଲାଭଦାୟକ ହେବ। ରାଜ୍ୟର ଅନ୍ୟ ସମସ୍ତ ଅଭୟାରଣ୍ୟରେ, ବିଶେଷକରି ସାତକୋଶିଆ ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ଏଭଳି ତାଲିମ ନେବାକୁ କେନ୍ଦ୍ର ସରକାରଙ୍କୁ ଚିଠି କରାଯିବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

### କ୍ୟାନ୍‌ସର ରୋଗୀଙ୍କୁ କେଶ ଦାନକଲେ ପ୍ରତିଭା

ଭୁବନେଶ୍ୱର,୩୦।୭(ଶର୍ମିଷ୍ଠା ପାଣିଗ୍ରାହୀ)

କ୍ୟାନ୍‌ସର ରୋଗୀଙ୍କ ପାଇଁ କେଶ ଦାନ କରିଛନ୍ତି ପ୍ରତିଭା ପ୍ରିୟଦର୍ଶିନୀ ପ୍ରଧାନ। ଯୁକ୍ତ ୨ ପାଠପଢ଼ା ଶେଷକରି ସେ ଏବେ ଭୁବନେଶ୍ୱରରେ ରହି ଅଧ୍ୟୟନ କରୁଛନ୍ତି। ପୁରୀ ଜିଲା ପିପିଲି ବ୍ଲକର ହାଟସାହିରେ ତାଙ୍କ ଘର। ୧୭ ବର୍ଷୀୟା ପ୍ରତିଭା ଭୁବନେଶ୍ୱରର ଶୋଭା ଟ୍ରଷ୍ଟରେ ନିଜ କେଶ ଦାନ କରିଛନ୍ତି। ଏ ନେଇ ପ୍ରତିଭା କହିଛନ୍ତି, ପୂର୍ବରୁ ସ୍ମୃତିସୁଧା ନାମ୍ନୀ ଦିଦିଙ୍କର ଏକ ଖବର ଟିଭିରେ ଦେଖିଥିଲି। ସେ ପୂରା ଲଣ୍ଡା ହୋଇ କ୍ୟାନ୍‌ସର ରୋଗୀଙ୍କ ପାଇଁ କେଶ ଦାନ କରିଥିଲେ। ତାଙ୍କର ସେହି ଭିଡିଓ ଦେଖିବା ପରେ ମୁଁ ଅନୁପ୍ରେରିତ ହୋଇଥିଲି। ଏହାପରେ ମୁଁ କେଶ ଦାନ କରିବାକୁ ନିଷ୍ପତ୍ତି ନେଇଥିଲି। ମୋ ପରିବାର ଏଥିଲାଗି ବହୁତ ଖୁସି। ସମାଜସେବା କ୍ଷେତ୍ରରେ ପଛଘୁଞ୍ଚା ଦେବା ଉଚିତ୍ ନୁହେଁ ବୋଲି ପରିବାର ଲୋକେ କହିବା ସହ ମୋତେ ଏଥିଲାଗି ଉତ୍ସାହିତ କରିଥିଲେ। କେମୋଥେରାପି ଆରମ୍ଭ ହେବା ପରେ କେଶ ଉପୁଡ଼େ। ସେମାନେ ଏହି ସମସ୍ୟାକୁ କିଭଳି ସାମ୍ନା କରୁଥିବେ ତାହା ଅନୁମାନ କରିବା କଷ୍ଟଦାୟକ। ତେଣୁ ଯଦି ମୋ କେଶ ଅନ୍ୟ କାହାର କାର୍ଯ୍ୟରେ ଆସିପାରିବ ତାହାଠୁ ବଡ଼ ଖୁସିର କଥା କିଛି ନାହିଁ।


ପ୍ରତିଭା ପ୍ରିୟଦର୍ଶିନୀ ପ୍ରଧାନ

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ରୋହନ


@ ଲକି


@ ମନୋଜ


@ ପ୍ରତୀକ


@ ଉଦୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ମା'ଭଟ୍ଟାରିକାଙ୍କ ମନ୍ଦିର ବେଢ଼ାକୁ ଛୁଇଁଲା ବନ୍ୟାଜଳ



ବଡ଼ମ୍ବା, ୩୦।୭(ମାୟାଧର ମଲ୍ଲିକ)

କଟକ ଜିଲା ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ପୀଠକୁ ଚଳିତ ବର୍ଷର ମହାନଦୀର ପ୍ରଥମ ବନ୍ୟା ଜଳ ଛୁଇଁଛି। ଏହି ଜଳ ମନ୍ଦିର ଭିତରକୁ ପ୍ରବେଶକଲେ ମନ୍ଦିର ସନ୍ନିକଟ ପୁରାତନ ଆସ୍ଥାନକୁ ମା'ଙ୍କ ପ୍ରତିମାକୁ ସ୍ଥାନାନ୍ତର କରାଯିବ ବୋଲି ମନ୍ଦିର ମୁଖ୍ୟ ପୂଜକ ଶିରୀଶ ରଣା କହିଛନ୍ତି। ସେହିପରି ବଡ଼ମ୍ବାର ମହାନଦୀ କୂଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ପ୍ରଶାସନ ତରଫରୁ ସତର୍କ ସୂଚନା ଜାରି କରାଯାଇଛି। ବିଶେଷକରି ଭଟ୍ଟାରିକା ପୀଠ ସମେତ ବଡ଼ମ୍ବା ଅଞ୍ଚଳର ମହାନଦୀ କୂଳବାସୀଙ୍କୁ ନଦୀରେ ଗାଧୋଇବା ପାଇଁ ବାରଣ କରାଯାଇଛି। ନିର୍ଦ୍ଦେଶକୁ ଅମାନ୍ୟ କଲେ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତ ରଞ୍ଜନ ଦାଶ କହିଛନ୍ତି।

# ନାବାଳକ ଗାଡ଼ି ଚଳାଇଲେ ରଦ୍ଦ ହେବ ରେଜିଷ୍ଟ୍ରେଶନ

କଟକ,୩୦।୭ (କାର୍ତ୍ତିକ ସାହୁ)

**ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ କଡ଼ା କଟକଣା**

- ୨ ଦିନରେ ୩୩୪ ମାମଲା, ୮୩.୫ ଲକ୍ଷ ଜରିମାନା
- ଭୁବନେଶ୍ୱର-୧ରେ ସର୍ବାଧିକ ୨୩, ଜଗତ୍‌ସିଂହପୁରରେ ସର୍ବନିମ୍ନ ୧

ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଧରପଗଡ଼ ଅଭିଯାନରେ ବିଶେଷ ସଫଳତା ମିଳିଛି। ନାବାଳକ ଚାଳକଙ୍କୁ ଗାଡ଼ି ଚାଳନାରୁ ନିବୃତ୍ତ କରିବା ପାଇଁ ଏସ୍‌ଟିଏ ଏମ୍‌ଭି ଆକ୍ଟ ୧୯୯(କ) ଧାରାକୁ ପାଳନ କରିବା ନିମନ୍ତେ କଡ଼ା କଟକଣା ଜାରି କରିଛି। ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଏବଂ ୩ଟି ଅତିରିକ୍ତ ପରିବହନ ଅଧିକାରୀ (ଏଆର୍‌ଟିଓ)ଙ୍କ ପକ୍ଷରୁ ଧରପଗଡ଼ ଅଭିଯାନ କରାଯାଇଛି। ପ୍ରଥମ ଦିନରେ ୧୫୪ ଓ ଦ୍ୱିତୀୟ ଦିନରେ ୧୮୦ ମିଶି ମୋଟ୍ ୩୩୪ଟି ମାମଲାରେ ଚାଲାଣ କଟାଯାଇଛି। ସେହିପରି ପ୍ରଥମ ଦିନରେ ୬୦ ଓ ଦ୍ୱିତୀୟ ଦିନରେ ୭୮ ମିଶି ମୋଟ୍ ୧୩୮ ଗାଡ଼ି ଜବତ ହୋଇଛି। ହେଲେ ୧୯୬ଟି ମାମଲାରେ କେବଳ ଚାଲାଣ କଟାଯାଇଥିବାବେଳେ କୌଣସି ଗାଡ଼ି ଜବତ ହୋଇପାରିନାହିଁ। ୨ ଦିନ ବ୍ୟାପୀ ରୁଜୁ ୩୩୪ ମାମଲାରେ ୮୩ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ପାଇଁ ଚାଲାଣ କଟାଯାଇଛି।

ଏସ୍‌ଟିଏ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଟିଏର ଆଡିଶନାଲ କମିଶନର ଲାଲମୋହନ ସେଠୀଙ୍କ ସୂଚନା ଅନୁସାରେ, ୧୬ ବର୍ଷରୁ କମ୍ ନାବାଳକ ଗାଡ଼ି ଚଳାଇଲେ ପ୍ରଥମେ ଗାଡ଼ି ଜବତ ହୋଇ ମାମଲା ରୁଜୁ ହେବ। ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯିବ। ରାସ୍ତାରେ ଲାଗିଥିବା କ୍ୟାମେରାରେ ଧରାପଡ଼ିଲେ ବି କାର୍ଯ୍ୟାନୁଷ୍ଠାନ ହେବ।

ସେହିପରି ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ନିକଟରୁ ମଙ୍ଗଳବାର ମିଳିଥିବା ୨ ଦିନର ତଥ୍ୟ ଅନୁସାରେ, ଚାଲାଣ କଟାଯାଇଥିବା ମାମଲା ସଂଖ୍ୟା ବଡ଼ବିଲ୍‌ରେ ୩, ଦେବଗଡ଼ ୪, ଅନୁଗୋଳ ୧୩, ଢେଙ୍କାନାଳ ୧୧, କେନ୍ଦୁଝର ୯, ତାଳଚେର ୬, ରାଉରକେଲା ୧୭, ସୋନପୁର ୮, ବଲାଙ୍ଗୀର ୧୨, ଝାରସୁଗୁଡ଼ା ୭, ବରଗଡ଼ ୫, ସମ୍ବଲପୁର ୯, ସୁନ୍ଦରଗଡ଼ ୪, ଭୁବନେଶ୍ୱର(୧) ୨୩, ନୟାଗଡ଼ ୧୩, ପୁରୀ ୩, କଟକ ୨୭, କେନ୍ଦ୍ରାପଡ଼ା ୩, ଭୁବନେଶ୍ୱର(୨) ୧୩, ଏଆର୍‌ଟିଓ ଖୋର୍ଦ୍ଧା ୬, ଜଗତ୍‌ସିଂହପୁର ୧, ଫୁଲବାଣୀ ୪, ଭଞ୍ଜନଗର ୫, ଗଞ୍ଜାମ ୧୪, ଗଜପତି ୪, ବୌଦ୍ଧ ୩, ଯାଜପୁର ୫, ଚଣ୍ଡିଖୋଲ ୯, ଏଆର୍‌ଟିଓ ରାଇରଙ୍ଗପୁର ୮, ବାଲେଶ୍ୱର ୧୦, ଭଦ୍ରକ ୩, ମୟୂରଭଞ୍ଜ ୬, ନୂଆପଡ଼ା ୫, କଳାହାଣ୍ଡି ୨୨, ରାୟଗଡ଼ା ୧୩, ମାଲକାନଗିରି ୨, ନବରଙ୍ଗପୁର ୧୦ ଓ କୋରାପୁଟ ୧୪ ମିଶି ମୋଟ୍ ୩୩୪ ହୋଇଛି। ଅପରପକ୍ଷରେ ଜବତ ହୋଇଥିବା ଗାଡ଼ି ସଂଖ୍ୟା ବଡ଼ବିଲ ୧, ଅନୁଗୋଳ ୯, ଢେଙ୍କାନାଳ ୨, ତାଳଚେର ୬, ରାଉରକେଲା ୧୭, ସୋନପୁର ୮, ବଲାଙ୍ଗୀର ୧୨, ସୁନ୍ଦରଗଡ଼ ୪, ଭୁବନେଶ୍ୱର(୧) ୪, ନୟାଗଡ଼ ୨, କଟକ ୧, ଏଆର୍‌ଟିଓ ଖୋର୍ଦ୍ଧା ୩, ଫୁଲବାଣୀ ୪, ଗଞ୍ଜାମ ୨, ଗଜପତି ୨, ବୌଦ୍ଧ ୧, ଚଣ୍ଡିଖୋଲ ୯, ଏଆର୍‌ଟିଓ ରାଇରଙ୍ଗପୁର ୨, ବାଲେଶ୍ୱର ୮, ଭଦ୍ରକ ୩, ମୟୂରଭଞ୍ଜ ୬, ନୂଆପଡ଼ା ୫, କଳାହାଣ୍ଡି ୯, ରାୟଗଡ଼ା ୧୩, ନବରଙ୍ଗପୁର ୧ ଓ କୋରାପୁଟ ୪ ମିଶି ମୋଟ୍ ୧୩୮ ହୋଇଛି। ସର୍ବାଧିକ ମାମଲା ସଂଖ୍ୟା ଭୁବନେଶ୍ୱର-୧ରେ ୨୩ ହୋଇଥିବାବେଳେ ଜଗତ୍‌ସିଂହପୁରରେ ସର୍ବନିମ୍ନ ୧ ରହିଛି। ତେବେ ୨ ଦିନ ବ୍ୟାପୀ ଧରପଗଡ଼ରେ ଦେବଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, କେନ୍ଦ୍ରାପଡ଼ା, ଭୁବନେଶ୍ୱର(୨), ଜଗତ୍‌ସିଂହପୁର, ଭଞ୍ଜନଗର, ଯାଜପୁର, ମାଲକାନଗିରି ଆର୍‌ଟିଓ କାର୍ଯ୍ୟାଳୟ ଅଧୀନରେ କୌଣସି ଗାଡ଼ି ଜବତ ହୋଇ ନ ଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ଏମ୍‌ଭି ଆକ୍ଟ ୧୯୯(କ) ଧାରା ଅନୁଯାୟୀ ନାବାଳକମାନେ ଗାଡ଼ି ଚଳାଉଥିବା ଧରାପଡ଼ିଲେ ସେମାନଙ୍କ ମା'ବାପା ଜେଲ୍ ଯିବେ। ଗାଡ଼ି ଦେଇଥିବା ମା'ବାପାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏଥିସହ ସମ୍ପୃକ୍ତ ନାବାଳକଙ୍କୁ ୨୫ ବର୍ଷ ନ ହେବା ପର୍ଯ୍ୟନ୍ତ କୌଣସି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବନାହିଁ।

## ସଂକ୍ଷେପରେ

### ମୁଖ୍ୟ ପିଚୁ ରାସ୍ତାରେ ଖାଲ, ଯାତ୍ରୀ ହନ୍ତସନ୍ତ



**ଯୋଗେଶ୍ୱରପୁର,୩୦।୭(ରଶ୍ମିରଞ୍ଜନ ସାହୁ)**

ନିମାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ନିମାପଡ଼ା- ଅସ୍ତରଙ୍ଗ ରାସ୍ତାର ନୟାହାଟ ନିକଟସ୍ଥ ବାସୁଦେବ ମନ୍ଦିର ନିକଟରେ ରାସ୍ତାରେ ୨ଟି ବଡ଼ ଖାଲ ହୋଇ ରଡ଼ ଦେଖାଯାଉଛି। ସେହି ଖାଲରେ ବର୍ଷାପାଣି ଜମିବାରୁ ଚାଳକମାନେ ଜାଣି ନ ପାରି ଖାଲରେ ପଡ଼ି କ୍ଷତିଗ୍ରସ୍ତ ହେଉଛନ୍ତି। ଉକ୍ତ ରାସ୍ତା ୧୫ ବର୍ଷ ତଳେ ନିର୍ମାଣ ହୋଇଥିବାବେଳେ ଏହା ଉପରେ ପ୍ରତିଦିନ ବଡ଼ ବଡ଼ ମାଲ ବୋଝେଇ ଗାଡ଼ି, ଶତାଧିକ ଯାତ୍ରୀ ବସ୍ ପୁରୀ, କଟକ, ଭୁବନେଶ୍ୱର, ପାରାଦୀପ, ବାଲି ଟ୍ରକ୍ ଯାଉଥିବାବେଳେ ରାସ୍ତାଟି ନଷ୍ଟ ହୋଇଯାଇଛି। ବିଶେଷ କରି ପଥଚାରୀ ଓ ସାଇକେଲ ଆରୋହୀ ଯାତାୟାତବେଳେ ଖାଲରେ ପଡ଼ି ଆହତ ହେଉଛନ୍ତି। ସେହିପରି କଲେଜ ଛକଠାରେ ରାସ୍ତା ଖାଇ ଯାଇ ପ୍ରାୟ ୫୦୦ ମିଟର ରାସ୍ତାରେ ପାଣି ଜମିରହୁଛି। ଏହି ବାଟ ଦେଇ ଯନ୍ତ୍ରୀ, ଏସ୍‌ଡିଓ ଯାତାୟାତ କରୁଥିଲେ ମଧ୍ୟ ସେମାନଙ୍କ ଦୃଷ୍ଟି କିପରି ପଡୁନାହିଁ ସାଧାରଣରେ ପ୍ରଶ୍ନ ଉଠୁଛି। ଯଦି ରାସ୍ତା ଠିକ୍ ଭାବରେ କାର୍ଯ୍ୟ ନ କରାଯାଏ ନୟାହାଟ ବଜାର କମିଟି ସଭାପତି ଫକୀର ବାରିକ୍ ଓ ସମ୍ପାଦକ ସୁବାସ ପାତ୍ର ଆନ୍ଦୋଳନରେ ବସିବେ ବୋଲି କହିଛନ୍ତି।

### ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

**ଡେଲାଙ୍ଗ,୩୦।୭(ରଶ୍ମିରଞ୍ଜନ ପ୍ରଧାନ)**

ହରିରାଜପୁର ଫାଣ୍ଡି ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ମାଟିଆ ଫୁଲଶାର୍ଟ ପିନ୍ଧିଥିବାବେଳେ ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ। ବୟସ ପାଖାପାଖି ୫୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ମୃତଦେହ ଜବତ କରିବା ସହ ୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଛି। ଜଟଣୀ- ପିପିଲି ମୁଖ୍ୟରାସ୍ତା ବାମପାର୍ଶ୍ୱର କୌଶଲ୍ୟା ଇଟା ଭାଟି ସନ୍ନିକଟରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପଡ଼ିଥିବା ଜାଣି ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ପହଞ୍ଚି ତଦନ୍ତ କରିଛନ୍ତି।

# ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ସ୍କୁଲରେ ତାଲା

- ପାଣି ଟାଙ୍କିରେ ମାଙ୍କଡ଼ ପଡ଼ିବା ଘଟଣା
- ପାଠ ପଢ଼ି ନ ପାରି ଫେରିଲେ ଛାତ୍ରୀଛାତ୍ର

**ଗୋପ,୩୦।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକ ଅଧୀନ ନାଗପୁର ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଆଜବେଷ୍ଟସ ଚୋରି ଓ ପାଣି ଟାଙ୍କିରେ ମାଙ୍କଡ଼ ମରିବା ପରେ ସେହି ପାଣିରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ରୋଷେଇ କରି ଖାଇବାକୁ ଦେବା ଅଭିଯୋଗରେ ଉତ୍ତ୍ୟକ୍ତ ଅଭିଭାବକଙ୍କ ସହିତ ସ୍କୁଲ କମିଟି ସଦସ୍ୟ ମଙ୍ଗଳବାର ତାଲା ପକାଇ ବିକ୍ଷୋଭ କରିଥିଲେ। ଫଳରେ ସ୍କୁଲ ଛାତ୍ରୀଛାତ୍ର ପାଠ ପଢ଼ି ନ ପାରି ଘରକୁ ଫେରିଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗରେ ସଙ୍ଗେ ସଙ୍ଗେ ଶିକ୍ଷା ବିଭାଗର ଅଧିକାରୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଅପରାହ୍ନରେ ଉତ୍ତ୍ୟକ୍ତ ଅଭିଭାବକ ତାଲା ଖୋଲିଥିବା ଜଣା ପଡ଼ିଥିବାବେଳେ ପୋଲିସ ଚୋରି ଆଜବେଷ୍ଟସ ଜବତ କରି ତଦନ୍ତ କରୁଛି।




ନାଗପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଅଭିଭାବକମାନେ ବିକ୍ଷୋଭ କରୁଛନ୍ତି ।

ପ୍ରକାଶ ଯେ, ଗତ ସପ୍ତାହରେ ଏହି ସ୍କୁଲରେ ଏକ କୋଠରିର ଆଜବେଷ୍ଟସ ଭାଙ୍ଗି ଯିବା ପରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଏହି କାର୍ଯ୍ୟ କରୁଥିବାବେଳେ ଖୋଲା ଯାଇଥିବା ପୁରୁଣା ଆଜବେଷ୍ଟସ ନେଇ ଯାଇଥିଲେ। ଗତ ଗୁରୁବାର ସ୍କୁଲ ପାଣି ଟାଙ୍କିରେ ଗୋଟିଏ ଛୁଆ ମାଙ୍କଡ଼ ପଡ଼ି ତା'ର ମୃତ୍ୟୁ ଘଟିଥିଲା। ୨ ଦିନ ସେହି ପାଣିରେ ରୋଷେଇ ହୋଇ ପିଲାଙ୍କୁ ଖାଦ୍ୟ ଦିଆଯାଇଥିବାବେଳେ ଶନିବାର ସ୍କୁଲ ପକ୍ଷରୁ ମଧ୍ୟାହ୍ନଭୋଜନ ଫୋପଡ଼ା ଯାଇଥିଲା। ଏହି ୨ ଅଭିଯୋଗକୁ ପୋଲିସ ଓ ଶିକ୍ଷା ବିଭାଗୀୟ ଅଧିକାରୀ ନ ବୁଝିବାରୁ ଉତ୍ତ୍ୟକ୍ତ ଅଭିଭାବକଙ୍କ ସହିତ ସ୍ଥାନୀୟ ଲୋକେ ସ୍କୁଲରେ ତାଲା ପକାଇଥିଲେ। ଆଜବେଷ୍ଟସ ଚୋରି କରି ନେଇଥିବା ବ୍ୟକ୍ତି ଓ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଓ ଦାୟିତ୍ୱରେ ଥିବା ସ୍କୁଲ ପ୍ରଧାନଶିକ୍ଷକଙ୍କୁ ବଦଳି ଦାବିରେ ବିକ୍ଷୋଭ କରିଥିଲେ।

# ଦେବୀନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ

**ଅସ୍ତରଙ୍ଗ,୩୦।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ମହାନଦୀରେ ବନ୍ୟାଜଳ ଆସିବା ପରେ ମହାନଦୀରୁ କାଠଯୋଡ଼ି ଓ କାଠଯୋଡ଼ି ଦେଇ ଦେବୀନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ନଦୀ ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ଅନନ୍ତା, ପୁଇଁଚାନ୍ଦିଆ ନିକଟରେ ନଦୀବନ୍ଧ ଦୁର୍ବଳ ଥିବାବେଳେ ଅନେକ ସ୍ଥାନରେ ପୂର୍ବରୁ ନଦୀବନ୍ଧ ଦବି ଯାଇଛି। ଜଳସ୍ତର ବୃଦ୍ଧି ହେବାକୁ ନେଇ ନଦୀକୂଳିଆ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ଯଦି ବନ୍ୟା ଜଳସ୍ତର ବୃଦ୍ଧି ହୁଏ, ତାଳଦା ପଞ୍ଚାୟତର ଏଡ଼ବାଂଶର କିଛି ଅଂଶ, ନଗର, ଆଳସାହି, ଆଳଙ୍ଗପୁର, ଛୁରିଆନା, ଶିଶୁଅ ପଞ୍ଚାୟତର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବା ନେଇ ଆଶଙ୍କା ରହିଛି। କାକଟପୁର ଜଳସେଚନ ବିଭାଗ ପକ୍ଷରୁ ବନ୍ଧର ସୁରକ୍ଷା ନେଇ ୨୪ ଘଣ୍ଟିଆ ପ୍ରହରା ବ୍ୟବସ୍ଥା ତଥା ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଇଛି। ବନ୍ଧକୁ ଆବଶ୍ୟକ ସ୍ଥଳେ ସୁରକ୍ଷା ଦେବା ପାଇଁ ଯଥେଷ୍ଟ ବାଲିବସ୍ତା ମହଜୁଦ ରଖାଯାଇଛି।

## ଭାର୍ଗବୀ ନଦୀରେ ବନ୍ୟାଜଳ

**ସାକ୍ଷୀଗୋପାଳ,୩୦।୭(ଭରତ ରାଉତ)**

ସତ୍ୟବାଦୀରେ ପ୍ରବାହିତ ଭାର୍ଗବୀ ନଦୀରେ ମଙ୍ଗଳବାର ଏ ବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ବନ୍ୟାଜଳ ପ୍ରବାହିତ ହେବା ପରେ ନଦୀବନ୍ଧ ପାଖରେ ବସବାସ କରୁଥିବା ଲୋକେ ଟିକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ମାତ୍ର ନଦୀପଠା ଏ ପର୍ଯ୍ୟନ୍ତ ବୁଡ଼ି ନ ଥିବାବେଳେ ସେଠାରେ କରିଥିବା ପନିପରିବା କିଆରିରେ ପାଣି ପଶିବାକୁ ଯାଉଛି। ଯଦି ଉପରମୁଣ୍ଡରେ ବର୍ଷା ନ ହୁଏ ବା ହୀରାକୁଦ ଡ୍ୟାମ ଆଉ ଅଧିକ ଗେଟ୍ ନ ଖୋଲିବ ତା ହେଲେ ପାଣି ନଦୀରେ ନଦୀରେ ଖଲାସ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ପାଣି ଯଦି ଅଧିକ ଆସେ, ତା' ହେଲେ ନଦୀପଠାରେ ହୋଇଥିବା ଲଙ୍କା, କଖାରୁ, ପୋଇ, ଶାଗ, ଜହ୍ନି, ପୋଟଳ ଆଦି ଫସଲ ନଷ୍ଟ ହୋଇଯିବ। ନଦୀରେ ପାଣି ଆସିବା ଜାଣି ଚାଷୀ ଫସଲ କିଆରିରୁ କଖାରୁ, ଜହ୍ନି, ପୋଇ, ଲଙ୍କା ଆଦି ତୋଳି ବିକ୍ରୟ କରୁଛନ୍ତି। ସାକ୍ଷୀଗୋପାଳ ଜଳସେଚନ



ବିଭାଗର ଜେଇ ସୁରେଶ ସାହୁ କହନ୍ତି, ବଳଙ୍ଗାରେ ବିପଦ ସଂକେତ ୧୦.୪୨ ଥିବାବେଳେ ଏବେ ନଦୀରେ ବନ୍ୟାଜଳ ୬.୪୬ ପ୍ରବାହିତ ହେଉଛି। କୌଣସି ଅସୁବିଧା ନାହିଁ ବା ଭୟ କରିବାର ନାହିଁ। ତଥାପି ସାକ୍ଷୀଗୋପାଳ ଜଳସେଚନ ବିଭାଗର ଏସ୍‌ଡିଓ ମକର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଜେଇ ନଦୀବନ୍ଧ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି କହିଛନ୍ତି।

# ସହାୟକ ଉପକରଣ ବଣ୍ଟନ ପରୀକ୍ଷଣ ଶିବିର

**ନିମାପଡ଼ା,୩୦।୭ (ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)**



ନିମାପଡ଼ା ପଞ୍ଚାୟତ ସମିତି ଓ ଆଲିମକୋ ଦ୍ୱାରା ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ ସହଯୋଗରେ ତଳଅଣ୍ଡିଆସ୍ଥିତ ନିଜସ୍ୱ କାର୍ଯ୍ୟରେ ଦିବ୍ୟାଙ୍ଗ ତଥା ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସହାୟକ ଉପକରଣ ବଣ୍ଟନ ନିମନ୍ତେ ଏକ ପରୀକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଲିମକୋ ଦ୍ୱାରା ୧୭୮ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସହାୟକ ଉପକରଣ ପ୍ରଦାନ ନିମନ୍ତେ ତାଲିକାଭୁକ୍ତ କରାଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ ପରିଚାଳନା କରିଥିଲେ। ଏଥିସହିତ ପିପିଡବ୍ଲ୍ୟୁଓ ଉପସଭାପତି ପଦ୍ମଲୋଚନ ମହାନ୍ତି, ପୁଷ୍ପେନ୍ଦୁ ଜାନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୌସୁମୀ ରାୟସିଂ, ଜନ୍ମେଜୟ ସ୍ୱାଇଁ, ପ୍ରଜ୍ଞା ପରିମିତା ପରିଡ଼ା, ସୁଜାତା ପାଢ଼ୀ, ପ୍ରୀତିମୟୀ ବେହେରା, ରଶ୍ମିରଞ୍ଜନ ଦାସ ଓ ପିପିଡବ୍ଲ୍ୟୁଓର ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଆଲିମକୋ ପକ୍ଷରୁ ଅନିଲ ନାୟକ ଓ ସ୍ମୃତି ମଲ୍ଲିକ, ପିଓ ଏବଂ ଅଡିଓଲୋଜିଷ୍ଟ ପ୍ରିନ୍ସ ପ୍ରୀତିରଞ୍ଜନ ସାହୁ ଯୋଗ୍ୟ ହିତାଧିକାରୀଙ୍କୁ ପରୀକ୍ଷା କରିଥିଲେ।


## ସର୍ବସାଧାରଣ ବିଜ୍ଞପ୍ତି

**ତା୩୦।୦୭।୨୦୨୪ରିଖ ୦୩.୪୩ ଘଟିକା** ସମୟରେ ଚକ୍ରଧରପୁର ଡିଭିଜନର ରାଜଖରସୁଆଁ-ବଡ଼ାବାମ୍ବୋ ସେକ୍ସନଠାରେ କି.ମି. ନଂ. ୨୯୯/୩ଏଠାରେ **ଟ୍ରେନ୍ ନଂ.୧୨୮୧୦ (ହାଓଡା-ସିଏସ୍‌ଏମ୍‌ଟି ମେଲ୍)**ର ପାର୍ଶ୍ୱ ଧକ୍କା ସଂକ୍ରାନ୍ତରେ ଭାରତୀୟ ରେଳବାଇ ଅଧିନିୟମ, ୧୯୮୯ର ଧାରା ୧୧୩ ଅଧୀନରେ ରେଳପଥ ସୁରକ୍ଷା ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ) **ତା୦୧।୦୮।୨୦୨୪ରିଖ (ଗୁରୁବାର) ୧୦.୦୦ ଘଟିକାରେ ଡିଆର୍‌ଏମ୍ କାର୍ଯ୍ୟାଳୟ, ଚକ୍ରଧରପୁରଠାରେ** ଏକ ବୈଧାନିକ ତଦନ୍ତ ସଞ୍ଚାଳନ କରିବେ।

ରେଳ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ନିକାୟଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ପ୍ରଦତ୍ତ ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଦୁର୍ଘଟଣା ମାମଲା ସମ୍ବନ୍ଧରେ ନିଜର ସାକ୍ଷ୍ୟ ଉପସ୍ଥାପନ କରିପାରନ୍ତି।

**ମୁଖ୍ୟ ସୁରକ୍ଷା ଅଧିକାରୀ, ଦ.ପୂ. ରେଳପଥ**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ (PR-434)



FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
PLOT NO : C-71, SECTOR-7, C. D. A., CUTTACK, ODISHA

**O. A. NO. 475 of 2023**

INDUSIND BANK LIMITED — APPLICANT
VERSUS
M/S M.R. ENTERPRISES AND OTHERS — DEFENDANT(S)

To
**4. ANIL KUMAR AGARWAL,**
S/o- Radheshayam Agarwal, At- Bhagwan Niwas, Ganesh Ghat, Chawdhury Bazar, P.S.- Purighat, Cuttack-753001.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 475 OF 2023** in the court of the Debts Recovery Tribunal Cuttack for recovery of **Rs.3,93,70,318.10** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **25/09/2024 at 10.30 am** as to why reliefs prayed for should not granted.
Take notice that in case of default, the applicant will be heard and determined in his absence.
Given under my hand and seal of this tribunal on this **25th Day of July, 2024.**

Sd/-
REGISTRAR (I/C)





ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିପିଲି ଅଞ୍ଚଳର କୃତୀ ପ୍ରତିଯୋଗୀ ।

## ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିପିଲିକୁ ୧୬ ପଦକ

**ପିପିଲି,୩୦।୭(ଦୁର୍ଗା ମାଧବ ମିଶ୍ର)**

ପୁରୀ ରେଳବାଇ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ୨ ଦିନିଆ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପିପିଲି ଗ୍ରୁପକୁ ଅପୂର୍ବ ସଫଳତା ମିଳିଛି। ଫାଇଟ୍‌ରେ ବାଳକ ବିଭାଗର ସୋମନାଥ ମହାନ୍ତିଙ୍କୁ ସ୍ୱର୍ଣ୍ଣ ପଦକ, ପ୍ରିୟବ୍ରତ ବାରିକ୍‌ଙ୍କୁ ସ୍ୱର୍ଣ୍ଣ, ହାସନ୍ ରାଜ୍ ଖାଁଙ୍କୁ ରୌପ୍ୟ, ବି ତରୁଣଙ୍କୁ ସ୍ୱର୍ଣ୍ଣ ମିଳିଛି। ଫାଇଟ୍‌ରେ ବାଳିକା ବିଭାଗରେ ଶୁଭଶ୍ରୀ ଶୁଭସ୍ମିତାଙ୍କୁ ସ୍ୱର୍ଣ୍ଣ, ଆଦ୍ୟାଶା ପ୍ରିୟଦର୍ଶିନୀଙ୍କୁ କାଂସ୍ୟ, ହେଭିୱେଟ୍ ଫାଇଟ୍‌ରେ ପାୟଲ ସେଠୀଙ୍କୁ ସ୍ୱର୍ଣ୍ଣ ଏବଂ ଶିଶୁ ବିଭାଗରେ ଅଂଶୁମାନ ପଟ୍ଟନାୟକ, ସ୍ୱସ୍ତିକ ମହାପାତ୍ର, ଜନ୍ମେଜୟ ସ୍ୱାଇଁ, ଅର୍ଦ୍ଧେନ୍ଦୁ ପୃଷ୍ଟିଙ୍କୁ ରୌପ୍ୟ, ସ୍ମୃତି ସ୍ମରଣିକା ଓ ସୌମ୍ୟଶ୍ରୀ ସିଂଙ୍କୁ କାଂସ୍ୟ ମିଳିଛି। ଏହିପରି ମୋଟ ୧୬ଟି ପଦକ ହାସଲ କରି ପିପିଲି ବ୍ଲକ ପାଇଁ ଗୌରବ ଆଣି ଦେଇଥିବା ନିର୍ଦ୍ଦେଶକ ନୃସିଂହ ସିଂ ସୂଚନା ଦେଇଛନ୍ତି।


## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लातेहार

**अल्पकालीन ई-निविदा आमंत्रण सूचना**
**संख्या – EE/RDSD/LATEHAR/07/2024-25**

1. कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड महुआडांड़ में पंचायत परहा टोली ग्राम टुनटोली में टुनटोली नदी पर पुल निर्माण। | 4,20,06,600 | 8,40,200 | 10,000 | 18 माह |
| 2 | लातेहार जिलान्तर्गत प्रखण्ड मनिका अंतर्गत पंचायत दुन्दु के पुराने दुन्दु में बहेर नाला पर पुल निर्माण। | 3,21,53,600 | 6,43,100 | 10,000 | 18 माह |

2. वेबसाइट में निविदा प्रकाशन की तिथि – 01.08.2024
3. ई–निविदा प्राप्ति की तिथि एवं समय – दिनांक 01.08.2024 से दिनांक 15.08.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –17.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.331205 Rural Development(24-25):D


# ପୁଷ୍ଟିକର ଭୋଜନରେ ଛାତ୍ରୀଛାତ୍ର ଆପ୍ୟାୟିତ

**ଅସ୍ତରଙ୍ଗ,୩୦।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଗୁଣାତ୍ମକ ଶିକ୍ଷାର ବିକାଶ ଓ ସହ ଶୈକ୍ଷିକ ଶିକ୍ଷାର ବିକାଶ ନିମନ୍ତେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଗତ ୨୨ ତାରିଖରୁ ଶିକ୍ଷା ସପ୍ତାହ ଆରମ୍ଭ ହୋଇଥିଲା। ମଙ୍ଗଳବାର ଶେଷ ଦିବସରେ ଗୋଷ୍ଠୀ ସହଭାଗିତା ଓ ପୁଷ୍ଟିକର ଭୋଜନ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ ରାଇକଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଛାତ୍ରୀଛାତ୍ର, ଅତିଥିଙ୍କ ପାଇଁ ବିଦ୍ୟାଳୟରେ କିଛି ଭିନ୍ନ ଭିନ୍ନ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ନିୟମିତ ମଧ୍ୟାହ୍ନଭୋଜନ ବଦଳରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ଛାତ୍ରୀଛାତ୍ର ବେଶ ଖୁସି ଥିଲେ। ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟରେ 'ସବୁଜ ଶାଖା' ପକ୍ଷରୁ ସ୍ଥାନୀୟ ଭାବେ ମିଳୁଥିବା ପନିପରିବା, ଛତୁ କିମ୍ବା ଶିମ୍ବ ଜାତୀୟ ଖାଦ୍ୟ, ଡାଲି, ମିଲେଟ ସହ ଘାଣ୍ଟ, ପନିର ଆଦି କରାଯାଇଥିଲା। ସେହିପରି ବିଦ୍ୟାଳୟ ପରିଚାଳନା କମିଟି ରାଇକଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପୁଷ୍ଟିକର ଭୋଜନ ପ୍ରଦାନ କରିଥିଲେ। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ 'ସ୍ନେହ ଭୋଜନ', ଆସାମରେ 'ସମ୍ପ୍ରୀତି ଭୋଜନ', ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ 'ପ୍ରୀତିଭୋଜନ', କର୍ଣ୍ଣାଟକ, ଆଣ୍ଡାମାନ ଓ ପୁଡୁଚେରୀରେ 'ସାଲେଗାଗି ନାଭୁ ନେଭୁଁ' ଢାଞ୍ଚାରେ ଓଡ଼ିଶାରେ 'ତିଥି ଭୋଜନ' ପ୍ରଚଳିତ। ୧୦୦ ଦିନ ମଧ୍ୟରୁ ଯେ କୌଣସି ଗୋଟିଏ ଦିନ କମ୍ୟୁନିଟି ସଦସ୍ୟ କିମ୍ବା ସିଭିଲ ସୋସାଇଟି ପକ୍ଷରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯିବ। ପ୍ରଥମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୪୫୦ କ୍ୟାଲୋରି ଓ ୧୨ ଗ୍ରାମ ପ୍ରୋଟିନ ଏବଂ ୬ଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କ ପାଇଁ ୭୫୦ କ୍ୟାଲୋରି ଓ ୨୦ ଗ୍ରାମ ପ୍ରୋଟିନ ଥିବା ଖାଦ୍ୟ ପ୍ରଦାନ କରାଯାଇଛି। ପୁଷ୍ଟିକର ଭୋଜନରେ ଛାତ୍ରୀଛାତ୍ର, ଅଭିଭାବକ ଓ ଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍ କାଳନ୍ଦୀଚରଣ ଛାଟୋଇ, ରବୀନ୍ଦ୍ର ମହାନ୍ତି, ଦିବାକର ଛାଟୋଇ, ସଭାପତି ରମାକାନ୍ତ ବସ୍ତିଆଙ୍କ ସହ ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା, ଯତିନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ବିଶ୍ୱାଳ, ରଙ୍ଗଲତା ସ୍ୱାଇଁ, ସୁପ୍ରଭା ପ୍ରଧାନ ଓ ଶୁଭଲକ୍ଷ୍ମୀ ଓଝାଙ୍କ ସହ ରାଇକଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପ୍ରଧାନ ଶିକ୍ଷକ ବାନାମ୍ବର ବେହେରା, ଜାନକୀ ସାମାଡ଼, ସାଧନ ସଂଯୋଜନ ଗଣେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ରାଇକଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିକ୍ଷା ସପ୍ତାହରେ ଶିକ୍ଷକ ଓ ଛାତ୍ରୀଛାତ୍ର ।


## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा।

**ई0 निविदा आमंत्रण सूचना।**

ई0–निविदा संख्याः–*06/2024-25/RWD/EE/CHAIBASA* — दिनांक : 29.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 04/2024-25 | 1. पुरनियाँ से संजय नदी तक पथ का सुदृढ़ीकरण कार्य। (ल0–3.000कि0मी) 2. आर0ई0ओ0 मुख्य सड़क बासाकुटी से बड़ा लगिया से अयोध्या गाँव तक पथ का सुदृढ़ीकरण कार्य। (ल0–7.400कि0मी) 3. एन0एच0–75 खूंटपानी से पुरनीया गांव तक पथ का सुदृढ़ीकरण कार्य। (ल0–6.500 कि0मी) 4. L028 बड़ाचिरू से उनचुड़ी तक पथ का सुदृढ़ीकरण कार्य। (ल0–4.000कि0मी) 5. L021 बादिया से कायाचलम तक पथ का सुदृढ़ीकरण कार्य। (ल0–3.500कि0मी) | 143491200 | चौदह करोड़ चौंतीस लाख इक्यानवे हजार दो सौ रू0 मात्र। | 15 (पन्द्रह) माह |
| 2 | RWD/ CBSA/ STPKG/ 05/2024-25 | 1. कुआपाड़ा से गोरियाडुबा भाया मध्य विद्यालय गुमुरिया, मासाबिला तक पथ का सुदृढ़ीकरण कार्य। (ल0–10.910कि0मी) 2. गोरियाडुबा से बेलपोसी तक पथ का सुदृढ़ीकरण कार्य। (ल0–3.970कि0मी) 3. लक्खीपाई से करंजिया तक पथ का सुदृढ़ीकरण कार्य। (ल0–3.300कि0मी) 4. दामोदरपुर पी0डब्लू0डी0 पथ से पाताहातु भाया सपरमगुटू तक पथ का सुदृढ़ीकरण कार्य। (ल0–5.650कि0मी) | 145422800 | चौदह करोड़ चौवन लाख बाईस हजार आठ सौ रू0 मात्र। | 15 (पन्द्रह) माह |

1. वेबसाईट में निविदा प्रकाशन की तिथि :– **10.08.2024**
2. ई–निविदा प्राप्ति की अंतिम तिथि एवं समय :– **20.08.2024** अपराह्न **05:00** बजे तक।
3. निविदा खोलने की तिथि एवं समंय :– **21.08..2024** अपराह्न **05:00** बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– **833201**
6. ई निविदा प्रकोश्ठ का दूरभाश सं0– **06582–359406**

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा।

PR 331180 (West Singhbhum) 24-25 (D)

# ମୁଣ୍ଡଳୀରେ ପହଞ୍ଚିଲା ଚଳିତବର୍ଷର ପ୍ରଥମ ବନ୍ୟାଜଳ

ବାରଙ୍ଗ,୩୦।୭(ଲିଙ୍ଗରାଜ ରାଉତ)



ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରୁ ମହାନଦୀର ମୁଣ୍ଡଳୀ ଦେଇ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦର ଜଳସ୍ତର ବୃଦ୍ଧି ପାଇଥିବାବେଳେ ରବିବାର ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିଛନ୍ତି। ଖୋଲା ଯାଇଥିବା ୨୦ଟି ସ୍ଲୁଇସ୍ ଗେଟ ଦେଇ ଡ୍ୟାମ୍‌ରୁ ୩ ଲକ୍ଷ ୪୬ ହଜାର ୬୯୮ ଘନଫୁଟ ବନ୍ୟାଜଳ ନିଷ୍କାସନ କରାଯାଉଛି। ମଙ୍ଗଳବାର ସକାଳେ ମୁଣ୍ଡଳୀ ନିକଟସ୍ଥ ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଧୀରେଧୀରେ ମହାନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମୁଣ୍ଡଳୀଠାରେ ୨ ଲକ୍ଷ ୫୭ ହଜାର ଘନଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ବ୍ୟାରେଜର ଉପର ଭାଗରେ ଜଳସ୍ତର ୮୩. ୯୦ ଏବଂ ତଳ ଭାଗରେ ୮୦. ୬୪୦ ରହିଥିବାବେଳେ ବନ୍ୟାଜଳ ବିପଦସଙ୍କେତ ତଳେ ରହିଛି। ମଙ୍ଗଳବାର ଅପରାହ୍ନ ୪ଟା ସୁଦ୍ଧା ମୁଣ୍ଡଳୀଠାରେ ୪ ଲକ୍ଷ ୧୫ ହଜାର ଘନଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ବ୍ୟାରେଜର ଉପର ଭାଗରେ ଜଳସ୍ତର ୮୬. ୬୦ ଏବଂ ତଳ ଭାଗରେ ୮୩. ୭୦ ମିଟରରହିଥିବାବେଳେ ବନ୍ୟାଜଳ ବିପଦ ସଙ୍କେତ ତଳେ ରହିଛି। ମଙ୍ଗଳବାର ରାତି ସୁଦ୍ଧା ବନ୍ୟାଜଳ ୫ ଲକ୍ଷ ଘନଫୁଟ ପାଖାପାଖି ପହଞ୍ଚିବ ବୋଲି ଅନୁମାନ କରାଯାଉଥିବା ନେଇ ମୁଣ୍ଡଳୀ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏବେ ତଳିଆ ଅଞ୍ଚଳ ପାଇଁ କୌଣସି ବିପଦ ନ ଥିବାରୁ ଅଞ୍ଚଳବାସୀ ଆତଙ୍କିତ ନ ହେବାକୁ ମୁଣ୍ଡଳି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବନ୍ୟାଜଳ ଦେଖିବାକୁ ସକାଳୁ ସକାଳୁ ଦେଖଣାହାରିଙ୍କ ଭିଡ଼ ଆରମ୍ଭ ହୋଇଯାଇଛି।

## ମାଣିଆବନ୍ଧ ଯୁକ୍ତ ୨ କଲେଜର ପ୍ରତିଷ୍ଠା ଦିବସ

ମାଣିଆବନ୍ଧ, ୩୦ ।୭ (ଅଖିଳ କୁମାର ସାହୁ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ଜଗନ୍ନାଥଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଂସ୍କୃତ ଅଧ୍ୟାପକ ଡ, ସାରଦାନନ୍ଦ ଦାଶ ବେଦ ପାଠ କରିଥିଲେ। ଇଂଲିଶ୍ ଅଧ୍ୟାପକ ଡ. ଖଗେଶର ମହାପାତ୍ର ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ସଂଘମିତ୍ରା ପଣ୍ଡା, ଅଧ୍ୟାପକ ସର୍ବଶ୍ରୀ ସନ୍ତୋଷ ବେଉରା, ଶ୍ରୀନିବାସ ବେଉରା, ଦୀନେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନକୁ ପ୍ରତିଷ୍ଠା କରିଥିବା ବ୍ୟକ୍ତିଙ୍କୁ ପ୍ରଶଂସା କରିବା ସହିତ ବିଦ୍ୟାଳୟର କୃତିତ୍ୱ ଓ ଗାରିମା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସଂସ୍କୃତ ଅଧ୍ୟାପକ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଦୀନେଶ ଦାସ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ।

## ଅସୁସ୍ଥ ହାତୀ ସୁସ୍ଥ ହୋଇ ଜଙ୍ଗଲକୁ ଗଲା



ତିଗିରିଆ, ୩୦।୭(ଜାଫର ଖାଁ)

ଆଠଗଡ଼ ବନଖଣ୍ଡ ତିଗିରିଆ ସେକ୍ସନ ସୋରିଷପାଳ ସଂରକ୍ଷିତ ଜଙ୍ଗଲ ମା'ବାଟ ପଣ୍ଟେଇ ମନ୍ଦିର ନିକଟସ୍ଥ ଶାଗୁଆନ ବଣରେ ମଙ୍ଗଳବାର ଏକ ମାଈ ହାତୀ ଅସୁସ୍ଥ ହୋଇ ପଡ଼ିଥିଲା। ଉକ୍ତ ହାତୀର ବୟସ ୧ ବର୍ଷ ହେବ ବୋଲି ଅନୁମାନ କରଯାଉଛି। କୌଣସି ଅଖାଦ୍ୟ ଖାଇ ତାର ପେଟ ଖରାପ ହୋଇଯାଇଥିଲା। ଲୋକେ ଏହା ଦେଖି ତିଗିରିଆ ବନବିଭାଗକୁ ଖବର ଦେଇଥିଲେ। ଏହାପରେ ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ନିରିକ୍ଷଣ କରି ଏ ସଂକ୍ରାନ୍ତରେ ଆଠଗଡ ଡିଏଫଓଙ୍କୁ ଅବଗତ କରାଇଥିଲେ। ଏହାପରେ ଉକ୍ତ ହାତୀକୁ ବନ ବିଭାଗ ପକ୍ଷରୁ କାବୁ କରାଯାଇଥିଲା। ଢ଼େଙ୍କାନାଳର କପିଳାସରୁ ଏକ ଚିକିତ୍ସକ ଟିମ୍ ଆସି ହାତୀର ଚିକିତ୍ସା କରିବା ପରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରିଛି। ଏହାପରେ ଉକ୍ତ ହାତୀକୁ ନିକଟସ୍ଥ ଜଙ୍ଗଲରେ ଛାଡିଦିଆଯାଇଛି ବୋଲି ବନପାଳ ପରିଡା ସୂଚନା ଦେଇଛନ୍ତି।


**ସର୍ବସାଧାରଣ ବିଜ୍ଞପ୍ତି**

**ତା୩୦।୦୭।୨୦୨୪ରିଖ ୦୩.୪୩ ଘଟିକା** ସମୟରେ ଚକ୍ରଧରପୁର ଡିଭିଜନର ରାଜଖରସୁଆଁ–ବଡ଼ାବାମ୍ବୋ ସେକ୍ସନଠାରେ କି.ମି. ନଂ. ୨୯୯/୩ଏଠାରେ **ଟ୍ରେନ୍ ନଂ.୧୨୮୧୦ (ହାଓଡା-ସିଏସ୍ଏମ୍‌ଟି ମେଲ୍)**ର ପାର୍ଶ୍ୱ ଧକ୍କା ସଂକ୍ରାନ୍ତରେ ଭାରତୀୟ ରେଳବାଇ ଅଧିନିୟମ, ୧୯୮୯ର ଧାରା ୧୧୩ ଅଧୀନରେ ରେଳପଥ ସୁରକ୍ଷା ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ) **ତା୦୧।୦୮।୨୦୨୪ରିଖ (ଗୁରୁବାର) ୧୦.୦୦ ଘଟିକାରେ ଡିଆର୍‌ଏମ୍ କାର୍ଯ୍ୟାଳୟ, ଚକ୍ରଧରପୁରଠାରେ** ଏକ ବୈଧାନିକ ତଦନ୍ତ ସଞ୍ଚାଳନ କରିବେ।

ରେଳ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ନିକାୟଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ପ୍ରଦତ୍ତ ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଦୁର୍ଘଟଣା ମାମଲା ସମ୍ବନ୍ଧରେ ନିଜର ସାକ୍ଷ୍ୟ ଉପସ୍ଥାପନ କରିପାରନ୍ତି।

**ମୁଖ୍ୟ ସୁରକ୍ଷା ଅଧିକାରୀ, ଦ.ପୂ. ରେଳପଥ**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ
(PR-434)




କଟକ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ବଡ଼ମାଙ୍କ ଜନ୍ମ ମହୋତ୍ସବ ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗ।

## ଉତ୍କଳଗୌରବ ମଧୁସୂଦନ ଇ-ପାଠାଗାର ଉଦ୍‌ଘାଟିତ

କଟକ,୩୦।୭ (କାର୍ତ୍ତିକ ସାହୁ):

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଇ–ପାଠାଗାର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଇ–ଲାଇବ୍ରେରୀ ଜରିଆରେ ବିଜ୍ଞାନ ଓ କାରିଗରି କୌଶଳକୁ ବ୍ୟବହାର କରି ପ୍ରବାସୀଙ୍କୁ ଓଡ଼ିଶା ସହ ଯୋଡ଼ିବା ଏବଂ ସେମାନଙ୍କ ଯୋଗ୍ୟତା, ସାମର୍ଥ୍ୟ, ଅଭିଜ୍ଞତାଙ୍କୁ ଉପଯୋଗ କରି ଓଡ଼ିଶାର ଗୌରବକୁ ଫେରାଇ ଆଣିହେବ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଜଷ୍ଟିସ୍ ଅରୁନ୍ ପରିଚ୍ଛା କହିଛନ୍ତି, ଇ–ପାଠଗାର ଦ୍ୱାରା ଓଡ଼ିଆ ଭାଷା ସହଜରେ ବିଶ୍ୱ ଦରବାରରେ ପହଞ୍ଚିପାରିବ। ସମ୍ମାନିତ ଅତିଥି କିସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବିଜୟାନନ୍ଦ ସିଂ କହିଛନ୍ତି, ଇ–ଲାଇବ୍ରେରି ଦ୍ୱାରା ସାହିତ୍ୟ ସମାଜର ଅନେକ ଦୁର୍ଲଭ ଓ ଦୁପ୍ରାପ୍ୟ ପୁସ୍ତକ, ପତ୍ରପତ୍ରିକାକୁ ଆଗାମୀ ପିଢ଼ି ପାଇଁ ସଂରକ୍ଷଣ କରାଯାଇପାରିବ। ଅନ୍ୟତମ ଅତିଥି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଉର୍ମିଶ୍ରୀ ବେଦମାତା ଏହି ପଦକ୍ଷେପ ପାଠକ ଓ ଗବେଷକଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ବୋଲି କହିଥିଲେ। ଉତ୍କଳ ଗୌରବ ମଧୁସୂଦନ ଇ–ପାଠଗାରକୁ ସାମାଜିକ କର୍ମୀ ଭାବଗ୍ରାହୀ ସିଂହ ଓ ଲେଖିକା ଶ୍ରଦ୍ଧାମଣି ଜେନାଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି। ଇ–ପାଠାଗାରର ସମସ୍ତ ବ୍ୟବସ୍ଥା ଓ ଖର୍ଚ୍ଚକୁ ସିଂହଙ୍କ ପୁଅ ରମେଶ ଚନ୍ଦ୍ର ସିଂହ ଓ ଜେନାଙ୍କ ପୁଅ ଜେନା ଆଦିତ୍ୟ ପ୍ରତାପ ବାଘସିଂହଙ୍କ ପରିବାର ବହନ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ରମେଶ ଚନ୍ଦ୍ର ସିଂହ ଓ ଜେନା ଆଦିତ୍ୟ ପ୍ରତାପ ବାଘସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ ଓ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
PLOT NO : C-71, SECTOR-7, C. D. A., CUTTACK, ODISHA

**O. A. NO. 475 of 2023**

INDUSIND BANK LIMITED — APPLICANT
VERSUS
M/S M.R. ENTERPRISES AND OTHERS — DEFENDANT(S)

To
**4. ANIL KUMAR AGARWAL,**
S/o- Radheshayam Agarwal, At- Bhagwan Niwas, Ganesh Ghat, Chawdhury Bazar, P.S.- Purighat, Cuttack-753001.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 475 OF 2023** in the court of the Debts Recovery Tribunal Cuttack for recovery of **Rs.3,93,70,318.10** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **25/09/2024 at 10.30 am** as to why reliefs prayed for should not granted.

Take notice that in case of default, the applicant will be heard and determined in his absence.

Given under my hand and seal of this tribunal on this **25th Day of July, 2024.**

Sd/-
REGISTRAR (I/C)


# ପ୍ରତିବାଦରେ ଯନ୍ତ୍ରୀମାନଙ୍କ କଲମଛାଡ଼ ଆନ୍ଦୋଳନ

**ସାଲେପୁର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣା**

ସାଲେପୁର, ୩୦।୭(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳରେ ଜଣେ ମହିଳା ସରପଞ୍ଚ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଚପଲରେ ମାରିବା ନେଇ ଲିଖିତ ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ସାଲେପୁର ବ୍ଲକ୍‌ର ସମସ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କଲମ ଛାଡ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ସାଲେପୁର ବ୍ଲକ୍‌ରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଥିଲା।

ସୋମବାର ଅପରାହ୍ଣ ୫ଟାରେ ତେନ୍ତୋଳ ସରପଞ୍ଚ ଅନିତା ମଲ୍ଲିକ ସାଲେପୁର ବ୍ଲକ୍ ପରିସରରେ ପହଞ୍ଚି ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ରାଉଳଙ୍କୁ ଆଶାଳୀନ ବ୍ୟବହାର ସହ ଗାଳିଗୁଲଜ କରି ଚପଲ ଉଠାଇ ମାରିଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ଭାବେ ସାଲେପୁର ବ୍ଲକ୍‌ର ସମସ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ କଲମଛାଡ ଆନ୍ଦୋଳନ କରିବା ନିମନ୍ତେ ସାଲେପୁର ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଫଳରେ ସାଲେପୁର ବ୍ଲକ୍‌ର ପ୍ରାୟ ୩୫ଟି ପଞ୍ଚାୟତର ବିଭିନ୍ନ ସରକାରୀ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଅପରପକ୍ଷରେ ତେନ୍ତୋଳର ସରପଞ୍ଚ ଅନିତା ମଲ୍ଲିକ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରାଉଳଙ୍କୁ ପଚାରିଥିଲେ। ଏଥିରେ ହଠାତ୍ କନିଷ୍ଠ ଯନ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ତାଙ୍କର ସୁନା ଚେନ୍ ଛଡାଇ ନେଇଯାଇଥିଲେ। ଏ ନେଇ ସରପଞ୍ଚ ମଲ୍ଲିକ ମଧ୍ୟ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୨ଟି ଯାକ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଚଳାଇଛି। ଅଦ୍ୟାବଧି ଏହି ଘଟଣାକୁ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## କାଉନ୍‌ସିଲରଙ୍କ ପିତୃ ବିୟୋଗ

ବାଙ୍କୀ,୩୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ସାମାଜିକ କର୍ମୀ ତଥା ବାଙ୍କୀ ଏନଏସି ୯ନଂ. ୱାର୍ଡ କାଉନସିଲର ଓ ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ସଂଜୟ କୁମାର ପୃଷ୍ଟିଙ୍କ ବାପା ରାମଚନ୍ଦ୍ର ପୃଷ୍ଟି(୭୯)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଥିଲେ। ତାଙ୍କର ମରଶରୀରକୁ କଲେଜ ରୋଡସ୍ଥିତ ବାସଭବନରୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶଶ୍ମାନରେ ସତ୍କାର କରାଯାଇଛି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

**अल्पकालीन ई-निविदा आमंत्रण सूचना**
**संख्या – EE/RDSD/LATEHAR/07/2024-25**

1. कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड महुआडांड़ में पंचायत परहा टोली ग्राम टुनटोली में टुनटोली नदी पर पुल निर्माण। | 4,20,06,600 | 8,40,200 | 10,000 | 18 माह |
| 2 | लातेहार जिलान्तर्गत प्रखण्ड मनिका अंतर्गत पंचायत दुन्दु के पुराने दुन्दु में बहेर नाला पर पुल निर्माण। | 3,21,53,600 | 6,43,100 | 10,000 | 18 माह |

2. वेबसाइट में निविदा प्रकाशन की तिथि – 01.08.2024
3. ई–निविदा प्राप्ति की तिथि एवं समय – दिनांक 01.08.2024 से दिनांक 15.08.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –17.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.331205 Rural Development(24-25):D


## ସାଲେପୁର ଅଞ୍ଚଳରେ ଚୋରା ନିଶା ବ୍ୟବସାୟୀଙ୍କ ଆଡ୍ଡାସ୍ଥଳ

ସାଲେପୁର,୩୦।୭(ଅରବିନ୍ଦ ଭୂୟାଁ)

ସାଲେପୁର ଅଞ୍ଚଳ ଏବେ ଚୋରା ନିଶା ବ୍ୟବସାୟୀଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ରାତି ୧୦ଟା ପରେ ଚୋରା ନିଶା ମାଦକଦ୍ରବ୍ୟ ଖୁଲମ୍ ଖୁଲା ବିକ୍ରି ହେଉଛି। ଅବକାରୀ ବିଭାଗ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ସାଲେପୁର ସହର ଦେଇ ନିୟମିତ ଦାମୀ କାରରେ ଚୋରା ଗଞ୍ଜେଇ, ବ୍ରାଉନସୁଗାର, ଚୋରା ଦେଶୀ ଓ ବିଦେଶୀ ମଦ ବାହାରକୁ ଚାଲାଣ ହେଉଛି। ସାଲେପୁରରେ ମଧ୍ୟ ଖୁଲମ୍ ଖୁଲା ଭାବେ ଏହି ନିଶା ବ୍ୟବସାୟ ଚାଲିଛି। ସନ୍ଧ୍ୟା ହେଲେ ସାଲେପୁର କଲେଜ ନିକଟରେ ଥିବା ଚିତ୍ରୋତ୍ପଳା ନଦୀବନ୍ଧ, ନିଶାଡ଼ୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ପ୍ରତି ସପ୍ତାହରେ ୨ରୁ ୩ଦିନ କଟକ ଓ ଭୁବନେଶ୍ୱର ଅଞ୍ଚଳରୁ ଚୋରା ନିଶା ବ୍ୟବସାୟୀମାନେ ବ୍ରାଉନସୁଗାର ଓ ଗଞ୍ଜେଇ କାର୍‌ରେ ଆଣି ଏଠାରେ ପସରା ମେଲାଇଛନ୍ତି। ସେହିପରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ଛୋଟ ଛୋଟ ବଜାରରେ ଚୋରା ମଦର ଆସର ଜମିଛି। ବିଶେଷକରି ସାଲେପୁର ଥାନା ମନୋହରପୁର, ବୋଦାମୁଣ୍ଡାଇ, ଜପକୁଦ, ଗଙ୍ଗେଶ୍ୱର, ସଉରୀହାଟ, ରାମେଶ୍ୱର, ଶିଶୁଆ, ନାଳିଆମୁହଁ, ସେହିପରି ଦ୍ୱୀପାଞ୍ଚଳର ହରିପୁର, ପୁରୁଣାହାଟ, ସୋଗଲ ଛକ, ତରିତୋ, ରଟିଲୋ ଆଦି ଅଞ୍ଚଳର ଛକଗୁଡିକରେ ନିଶା ବ୍ୟବସାୟ ଚାଲିଛି। ଫଳରେ ଲୋକମାନେ ଘରୁ ପଦାକୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପଞ୍ଚାୟତ ଦୁର୍ନୀତିର ତଦନ୍ତ କଲା ଲୋକାୟୁକ୍ତଙ୍କ ଟିମ୍



ତିଳକଣା ପଞ୍ଚାୟତରେ ଲୋକାୟୁକ୍ତଙ୍କ ସ୍ୱତନ୍ତ୍ର ଟିମ୍ ତଦନ୍ତ କରୁଛି।

ନିଶ୍ଚିନ୍ତକୋଇଲି, ୩୦।୭
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ନେଇ ପୂର୍ବରୁ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଏକ ୪ ଜଣିଆ ସ୍ୱତନ୍ତ୍ର ଟିମ ମଙ୍ଗଳବାର ତଦନ୍ତ କରି ଫେରିଛି।

ତିଳକଣା ଗ୍ରାମପଞ୍ଚାୟତରେ ୧ ନମ୍ବର ୱାର୍ଡ(ତିଳକଣା)ରେ ୨୦୧୭–୧୮ ଆର୍ଥିକ ବର୍ଷରେ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣର ମାତ୍ର ୨ମାସ ପରେ ପ୍ରକଳ୍ପର ନାମ ବଦଳାଇ ପୁନର୍ବାର ଦେଢ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ତତ୍କାଳୀନ ସରପଞ୍ଚ, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ ଏଥିରେ ସମ୍ପୃକ୍ତ ରହିଥିବା ସ୍ଥାନୀୟ ଓଡଙ୍ଗିପୁର ଗ୍ରାମର ଜଗବନ୍ଧୁ ମଲିକ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଲୋକାୟୁକ୍ତଙ୍କ ଅଦାଲତରେ ମାମଲା ନଂ. ୩୦୭/୨୦୨୩ ରୁଜୁ ହୋଇଥିଲା। ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ ତିଳକଣା ପଞ୍ଚାୟତରେ ପହଞ୍ଚି ଏହାର ତଦନ୍ତ କରିଛି। ଏପରିକି ଏହି ପ୍ରତିନିଧି ଦଳ ପ୍ରକଳ୍ପ ତିଆରି ହୋଇଥିବା ସ୍ଥାନକୁ ଯାଇ ସରଜମିନ ତଦନ୍ତ କରିଛି। ଏହି ସମୟରେ ସ୍ଥାନୀୟ ଗ୍ରାମର ବହୁ ବ୍ୟକ୍ତି ରାସ୍ତା ନିର୍ମାଣ ହୋଇ ନ ଥିବା ଅଭିଯୋଗ କରିଥିଲେ। ପ୍ରତିନିଧି ଦଳ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ସରକାରୀ କାଗଜପତ୍ର ଯାଞ୍ଚ କରି ଫେରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा।**

**ई0 निविदा आमंत्रण सूचना।**

ई0–निविदा संख्याः–***06/2024-25/RWD/EE/CHAIBASA*** दिनांक : 29.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 04/2024-25 | 1. पुरनियाँ से संजय नदी तक पथ का सुदृढ़ीकरण कार्य। (ल0–3.000कि0मी) 2. आर0ई0ओ0 मुख्य सड़क बासाकुटी से बड़ा लगिया से अयोध्या गाँव तक पथ का सुदृढ़ीकरण कार्य। (ल0–7.400कि0मी) 3. एन0एच0–75 खूंटपानी से पुरनीया गांव तक पथ का सुदृढ़ीकरण कार्य। (ल0–6.500 कि0मी) 4. L028 बड़ाचिरू से उनचुड़ी तक पथ का सुदृढ़ीकरण कार्य। (ल0–4.000कि0मी) 5. L021 बादिया से कायाचलम तक पथ का सुदृढ़ीकरण कार्य। (ल0–3.500कि0मी) | 143491200 | चौदह करोड़ चौंतीस लाख इक्यानवे हजार दो सौ रू0 मात्र। | 15 (पन्द्रह) माह |
| 2 | RWD/ CBSA/ STPKG/ 05/2024-25 | 1. कुआपाड़ा से गोरियाडुबा भाया मध्य विद्यालय गुमुरिया, मासाबिला तक पथ का सुदृढ़ीकरण कार्य। (ल0–10.910कि0मी) 2. गोरियाडुबा से बेलपोसी तक पथ का सुदृढ़ीकरण कार्य। (ल0–3.970कि0मी) 3. लक्खीपाई से करंजिया तक पथ का सुदृढ़ीकरण कार्य। (ल0–3.300कि0मी) 4. दामोदरपुर पी0डब्लू0डी0 पथ से पाताहातु भाया सपरमगुटू तक पथ का सुदृढ़ीकरण कार्य। (ल0–5.650कि0मी) | 145422800 | चौदह करोड़ चौवन लाख बाईस हजार आठ सौ रू0 मात्र। | 15 (पन्द्रह) माह |

1. वेबसाईट में निविदा प्रकाशन की तिथि :– **10.08.2024**
2. ई–निविदा प्राप्ति की अंतिम तिथि एवं समय :– **20.08.2024** अपराह्न **05:00** बजे तक।
3. निविदा खोलने की तिथि एवं समय :– **21.08..2024** अपराह्न **05:00** बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– **833201**
6. ई निविदा प्रकोश्ठ का दूरभाश सं0– **06582–359406**

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

**कार्यपालक अभियंता,**
**ग्रामीण कार्य विभाग,**
**कार्य प्रमंडल, चाईबासा।**

PR 331180 (West Singhbhum) 24-25 (D)

## ସଂକ୍ଷେପରେ

### ପୋଲିସଙ୍କୁ ଆକ୍ରମଣ କରି ଜଣେ ଗିରଫ

**ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି):** ପୋଲିସ କର୍ମଚାରୀଙ୍କୁ ମରଣାତ୍ମକ ଆକ୍ରମଣ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଡ଼ିଶାଗଡା ଥାନା ଅଧୀନ ନୂଆଗାଁର ରଘୁ ରତ୍ନାକର ଗୁଡ଼ିଆ ସାହୁ (୫୩)। ପୋଲିସ ରଘୁଙ୍କ ନିକଟରୁ ଗୋଟିଏ ଛୁରି ଜବତ କରିଛି। ଏନେଇ ସିଂହଦ୍ୱାର ଥାନା ପୋଲିସ ୭୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୁବାସ ଚନ୍ଦ୍ର ବିଶୋଇ ପୁରୀରେ ଓଏସ୍ଏପି ଭାବେ ପୁରୀରେ ନିୟୋଜିତ ରହଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ରଥ ନିକଟରେ ଡ୍ୟୁଟି କରୁଥିବା ସମୟରେ ରଘୁ ରଥ ନିକଟକୁ ଆସିଥିଲେ। ତେବେ କୌଣସି କଥାକୁ ନେଇ ସୁବାସ ରଘୁଙ୍କୁ ବାରଣ କରିଥିଲେ। ଏହାକୁ ନେଇ ସେ ରାଗିଯାଇ ଏକ ଛୁରିରେ ସୁବାସଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୁବାଷଙ୍କ ଓଠରେ ଆଘାତ ଲାଗିଥିଲା। ସେଠାରେ ଥିବା ଅନ୍ୟ ପୋଲିସ ରଘୁଙ୍କୁ କାବୁ କରିଥିଲେ।

### ଆକ୍ରମଣ: ଜଣେ ଗିରଫ

**ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି):** ସଫେଇ କର୍ମଚାରୀଙ୍କୁ ଅସଦାଚରଣ ଓ ଆକ୍ରମଣ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲୋକନାଥ ରୋଡ଼ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ବୃନ୍ଦାବନ ନଗରର ବୈଷ୍ଣବ ପୁରୀ ଓରଫ ଟି. ତମ୍ମୁନାଥ ସୁବୁଦ୍ଧି। ପୋଲିସ ଆକ୍ରମଣରେ ବ୍ୟବହାର ହୋଇଥିବା ପଥର ଜବତ କରିବା ସହ ୭୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଉତ୍କଳ ଗୌରବ ମଧୁସୂଦନ ଇ-ପାଠାଗାର ଉଦ୍‌ଘାଟିତ

**କଟକ,୩୦।୭ (କାର୍ତ୍ତିକ ସାହୁ):** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଇ-ପାଠଗାର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଜଷ୍ଟିସ୍ ଅରୁନ୍ ପରିଚ୍ଛା ଯୋଗଦେଇଥିଲେ। ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସୁନାମଣୀ ରାଉତ ଅତିଥି ପରିଚୟ ଏବଂ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଓଏଚ୍ଆର୍‌ସିରେ ମାମଲା
### ଏସ୍‌ସିବି ମେଡିକାଲ ପରିସରରେ ଡେଙ୍ଗୁ

**କଟକ,୩୦।୭ (କାର୍ତ୍ତିକ ସାହୁ):** ଏସ୍‌ସିବି ମେଡିକାଲ ପରିସରରେ ଡେଙ୍ଗୁ ବ୍ୟାପିବା ଘଟଣାକୁ ନେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି)ରେ ମଙ୍ଗଳବାର ଏକ ପିଟିଶନ୍ ଦାୟର ହୋଇଛି। ମେଡିକାଲ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ଏହାର ପ୍ରମୁଖ କାରଣ ପାଲଟିଛି। ମେଡିକାଲ ପରିସରରେ ପରିମଳ ଓ ମଶା ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ଡେଙ୍ଗୁ ଚିହ୍ନଟ ପରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆବେଦନକାରୀ ଦର୍ଶାଇଛନ୍ତି। ଏହି ଘଟଣାରେ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ସତ୍ୟପାଠ ଜରିଆରେ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେବାକୁ ଓଏଚ୍ଆର୍‌ସିଙ୍କୁ ପ୍ରାର୍ଥନା କରାଯାଇଛି। ପ୍ରକାଶ ଯେ, ଦିନକରେ ଏସ୍‌ସିବି ମେଡିକାଲ ପରିସରରୁ ୫ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିଲେ। ଏବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୧୩ରେ ପହଞ୍ଚିଛି। ତେବେ ମେଡିକାଲ ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଖାଲରେ ନର୍ଦ୍ଦମା ଜଳ ଜମି ରହିବାରୁ ଡେଙ୍ଗୁ ମଶାର ଉତ୍ପତ୍ତିସ୍ଥଳ ପାଲଟିଛି। ହେଲେ ସିଏମ୍‌ସି ପକ୍ଷରୁ ଏଥିପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ଯଦ୍ଵାରା ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରିଛି। ସିଏମ୍‌ସି ଏଥିପ୍ରତି ଗୁରୁତ୍ୱ ଦେବା ସହ ନିରାକରଣ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ପିଟିଶନ୍‌ରେ ଦର୍ଶାଇଛନ୍ତି।

# ମୁଣ୍ଡଳୀରେ ପହଞ୍ଚିଲା ଚଳିତବର୍ଷର ପ୍ରଥମ ବନ୍ୟାଜଳ

**ବାରଙ୍ଗ,୩୦।୭(ଲିଙ୍ଗରାଜ ରାଉତ)**



ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରୁ ମହାନଦୀର ମୁଣ୍ଡଳୀ ଦେଇ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦର ଜଳସ୍ତର ବୃଦ୍ଧି ପାଇଥିବାବେଳେ ରବିବାର ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିଛନ୍ତି। ଖୋଲା ଯାଇଥିବା ୨୦ଟି ସ୍ଲୁଇସ୍ ଗେଟ ଦେଇ ଡ୍ୟାମ୍‌ରୁ ୩ ଲକ୍ଷ ୪୬ ହଜାର ୬୯୮ ଘନଫୁଟ ବନ୍ୟାଜଳ ନିଷ୍କାସନ କରାଯାଉଛି। ମଙ୍ଗଳବାର ସକାଳେ ମୁଣ୍ଡଳୀ ନିକଟସ୍ଥ ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଧୀରେଧୀରେ ମହାନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମୁଣ୍ଡଳୀଠାରେ ୨ ଲକ୍ଷ ୫୭ ହଜାର ଘନଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ବ୍ୟାରେଜର ଉପର ଭାଗରେ ଜଳସ୍ତର ୮୩. ୯୦ ଏବଂ ତଳ ଭାଗରେ ୮୦. ୬୪୦ ରହିଥିବାବେଳେ ବନ୍ୟାଜଳ ବିପଦସଙ୍କେତ ତଳେ ରହିଛି। ମଙ୍ଗଳବାର ଅପରାହ୍ନ ୪ଟା ସୁଦ୍ଧା ମୁଣ୍ଡଳୀଠାରେ ୪ ଲକ୍ଷ ୧୫ ହଜାର ଘନଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ବ୍ୟାରେଜର ଉପର ଭାଗରେ ଜଳସ୍ତର ୮୬. ୬୦ ଏବଂ ତଳ ଭାଗରେ ୮୩. ୭୦ ମିଟରରହିଥିବାବେଳେ ବନ୍ୟାଜଳ ବିପଦ ସଙ୍କେତ ତଳେ ରହିଛି। ମଙ୍ଗଳବାର ରାତି ସୁଦ୍ଧା ବନ୍ୟାଜଳ ୫ ଲକ୍ଷ ଘନଫୁଟ ପାଖାପାଖି ପହଞ୍ଚିବ ବୋଲି ଅନୁମାନ କରାଯାଉଥିବା ନେଇ ମୁଣ୍ଡଳୀ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏବେ ତଳିଆ ଅଞ୍ଚଳ ପାଇଁ କୌଣସି ବିପଦ ନ ଥିବାରୁ ଅଞ୍ଚଳବାସୀ ଆତଙ୍କିତ ନ ହେବାକୁ ମୁଣ୍ଡଳି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବନ୍ୟାଜଳ ଦେଖିବାକୁ ସକାଳୁ ସକାଳୁ ଦେଖଣାହାରିଙ୍କ ଭିଡ଼ ଆରମ୍ଭ ହୋଇଯାଇଛି।

# ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

**ଟାଙ୍ଗୀ,୩୦।୭(ରଘୁନାଥ ସାହୁ)**

ଟାଙ୍ଗୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତି ୩୦ ମିନିଟରେ ବିଦ୍ୟୁତ୍ କାଟ୍ କରାଯାଉଛି। ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ।

ପ୍ରକାଶ ଯେ, ବିଗତ ଦିନରେ ବିଦ୍ୟୁତ୍ ଗ୍ରୀଡ୍ ବାଣପୁର ଅଞ୍ଚଳରେ ଥିଲା। ନାରୁଣୀ, ଟାଙ୍ଗୀ, ଚାନ୍ଦପୁର, ରଣପୁର ଅଞ୍ଚଳର ଉପଭୋକ୍ତାମାନେ ଏହି ଗ୍ରୀଡ୍ ଉପରେ ନିର୍ଭର କରିଥାନ୍ତି। ବିଭିନ୍ନ ସମୟରେ ତାର ଚୋରି, ବର୍ଷା ପବନରେ ଖୁଣ୍ଟ ଉପୁଡ଼ି ଯାଉଥିବାରୁ ଉପଭୋକ୍ତାମାନେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥାନ୍ତି। ଏହାରି ମଧ୍ୟରେ ବିଦ୍ୟୁତ୍ ଗ୍ରୀଡ୍ ଚାନ୍ଦପୁର ନିକଟରେ ସ୍ଥାପିତ ହୋଇସାରିଛି। ସମସ୍ତ ପୁରୁଣା ତାର ପରିବର୍ତ୍ତନ କରାଯାଇଛି। ଖରାଦିନେ ପ୍ରତି ୭/୮ ଦିନରେ ଥରେ ଉପଭୋକ୍ତା ମାନଙ୍କୁ ଜଣାଇ ୮ଘଣ୍ଟା ଲେଖାଏ ବିଦ୍ୟୁତ୍ କାଟ କରି ମରାମତି କରାଯାଉଛି। କିନ୍ତୁ ବିଦ୍ୟୁତ୍ କାଟ୍ ସମସ୍ୟାର କୌଣସି ସମାଧାନ ହୋଇପାରିନାହିଁ। ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଧ୍ୟାହ୍ନଭୋଜନରୁ ଛାତ୍ରୀଛାତ୍ର ବଞ୍ଚିତ

**ନିରାକାରପୁର,୩୦।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

### ଗ୍ୟାସ୍ ସିଲିଣ୍ଡର, ପାଣିମୋଟର ଚୋରି

ଖୋର୍ଦ୍ଧା ଜିଲା କଁପୁର ପଞ୍ଚାୟତ ଅନ୍ତର୍ଗତ ଚମ୍ପାଝର ସରକାରୀ ପ୍ରାଥମିକ ବିଦ୍ୟାଳୟର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଗ୍ୟାସ୍ ସିଲିଣ୍ଡର, ପାଣିମୋଟର ସମେତ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥବା ଅଭିଯୋଗ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ସେଠୀଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ତଦନ୍ତ ଚଳାଇଛି। ଅନ୍ୟପଟେ ପାଣିମୋଟର ଓ ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଯାଇଥିବାରୁ ଦୁଇଦିନ ହେବ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ବନ୍ଦ ହୋଇଛି। ଫଳରେ ବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ପାନୀୟଜଳର ବ୍ୟବସ୍ଥା କରା ନ ଗଲେ ପିଲାମାନେ ଆଗାମୀ ଦିନରେ ମଧ୍ୟାହ୍ନଭୋଜନରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହେବେ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥଦୃଷ୍ଟିରୁ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ପୂର୍ବତନ ସ୍କୁଲ ପରିଚାଳନା ସମିତି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସମେତ ଅଭିଭାବକମାନେ ନିବେଦନ କରିଛନ୍ତି।



କୁଆଲାଲୁମ୍ପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଡିଆନ କଲଚୁରାଲ ସେଣ୍ଟରଠାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# 'ପରମ୍ପରା କେବେ ସ୍ଥିର ନୁହେଁ'

**ଭୁବନେଶ୍ୱର,୩୦।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ 'ନ୍ୟୁ ବ୍ରିଜ୍ ଇଣ୍ଡିଆ' ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ ଓ କଳାତ୍ମକ ପ୍ରୟାସ ଜାରିରଖିଛି। ଅନୁଷ୍ଠାନର ଡ. ରାଜଶ୍ରୀ ବିଶ୍ୱାଳ ଏବଂ ସମକାଳୀନ ଚିତ୍ରଶିଳ୍ପୀ ବିରେନ୍ଦ୍ର ପାଣି ମାଲେସିଆର ରାଜଧାନୀ କୁଆଲାଲୁମ୍ପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଡିଆନ କଲଚୁରାଲ ସେଣ୍ଟରଠାରେ 'ମାନେଉବେରିଙ୍ଗ ଟ୍ରାଡିଶନ: କଣ୍ଟେମ୍ପରାରି ଭିଜୁଆଲ ଏକ୍ସପ୍ରେଶନ ଫ୍ରମ୍ ସାଉଥ ଏସିଆ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ କଳାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ମାଲେସିଆର ସୂତ୍ର ଫାଉଣ୍ଡେଶନ, ଏନ୍ଏସ୍‌ସିବିଆଇସିସି ଏବଂ ନ୍ୟୁ ବ୍ରିଜ୍ ଇଣ୍ଡିଆର ମିଳିତ ସହଯୋଗରେ ମାଲେସିଆରେ ଅବସ୍ଥିତ ହାଇକମିଶନର କାଉନସେଲର ଅମୃତା ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଦାଶ କହିଥିଲେ, 'ପରମ୍ପରା' କେବେ ସ୍ଥିର ନୁହେଁ, ଏହା ସର୍ବଦା ପରିବର୍ତ୍ତନର ଗତିଶୀଳ ପ୍ରକ୍ରିୟାରେ ଥାଏ। ମାଲେସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆ ସହିତ ଏକ ଅଭିନବ ସାଂସ୍କୃତିକ ସମ୍ପର୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୃଷ୍ଟି ହୋଇଥିଲା। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସୂତ୍ର ଫାଉଣ୍ଡେଶନର ପ୍ରତିଷ୍ଠାତା ପଦ୍ମଶ୍ରୀ ଦତ୍ତୁକ ରାମଲି ଇବ୍ରାହିମ୍ ଏବଂ ପ୍ରବାସୀ ଡ. କୃଷ୍ଣଗୋପାଳ ରାମପାଲ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ

**ବୋଲଗଡ଼,୩୦।୭(ଦେବବ୍ରତ ହୋତା)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ଶିକ୍ଷା ସପ୍ତାହର ଅନ୍ତିମ ଦିବସ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରିଚାଳନା ପରିଷଦର ଅଧ୍ୟକ୍ଷା ବିନୋଦିନୀ ଦତ୍ତ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାନ୍ତି ଏବଂ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ର, ବିଚିତ୍ର ଘଡ଼େଇ, ଅଂଶୁମାନ ଧଳ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ସ୍ମିତାସିନ୍ଧୁ ମହାପାତ୍ର ଏବଂ ଛାତ୍ରୀଛାତ୍ରମାନେ 'ସ୍ୱେଚ୍ଛାସେବୀ ହୁଅନ୍ତୁ' ପୋଷ୍ଟର ଧରି ସଂପୁର ଗ୍ରାମର ଅନେକ ସାହି ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ନୟାପାଟଣା ଗ୍ରାମର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ବେଣୁଧର ମହଲା ବିଦ୍ୟାର୍ଥୀମାନଙ୍କୁ ତିଥିଭୋଜନ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି, ଶ୍ରୋତାଲିନ୍ ସାହୁଙ୍କ ତତ୍ତ୍ୱାବଧାନରେ ଭୋଜନ ପ୍ରସ୍ତୁତ ହୋଇଥିଲା। ମହିଳାଙ୍କ ସମେତ ବିଦ୍ୟାଳୟ ସହ ଜଡ଼ିତ ଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚିକିତ୍ସକ ନିରଞ୍ଜନ ନାୟକ, ଚିତ୍ରକଳା ଶିକ୍ଷା ପ୍ରଦାନରେ ଚିତ୍ରଶିଳ୍ପୀ ରମେଶଚନ୍ଦ୍ର ସାହୁ, ବିଦ୍ୟାଳୟ ସେବାକ୍ଷେତ୍ରରେ ସାମାଜିକ କର୍ମୀ ରବୀନ୍ଦ୍ର ସାଥୁଆ, ନିରାପତ୍ତା ପାଇଁ ଇଲେକ୍ଟ୍ରିସିଆନ ସର୍ବେଶ୍ୱର ସେନ, ଗାଇଡ୍ ପୋଷାକ ପ୍ରଦାନ ପାଇଁ ବ୍ୟାଙ୍କ କର୍ମଚାରୀ ସଞ୍ଜୟ ସ୍ୱାଇଁ, ଯୋଗ ଶିକ୍ଷା ପ୍ରଦାନ ପାଇଁ ଇଂଲିଶ୍ ମାଧ୍ୟମ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରିୟବ୍ରତ ଦାଶ, ମରାମତି କ୍ଷେତ୍ରରେ ରାଜମିସ୍ତ୍ରି କୁଳମଣି ବେହେରାଙ୍କୁ ସ୍ୱେଚ୍ଛାସେବୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଦୀପ୍ତିରଞ୍ଜନ ଦାସ, ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି ଏବଂ ସମ୍ବିତ୍ କେଦାର କର ପରିଚାଳନା କରିଥିଲେ। ଶିକ୍ଷା ସପ୍ତାହର ଗତ ଛଅଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିବ ପ୍ରଧାନ ଓ ସ୍ନେହଲତା ପାଇକରାୟ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ଗଳିତ ମୃତଦେହ ଜବତ

**ଡେଲାଙ୍ଗ,୩୦।୭(ରଶ୍ମିରଞ୍ଜନ ପ୍ରଧାନ)**

ହରିରାଜପୁର ଫାଣ୍ଡି ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ମାଟିଆ ଫୁଲଶାର୍ଟ ପିନ୍ଧିଥିବାବେଳେ ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ। ବୟସ ପାଖାପାଖି ୫୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ମୃତଦେହ ଜବତ କରିବା ସହ ୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଛି।

ସୂଚନା ଅନୁଯାୟୀ, ଜଟଣୀ-ପିପିଲି ମୁଖ୍ୟରାସ୍ତା ବାମପାର୍ଶ୍ୱର କୌଶଲ୍ୟା ଇଟା ଭାଟି ସନ୍ନିକଟରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଖବରପାଇ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକଙ୍କୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାସ୍ତାକଡ଼ରେ ମୃତଦେହଟି ୨/୩ ଦିନ ଧରି ପଡ଼ିଥିବାବେଳେ କେମିତି କେହି ଜାଣିପାରିଲେନି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ସର୍ବସାଧାରଣ ବିଜ୍ଞପ୍ତି**

**ତା୩୦।୦୭।୨୦୨୪ରିଖ ୦୩.୪୩ ଘଟିକା** ସମୟରେ ଚକ୍ରଧରପୁର ଡିଭିଜନର ରାଜଖରସୁଆଁ-ବଡ଼ାବାମ୍ବୋ ସେକ୍ସନଠାରେ କି.ମି. ନଂ. ୨୯୯/୩ଏଠାରେ **ଟ୍ରେନ୍ ନଂ.୧୨୮୧୦ (ହାଓଡା-ସିଏସ୍ଏମ୍‌ଟି ମେଲ୍)**ର ପାର୍ଶ୍ୱ ଧକ୍କା ସଂକ୍ରାନ୍ତରେ ଭାରତୀୟ ରେଳବାଇ ଅଧିନିୟମ, ୧୯୮୯ର ଧାରା ୧୧୩ ଅଧୀନରେ ରେଳପଥ ସୁରକ୍ଷା ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ) **ତା୦୧।୦୮।୨୦୨୪ରିଖ (ଗୁରୁବାର) ୧୦.୦୦ ଘଟିକାରେ ଡିଆରଏମ୍ କାର୍ଯ୍ୟାଳୟ, ଚକ୍ରଧରପୁରଠାରେ** ଏକ ବୈଧାନିକ ତଦନ୍ତ ସଞ୍ଚାଳନ କରିବେ।

ରେଳ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ନିକାୟଙ୍କୁ ଏତଦ୍ଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ପ୍ରଦତ୍ତ ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଦୁର୍ଘଟଣା ମାମଲା ସମ୍ବନ୍ଧରେ ନିଜର ସାକ୍ଷ୍ୟ ଉପସ୍ଥାପନ କରିପାରନ୍ତି।

**ମୁଖ୍ୟ ସୁରକ୍ଷା ଅଧିକାରୀ, ଦ.ପୂ. ରେଳପଥ**

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-434)

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
PLOT NO : C-71, SECTOR-7, C. D. A., CUTTACK, ODISHA

**O. A. NO. 475 of 2023**

INDUSIND BANK LIMITED — APPLICANT
VERSUS
M/S M.R. ENTERPRISES AND OTHERS — DEFENDANT(S)

To
**4. ANIL KUMAR AGARWAL,**
S/o- Radheshayam Agarwal, At- Bhagwan Niwas, Ganesh Ghat, Chawdhury Bazar, P.S.- Purighat, Cuttack-753001.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 475 OF 2023** in the court of the Debts Recovery Tribunal Cuttack for recovery of **Rs.3,93,70,318.10** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **25/09/2024 at 10.30 am** as to why reliefs prayed for should not granted.
Take notice that in case of default, the applicant will be heard and determined in his absence.
Given under my hand and seal of this tribunal on this **25th Day of July, 2024.**

Sd/-
REGISTRAR (I/C)

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**
**अल्पकालीन ई-निविदा आमंत्रण सूचना**
**संख्या – EE/RDSD/LATEHAR/07/2024-25**

1. कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड महुआडांड़ में पंचायत परहा टोली ग्राम टुनटोली में टुनटोली नदी पर पुल निर्माण। | 4,20,06,600 | 8,40,200 | 10,000 | 18 माह |
| 2 | लातेहार जिलान्तर्गत प्रखण्ड मनिका अंतर्गत पंचायत दुन्दु के पुराने दुन्दु में बहेर नाला पर पुल निर्माण। | 3,21,53,600 | 6,43,100 | 10,000 | 18 माह |

2. वेबसाइट में निविदा प्रकाशन की तिथि – 01.08.2024
3. ई–निविदा प्राप्ति की तिथि एवं समय – दिनांक 01.08.2024 से दिनांक 15.08.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –17.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.331205 Rural Development(24-25):D

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा।**

**ई0 निविदा आमंत्रण सूचना।**

ई0–निविदा संख्याः–*06/2024-25/RWD/EE/CHAIBASA* दिनांक : 29.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 04/2024-25 | 1. पुरनियाँ से संजय नदी तक पथ का सुदृढ़ीकरण कार्य। (ल0–3.000कि0मी)<br>2. आर0ई0ओ0 मुख्य सड़क बासाकुटी से बड़ा लगिया से अयोध्या गाँव तक पथ का सुदृढ़ीकरण कार्य। (ल0–7.400कि0मी)<br>3. एन0एच0–75 खूंटपानी से पुरनीया गांव तक पथ का सुदृढ़ीकरण कार्य। (ल0–6.500 कि0मी)<br>4. L028 बड़ाचिरू से उनचुड़ी तक पथ का सुदृढ़ीकरण कार्य। (ल0–4.000कि0मी)<br>5. L021 बादिया से कायाचलम तक पथ का सुदृढ़ीकरण कार्य। (ल0–3.500कि0मी) | 143491200 | चौदह करोड़ चौंतीस लाख इक्यानवे हजार दो सौ रू0 मात्र। | 15 (पन्द्रह) माह |
| 2 | RWD/ CBSA/ STPKG/ 05/2024-25 | 1. कुआपाड़ा से गोरियाडुबा भाया मध्य विद्यालय गुमुरिया, मासाबिला तक पथ का सुदृढ़ीकरण कार्य। (ल0–10.910कि0मी)<br>2. गोरियाडुबा से बेलपोसी तक पथ का सुदृढ़ीकरण कार्य। (ल0–3.970कि0मी)<br>3. लक्खीपाई से करंजिया तक पथ का सुदृढ़ीकरण कार्य। (ल0–3.300कि0मी)<br>4. दामोदरपुर पी0डब्लू0डी0 पथ से पाताहातु भाया सपरमगुटू तक पथ का सुदृढ़ीकरण कार्य। (ल0–5.650कि0मी) | 145422800 | चौदह करोड़ चौवन लाख बाईस हजार आठ सौ रू0 मात्र। | 15 (पन्द्रह) माह |

1. वेबसाईट में निविदा प्रकाशन की तिथि :– **10.08.2024**
2. ई–निविदा प्राप्ति की अंतिम तिथि एवं समय :– **20.08.2024** अपराह्न **05:00** बजे तक।
3. निविदा खोलने की तिथि एवं समय :– **21.08..2024** अपराह्न **05:00** बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– **833201**
6. ई निविदा प्रकोश्ठ का दूरभाश सं0– **06582–359406**

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, चाईबासा।

PR 331180 (West Singhbhum) 24-25 (D)

# ୧ରୁ ପରିମଳ ବ୍ୟବସ୍ଥା ଯାଞ୍ଚ କଡ଼ାକଡ଼ି



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରରେ ପରିମଳକୁ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୩ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଦକ୍ଷିଣ-ପଶ୍ଚିମ ଜୋନ୍ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ହେବା ସହ ଏଥିରେ ପରିମଳ ବ୍ୟବସ୍ଥାକୁ ଆଗକୁ ନେଇଯିବାରେ ବିଭିନ୍ନ କର୍ମଚାରୀ ଏବଂ ସହଭାଗୀ ଅନୁଷ୍ଠାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ ଅଗଷ୍ଟ ୧ରୁ ପରିମଳ ବ୍ୟବସ୍ଥା କଡ଼ାକଡ଼ି ଯାଞ୍ଚ କରାଯିବ ଏବଂ ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରି ସହରର ସ୍ୱଚ୍ଛତା ପାଇଁ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଆମ ସହରର ପରିଚିତି ପରିମଳ କ୍ଷେତ୍ରରେ ଆଗୁଆ ରହିଥିବାବେଳେ ଏହାକୁ କ୍ଷୁଣ୍ଣ ହେବାକୁ ଦିଆଯିବ ନାହିଁ। କୌଣସି କାରଣବଶତଃ ଯଦି ଏଥିରେ କିଛି ତ୍ରୁଟି ପରିଲକ୍ଷିତ ହେଉଛି, ତେବେ ପ୍ରଥମ କରି ଆମ ତରଫରୁ ଏହାର ବିବରଣୀ ଏବଂ ପଦକ୍ଷେପ ନେବାକୁ ହେବ। କ୍ଷେତ୍ର ବିଶେଷରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଏହାର ଯତ୍ନ ନେବାକୁ ପଡ଼ିବ। ଏପରିକି ନିୟୋଜିତ ପରିମଳ ସଂସ୍ଥା ଏବଂ ସାମାଜିକ ଅନୁଷ୍ଠାନ ମଧ୍ୟ ଏଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ମେୟର କହିଥିଲେ। ସେହିପରି ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ବିଭିନ୍ନ ଉପଦାନ ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ। ସ୍ୱଚ୍ଛକର୍ମୀଙ୍କଠାରୁ ଆରମ୍ଭ କରି ସାନିଟାରି ଇନ୍ସପେକ୍ଟରମାନେ ସର୍ବଦା ଉପଯୁକ୍ତ ଡ୍ରେସ କୋଡ୍‌ରେ ରହିବା ଦରକାର। ଏହାଦ୍ୱାରା କାମ କରିବାର ଆଗ୍ରହ ବୃଦ୍ଧି ପାଇବ ବୋଲି ଦକ୍ଷିଣ-ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର କହିଥିଲେ। ଉତ୍ତର ଜୋନାଲ୍ ଡେପୁଟି କମିଶନର ସମୟାନୁବର୍ତ୍ତିତା ସମ୍ପର୍କରେ ତାଲିମ ଦେଉଥିବାବେଳେ, ବ୍ୟକ୍ତିତ୍ୱ ବିକାଶ ଉପରେ ଦକ୍ଷିଣ-ପଶ୍ଚିମ ଜୋନାଲ ଡେପୁଟି କମିଶନର ଉପସ୍ଥିତ କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ମିହିର କୁମାର ରାଉତ, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସାନିଟେଶନ ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ଏସ୍‌ଆଇ, ସୁପରଭାଇଜର ଉପସ୍ଥିତ ଥିଲେ।

# କର୍ମଚାରୀ ନେତା ପତିତପାବନ ପରିଡ଼ାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

ପତିତପାବନ ପରିଡ଼ା ମେମୋରିଆଲ ଟ୍ରଷ୍ଟ ତରଫରୁ ସ୍ୱର୍ଗତ ପତିତପାବନ ପରିଡ଼ାଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା କର୍ମଚାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନରସିଂହ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଗଗନ ବିହାରୀ ଭଞ୍ଜ ସମ୍ପାଦକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଅତୀତର କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ବନ୍ଧୁମାନେ କର୍ମଚାରୀଙ୍କ ଦାବି ନିମନ୍ତେ ନିଷ୍ଠାର ସହ କାର୍ଯ୍ୟ କଲେ ତାଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରିୟଦର୍ଶୀ କହିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଦିବଂଗତ କର୍ମଚାରୀ ନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପତିତପାବନ ଜଣେ ଦୃଢ଼ କର୍ମଚାରୀ ନେତା ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ ନେତୃତ୍ୱରେ କର୍ମଚାରୀମାନଙ୍କର ବିଭିନ୍ନ ଦାବି ହାସଲ ନିମନ୍ତେ ବହୁବାର ଆନ୍ଦୋଳନ ହେବା ସହ ଅନେକ ଦାବି ହାସଲ ହୋଇଥିବା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଆଶିଷ କୁମାର ନନ୍ଦ ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।




ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଓ ଅନ୍ୟ ଅତିଥି।


## ସର୍ବସାଧାରଣ ବିଜ୍ଞପ୍ତି

**ତା୩୦।୦୭।୨୦୨୪ରିଖ ୦୩.୪୩ ଘଟିକା** ସମୟରେ ଚକ୍ରଧରପୁର ଡିଭିଜନର ରାଜଖରସୁଆଁ-ବଡ଼ାବାମ୍ବୋ ସେକ୍ସନଠାରେ କି.ମି. ନଂ. ୨୯୯/୩ଏଠାରେ **ଟ୍ରେନ୍ ନଂ.୧୨୮୧୦ (ହାଓଡା-ସିଏସ୍‌ଏମ୍‌ଟି ମେଲ୍)**ର ପାର୍ଶ୍ୱ ଧକ୍କା ସଂକ୍ରାନ୍ତରେ ଭାରତୀୟ ରେଳବାଇ ଅଧିନିୟମ, ୧୯୮୯ର ଧାରା ୧୧୩ ଅଧୀନରେ ରେଳପଥ ସୁରକ୍ଷା ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ) **ତା୦୧।୦୮।୨୦୨୪ରିଖ (ଗୁରୁବାର) ୧୦.୦୦ ଘଟିକାରେ ଡିଆର୍‌ଏମ୍ କାର୍ଯ୍ୟାଳୟ, ଚକ୍ରଧରପୁରଠାରେ** ଏକ ବୈଧାନିକ ତଦନ୍ତ ସଞ୍ଚାଳନ କରିବେ।

ରେଳ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ନିକାୟଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ପ୍ରଦତ୍ତ ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଦୁର୍ଘଟଣା ମାମଲା ସମ୍ବନ୍ଧରେ ନିଜର ସାକ୍ଷ୍ୟ ଉପସ୍ଥାପନ କରିପାରନ୍ତି।

**ମୁଖ୍ୟ ସୁରକ୍ଷା ଅଧିକାରୀ, ଦ.ପୂ. ରେଳପଥ**

**ଦକ୍ଷିଣ ପୂର୍ବ ରେଳପଥ** (PR-434)
ହର୍ଷର ସହିତ ଆମେ ସେବାରତ


# ଗୁରୁ ବିଷ୍ଣୁମୋହନ ନାୟକ ଥିଲେ ଉଚ୍ଚକୋଟୀର ସଙ୍ଗୀତଜ୍ଞ

## ‘କିଷନ ବୋଲେ ବଡ଼ା ପ୍ୟାରୋ...

ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)

ଗୁରୁ ବିଷ୍ଣୁମୋହନ ନାୟକ ଜଣେ ଉଚ୍ଚକୋଟୀର ସଙ୍ଗୀତଜ୍ଞ ଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ପାରଦର୍ଶିତା ସଙ୍ଗୀତ ଜଗତରେ ତାଙ୍କୁ ପରିଚିତ କରାଇଥିଲା। ସରଳ ଶିକ୍ଷା ପଦ୍ଧତି ପାଇଁ ସେ ଛାତ୍ରୀଛାତ୍ରଙ୍କ ଅତ୍ୟନ୍ତ ପ୍ରିୟ ଥିଲେ ବୋଲି ମତ ପ୍ରକାଶ ପାଇଛି। ସଙ୍ଗୀତ ଅନୁଷ୍ଠାନ ରାଗମାଳା ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ବୁଦ୍ଧମନ୍ଦିରଠାରେ ସ୍ୱର୍ଗତଃ ବିଷ୍ଣୁମୋହନଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ସଭା ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତାଚାର୍ଯ୍ୟ ରଜନୀକାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶନାରେ ଶାସ୍ତ୍ରୀୟ ସଙ୍ଗୀତ ଖମାଜ ଛୋଟା ଖେଯାଲ ବନ୍ଦୀଶ ‘କିଷନ ବୋଲେ ବଡା ପ୍ୟାରୋ’ ପରିବେଷଣ କରାଯାଇଥିଲା। ପରେ ଗୁରୁ କମଳିନୀ ଜେନାଙ୍କ ନିର୍ଦ୍ଦେଶନାରେ ନୀଳଶୈଳ ମ୍ୟୁଜିକ୍ ଏକାଡେମୀ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଗ କାଫିରେ ଏକ ଛୋଟା ଖେଯାଲ ପରିବେଷିତ ହୋଇଥିଲା। ଏହାପରେ ‘କ୍ରିଷ୍ଟକ୍ରିଷ୍ଟ ଭୋରହି ମୁଖ ବୋଲ’, ‘କିସନ ବୋଲେ ବଡା ପ୍ୟାର ମୋରା’, ‘ବ୍ରିଜରାଜ ତେରୋ କଜ ଗୟ ଲାଜ ହାମରୋ’, ‘ଧୀରଜ ନାହିଁ ନାହିଁରେ ସାବରିୟା’, ‘ଏସି ଲାଗି ଲଗନ୍’ ଭଳି ସଙ୍ଗୀତ ପରିବେଷଣ ହୋଇଥିଲା, ଯାହା ଶ୍ରୋତାଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧିରଖିଥିଲା। କାର୍ଯ୍ୟକ୍ରମରେ ଗୁରୁ ସ୍ମୃତିରଞ୍ଜନ ପାଢ଼ୀ, ସୁଧାଂଶୁ ସାହୁ, ରାକେଶ କୁମାର ନାଥ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଭାଗ ନିର୍ଦ୍ଦେଶକ ଦୀଲିପ କୁମାର ରାଉତରାୟ, ରାଗମାଳା ସମ୍ପାଦକ ରଜନୀକାନ୍ତ ପାଢୀ ଏବଂ ଗୁରୁ ବାଳକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇଥିଲେ।



ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମଙ୍ଗଳବାର ଭୁବନେଶ୍ୱର ଓକିଲ ସଂଘର ନୂତନ କୋଠା ପରିଦର୍ଶନ କରୁଛନ୍ତି। ଏହି ଅବସରରେ ଜିଲାଜଜ୍ ନିଶିଥ୍ ନିଶଙ୍କ, ଭୁବନେଶ୍ୱର ଓକିଲ ସଂଘ ସଭାପତି କୁନ୍ଦନ ରଥ, ସମ୍ପାଦକ ଦୀପକ ଦାଶ, ଉପସଭାପତି ଦୁର୍ଗାପ୍ରସାଦ ସାହୁ, କୋଷାଧ୍ୟକ୍ଷ ଜଗଦୀଶ ବେହେରା, ଯୁଗ୍ମସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ରାଜ୍ୟ ଆଇନଜୀବୀ ସଭ୍ୟ ଆତ୍ମପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନି ନିରାପତ୍ତା ସମ୍ପର୍କରେ ଅବଗତ ନାହାନ୍ତି ସରକାର

**କଟକ ସଦର,୩୦।୭(ସୁଶାନ୍ତ କୁମାର ଜେନା)**

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗଢ଼ି ଉଠିଥିବା ସରକାରୀ ବିଦ୍ୟାଳୟଗୁଡ଼ିକ ବହୁତଳ କୋଠାରେ ରୂପାନ୍ତରିତ ହୋଇଛି। ତେଣୁ ଉକ୍ତ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବାର ସରକାରୀ ନିୟମ ରହିଛି। ମାତ୍ର ଓଡ଼ିଶାରେ କେତେ ସଂଖ୍ୟାରେ ବିଦ୍ୟାଳୟ ବହୁ ତଳ କୋଠାରେ ଚାଲିଥିଲେ ସୁଦ୍ଧା ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ସେ ସମ୍ପର୍କରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପାଖରେ ତଥ୍ୟ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏନେଇ ନିର୍ଦ୍ଦେଶାଳୟର ଜନସୂଚନା ଅଧିକାରୀ ପତ୍ର ସଂଖ୍ୟା ୨୦୮୮୭/୨୫।୭।୨୦୨୪ରୁ ଜଣାଇଛନ୍ତି। ନିର୍ଦ୍ଦିଷ୍ଟ ଅବଧି ପୂରି ଯାଇଥିଲେ ସୁଦ୍ଧା ନିର୍ଦ୍ଦେଶାଳୟ ପାଖରେ ତଥ୍ୟ ନ ଥିବାରୁ ଡିଇଓ ଏ ନେଇ ନିର୍ଦ୍ଦେଶାଳୟକୁ ଜଣାଇବାକୁ ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।


FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
PLOT NO : C-71, SECTOR-7, C. D. A., CUTTACK, ODISHA

**O. A. NO. 475 of 2023**

INDUSIND BANK LIMITED — APPLICANT
VERSUS
M/S M.R. ENTERPRISES AND OTHERS — DEFENDANT(S)

To
**4. ANIL KUMAR AGARWAL,**
S/o- Radheshayam Agarwal, At- Bhagwan Niwas, Ganesh Ghat, Chawdhury Bazar, P.S.- Purighat, Cuttack-753001.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 475 OF 2023** in the court of the Debts Recovery Tribunal Cuttack for recovery of **Rs.3,93,70,318.10** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **25/09/2024 at 10.30 am** as to why reliefs prayed for should not granted.
Take notice that in case of default, the applicant will be heard and determined in his absence.
Given under my hand and seal of this tribunal on this **25th Day of July, 2024.**

Sd/-
REGISTRAR (I/C)


# ରାଜ୍ୟବାସୀଙ୍କ ଭଲପାଇବା ଚିରଦିନ ମନେ ରହିବ: ବିଶ୍ୱଭୂଷଣ

## ଛତିଶଗଡ଼ ରାଜ୍ୟପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଭୁବନେଶ୍ୱର, ୩୦।୭(ବନ୍ଦନା ସେଠୀ)

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ଏହି କ୍ରମରେ ମଙ୍ଗଳବାର ଛତିଶଗଡ଼ ସରକାରଙ୍କ ତରଫରୁ ରାୟପୁର ବିମାନବନ୍ଦରଠାରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସରକାର ଓ ଜନତାଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ତିଆରି କରିବା ପାଇଁ ସେ ପ୍ରୟାସ କରିଥିଲେ। ଏହି ଅବସରରେ ହରିଚନ୍ଦନ ଛତିଶଗଡ଼ର ଉତ୍ତୋରତ୍ତୋର ଉନ୍ନତି କାମନା କରିବା ସହ ଜନତାଙ୍କୁ ପ୍ରଶଂସା କରି କହିଛନ୍ତି, ଛତିଶଗଡ଼ବାସୀଙ୍କ ସ୍ନେହ ଓ ଭଲପାଇବା ତାଙ୍କୁ ଅପୂର୍ବ ଆନନ୍ଦ ଏବଂ ଉତ୍ସାହ ଦେଇଛି। ସେମାନଙ୍କ ଭଲପାଇବା ମୋର ଚିରଦିନ ମନେରହିବ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପରିଦର୍ଶନ କରିବା ସମୟରେ ସେ ଲୋକଙ୍କ ପରିଶ୍ରମ, ସମର୍ପଣ ଓ ସାହସକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇଥିଲେ। ଏଠାକାର ପ୍ରାକୃତିକ ପରିବେଶରେ ଯେତିକି ସୁନ୍ଦରତା ଭରି ରହିଛି, ଲୋକମାନେ ମଧ୍ୟ ସେତିକି ଶାନ୍ତ, ସରଳ ଓ ନିରୀହ ବୋଲି ହରିଚନ୍ଦନ କହିଛନ୍ତି। ଏଥିସହ ସେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ମନ୍ତ୍ରୀ, ବିଧାୟକ, ରାଜ୍ୟ ସରକାରୀ ଅଧିକାରୀଙ୍କ ସମେତ ରାଜଭବନ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଯଥା ସମୟରେ ଦୀକ୍ଷାନ୍ତ ସମାରୋହ ସମାପନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ସେ କହିଥିଲେ। ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତଙ୍କ ଜୟ ଜଗନ୍ନାଥ ସମ୍ବୋଧନ ଉକ୍ତ ପରିବେଶକୁ ଜଗନ୍ନାଥମୟ କରିଦେଇଥିଲା। ଉତ୍ସବରେ ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଭୂପେଶ ବଘେଲ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ମନ୍ତ୍ରୀ, ବିଧାୟକ, ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।


## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लातेहार
### अल्पकालीन ई-निविदा आमंत्रण सूचना
### संख्या – EE/RDSD/LATEHAR/07/2024-25

1. कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड महुआडांड़ में पंचायत परहा टोली ग्राम टुनटोली में टुनटोली नदी पर पुल निर्माण। | 4,20,06,600 | 8,40,200 | 10,000 | 18 माह |
| 2 | लातेहार जिलान्तर्गत प्रखण्ड मनिका अंतर्गत पंचायत दुन्दु के पुराने दुन्दु में बहेर नाला पर पुल निर्माण। | 3,21,53,600 | 6,43,100 | 10,000 | 18 माह |

2. वेबसाइट में निविदा प्रकाशन की तिथि – 01.08.2024
3. ई–निविदा प्राप्ति की तिथि एवं समय – दिनांक 01.08.2024 से दिनांक 15.08.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –17.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.331205 Rural Development(24-25):D



## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा।
### ई० निविदा आमंत्रण सूचना।

ई०–निविदा संख्याः–*06/2024-25/RWD/EE/CHAIBASA* दिनांक : 29.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 04/2024-25 | 1. पुरनियाँ से संजय नदी तक पथ का सुदृढ़ीकरण कार्य। (ल0–3.000कि0मी) 2. आर0ई0ओ0 मुख्य सड़क बासाकुटी से बड़ा लगिया से अयोध्या गाँव तक पथ का सुदृढ़ीकरण कार्य। (ल0–7.400कि0मी) 3. एन0एच0–75 खूंटपानी से पुरनीया गांव तक पथ का सुदृढ़ीकरण कार्य। (ल0–6.500 कि0मी) 4. L028 बड़ाचिरू से उनचुड़ी तक पथ का सुदृढ़ीकरण कार्य। (ल0–4.000कि0मी) 5. L021 बादिया से कायाचलम तक पथ का सुदृढ़ीकरण कार्य। (ल0–3.500कि0मी) | 143491200 | चौदह करोड़ चौंतीस लाख इक्यानवे हजार दो सौ रू0 मात्र। | 15 (पन्द्रह) माह |
| 2 | RWD/ CBSA/ STPKG/ 05/2024-25 | 1. कुआपाड़ा से गोरियाडुबा भाया मध्य विद्यालय गुमुरिया, मासाबिला तक पथ का सुदृढ़ीकरण कार्य। (ल0–10.910कि0मी) 2. गोरियाडुबा से बेलपोसी तक पथ का सुदृढ़ीकरण कार्य। (ल0–3.970कि0मी) 3. लक्खीपाई से करंजिया तक पथ का सुदृढ़ीकरण कार्य। (ल0–3.300कि0मी) 4. दामोदरपुर पी0डब्लू0डी0 पथ से पाताहातु भाया सपरमगुटू तक पथ का सुदृढ़ीकरण कार्य। (ल0–5.650कि0मी) | 145422800 | चौदह करोड़ चौवन लाख बाईस हजार आठ सौ रू0 मात्र। | 15 (पन्द्रह) माह |

1. वेबसाईट में निविदा प्रकाशन की तिथि :– **10.08.2024**
2. ई–निविदा प्राप्ति की अंतिम तिथि एवं समय :– **20.08.2024** अपराह्न **05:00** बजे तक।
3. निविदा खोलने की तिथि एवं समय :– **21.08..2024** अपराह्न **05:00** बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– **833201**
6. ई निविदा प्रकोश्ठ का दूरभाश सं0– **06582–359406**

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, चाईबासा।

PR 331180 (West Singhbhum) 24-25 (D)


# ‘ପରମ୍ପରା କେବେ ସ୍ଥିର ନୁହେଁ’



‘ନ୍ୟୁ ବ୍ରିଜ୍ ଇଣ୍ଡିଆ’ ଅନୁଷ୍ଠାନ ତରଫରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଅତିଥିଙ୍କ ସହ କଳାକାରମାନେ।

**ଭୁବନେଶ୍ୱର,୩୦।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ‘ନ୍ୟୁ ବ୍ରିଜ୍ ଇଣ୍ଡିଆ’ ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ ଓ କଳାତ୍ମକ ପ୍ରୟାସ ଜାରିରଖିଛି। ଅନୁଷ୍ଠାନର ଡ. ରାଜଶ୍ରୀ ବିଶ୍ୱାଳ ଏବଂ ସମକାଳୀନ ଚିତ୍ରଶିଳ୍ପୀ ବିରେନ୍ଦ୍ର ପାଣି ମାଲେସିଆର ରାଜଧାନୀ କୁଆଲାଲୁମ୍ପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଡିଆନ କଲଚୁରାଲ ସେଣ୍ଟରଠାରେ ‘ମାନେଉଭେରିଙ୍ଗ ଟ୍ରାଡିଶନ: କଣ୍ଟେମ୍ପରାରି ଭିଜୁଆଲ ଏକ୍ସପ୍ରେଶନ ଫ୍ରମ୍ ସାଉଥ ଏସିଆ’ ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ କଳାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ମାଲେସିଆର ସୂତ୍ର ଫାଉଣ୍ଡେଶନ, ଏନ୍ଏସ୍‌ସିବିଆଇସିସି ଏବଂ ନ୍ୟୁ ବ୍ରିଜ୍ ଇଣ୍ଡିଆର ମିଳିତ ସହଯୋଗରେ ମାଲେସିଆରେ ଅବସ୍ଥିତ ହାଇକମିଶନର କାଉନସେଲର ଅମୃତା ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଦାଶ କହିଥିଲେ, ‘ପରମ୍ପରା’ କେବେ ସ୍ଥିର ନୁହେଁ, ଏହା ସର୍ବଦା ପରିବର୍ତ୍ତନର ଗତିଶୀଳ ପ୍ରକ୍ରିୟାରେ ଥାଏ। ମାଲେସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆ ସହିତ ଏକ ଅଭିନବ ସାଂସ୍କୃତିକ ସମ୍ପର୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୃଷ୍ଟି ହୋଇଥିଲା। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସୂତ୍ର ଫାଉଣ୍ଡେଶନର ପ୍ରତିଷ୍ଠାତା ପଦ୍ମଶ୍ରୀ ଦତ୍ତୁକ ରାମଲି ଇବ୍ରାହିମ୍ ଏବଂ ପ୍ରବାସୀ ଡ. କୃଷ୍ଣଗୋପାଳ ରାମପାଲ ଉପସ୍ଥିତ ଥିଲେ।




ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ମୁକ୍ତି ଦାବିରେ ଇଣ୍ଡିଆ ମେଣ୍ଟର ନେତାମାନେ ଏକଜୁଟ ହୋଇଛନ୍ତି।

# କେଜ୍‌ରିୱାଲଙ୍କ ମୁକ୍ତି ଦାବିରେ ଇଣ୍ଡିଆ ମେଣ୍ଟ ନେତାଙ୍କ ସମାବେଶ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଥିବାରୁ ତାଙ୍କୁ ତୁରନ୍ତ ତିହାର ଜେଲରୁ ମୁକ୍ତ କରିବା ଦାବିରେ ମଙ୍ଗଳବାର ଦିଲ୍ଲୀର ଯନ୍ତରମନ୍ତରଠାରେ ଇଣ୍ଡିଆ ବ୍ଲକ୍‌ର ନେତାମାନେ ଏକାଠି ହୋଇଥିଲେ। ବିରୋଧୀଙ୍କ ସ୍ୱର ଚାପି ଦେଉଥିବା କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରକୁ ଇଣ୍ଡିଆ ବ୍ଲକ୍ ନେତାମାନେ ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ରାଜେନ୍ଦ୍ର ନଗର କୋଚିଂ ସେଣ୍ଟରର ବେସ୍‌ମେଣ୍ଟରେ ପାଣି ପଶି ୩ ଆଇଏଏସ୍ ଆଶାୟୀଙ୍କ ଜୀବନ ଗଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଡକାଯାଇଥିବା ଏହି ବିକ୍ଷୋଭ ରାଲିରେ ଏକଚ୍ଛତ୍ରବାଦର ଅବସାନ ପାଇଁ ସ୍ଲୋଗାନ ଦିଆଯାଇଥିଲା। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଷଡ଼ଯନ୍ତ୍ର କରି ଆପ୍‌ର ୩ ବରିଷ୍ଠ ନେତା କେଜ୍‌ରିୱାଲ, ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ଜେଲରେ ପୂରାଇଥିବା ସିପିଆଇ(ଏମ୍‌ଏଲ୍) ଲିବରେଶନ ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଥିଲେ। କୋଚିଂ ସେଣ୍ଟରର ଟ୍ରାଜେଡି ପାଇଁ କେନ୍ଦ୍ରକୁ ଦାୟୀ କରାଯିବାକୁ ସେ ଦାବି କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ପାଇଁ କେଜ୍‌ରିୱାଲଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯାଉ ବୋଲି କମ୍ୟୁନିଷ୍ଟ ପାର୍ଟି ସାଧାରଣ ସମ୍ପାଦକ ଡି. ରାଜା ଦାବି କରିଥିଲେ। ଭାଜପା କ୍ଷମତାକୁ ଆସିବା ପରେ ଗଣତନ୍ତ୍ର ଆଉ ଲୋକଙ୍କର କି ଲୋକଙ୍କ ପାଇଁ ରହିନାହିଁ। ଦେଶର ଏଭଳି ସ୍ଥିତିକୁ କେତେଦିନ ବରଦାସ୍ତ କରାଯିବ ବୋଲି ରାଜା ପ୍ରଶ୍ନ କରିଥିଲେ। ଭାଜପା କେଜ୍‌ରିୱାଲଙ୍କୁ ଜେଲରେ ମାରିଦେବା ପାଇଁ ଷଡ଼ଯନ୍ତ୍ର ଚଳାଇଥିବା ଆପ୍‌ର ଦିଲ୍ଲୀ ଆବାହକ ଗୋପାଳ ରାୟ ଅଭିଯୋଗ କରିଛନ୍ତି। ଜୁନ୍ ୩ରୁ ଜୁଲାଇ ୭ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶର୍କରା ସ୍ତର ୩୪ ଥର ହ୍ରାସ ପାଇଥିବା ସେ କହିଛନ୍ତି। ଏହି ସମାବେଶରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଏନ୍‌ସିପି(ଏସ୍‌ପି) ମୁଖ୍ୟ ଶରଦ ପାୱାର, ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, କଂଗ୍ରେସ ରାଜ୍ୟ ସଭା ସଦସ୍ୟ ପ୍ରମୋଦ ତିୱାରୀ, କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା ପ୍ରମୁଖ ଉପସ୍ଥିତ ଥିଲେ।

# ହତାଶହୋଇ ଓଡ଼ିଶାବାସୀ ସରକାର ପରିବର୍ତ୍ତନକଲେ: ମୋହନ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ବିଧାନସଭାରେ ଗତ ୨୫ ତାରିଖରେ ୨୦୨୪-୨୫ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ କହିଛନ୍ତି। ୨୯ତାରିଖଠାରୁ ଏହି ବଜେଟ ଉପରେ ସାଧାରଣ ଆଲୋଚନା ଆରମ୍ଭ ହୋଇ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ଭାଗ ନେଇଛନ୍ତି। ଏଥିପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ ସେ ତାଙ୍କ ଉତ୍ତରରେ କହିଛନ୍ତି, ଗତ ନିର୍ବାଚନରେ ନିର୍ଣ୍ଣାୟକ ମତଦାନ କରି ରାଜ୍ୟବାସୀ ଭାଜପାକୁ ସରକାର ଗଠନ କରିବାର ସୁଯୋଗ ଦେଇଥିବାରୁ ଅଶେଷ ଧନ୍ୟବାଦ। ଓଡ଼ିଶାବାସୀ ଲମ୍ବା ସମୟ ଧରି ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ କରିବାକୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲେ, କିନ୍ତୁ ଲୋକଙ୍କ ଭାଗ୍ୟ ପରିବର୍ତ୍ତନ ହେଲାନାହିଁ। ତେଣୁ ହତାଶ ହୋଇ ରାଜ୍ୟବାସୀ ସରକାର ପରିବର୍ତ୍ତନ କଲେ। ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଏହି ବଜେଟ ହେଉଛି ଲୋକଙ୍କ ବଜେଟ। ନିର୍ବାଚନୀ ଇସ୍ତାହାରରେ ଆମେ ଓଡ଼ିଶାବାସୀଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବାକୁ



ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଆଲୋଚନାର ଉତ୍ତର ରଖୁଛନ୍ତି।

ପ୍ରତିଶ୍ରୁତି ଦେଇଥିଲୁ। ଏହି ବଜେଟ ତା'ର ଏକ ପ୍ରତିଫଳନ। ଏଥିରେ ସାମାଜିକ ନ୍ୟାୟ, ଭିତ୍ତିଭୂମିର ଉନ୍ନତି, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ବଞ୍ଚିତଙ୍କ ପାଇଁ ସାମାଜିକ ନିରାପତ୍ତା, ମହିଳା, ଯୁବବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ସଂଖ୍ୟାଲଘୁ, ଭିନ୍ନକ୍ଷମ ତଥା ବରିଷ୍ଠ ନାଗରିକଙ୍କ ସଶକ୍ତୀକରଣ ମାଧ୍ୟମରେ ସାମୂହିକ ତଥା ଦୃଢ଼ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଥର ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଅଟକଳ ମଧ୍ୟରୁ କାର୍ଯ୍ୟକ୍ରମ ବ୍ୟୟ ୧ ଲକ୍ଷ ୫୫ ହଜାର କୋଟି ଟଙ୍କା ଆକଳନ କରାଯାଇଛି, ଯାହା ୨୦୨୩-୨୪ ବର୍ଷ ତୁଳନାରେ ୨୪% ଅଧିକ । ବିରୋଧୀ ଦଳ ନେତା ଏହି ବଜେଟକୁ ଏକ ନେମ୍ ଚେଞ୍ଜିଙ୍ଗ୍ ବଜେଟ କହିଛନ୍ତି। ଏହାକୁ ଜୁମ୍‌ଲା ବି କହିଛନ୍ତି। ଦେଖିବାକୁ ଗଲେ ପୂର୍ବରୁ ରାଜ୍ୟରେ ଜୁମ୍‌ଲା ସରକାର ଥିଲା। ଭୋଟବ୍ୟାଙ୍କ ପାଇଁ ଯୋଜନା କରୁଥିଲେ। ଅନେକ ଯୋଜନା ଆରମ୍ଭ ହୋଇ ବନ୍ଦ ହୋଇଯାଉଥିଲା। ତେଣୁ ଲୋକମାନେ ସେ ସରକାରକୁ ବଦଳାଇଦେଲେ। ଆମ ସରକାର ଓଡ଼ିଆ ଅସ୍ମିତାର ସରକାର। ସେହିପରି ଇଂରାଜୀ ଶବ୍ଦ ବ୍ୟବହାର କରି ନାମିତ ହୋଇଥିବା ଯୋଜନାକୁ ଓଡ଼ିଆ ଶବ୍ଦ ଦ୍ୱାରା ନାମିତ କରିବା କ'ଣ ଭୁଲ୍। ଆମର ଚିର ନମସ୍ୟ ପଞ୍ଚସଖାଙ୍କ ସମ୍ମାନାର୍ଥେ ମୋ ସ୍କୁଲ ଯୋଜନାକୁ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଭାବେ ନାମିତ କରିବା କ'ଣ ଭୁଲ୍ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ତଥା 'ଓଡ଼ିଆ ଅସ୍ମିତା' ଆମର ପରିଚୟ। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ତଥା ଯାତ୍ରୀ ସୁବିଧା ପାଇଁ ଜଗନ୍ନାଥ ମନ୍ଦିର ପ୍ରଶାସନ ପାଇଁ ୫ ଶହ କୋଟି ଟଙ୍କାର କର୍ପସ ପାଣ୍ଠି ତଥା ଓଡ଼ିଆ ଅସ୍ମିତା ପାଇଁ ୨ ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ନିମନ୍ତେ ଏହି ବଜେଟରେ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ଘଟଗାଁ ସ୍ଥିତ ମା' ତାରିଣୀ ପୀଠର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ପୂର୍ବ ସରକାର କ'ଣ ଏହା କରିପାରି ନ ଥାଆନ୍ତେ। ଏହା ନ କରି ସମାଲୋଚନା କରିବା ହେଉଛି ତାଙ୍କର ଅସହିଷ୍ଣୁତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ବିଶ୍ୱର ସର୍ବବୃହତ୍ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା। କିନ୍ତୁ ପରିତାପର ବିଷୟ ହେଉଛି, ଏ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତକରି ରଖାଯାଉଥିଲା। ଆମ ସରକାର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନ ମାଧ୍ୟମରେ ଯୋଗ୍ୟ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ନଗଦବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛି। ଆମ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମ କ୍ୟାବିନେଟ୍‌ରେ ଆମ ସରକାର ଧାନ କ୍ରୟ ମୂଲ୍ୟ କୁଇଣ୍ଟାଲ ପିଛା ୩୧ ଶହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ, ଯାହା ବର୍ତ୍ତମାନର ଏମ୍‌ଏସ୍‌ପିଠାରୁ କୁଇଣ୍ଟାଲ ପିଛା ୮ ଶହ ଟଙ୍କା ଅଧିକ ହେବ। ଏଥିଲାଗି ବଜେଟରେ ୫ ହଜାର କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ଆମର ସଂକଳ୍ପପତ୍ର ଅନୁଯାୟୀ ପ୍ରଥମ କ୍ୟାବିନେଟ୍ ବୈଠକରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ବ୍ୟୟ ବରାଦ କରାଯିବ।

ନୂଆ ଓଡ଼ିଶା ଗଠନ ନେଇ ଆମ ସରକାର ଯେଉଁ ପ୍ରତିଶ୍ରୁତି ଦେଇଛି ତାହା ନିଶ୍ଚୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବଜେଟକୁ ଗୃହର ଅନୁମୋଦନ ଦେବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ବିରୋଧୀ ଦଳ ନେତାଙ୍କୁ ଟାର୍ଗେଟ କଲେ ହରିଚନ୍ଦନ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ବିଧାନସଭାରେ ସାଧାରଣ ବଜେଟ ନେଇ ମଙ୍ଗଳବାର ଅପରାହ୍ନରେ ଚାଲିଥିବା ଆଲୋଚନା ସମୟରେ ପଏଣ୍ଟ ଅଫ୍ ଅର୍ଡର ଆଣି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୨୪ ବର୍ଷ ସରକାର ପରେ ମାତ୍ର ୨ ମାସ ଧରି ବିରୋଧୀ ଦଳରେ ବସିବାର ସୁଯୋଗ ପାଇଥିବା ବିଜେଡି ସଦସ୍ୟ ବନ୍ଧୁମାନଙ୍କୁ ଅନୁରୋଧ ଯେ, ବିରୋଧୀ ଦଳରେ ବସିବାର ଅଭ୍ୟାସ କରନ୍ତୁ। ଆପଣମାନଙ୍କ ୨୪ ବର୍ଷର କୁଶାସନର ପ୍ରଭାବ ଏ ପର୍ଯ୍ୟନ୍ତ ଶାସନତନ୍ତ୍ର ଉପରୁ ଯାଇନାହିଁ। ଧୈର୍ଯ୍ୟ ଧରନ୍ତୁ ଖୁବ୍‌ଶୀଘ୍ର ଭାଜପା ତା'ର ବିକଶିତ ଓଡ଼ିଶା ଏଜେଣ୍ଡାର କ୍ରିୟାନ୍ୱୟନ ପ୍ରକ୍ରିୟାକୁ ଗତିଶୀଳ କରିବ। ମାତ୍ର ବର୍ଷକ ଭିତରେ ଲୋକ ଆପଣଙ୍କ ସରକାରକୁ ଏବଂ ଆପଣଙ୍କୁ ମଧ୍ୟ ଭୁଲିଯିବେ। ଏ ଗ୍ୟାରେଣ୍ଟି ପବିତ୍ର ଗୃହରେ ଦେଉଛି। ଅତୀତରେ ୨୦୦୦ ମସିହାର କଂଗ୍ରେସକୁ ମଧ୍ୟ ଆମେ ଦେଖିଥିଲୁ। ଶାସନ ଗାଦିରୁ ହଟିଯିବା ପରେ ମଧ୍ୟ ସେମାନେ ଛାୟା ଶାସକ ଦଳ ଭଳି ବ୍ୟବହାର ପ୍ରଦର୍ଶନ କରୁଥିଲେ। ପରବର୍ତ୍ତୀ ସମୟରେ ଯେତେ ନିର୍ବାଚନ ହେଲା ସେମାନଙ୍କ ସ୍ଥିତି କ'ଣ ହେଲା କହିବାର ଆବଶ୍ୟକତା ନାହିଁ। ତେଣୁ ରାଜନୀତିରେ ଅହଂକାରର ସ୍ଥାନ ନାହିଁ। ଯିଏ ଅହଂକାର କରିଛି ତା'ର ରାଜନୀତି ଶେଷ ହୋଇଯାଇଛି। ବିରୋଧୀ ଦଳ ନେତା ଯେଉଁ ଆଚରଣ ଗୃହରେ ଦେଖାଇଛନ୍ତି ତାହା ଅଶୋଭନୀୟତାକୁ ପ୍ରଦର୍ଶନ କରିଛି। ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ପଏଣ୍ଟ ଅଫ୍ ଅର୍ଡର ଉଠାଇବା ହେଉ କିମ୍ବା ବଜେଟ ଭାଷଣର ଉତ୍ତରରେ 'ଜୁମ୍‌ଲା' ଶବ୍ଦର ବ୍ୟବହାର କରିବା ୨୪ ବର୍ଷର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ମର୍ଯ୍ୟାଦାର ଅସମ୍ମାନ କରିଛି। ବିରୋଧୀ ଦଳ ନେତାଙ୍କ ଭାଷାରେ ଯଦି ରାଜ୍ୟର ବଜେଟ ଏକ



ପୃଥ୍ୱୀରାଜ ହରିଚନ୍ଦନ

ଜୁମ୍‌ଲା, ତେବେ ସେ ୨୪ ବର୍ଷ ଧରି ଏହି ପବିତ୍ର ଗୃହରେ ଯେଉଁ ଜୁମ୍‌ଲା ଉପସ୍ଥାପନ କରିଥିଲେ ତା'ର ଉତ୍ତର କିଏ ଦେବେ। ସେ ପ୍ରଥମ ପୂର୍ବତନ ମୁଖ୍ୟମନ୍ତ୍ରୀ ନୁହନ୍ତି ଯିଏ ବିରୋଧୀ ଦଳ ଆସନରେ ବସିଛନ୍ତି। ବିରୋଧୀ ଦଳ ନେତାଙ୍କ ଆଚରଣ ଓ ଉଚ୍ଚାରଣରେ ସଂଯମ ରହୁ। ଆପଣଙ୍କ ସରକାର ସମୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ୫୦ ଲକ୍ଷ ଟଙ୍କା ପ୍ରତି ପଞ୍ଚାୟତକୁ ଦେବା କଥା ହେଉ, ୧୪୦ଟି ଯୋଜନାର ଘୋଷଣା, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ୪୦୦ କୋଟିର କର୍ପସ ଫଣ୍ଡ, ଚାଷୀଙ୍କୁ ଏମ୍‌ଏସ୍‌ପି ୨,୭୦୦ ଟଙ୍କା ଦେବା ପାଇଁ ବାରମ୍ବାର ଚିତ୍କାର କରୁଥିଲେ, ହେଲେ ତାହା କରାଯାଉ ନ ଥିଲା। ଏଭଳି ବହୁ ମିଛ ପ୍ରତିଶ୍ରୁତି ତତ୍କାଳୀନ ବିଜେଡି ସରକାର ଦେଇଯାଇଛନ୍ତି। ଏବର ସରକାର ନିଷ୍ପତ୍ତି ନେବାର ଶକ୍ତି ରଖିଛନ୍ତି। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ଜଗନ୍ନାଥ ମନ୍ଦିର ଲାଗି କର୍ପସ ପାଣ୍ଠି, ରତ୍ନଭଣ୍ଡାର ଖୋଲିବା, ଓଡ଼ିଆ ଅସ୍ମିତା ପାଇଁ କର୍ପସ ପାଣ୍ଠି, ସୁଭଦ୍ରା ଯୋଜନା ଆଦି ନିଷ୍ପତ୍ତି ଭାଜପା ସରକାର ନେଇପାରିଛି। ଭାଜପା ସରକାର ପ୍ରଚାର ସର୍ବସ୍ୱ ନୁହେଁ। କଥାରେ ନୁହେଁ, କାମରେ ବିଶ୍ୱାସକରେ। ଗୋଟିଏ ବର୍ଷ ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ପୂର୍ବତନ ବିଧାୟକଙ୍କ ବିରୋଧରେ ଲଢୁଥିଲି ବୋଲି ମୋ ଘରକୁ ପାଣି ପାଇପ୍ ଯାଇନି

**ଭୁବନେଶ୍ୱର, ୩୦।୭ (ଅନିଲ ଦାସ):** ମୋ ଘରଠାରୁ ୨ କି.ମି. ଦୂରରେ ପିଇବା ପାଣି ପାଇପ୍ ଅଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମୋ ଘରକୁ ପାଣି ଯାଇପାରିଲା ନାହିଁ। ମୁଁ ପୂର୍ବତନ ବିଧାୟକଙ୍କ ବିରୋଧରେ ଲଢୁଥିଲି ବୋଲି ମୋ ଘରକୁ ପିଇବା ପାଣି ପାଇପ୍ ଯାଇନି। କେବଳ ମୋ ଘରକୁ ନୁହେଁ, ମୋତେ ଭୋଟ ଦେଇଥିବା ଲୋକଙ୍କ ଘରକୁ ମଧ୍ୟ ପିଇବା ପାଣି ଯାଇନି। ବିଜେଡି ନେତାଙ୍କ ଘରପାଖରେ ଲକିଂ କରି ଦିଆଯାଉଛି। ଆମକୁ ଟିକେ ପିଇବା ପାଣି ମିଳୁ ନାହିଁ। ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରସନ୍ନ ପ୍ରଧାନ ଏଭଳି ଢଙ୍ଗରେ ପିଇବା ପାଣିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି, ଆମ ନିର୍ବାଚନମଣ୍ଡଳୀରେ ପୂର୍ବରୁ ଯିଏ ବିଧାୟକ ଥିଲେ ସେ ପଞ୍ଚାୟତିରାଜ ମନ୍ତ୍ରୀ ଥିଲେ। ଆମ ନିର୍ବାଚନମଣ୍ଡଳୀର ୩ ଲକ୍ଷ ୪୦ ହଜାର ଲୋକ ପିଇବା ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ମୋ ଘରକୁ ବହୁ ବିଧାୟକ ଯାଇଛନ୍ତି, ସେମାନେ ଦେଖିଛନ୍ତି ପିଇବା ପାଣି ଅବସ୍ଥା। ପାଣିରେ ଡାଲି ସିଝୁନି। ମୁଁ ସମସ୍ତ ବିଧାୟକଙ୍କୁ ମୋ ଘରକୁ ଡାକି ଖାଇବାକୁ ଦେବି। ସେମାନେ ଯାଇ ଦେଖି ଆସିବେ ବାସ୍ତବ ଚିତ୍ର। ଏହା କହିବା ବେଳେ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା।

ମନ୍ତ୍ରୀ କହିଥିଲେ, ମହାନଦୀର ଦୁଇ ପାର୍ଶ୍ୱରେ ବହୁ ଗ୍ରାମକୁ ପିଇବା ପାଣି ଯାଇପାରିନି। ୨୦୨୪ ଡିସେମ୍ବର ସୁଦ୍ଧା ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଘରକୁ ସରକାର ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିବେ।

# ତୃଣମୂଳ ସଙ୍ଗଠନ ଉପରେ ବିଜେଡି, ଭାଜପାର ନଜର

ରସୁଲପୁର,୩୦।୭(ରଞ୍ଜିତ ରାଉତ)

**ଯାଜପୁର ରାଜନୀତି**

ଯାଜପୁର ଜିଲାରେ ବଡ଼ଚଣା, ଧର୍ମଶାଳା, କୋରେଇ, ଯାଜପୁର, ବିଞ୍ଝାରପୁର, ବରୀ ଓ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୨୪ ସାଧାରଣ ନିର୍ବାଚନରେ ଯାଜପୁର ଜିଲାର ବିଜେଡିକୁ ବଡ଼ ଝଟକା ଲାଗିଛି। ଜିଲାର ୪ଟି ନିର୍ବାଚନମଣ୍ଡଳୀ ଧର୍ମଶାଳା, କୋରେଇ, ସୁକିନ୍ଦା, ବଡ଼ଚଣାରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବାକି ଆସନରେ ବିଜେଡି ଜିତିଛି। ଫଳରେ ବିଜେଡି ଦୀର୍ଘବର୍ଷର ଶାସନ କାଳରେ ସଜାଡି ଆସିଥିବା ତୃଣମୂଳ ସଙ୍ଗଠନର ମୂଳଦୁଆ ଏବେ ଦୋହଲି ଯାଇଥିବା ଲକ୍ଷ୍ୟ କରାଯାଉଛି। ସାଙ୍ଗଠନିକ ସ୍ଥିତିକୁ ନେଇ ବିଜେଡି ନେତା ଓ କର୍ମୀ ନିଶ୍ଚିତ ବିଜୟର ଦାମ୍ଭିକତା ରଖି ଆସିଥିଲେ। ହେଲେ ନେତାମାନଙ୍କ ମଧ୍ୟରେ ଗୋଡ଼ ଟଣାଟଣି ଯୋଗୁ ବିପର୍ଯ୍ୟୟ ଘଟିଲା ବୋଲି କୁହାଯାଉଛି। ଏହି କଥାକୁ ଦଳୀୟ ନେତାମାନେ ବର୍ତ୍ତମାନ ଗ୍ରହଣ କରିବା ସହ ତୃଣମୂଳ ସାଙ୍ଗଠନିକ ସ୍ଥିତିକୁ ଅକ୍ଷୁଣ୍ଣ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

ରାଜ୍ୟରେ ଦୀର୍ଘବର୍ଷର ବିଜେଡି ଶାସନର ଅନ୍ତଘଟାଇ ଏବେ ଭାଜପା ଏକାକୀ ସରକାର ଗଠନ କରିଛି । ପ୍ରାୟ ଅଢ଼େଇ ଦଶନ୍ଧି ଧରି ପଞ୍ଚାୟତରୁ ବ୍ଲକ, ଜିଲାପରିଷଦ ପର୍ଯ୍ୟନ୍ତ ସବୁଆଡ଼େ ବିଜେଡି ନେତା ଓ କର୍ମୀଙ୍କ ପ୍ରଭାବ ରହିଆସିଥିଲା । ବର୍ତ୍ତମାନ ଭାଜପା ସରକାର ଗଠନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ବିଜେଡି ପ୍ରତି ସମର୍ଥନ ଥିବା ଶାସକଦଳ ଜାଣିଛି । ସେଥିପାଇଁ ଏବେଠାରୁ ଭାଜପା ତୃଣମୂଳ ସ୍ତରର ସଙ୍ଗଠନକୁ ସଜାଡ଼ି ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ, ବ୍ଲକ, ଜିଲାପରିଷଦକୁ ଅକ୍ତିଆର କରିବାକୁ ପ୍ରୟାସ ଆରମ୍ଭ କରିଛି।

ଅନ୍ୟପକ୍ଷରେ ବିଜେଡି ତା'ର ହାତଗଢ଼ା ସଙ୍ଗଠନ ଓ ଦଳୀୟ ସମର୍ଥନରେ ଜିତିଥିବା ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲାପରିଷଦ ସଦସ୍ୟମାନଙ୍କୁ ହାତଛଡ଼ା କରିବାକୁ ଚାହୁଁନାହିଁ । ସେଥିଲାଗି ଦଳ ପକ୍ଷରୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ପରାଜିତ ନେତାମାନେ ପୁରୁଣା ସଙ୍ଗଠନକୁ ଧରି ରଖିବା ପାଇଁ ଘନଘନ ବୈଠକ ଆୟୋଜନ କରୁଛନ୍ତି । ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନଙ୍କ ମନୋବଳକୁ ଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ସ୍ଥାନୀୟ ବିଧାୟକମାନଙ୍କର ସମର୍ଥନ ନ ମିଳିଲେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିବ ବୋଲି ଆକଳନ କରି ବିଜେଡି ସମର୍ଥିତ ଜନପ୍ରତିନିଧିମାନେ ଭାଜପା ବିଧାୟକଙ୍କ ସହ ଭିତିରି ସମ୍ପର୍କ ରଖୁଥିବା ବିଷୟ ସାଧାରଣରେ ଆଲୋଚନା ହେଉଛି । ଏଭଳି ମଉକା ଦେଖି ଭାଜପା ମଧ୍ୟ ପଞ୍ଚାୟତ ପ୍ରତିନିଧି, ଛାମୁଆଁ ସଙ୍ଗଠକମାନଙ୍କୁ ଦଳରେ ସାମିଲ କରି ତୃଣମୂଳସ୍ତରେ ନିଜ କଳେବର ବୃଦ୍ଧି ଘଟାଇବାକୁ ପ୍ରୟାସ ଆରମ୍ଭ କରିଛି । ଏହି ପ୍ରକ୍ରିୟା ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସମାନ ସ୍ଥିତି କୋରେଇ, ବଡ଼ଚଣା, ସୁକିନ୍ଦା ଆଦି ନିର୍ବାଚନମଣ୍ଡଳୀରେ ଘଟିବ ବୋଲି ଅନୁମାନ କରାଗଲାଣି। ଇତିମଧ୍ୟରେ କେତେକ ବିଜେଡି ସମର୍ଥିତ ସ୍ଥାନୀୟ ଜନପ୍ରତିନିଧି, ଛାମୁଆଁ ସଙ୍ଗଠକ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବା ବେଳେ ଆଗକୁ ସଂଖ୍ୟା ବଢ଼ିବ ବୋଲି ଆଭାସ ମିଳିଲାଣି।

ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସାଧାରଣ ନିର୍ବାଚନ ସରିବାକୁ ମାତ୍ର ୨ମାସ ଯାଇଛି । ଦଳର ଆଭିମୁଖ୍ୟ ଅନୁସାରେ ପ୍ରତ୍ୟେକ ଦିନ ସଙ୍ଗଠନକୁ ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏ ଦିଗରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରୁଛନ୍ତି । ପଞ୍ଚାୟତ ନିର୍ବାଚନକୁ ବହୁ ସମୟ ରହିଛି । ସେତେବେଳକୁ ଦଳର ସାଙ୍ଗଠନିକ ସ୍ଥିତି ତୃଣମୂଳ ସ୍ତରରେ ସୁଦୃଢ଼ ହୋଇଯିବ ।

ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର କହିଛନ୍ତି, ଆଗଭଳି ଦଳୀୟ କାର୍ଯ୍ୟକ୍ରମ ଜାରି ରହିବ । ବିରୋଧୀ ଦଳ ହିସାବରେ ଭାଜପା ସରକାରଙ୍କ ପ୍ରତିଶ୍ରୁତି ପାଳନରେ ଖିଲାପକୁ ନେଇ ରାସ୍ତାକୁ ଓହ୍ଲାଇବୁ । ଆଗକୁ ବିଜେଡି ତା'ର ତୃଣମୂଳସ୍ତରର ସଙ୍ଗଠନକୁ ଧରି ରଖିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା ଜାରି ରଖିବ ବୋଲି ମତ ଦେଇଛନ୍ତି ।



କଟକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ବେରୁଟ୍‌ରେ ଇସ୍ରାଏଲ୍‌ର ଆକ୍ରମଣ

**ତେଲ୍ ଆଭିଭ,୩୦।୭**

ଇସ୍ରାଏଲ୍ ଅଧିକୃତ ଗୋଲାନ୍ ହାଇଟ୍ସର ଏକ ଫୁଟ୍‌ବଲ ପଡ଼ିଆରେ ଗତ ଶନିବାର ଇରାନ୍ ସମର୍ଥିତ ହିଜବୁଲ୍ଲା ଆତଙ୍କବାଦୀମାନେ ରକେଟ୍ ମାଡ଼ କରିବାରୁ ୧୨ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ୍ ସେନା ମଙ୍ଗଳବାର ବେରୁଟ୍‌ରେ ଟାର୍ଗେଟେଡ୍ ଷ୍ଟ୍ରାଇକ୍ କରିଛି। ପିଲାମାନଙ୍କ ମୃତ୍ୟୁ ପାଇଁ ଦାୟୀ ହେଜବୋଲ୍ଲା କମାଣ୍ଡରଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ହେଜବୋଲ୍ଲାର ଗଡ଼ କୁହାଯାଉଥିବା ବେରୁଟ୍‌ର ଦକ୍ଷିଣ ଭାଗରେ ଏୟାରଷ୍ଟ୍ରାଇକ୍ ଯୋଗୁ ବହୁ କ୍ଷୟକ୍ଷତି ହୋଇଥିବା ହେଜବୋଲ୍ଲା କହିଛି।

# ଚଳନ୍ତା ବସ୍‌ରେ ମହିଳାଙ୍କୁ ବଳାତ୍କାର

**ହାଇଦ୍ରାବାଦ, ୩୦।୭**

ତେଲଙ୍ଗାନାର ନିର୍ମଳ ଜିଲାରୁ ଆନ୍ଧ୍ର ପ୍ରଦେଶର ପ୍ରକାଶମ୍ ଜିଲାକୁ ଯାଉଥିବା ଗୋଟିଏ ଘରୋଇ ସ୍ଲିପର ବସ୍‌ରେ ଜଣେ ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ଚଳନ୍ତା ବସ୍‌ରେ ଅନ୍ୟ ଯାତ୍ରୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ତାଙ୍କ ପାଟିରେ କମ୍ବଳ ରଖି ବଳାତ୍କାର କରିଥିବା ନେଇ ପୀଡ଼ିତା ଅଭିଯୋଗ କରିଛନ୍ତି। ତେବେ ପୀଡ଼ିତା ଜଣକ ନିଜ ମୋବାଇଲ ଯୋଗେ ପୋଲିସକୁ ସ୍ଥିତି ସମ୍ପର୍କରେ ଜଣାଇବାରୁ ହାଇଦ୍ରାବାଦ ଉପକଣ୍ଠସ୍ଥିତ ମେଡ୍ଚଲ୍ଗୁଡ଼ା ଅଞ୍ଚଳରେ ଡ୍ରାଇଭରଙ୍କ ସହଯୋଗରେ ଅଭିଯୁକ୍ତ ଜଣକ ଖସି ପଳାଇଥିଲେ। ପୋଲିସ ଉକ୍ତ ବସକୁ ଟ୍ରାକ୍ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୀଡ଼ିତାଙ୍କୁ ପୋଲିସ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟ ଥାନାରେ ଏକ ଏଫ୍‌ଆଇଆର୍ ରୁଜୁ ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜିବା ସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଚାକିରି ଖୁସିରେ ପାର୍ଟି ଦେଉଥିଲେ, ବଳାତ୍କାରର ଶିକାର ହେଲେ

ହାଇଦ୍ରାବାଦର ବନସ୍ଥାଲିପୁରମର ଏକ ହୋଟେଲରେ ଜଣେ ମହିଳା ସଫ୍ଟୱେର ଇଞ୍ଜିନିୟର(୨୪)ଙ୍କୁ ତାଙ୍କର ୨ ଜଣ ବନ୍ଧୁ ବଳାତ୍କାର କରିଛନ୍ତି। ନୂତନ ଚାକିରି ଖୁସିରେ ପୀଡ଼ିତା ମହିଳାଜଣକ ନିଜର ୨ ବାଲ୍ୟ ବନ୍ଧୁଙ୍କୁ ଉକ୍ତ ହୋଟେଲରେ ପାର୍ଟି ଦେଉଥିଲେ ବୋଲି ପୋଲିସ ସୂଚନା ଦେଇଛି। ହୋଟେଲ ଯିବା ପୂର୍ବରୁ ୨ ଅଭିଯୁକ୍ତ ନିକଟସ୍ଥ ବାର୍ ଓ ରେଷ୍ଟୁରାଣ୍ଟକୁ ଯାଇ ମଦ୍ୟପାନ କରିଥିଲେ। ଉଭୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିବାବେଳେ ବନସ୍ଥାଲିପୁରମ ପୋଲିସ୍ ସେମାନଙ୍କୁ ଖୋଜିବା ସହ ଘଟଣାର ତଦନ୍ତ ଚଳାଇଛି।


## ମନେ ପଡ଼ନ୍ତି

**୧୭ତମ ଶ୍ରାଦ୍ଧବାର୍ଷିକୀ**



**୰ଶରତ କୁମାର ମିଶ୍ର**
ଆବିର୍ଭାବ: ୧୯।୦୫।୧୯୩୬
ତିରୋଧାନ: ୨୦।୦୭।୨୦୦୬
ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)।
ଧ-୮୭୯

**EKADASAHA RE SHRADHANJALI**



**PURNA CHANDRA DAS**
**Dramatist & Playwright**
**8 July, 1935 - 21 July, 2024**
**Satyabadi, Sakhigopal**
"Your memories flood the eyes and we will continue to savour every moment spent with you, in this beautiful journey called life".
**Forever yours-** Wife- Bina, Brothers- Pravat, Pratap, Pravas, Son & Daughter in laws- Subrat - Sibani, Sambit- Jhooma; Daughter & Son in law- Sucheta - Bijay; Grand Children- Bunty, Niku, Chiku, Family & Friends.
D-890

**୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ**
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୫୮୫


## ଅନୁରାଗଙ୍କ ଜାତି ମନ୍ତବ୍ୟକୁ ନେଇ ଲୋକ ସଭାରେ ହଙ୍ଗାମା

**ନୂଆଦିଲ୍ଲୀ,୩୦।୭(ପି.ଟି.)**

ଲୋକ ସଭାରେ ମଙ୍ଗଳବାର ବଜେଟ ଆଲୋଚନା ବେଳେ କଂଗ୍ରେସର ଜାତି ଜନଗଣନା ଆଭିମୁଖ୍ୟକୁ ନେଇ ଭାଜପା ସାଂସଦ ଅନୁରାଗ ଠାକୁର ପ୍ରଶ୍ନ କରିଥିଲେ। ସେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଜାତିକୁ ଆକ୍ଷେପ କରିଥିଲେ। ଯାହାଙ୍କର ଜାତି ଜଣାନାହିଁ, ସେ ଜାତି ଜନଗଣନା ପ୍ରସଙ୍ଗ ଉଠାଉଥିବା ଅନୁରାଗ କହିବାରୁ ଗୃହରେ ହଙ୍ଗାମା ସୃଷ୍ଟି ହୋଇଥିଲା। ଅନୁରାଗ ଗୃହରେ ତାଙ୍କୁ ଅପମାନିତ କରିଥିବା ରାହୁଲ ଅଭିଯୋଗ କରିଥିଲେ ମଧ୍ୟ ଏଥିପାଇଁ ପୂର୍ବତନ ମନ୍ତ୍ରୀ ତାଙ୍କୁ କ୍ଷମା ମାଗନ୍ତୁ ବୋଲି ଚାହୁଁ ନ ଥିବା କହିଥିଲେ। ମୋତେ ଯେତେ ପାରୁଛ ଗାଳିଦିଅ କି ଅପମାନିତ କର। ତେବେ ପାର୍ଲାମେଣ୍ଟରେ ଆମେ ନିଶ୍ଚୟ ଜାତି ଜନଗଣନା ଗୃହୀତ କରାଇବୁ ବୋଲି ରାହୁଲ କହିଥିଲେ।

## ଶେଫ୍ କୁନାଲ କପୁରଙ୍କ ଛାଡ଼ପତ୍ର ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

**ନୂଆଦିଲ୍ଲୀ, ୩୦।୭**

ସେଲିବ୍ରିଟି ତଥା ବିଶିଷ୍ଟ ଶେଫ୍ କୁନାଲ କପୁରଙ୍କ ଛାଡ଼ପତ୍ରକୁ ମଞ୍ଜୁରି ପ୍ରଦାନ ନେଇ ଦିଲ୍ଲୀ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ ରହିତାଦେଶ ଲଗାଇଛନ୍ତି। ଜଷ୍ଟିସ୍ ହୃଷୀକେଶ୍ ରଏ ଏବଂ ଜଷ୍ଟିସ୍ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ କୁନାଲଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ କୁନାଲଙ୍କ ସ୍ତ୍ରୀ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ମଙ୍ଗଳବାର ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଦେଇଥିବା ଛାଡ଼ପତ୍ର ଆଦେଶକୁ ସ୍ଥଗିତ ରଖିଛନ୍ତି। ସେହିପରି ଆପୋସ ବୁଝାମଣାର ସମ୍ଭାବନାକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ କୋର୍ଟ ଏହି ମାମଲାକୁ ସୁପ୍ରିମକୋର୍ଟ ମଧ୍ୟସ୍ଥତା କେନ୍ଦ୍ରକୁ ପଠାଇଦେଇଛନ୍ତି। ସ୍ତ୍ରୀଙ୍କ ନିଷ୍ଠୁରତାକୁ ଆଧାର କରି ଗତ ଏପ୍ରିଲରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ କୁନାଲଙ୍କ ଛାଡ଼ପତ୍ରକୁ ମଞ୍ଜୁରି ପ୍ରଦାନ କରିଥିଲେ। କୁନାଲ ତାଙ୍କ ସ୍ତ୍ରୀଙ୍କୁ ୨୦୦୮ରେ ବିବାହ କରିଥିଲେ। ଉଭୟଙ୍କର ଜଣେ ସନ୍ତାନ ମଧ୍ୟ ରହିଛନ୍ତି।



## ଭୋଟ ଯାଞ୍ଚ ଉପରେ ରାୟର ସମୀକ୍ଷା ଆବେଦନ ଖାରଜ

**ନୂଆଦିଲ୍ଲୀ,୩୦।୭(ପି.ଟି.)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ (ଇଭିଏମ୍)ରେ ଦିଆଯାଉଥିବା ପ୍ରତ୍ୟେକ ଭୋଟକୁ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସହ ଯାଞ୍ଚ କରାଇବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୨୬ରେ ଖାରଜ କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଅଗ୍ରାହ୍ୟ କରିଦେଇଛନ୍ତି। ଇଭିଏମ୍‌ରେ ଜାଲିଆତି ହୋଇଥିବା ସନ୍ଦେହ ନିରାଧାର ବୋଲି ଦର୍ଶାଇ ଅଦାଲତ ପୁଣିଥରେ ବାଲଟ ପେପର ବ୍ୟବସ୍ଥା ଫେରାଇ ଆଣିବା ଦାବିକୁ ଏପ୍ରିଲ ୨୬ରେ ଖାରଜ କରିଦେଇଥିଲେ। ଇଭିଏମ୍ ସୁରକ୍ଷିତ ଏବଂ ଏହା ଯୋଗୁ ବୁଥ୍ ଜବରଦଖଲ ଏବଂ ଜାଲ୍ ଭୋଟିଂ ବନ୍ଦ ହୋଇଥିବା କହିଥିଲେ। ଏହାର ସମୀକ୍ଷା ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି।

## ପେନ୍‌ସନ ଅସଙ୍ଗତିର ସମାଧାନରେ ବିଳମ୍ବ

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୩୦।୭(ପି.ଟି.)**

ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ(ଓଆର୍‌ଓପି) ଅନୁଯାୟୀ ସେନାର ଅବସରପ୍ରାପ୍ତ ନିୟମିତ କ୍ୟାପ୍‌ଟେନ୍‌ମାନଙ୍କ ପେନ୍‌ସନରେ ରହିଥିବା ଅସଙ୍ଗତି ଦୂର କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ବହୁବର୍ଷ ଧରି ଏହା ଉପରେ କୌଣସି ନିଷ୍ପତ୍ତି ହୋଇପାରୁ ନ ଥିବାରୁ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ରକୁ ଭର୍ତ୍ସନା କରିବା ସହ ୨ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏଥିସହିତ ପେନ୍‌ସନ ଅସଙ୍ଗତିର ସମାଧାନ ପାଇଁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଆର୍. ମାଧବନଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନଭେମ୍ବର ୧୪ ପର୍ଯ୍ୟନ୍ତ ଶେଷ ସୁଯୋଗ ଦେଇଛନ୍ତି। ଜରିମାନା ୨ ଲକ୍ଷ ଟଙ୍କା ସେନାର କଲ୍ୟାଣକାରୀ ପାଣ୍ଠିରେ ଜମା ହେବ। ଯଦି ନଭେମ୍ବର ୧୪ ସୁଦ୍ଧା ସରକାର ନିଷ୍ପତ୍ତି ନ ନିଅନ୍ତି, ତେବେ ଅବସରପ୍ରାପ୍ତ ନିୟମିତ କ୍ୟାପ୍‌ଟେନ୍‌ମାନଙ୍କ ପେନ୍‌ସନ ୧୦ ପ୍ରତିଶତ ବଢ଼ାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଜୟା ବର୍ମା ସିହ୍ନା ସ୍ୟାଟ୍ ପ୍ରଶାସନିକ ସଦସ୍ୟ ନିଯୁକ୍ତ



**ନୂଆଦିଲ୍ଲୀ,୩୦।୭**

ରେଲୱେ ବୋର୍ଡ ଅଧ୍ୟକ୍ଷ ତଥା ସିଇଓ ଜୟା ବର୍ମା ସିହ୍ନା ଅଗଷ୍ଟ ୩୧ରେ ଅବସର ନେବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ତାଙ୍କୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ୍)ର ପ୍ରଶାସନିକ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଅବସର ପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ। କାର୍ମିକ ମନ୍ତ୍ରଣାଳୟର ଉକ୍ତ ପ୍ରସ୍ତାବକୁ ସୋମବାର ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ସିହ୍ନାଙ୍କ ସମେତ ସ୍ୟାଟ୍‌ର ଅନ୍ୟ ୧୧ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Kayastha Groom, 30 Yrs./5'8", B.Tech (IIT) and M.Tech (IIT), Software Engineer Bangalore, Father Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact Whatsapp- 9438479926. D-783

**GROOM WANTED**

ବୟସ 29 Primary Schoolରେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-75344


REAL ESTATE

**SALE**

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-888


CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680




Kerala body Massage best Therapist Bhubaneswar. 9337672475. D-849

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799.** D-847

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits spa by expert therapist. Contact: 6371861658. D-76139

**AFFIDAVIT**

I am KANIZ FATMA, W/o Shaikh Gufran Ali, Village- Denga, P.O.- Piteipur, P.S./Dist.- Jagatsinghpur, that before my marrige my name MONIKA DAS, D/o Bijaya Kumar Das, Village- Bhogapur. That I have married to Shaikh Gufran Ali, S/o Usman Ali, Village- Denga, that after my marriage I want to change my name MONIKA DAS to KANIZ FATMA for all purpose and to correct my name in any document. D-876

By virtue of an affidavit No. 63/04, dated 29.07.2024, I, Madhuleeta Mohapatra, aged 46 years, W/o Sagarendra Mohapatra, At- Plot No.-605, Madhukunj Apartment, G o b i n d a p r a s a d, Rasulgarh, Bhubaneswar have changed my name from Madhuleeta Mohapatra to Madhulita Mohapatra. Henceforth, I shall be known as MADHULITA MOHAPATRA for all future purposes. D-76138

I, Sibani Smita Panda, D/o Pabitra Mohan Sahoo resident of Bankuala, Mahishapat, Dhenkanal Municipality, P.O./P.S.- Dhenkanal Sadar, Dist.- Dhenkanal, Pin- 759001, Odisha declare by this affidavit No.6245 dtd. 30.07.2024 that now onwards I shall be known as SIBANI SMITA SAHOO for all future purposes. D-75442

By virtue of an affidavit sworn before the Executive Magistrate, Sadar, Sundargarh, I, Lochan Patel, R/o. Village/P.O.- Kanaktura, Dist.- Sundargarh declare that my wife's correct name is Nabina Patel. That in the death certificate vide Regd. No.2978/2020, dt.6.11.2020 issued by Rourkela Municipal Corporation wherein her name has been mentioned as Basanti Patel, which is her nick name. Hence Nabina Patel and Basanti Patel stands for same and one person. D-882

By virtue of an affidavit sworn before Notary Public, Sambalpur, dated 22.07.2024 I, SHIRISHA AMUDALA, D/o Duvasi Murali, Address: Qtr.No. C-61, Jagruti Vihar, MCL HQ, Burla, Sambalpur, Odisha state that my maiden name is Duvasi Shirisha. Consequent upon my marriage with Jeevan Amudala, I have adopted the surname of my husband and known as Shirisha Amudala. Henceforth, I shall be known as SHIRISHA AMUDALA for all purposes. - SHIRISHA AMUDALA. D-881

By virtue of an affidavit sworn before the Notary Public, Bhubaneswar on 30th July 2024, I, Rasana Sarangi, aged about 69 years, W/o- Rabindra Sarangi and D/o- Late Raghunath Mishra, presently residing at Mallha Sahi, Mangalabag, Cuttack, Odisha have changed my name from Rasa Mishra to Rasana Sarangi. Henceforth, I shall be known as Rasana Sarangi for all the future purposes. (Rasana Sarangi) D-885

By virtue of an affidavit before the Executive Magistrate, Saintala on dt.30.07.2024, I, Suresh Nanda, S/o- Bhika Nanda, R/o Village At:- Bhorpada, P.O.- Siskela, P.S.- Saintala, Dist.- Balangir have changed my son's name Yaqub Nanda to Yeduveva Nanda & his address as At/P.O.- Turlakhaman, P.S.- Kesinga, Dist.- Kalahandi to At- Bhorpada, P.O.- Siskela, P.S.- Saintala, Dist:- Balangir. Henceforth, my son shall be known as Yeduveva Nanda, R/o Bhorpada, P.O.- Siskela, P.S.- Saintala, Dist:- Balangir for all purpose. D-889

By virtue of an affidavit sworn before the Notary Public, Bhubaneswar on 30th July 2024, I Sushama Kumari Devi, aged about 66 years, W/o- Late Rabindra Kumar Dash and D/o- Late Raghunath Mishra, presently residing at Chandaka, Khurda, Odisha have changed my name from Sishu Mishra to Sushama Kumari Devi. Henceforth, I shall be known as Sushama Kumari Devi for all the future purposes. (Sushama Kumari Devi) D-886

By virtue of an affidavit sworn before the Notary Public, Bhubaneswar on 30th July 2024, I, Tilattma Mohapatra, aged about 77 years, W/o- Late Surendra Mohapatra and D/o- Late Raghunath Mishra, presently residing at Gauratisahi, Nirakarpur, Khordha, Odisha have changed my name from Usha Mohapatra to Tilattma Mohapatra. Henceforth, I shall be known as Tilattma Mohapatra for all the future purposes. (Tilattma Mohapatra) D-884

Your classified advertisement published in Dharitri will be listed free in Dharitri online edition: **dharitriepaper.in**

See Career Appointment on every **Wednesday & Saturday**

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧାନଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା



## ଅଗଷ୍ଟ ମାସ କୃଷି ସୂଚନା

ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କର୍‌ନାଳୀଗୁଡ଼ିକୁ ସଫାକରନ୍ତୁ। ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହେଳୀ ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ । ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ । ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲ ସାର ହିସାବରେ ହେକ୍ଟର ପ୍ରତି ୪୦ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ । ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଡିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣିଦିଅନ୍ତୁ ।

**ମକା** : ମକା ଫସଲ ୬-୭ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରନ୍ତୁ । ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ** : ମାଣ୍ଡିଆ ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ । ବର୍ଷା ଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ଝୋଟ** : ନଳିତା ଚାଷ କରୁଥିଲେ ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ ସହ ମାନ୍‌କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ା କରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଅଳସୀ** : ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବରଖତ ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

**ଜାଣିରଖନ୍ତୁ** : ମାଛ ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି,
ଭୁବନେଶ୍ୱର-୩

## ମୁଗଚାଷରେ ରୋଗ ପୋକ ଦମନ



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କପାରେ ପତ୍ରଡିଆଁ ପୋକ ଲାଗିଲେ...



ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ସାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପା ଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

## ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...



ଜମିରୁ ପାଣି କାଟି ଦିଅନ୍ତୁ। ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାଡୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳ ଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

# ଯାଆଁଳ ଛାଡ଼ିବା ସମୟରେ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଫଳଚାଷ



ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜରରେ ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ । ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ ।

## ଆଖୁଚାଷରେ କାଣ୍ଡବିନ୍ଧା ପୋକ ଦମନ

ଆଖୁଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।

## ଜାଣିରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗ ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ୨ଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ପ୍ରାଣୀଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଦ୍ୱାରା ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

**ଅଗଷ୍ଟରେ ୧୩ ଦିନ ବ୍ୟାଙ୍କ ବନ୍ଦ**

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବ୍ୟାଙ୍କ ଛୁଟି ନିର୍ଦ୍ଦେଶନାମା ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୪ ଅଗଷ୍ଟରେ ମୋଟ ୧୩ ଦିନ ଛୁଟି ବୋଲି ଆର୍‌ବିଆଇ ନିର୍ଦ୍ଦେଶାବଳୀ ଓ ଛୁଟିସୂଚୀରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# ସୁନା: ଦର ବୃଦ୍ଧିରୁ ଚାହିଦା ହ୍ରାସ

## ପ୍ରଥମ ତ୍ରୈମାସିକରେ କମିଲା ୫%




**ନୂଆଦିଲ୍ଲୀ,୩୦।୭**

କ୍ରମାଗତ ଭାବେ ଘରୋଇ ବଜାର(ଭାରତ)ରେ ସୁନା ଦର ବୃଦ୍ଧି ପାଇ ଉଭୟ କାରବାର ଓ ଚାହିଦାରେ ମାନ୍ଦାବସ୍ଥା ଜାରି ରହିଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲରୁ ଜୁନ୍ ଶେଷ) ମଧ୍ୟରେ ଘରୋଇ ବଜାରରେ ସୁନାର ଚାହିଦା ୫% ହ୍ରାସ ଘଟି ୧୪୯.୭ ଟନ୍‌ରେ ପହଞ୍ଚିଛି ବୋଲି ୱାର୍ଲଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି)ର ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଡବ୍ଲ୍ୟୁଜିସି ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟ ମଙ୍ଗଳବାର ଉନ୍ମୋଚନ କରିଛି। ଉକ୍ତ ରିପୋର୍ଟରେ ମୋଟ ଅନ୍ତର୍ଜାତୀୟ ସୁନା ଚାହିଦା ବାର୍ଷିକ ଆଧାରରେ ୪% ବୃଦ୍ଧି ହୋଇ ୧୨୫୮ ଟନ୍‌ରେ ପହଞ୍ଚିଛି, ଯାହା ଡବ୍ଲ୍ୟୁଜିସି ଡାଟା ସିରିଜରେ ସବୁଠାରୁ ଶକ୍ତିଶାଳୀ ୨ୟ ତ୍ରୈମାସିକକୁ ଚିହ୍ନିତ କରୁଛି। ଏପରିକି ମୋଟ ଚାହିଦା ସୁସ୍ଥ ଓଭର-ଦ-କାଉଣ୍ଟର (ଓଟିସି) ଟ୍ରାଞ୍ଜାକ୍ସନ ଦ୍ୱାରା ସମର୍ଥିତ ରହିଥିଲାବେଳେ ଯାହା ବାର୍ଷିକ ଆଧାରରେ ୫୩% ବୃଦ୍ଧି ହୋଇ ୩୨୯ ଟନ୍‌ରେ ପହଞ୍ଚିଛି। ବର୍ଦ୍ଧିତ ଓଟିସି ଚାହିଦା,କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକରୁ ନିରନ୍ତର କ୍ରୟ ଓ ଇଟିଏଫ୍ ଆଉଟ୍‌ଫ୍ଲୋରେ ମନ୍ଥରତା ୨ୟ ତ୍ରୈମାସିକରେ ସୁନାର ରେକର୍ଡ ଉଚ୍ଚଦରକୁ ପରିଚାଳିତ କରିଛି। ଆଉନ୍ସ ପିଛା ୨୩୩୮ ଡଲାରର ହାରାହାରି ସୁନା ଦର ବାର୍ଷିକ ଆଧାରରେ ୧୮% ବୃଦ୍ଧି ହୋଇଛି। ଏହା ୨ୟ ତ୍ରୈମାସିକ ସମୟରେ ଆଉନ୍ସ ପିଛା ୨୪୨୭ ଡଲାରରେ ପହଞ୍ଚିଛି। କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାରୀ ଅନୁଷ୍ଠାନଗୁଡ଼ିକ ଗ୍ଲୋବାଲ ଗୋଲ୍ଡ ହୋଲ୍ଡିଂକୁ ୧୮୩ ଟନ୍ ବୃଦ୍ଧି କରିଛନ୍ତି, ଯାହା ପୂର୍ବ ତ୍ରୈମାସିକ ତୁଳନାରେ ହ୍ରାସ ପାଇଛି। କିନ୍ତୁ ବର୍ତ୍ତମାନ ବି ଏହା ବାର୍ଷିକ ଆଧାରରେ ୬% ବୃଦ୍ଧିକୁ ପ୍ରତିଫଳନ କରୁଛି। ବହୁମୁଖୀ ଚାହିଦା ଟ୍ରେଣ୍ଡଗୁଡିକୁ ଗୁପ୍ତ ରଖି ଅନ୍ତର୍ଜାତୀୟ ସୁନା ନିବେଶ ସ୍ଥିର ରହିଛି, ଯାହା ବାର୍ଷିକ ଆଧାରରେ ସାମାନ୍ୟ ବୃଦ୍ଧି ପାଇ ୨୫୪ ଟନ୍ ରହିଛି। ବାର୍ ଓ କଏନ୍ ନିବେଶ ଗୋଲ୍ଡ କଏନ ପାଇଁ ଚାହିଦାରେ ହ୍ରାସ କାରଣରୁ ୨ୟ ତ୍ରୈମାସିକରେ ୫% ହ୍ରାସ ପାଇ ୨୬୧ ଟନ ରହିଛି। ଏସିଆରେ ମଜଭୁତ ଖୁଚୁରା ନିବେଶ, ୟୁରୋପ ଓ ଉତ୍ତର ଆମେରିକାରେ ଶୁଦ୍ଧ ଚାହିଦାର ନିମ୍ନସ୍ତର ଦ୍ୱାରା ସନ୍ତୁଳିତ ରହିଥିଲା ବେଳେ ଲାଭ କିଛି ବଜାରରେ ବୃଦ୍ଧି ପାଇଛି।

ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଭାରତର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସଚିନ ଜୈନ କହିଛନ୍ତି, ଭାରତର ସୁନା ଚାହିଦା ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ସାମାନ୍ୟ ହ୍ରାସ ହୋଇଛି, ଯାହା ବାର୍ଷିକ ଆଧାରରେ ୫% ହ୍ରାସ ପାଇ ୧୪୯.୭ ଟନ୍‌ରେ ପହଞ୍ଚିଛି। ଏହା ସୁଲଭତାକୁ ପ୍ରଭାବିତ ଓ ଉପଭୋକ୍ତାଙ୍କ କ୍ରୟରେ ମନ୍ଥରତା ସୃଷ୍ଟି କରୁଥିବା ସୁନାର ରେକର୍ଡ ଉଚ୍ଚଦର କାରଣରୁ ହୋଇଥାଇପାରେ ବୋଲି ଆକଳନ କରାଯାଇଛି। ତେବେ ଚାହିଦାର ମୋଟ ମୂଲ୍ୟ ୧୪% ବୃଦ୍ଧି ହୋଇ ମଜଭୁତ ରହିଛି। ଏହା ଭାରତୀୟ ଉପଭୋକ୍ତାଙ୍କ ପାଇଁ ସୁନାର ସ୍ଥାୟୀ ମୂଲ୍ୟକୁ ଦର୍ଶାଉଛି। ଅଳଙ୍କାର ଚାହିଦା ସ୍ଥାନୀୟ ଉଚ୍ଚ ଦର, ସାଧାରଣ ନିର୍ବାଚନ ଓ ପ୍ରବଳ ଗ୍ରୀଷ୍ମତାପ କାରଣରୁ ୧୭% ହ୍ରାସ ହୋଇ ୧୦୭ ଟନ୍ ରହିଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୩୦।୭**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୦ (୯୯.୫୬) ପଏଣ୍ଟ ବଢ଼ି ୮୧,୪୫୫ (୮୧,୪୫୫.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୧ (୨୧.୨୦) ପଏଣ୍ଟ ବୃଦ୍ଧି ଘଟି ୨୪,୮୫୭ (୨୪,୮୫୭.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## କାନାରା ବ୍ୟାଙ୍କର ନୂତନ ଶାଖା



**ଭୁବନେଶ୍ୱର,୩୦।୭**

କାନାରା ବ୍ୟାଙ୍କର ନୂତନ ଶାଖା ବହ୍ମପୁରସ୍ଥିତ ପାର୍ଲର ହିଲ୍‌ସ ଇନ୍‌ଷ୍ଟିଚ୍ୟୁଟ ପାର୍କ ନିଷ୍ଟ ୟୁନିର୍ଭିସିଟି ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କର ଜିଏମ୍ ତଥା ରାଜ୍ୟ ମୁଖ୍ୟ ଜଗଦିଶ ଚନ୍ଦ୍ରର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି (ଭିସି) ଡ. ପି. ରାଜେଶ କୁମାର, କାନାରା ବ୍ୟାଙ୍କର ବହ୍ମପୁର ଆଞ୍ଚଳିକ ମୁଖ୍ୟ ଏବଂ ଏଜିଏମ୍ ଜି. ଭେଙ୍କଟା ରଘୁ ସେଶୁଙ୍କ ସମେତ ଉଭୟ ବ୍ୟାଙ୍କ ଓ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି କଟକ ଜିଲାର ୪୨ମୌଜା (ବୟାଳିଶମୌଜା)ଠାରେ ବ୍ୟାଙ୍କର ନୂତନ ଶାଖାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଆଗାମୀ କିଛି ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଉ ୮ଟି ନୂଆ ଶାଖା ଖୋଲାଯିବ ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କାନାରା ବ୍ୟାଙ୍କରେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ଓ ସୁବିଧା ସହ ଅନ୍‌ଲାଇନ ସେବା ଓ ଉତ୍ପାଦ ମଧ୍ୟ ଉପଲବ୍ଧ ରହିଛି।

## 'ଦେଶରେ ଗୋଟିଏ ଆୟକର ବ୍ୟବସ୍ଥା ରହିବା ଉଚିତ'




**ଭୁବନେଶ୍ୱର, ୩୦।୭(ଅନୁରାଧା ମହାରଣା)**

ବର୍ତ୍ତମାନ ଭାରତରେ ଦୁଇଟି ଆୟକର ବ୍ୟବସ୍ଥା କାର୍ଯ୍ୟକାରୀ ଥିବାବେଳେ ଦେଶରେ କେବଳ ଗୋଟିଏ ଆୟକର ବ୍ୟବସ୍ଥା ରହିବା ଉଚିତ ବୋଲି ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରା କହିଛନ୍ତି। ସେ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ନ ଦାଖଲ କରୁଥିବା ୭୦ ପ୍ରତିଶତ ଟିକସଦାତା ନୂତନ ଆୟକର ବ୍ୟବସ୍ଥାରେ ଆୟକର ରିଟର୍ନ ଦାଖଲ କରିଛନ୍ତି। ବ୍ୟବସାୟ ଚାମ୍ବର ପିଏଚ୍‌ଡି ହାଉସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପୋଷ୍ଟ ବଜେଟ ଅଧିବେଶନକୁ ସମ୍ବୋଧିତକରି ମାଲହୋତ୍ରା କହିଛନ୍ତି, ବର୍ତ୍ତମାନ ଦେଶରେ ଏକ ପୁରୁଣା ଆୟକର ବ୍ୟବସ୍ଥା ଏବଂ ଏକ ନୂତନ ଆୟକର ବ୍ୟବସ୍ଥା ରହିଛି। ମାତ୍ର ଦେଶରେ କେବଳ ଗୋଟିଏ ଆୟକର ବ୍ୟବସ୍ଥା ରହିବା ଉଚିତ। ଗତ ୨୩ ତାରିଖରେ ବଜେଟ ଉପସ୍ଥାପନ କରୁଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆୟକର ଅଧିନିୟମ ୧୯୬୧ର ସମୀକ୍ଷା ଘୋଷଣା କରିଛନ୍ତି, ଯାହା ୬ ମାସ ମଧ୍ୟରେ ପୂରଣ ହେବ। ରାଜସ୍ୱ ସଚିବ କହିଛନ୍ତି, ଆୟକର ଅଧିନିୟମର ସମୀକ୍ଷା ଏକ ବଡ଼ କାର୍ଯ୍ୟ। କାରଣ ଏହି ଅଧିନିୟମ ୧୬୦୦ ପୃଷ୍ଠାର । ଏହି ଅଧିନିୟମକୁ ସମୀକ୍ଷା କରିବା ଏକ ବଡ ଆହ୍ୱାନ। ପୁଞ୍ଜି ଲାଭ ଟିକସ ବୃଦ୍ଧି ନିଷ୍ପତ୍ତି ସମ୍ପର୍କରେ ସେ କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ୧୦.୫ ଲକ୍ଷ ରିଟର୍ନ ଅଧ୍ୟୟନ କରିଥିଲୁ ଯେଉଁଥିରେ ଜମି ଏବଂ କୋଠାଘରରୁ ପୁଞ୍ଜି ଲାଭ ମିଳିଥିଲା। ସେ କହିଛନ୍ତି, ୨୦୨୨-୨୩ରେ ରିଅଲ ଇଷ୍ଟେଟ ଉପରେ ପ୍ରଭାବଶାଳୀ ଦୀର୍ଘକାଳୀନ କ୍ୟାପିଟାଲ ପୁଞ୍ଜି ଲାଭ ହାର ୧୧.୫୪ ପ୍ରତିଶତ ଥିଲା, ଯାହା ଦରମା ଉପରେ ଆୟକରଠାରୁ କମ୍। ଏଭଳି ପରିସ୍ଥିତିରେ ରିଅଲ ଇଷ୍ଟେଟ ଉପରେ ଦୀର୍ଘକାଳୀନ ପୁଞ୍ଜି ଲାଭ ଟ୍ୟାକ୍ସରେ ସାମାନ୍ୟ ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟରେ, ସମ୍ପତ୍ତି ବିକ୍ରୟ ଉପରେ ଦୀର୍ଘକାଳୀନ ପୁଞ୍ଜି ଲାଭ ଟ୍ୟାକ୍ସ ହିସାବ କରିବାକୁ ସୂଚକାଙ୍କ ଲାଭ ରଦ୍ଦ ହୋଇଛି।

## ଜେଏସ୍‌ପିକୁ ସମ୍ମାନଜନକ ଖଣି ନିରାପତ୍ତା ପୁରସ୍କାର




**ଭୁବନେଶ୍ୱର,୩୦।୭**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ସମ୍ମାନଜନକ ଜାତୀୟସ୍ତରର ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର ଓଡ଼ିଶା ପ୍ରଦେଶରେ ଥିବା ଖଣିଗୁଡ଼ିକର ନିରାପତ୍ତା ବ୍ୟବସ୍ଥା ନିମନ୍ତେ ଖଣି ନିରାପତ୍ତା ମହାନିର୍ଦ୍ଦେଶକଙ୍କ ପକ୍ଷରୁ ସର୍ବଭାରତୀୟ ଖଣି ନିରାପତ୍ତା ପୁରସ୍କାର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ବଡ଼ ଓପନ୍ କାଷ୍ଟ ମେଟାଲ ଖଣି ବର୍ଗରେ ଜେଏସ୍‌ପିର କାସିଆ ଲୁହାପଥର ଖଣି ୨ୟ ଶ୍ରେଷ୍ଠ ପୁରସ୍କାର ହାସଲ କରିଥିବା ବେଳେ ମଧ୍ୟମ ଓପନ୍ କାଷ୍ଟ ମେଟାଲ ଖଣି ବର୍ଗରେ ଟେନ୍‌ସା ଲୁହାପଥର ଖଣି ୨ୟ ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ, ଓଡ଼ିଶାର କେନ୍ଦୁଝର ଜିଲା ଅନ୍ତର୍ଗତ ଯୋଡ଼ା ଓ କୋଇଡା ଖଣି ଅଞ୍ଚଳରୁ କେବଳ ଜେଏସ୍‌ପିକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ କୁରୁକ୍ଷେତ୍ର ସାଂସଦ ତଥା ଜେଏସ୍‌ପି ଅଧକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଜେଏସ୍‌ପି ପାଇଁ ସୁରକ୍ଷା ହିଁ ପ୍ରଥମ ମାନଦଣ୍ଡ ହୋଇଥିଲାବେଳେ ଖଣି ନିରାପତ୍ତା ପୁରସ୍କାର ୨୦୨୪ ପାଇବା ଆମ ପାଇଁ ଏକ ବଡ଼ ସମ୍ମାନ ପାଲଟିଛି।

## ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩୦।୭**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ନିକଟରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ପ୍ରଥମ ତ୍ରୈମାସରେ ମୋଟ ୫,୭୮,୧୪୩ ଟନ୍ ବିକ୍ରି ରେକର୍ଡ କରିଛି, ଯାହା ଚଳିତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସ ତୁଳନାରେ ୧.୪% ଅଧିକ ବୋଲି କୁହାଯାଉଛି।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀର ଏକକ ମୋଟ ରାଜସ୍ୱ ତ୍ରୈମାସିକ ଭିତ୍ତିରେ ୦.୭% ବୃଦ୍ଧି ପାଇ ୯,୫୮୫ କୋଟି ଟଙ୍କା ରେକର୍ଡ କରାଯାଇଛି। ଏପରିକି ଏକକ ଏବିଆଇଟିଡିଏ ଓ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧୦୦୪ କୋଟି ଟଙ୍କା ଓ ୫୭୮ କୋଟି ଟଙ୍କା ରହିଛି। ଉଭୟ ପକ୍ଷରେ ପ୍ରାୟ ୨୧% ବୃଦ୍ଧି ତ୍ରୈମାସିକ ଭିତ୍ତିରେ ହୋଇଛି। କମ୍ପାନୀ ୩,୨୯୬କୋଟି ଟଙ୍କାର ମୋଟ ଋଣ ଏବଂ ମୋଟ ଋଣ-ଇକ୍ୱିଟି ଅନୁପାତ ପ୍ରାୟ ୦.୨୩ ସହ ଏକ ସୁଦୃଢ଼ ବାଲାନ୍ସ ସିଟ୍ ବଜାୟ ରଖିଛି। ଏକୀକୃତ ଏବିଆଇଟିଡିଏ ୯,୪୩୦ କୋଟି ଟଙ୍କା ଥିବାବେଳେ ଟିକସ ପରବର୍ତ୍ତୀ ଲାଭ ୬୪୬ କୋଟି ଟଙ୍କା ରେକର୍ଡ କରାଯାଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଫେରୋ ନିକେଲ ଉପରେ ସୀମା ଶୁଳ୍କ ହଟାଇଥିବାରୁ ଆମେ ସମଗ୍ର ଶିଳ୍ପଜଗତ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ। କାରଣ ଏହା ଘରୋଇ ଶିଳ୍ପର ପ୍ରତିଦ୍ୱନ୍ଦ୍ୱିତାରେ ବେଶ୍ ସହାୟକ ହେବ। ଏପରିକି ପ୍ରଥମ ତ୍ରୈମାସରେ ଆମର ସାମ୍ପ୍ରତିକ ସମ୍ପ୍ରସାରଣ ଯୋଜନାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉପରେ କମ୍ପାନୀର ବିଶେଷ ଧ୍ୟାନ ରହିଥିଲା। କ୍ରୋମେନି ଅଧିଗ୍ରହଣ ମାଧ୍ୟମରେ ଆମ ଉତ୍ପାଦ ବର୍ଗର କୋଲ୍ଡ ରୋଲ୍ଡ କ୍ଷମତା ଯୋଡ଼ିବା,ମାନକୀକରଣ କ୍ଷେତ୍ରରେ ସରକାରଙ୍କ ପ୍ରଗତିଶୀଳ ପଦକ୍ଷେପ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମର ଯୋଜନାବଦ୍ଧ କୋ-ବ୍ରାଣ୍ଡିଂ ସ୍କିମ୍ ଆମ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛି। ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ନିମ୍ନ ବ୍ୟବହାର ଅବଧି ଖର୍ଚ୍ଚ ଏବଂ ହାଲୁକା ଓଜନ ଗୁଣ ସମ୍ପର୍କରେ ବଢୁଥିବା ସଚେତନତାକୁ ଦୃଷ୍ଟିରେ ରଖି ଆମେ ସାରା ଆର୍ଥିକ ବର୍ଷରେ କମ୍ପାନୀର ଅଭିବୃଦ୍ଧି ସମ୍ଭାବନାକୁ ନେଇ ନିଶ୍ଚିତ ରହିଛୁ।

## ଫ୍ଲିପ୍‌କାର୍ଟ ପେ'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୦।୭**

ଦେଶର ପ୍ରମୁଖ ଘରୋଇ ଇ-କମର୍ସ ମାର୍କେଟ ପ୍ଲେସ୍ ଫ୍ଲିପ୍‌କାର୍ଟ ର ନୂତନ ଅଭିଯାନ 'ଫ୍ଲିପ୍‌କାର୍ଟ ପେ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଗାମୀ ପାର୍ବଣ ଋତୁ ପୂର୍ବରୁ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟ ପେ ଅଧୀନ ଆପ୍ ଜରିଆରେ ବ୍ରାଣ୍ଡ୍‌ର ସମସ୍ତ ଫାଇନାନ୍ସିଆଲ ଓ ପେମେଣ୍ଟ ଅଫରିଂଗୁଡିକୁ ଏକତ୍ରିତ କରିଛି। ସେହିଭଳି ଏହି ନୂଆ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମକୁ ଗ୍ରାହକଙ୍କ ଯୋଗଦାନ ବୃଦ୍ଧି କରିବା ଏବଂ ଗ୍ରାହକଙ୍କ ପାଇଁ ଏକ ବାଧାମୁକ୍ତ ପେମେଣ୍ଟ ଅନୁଭୂତିକୁ ପରିଚାଳନା କରିବା ପାଇଁ ଏହାକୁ ଡିଜାଇନ କରାଯାଇଛି। ସେହିପରି ବ୍ରାଣ୍ଡ୍‌ର ନୂଆ ଟ୍ୟାଗ୍‌ଲାଇନ 'ଫ୍ଲିପ୍‌କାର୍ଟ ପେ-ପେ, ସେଭ୍ ଆଣ୍ଡ ଯର୍ନ' ସହିତ ଫ୍ଲିପ୍‌କାର୍ଟ ପେ'ଗ୍ରାହକଙ୍କୁ ଟଚ୍ ପଏଣ୍ଟରୁ ଏକ ଉନ୍ନତ ଅଭିଜ୍ଞତା ଉପଭୋଗ କରିବା ପାଇଁ ଅନୁମତି ଦେଉଛି। ଉଲ୍ଲେଖଯୋଗ୍ୟ, ଗିଫ୍ଟ କାର୍ଡସ ସହ ୨୦୧୩ରେ ଫିନ୍‌ଟେକ୍ ସର୍ଭିସେସ୍ କ୍ଷେତ୍ରରେ ପ୍ରବେଶ ପରଠାରୁ ଫ୍ଲିପ୍‌କାର୍ଟ ବାଧାମୁକ୍ତ ପେମେଣ୍ଟ ବିକଳ୍ପଗୁଡିକ ପାଇଁ ପହଞ୍ଚକୁ ଗଣତାନ୍ତ୍ରିକ କରିବା ଲାଗି ଏହାର ଆର୍ଥିକ ଉତ୍ପାଦଗୁଡିକୁ ପ୍ରଗତିଶୀଳ ଭାବେ ବିସ୍ତାରକରି ଆସିଛି। ଏହି ଯାତ୍ରା ଫ୍ଲିପ୍‌କାର୍ଟ ଆକ୍ସିସ ବ୍ୟାଙ୍କ କୋ-ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡର ଶୁଭାରମ୍ଭ ସହିତ ଜାରି ରହିଥିଲା,ଯାହାକୁ ବର୍ତ୍ତମାନ ୪ ମିଲିୟନରୁ ଅଧିକ ଉପଭୋକ୍ତା ବ୍ୟବହାର କରୁଛନ୍ତି। ଏହି କୋ-ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡ ଏହାର ଆକର୍ଷଣୀୟ ରିୱାର୍ଡ ଓ ସଞ୍ଚୟ ଲାଭ ପାଇଁ ଅନ୍ୟତମ ପସନ୍ଦର କ୍ରେଡିଟ୍ କାର୍ଡରେ ପରିଣତ ହୋଇଛି।

## ୱାଇଜ୍‌ମ୍ୟାନ୍‌ର ଛାତ୍ର ଭାବବିନିମୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୦।୭**




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୱାଇଜ୍‌ମ୍ୟାନ୍ ଗ୍ଲୋବାଲ ଏଲ୍‌ଏଲ୍‌ପି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ବିଦେଶରେ ମେଡିକାଲ ଶିକ୍ଷା ଗ୍ରହଣ ପାଇଁ ଆଶୟୀ ଛାତ୍ରୀଛାତ୍ରମାନଙ୍କୁ ନେଇ ଛାତ୍ର ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଛାତ୍ର ଓ ସେମାନଙ୍କର ଅଭିଭାବକମାନେ ମଧ୍ୟ ଯୋଗଦେଇଥିଲେ। ବିଶେଷକରି ଯେଉଁମାନେ ଭାରତ କିମ୍ବା ଓଡ଼ିଶାରେ ମେଡିକାଲ ପାଇଁ କୌଣସି ସୁବିଧା ପାଉନାହାନ୍ତି ସେମାନଙ୍କୁ ପ୍ରତିଷ୍ଠାନ ବିଦେଶରେ ମେଡିକାଲ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ସହଯୋଗ କରୁଛି। ଉଲ୍ଲେଖଯୋଗ୍ୟ, ୱାଇଜ୍‌ମ୍ୟାନ୍ ଗ୍ଲୋବାଲ ଏଲ୍‌ଏଲ୍‌ପି ଓ ଇଣ୍ଟରନ୍ୟାଶନାଲ ସ୍କୁଲ ଅଫ୍ ମେଡିସିନ (ଆଇଏସ୍‌ଏମ୍)ର ମିଳିତ ସହଯୋଗରେ ଦିନିକିଆ ଷ୍ଟୁଡେଣ୍ଟ ଓରିଏଟେଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଉଭୟ ସଂସ୍ଥାର ବିଶେଷଜ୍ଞମାନେ ଯୋଗଦେଇ ବିଦେଶର ମେଡିକାଲ ଶିକ୍ଷାର ସୁବିଧା ଓ ଲାଭବାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି କିଭଳି ଜଣେ ଭାରତୀୟ ଛାତ୍ରୀ ବିଦେଶରେ ସୁରକ୍ଷିତ ଓ ସୁଲଭ ମୂଲ୍ୟରେ ମେଡିକାଲ ଶିକ୍ଷା ଶେଷକରି ସ୍ୱଦେଶ ଫେରିପାରିବ ସେସବୁ ଦାୟିତ୍ୱ ୱାଇଜ୍‌ମ୍ୟାନ୍ ଗ୍ଲୋବାଲ ଏଲ୍‌ଏଲ୍‌ପିର ବୋଲି ସଂସ୍ଥାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ କଟକ-ପୁରୀ ରୋଡ୍‌ରେ ୱାଇଜ୍‌ମ୍ୟାନ୍ ଗ୍ଲୋବାଲ ଏଲ୍‌ଏଲ୍‌ପିର ଶାଖା କାର୍ଯ୍ୟାଳୟ ରହିଛି। ଏପରିକି ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠାନ ୧୪ ଶାଖା ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟକ୍ଷମ ଅଛି।

## ଓପୋର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୩୦।୭**

ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'କେ୧୨ଏକ୍ସ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଏଥିରେ ଏମ୍‌ଆଇଏଲ୍-ଏସ୍‌ଟିଡି-୮୧୦ଏଚ୍ ମିଲିଟାରି ଗ୍ରେଡ୍ ସାର୍ଟିଫିକେଶନ ସହିତ ସେଗ୍‌ମେଣ୍ଟ-ଅଗ୍ରଣୀ ସ୍ଥାୟିତ୍ୱ, ଧୂଳି ଓ ଜଳ ପ୍ରତିରୋଧ ପାଇଁ ଆଇପି୫୪ ରେଟିଂ ଏବଂ ସେଗ୍‌ମେଣ୍ଟର ପ୍ରଥମ ସ୍ପ୍ଲାଶ୍ ଟଚ୍ ଟେକ୍ନୋଲୋଜି ଆଦି ସାମିଲ ରହିଛି। ଫଳରେ ଉପଭୋକ୍ତାମାନେ ଓଦା ଆଙ୍ଗୁଠିରେ ମଧ୍ୟ ଏହାର ଟଚ୍‌ସ୍କ୍ରିନ୍‌କୁ ପରିଚାଳନା କରିପାରିବେ। ସେହିଭଳି ଏହି ଫୋନ୍ ବକ୍ସରେ ଏକ ଆଣ୍ଟି-ଡ୍ରପ୍ ସିଲ୍ଡ କେସ୍ ଓ ଏକ ମଜଭୁତ ବ୍ୟାକ୍ ସେଲ୍ ସହ ଆସୁଛି। ଏପରିକି ୭.୬୮ଏମ୍‌ଏମ୍ ଅଲ୍‌ଟ୍ରା-ସ୍ଲିମ ଓପୋ କେ୧୨ଏକ୍ସ ୫ଜିର ଓଜନ କେବଳ ୧୮୬ଗ୍ରାମ ଏବଂ ଏହା ଏକ ଫ୍ରିଙ୍ଗରପ୍ରିଣ୍ଟ-ରେଜିଷ୍ଟାଣ୍ଟ ମିଡ୍-ଫ୍ରେମ୍ ସହ ଆସୁଛି। ସେହିପରି ଓପୋର ଏହି ନୂତନ ଫୋନ ଦୁଇଟି ଆକର୍ଷଣୀୟ ରଙ୍ଗ ଯଥା ବ୍ରିଜ୍ ବ୍ଲୁ ଓ ମିଡ୍‌ନାଇଟ ଭାୟୋଲେଟ୍‌ରେ ଉପଲବ୍ଧ ହେଉଛି ଏବଂ ଏହା ଓପୋ ଇ-ଷ୍ଟୋର ଓ ଫ୍ଲିପ୍‌କାର୍ଟରେ ୨୦୨୪ ଅଗଷ୍ଟ ୨ରୁ ଉପଲବ୍ଧ ହେବ। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗ ମୁଖ୍ୟ ସାଭିଓ ଡି'ସୁଜା କହିଛନ୍ତି, ଓପୋ କେ୧୨ଏକ୍ସ ୫ଜି ହେଉଛି ୧୫,୦୦୦ ଟଙ୍କାରୁ କମ୍ ମୂଲ୍ୟ ଅଧୀନରେ 'ଏମ୍‌ଆଇଏଲ୍-ଏସ୍‌ଟିଡି-୮୧୦ଏଚ୍' ଡ୍ୟୁରାବିଲିଟି ଷ୍ଟାଣ୍ଡାର୍ଡ ଥିବା ପ୍ରଥମ ହ୍ୟାଣ୍ଡସେଟ୍।

## ଅଙ୍କୁରାରେ ପ୍ରଥମ ଏଣ୍ଡୋମେଟ୍ରିଓସିସ୍ ମାଷ୍ଟରକ୍ଲାସ୍

**ଭୁବନେଶ୍ୱର,୩୦।୭**



ଦେଶର ପ୍ରମୁଖ ଘରୋଇ ମେଡିକାଲ ଚେନ୍ (ଓମେନ ଆଣ୍ଡ ଚାଇଲ୍ଡ କେୟାର ହସ୍ପିଟାଲ) ଅଙ୍କୁରା ହସ୍ପିଟାଲର ଭୁବନେଶ୍ୱର ୟୁନିଟ୍ ଏବଂ ଭାରତୀୟ ଏଣ୍ଡୋମେଟ୍ରିଓସିସ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ପ୍ରଥମ ଏଣ୍ଡୋମେଟ୍ରିଓସିସ୍ ମାଷ୍ଟରକ୍ଲାସ୍ ଆୟୋଜିତ ହୋଇଯାଇଛି। ଏପରିକି ଏହି ସମସ୍ୟା ପାଇଁ ରହିଥିବା ଆହ୍ୱାନ ଉପରେ ଚିକିତ୍ସା ବିଶେଷଜ୍ଞମାନେ ନିକଟରେ ଏକତ୍ରିତ ହୋଇଥିଲେ। ଏହି ସମସ୍ୟାର ନିରାକରଣ ଓ ଚିକିତ୍ସା ବିକଳ୍ପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ମହିଳାଙ୍କ ଜୀବନରେ ଏଣ୍ଡୋମେଟ୍ରିଓସିସ୍ ଏକ ଜଟିଳ ତଥା ଆହ୍ୱାନମୂଳକ ସମସ୍ୟା ହୋଇଥିଲାବେଳେ ଏଣ୍ଡୋମେଟ୍ରିଓସିସ୍ ଥିବା ମହିଳାମାନେ ଅନେକ ସମୟରେ ନୀରବତାର ସହ ଯନ୍ତ୍ରଣା ସହିଥାନ୍ତି, ଯଥା ପେଲ୍‌ଭିକ ଯନ୍ତ୍ରଣା,ଅତ୍ୟଧିକ ରକ୍ତସ୍ରାବ ଓ ସଂସର୍ଗକାଳୀନ ସମସ୍ୟା ଇତ୍ୟାଦି। ସେହିଭଳି ମହିଳାମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଲାଗି ଅଙ୍କୁରା ହସ୍ପିଟାଲ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ସ୍ତ୍ରୀରୋଗ ବିଶେଷଜ୍ଞ ଭାବେ ଏହି କ୍ରୋନିକ୍ ରୋଗକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବା ଲାଗି ମେଡିକାଲର ସର୍ଜିକାଲ ଦକ୍ଷତାକୁ କ୍ରମାଗତ ଭାବେ ନବୀକରଣ କରିବା ଅତ୍ୟନ୍ତ ଜରୁରି ହୋଇପଡିଛି। ଏପରିକି ଆମର ରୋଗୀମାନଙ୍କ ଯତ୍ନ ପାଇଁ ୟୁରେଟର, ବ୍ଲାଡର ଓ ଅନ୍ତନଳୀକୁ ପରିଚାଳନା କରିବା ଲାଗି ପାରଦର୍ଶିତା ଆବଶ୍ୟକ ରହିଛି। ସେହିପରି ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଥର ଓଡ଼ିଶାର ଅଙ୍କୁରା ହସ୍ପିଟାଲ ଏଣ୍ଡୋମେଟ୍ରିଓସିସ୍ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ପରିଚାଳନା କରିଥିଲା ଓ ଏହା ସଫଳ ହୋଇଥିବା ସମ୍ପର୍କରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ବରିଷ୍ଠ ପରାମର୍ଶଦାତା ଡା. ଜିଏସ୍‌ଏସ୍ ମହାପାତ୍ର କହିଛନ୍ତି। ଅପରପକ୍ଷରେ ଡା. ମହାପାତ୍ର କହିଛନ୍ତି, ଅଙ୍କୁରା ହସ୍ପିଟାଲର ଏଣ୍ଡୋମେଟ୍ରିଓସିସ୍ ରିଜେକ୍ସନ ଉପରେ ଧ୍ୟାନ ଦିଆଯାଇଥିବା ବିଷୟ ଉପରେ ଏକ ମାଷ୍ଟରକ୍ଲାସ୍, ଅନ୍ତନଳୀରେ ପ୍ରୟୋଗ ଲାଗି ଓଦା ଟିସ୍ୟୁ ସହ ଏକ ହ୍ୟାଣ୍ଡ ଅନ୍‌ଅଧିବେଶନ ଜରିଆରେ ଆଲୋକପାତ କରାଯାଇଥଲା। ଏପରିକି ଏଣ୍ଡୋମେଟ୍ରିଓସିସ୍ ମାଷ୍ଟରକ୍ଲାସ୍‌ରେ ଅଂଶଗ୍ରହଣକାରୀମାନେ ଅପରେଟିଂ ଥିଏଟରରେ ଉପସ୍ଥିତ ରହିଥିଲେ ଓ ଅପରେଟିଂ ଅଧାପକଙ୍କ ସହିତ ଯୋଗାଯୋଗ କରିବାର ସୁଯୋଗ ପାଇଥିଲେ।

## ବଜେଟରେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆବଣ୍ଟନ ରାଶି ବୃଦ୍ଧି:ସର୍ବାନନ୍ଦ

**ନୂଆଦିଲ୍ଲୀ,୩୦।୭**




କେନ୍ଦ୍ର ବନ୍ଦର,ପରିବହନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ମଙ୍ଗଳବାର ସିଲୋଙ୍ଗ ଅଞ୍ଚଳର ବ୍ୟବସାୟ ସମୁଦାୟର ଲିଡର, ଯୁବପିଢ଼ି ଓ ମହିଳାମାନଙ୍କ ସହ କେନ୍ଦ୍ରୀୟ ବଜେଟ ୨୦୨୪ ଉପରେ ଆୟୋଜିତ ଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା କେନ୍ଦ୍ରୀୟ ବଜେଟ ୨୦୨୪ର ବ୍ୟବସ୍ଥାଗୁଡିକ ଉପରେ ପର୍ଯ୍ୟବସିତ ଥିଲା ଯାହା ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବା ଦିଗରେ ରୋଡ୍‌ମ୍ୟାପ୍‌କୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ରହିଛି। ଏହି ଆଲୋଚନାଚକ୍ରରେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଉତ୍ତରପୂର୍ବ ଭାରତ ଏହି ବଜେଟରୁ ଲାଭାନ୍ୱିତ ହେବାକୁ ଯାଉଛି। କାରଣ ଏହା ଯୁବପିଢ଼ି, ମହିଳା ଓ ଆଦିବାସୀ ସମୁଦାୟଗୁଡିକୁ ସକ୍ଷମ କରିବା ସହିତ ଅଞ୍ଚଳର ଅର୍ଥନୈତିକ, ଶିଳ୍ପ ଓ କୃଷି କ୍ଷେତ୍ରକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। କେନ୍ଦ୍ରୀୟ ବଜେଟ ୨୦୨୪ ଭାରତକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛି।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପୂର୍ବକୁ 'ଅଷ୍ଟଲକ୍ଷ୍ମୀ' ଓ ଭାରତର ଅଭିବୃଦ୍ଧିର ନୂଆ ଇଞ୍ଜିନ ଭାବେ ଚିହ୍ନଟ କରିଛନ୍ତି। ମୋଦିଙ୍କ ନେତୃତ୍ୱରେ ଆଦିବାସୀ ସମୁଦାୟଗୁଡିକର ସଶକ୍ତୀକରଣ ଓ ସାମର୍ଥ୍ୟତା ପାଇଁ ଏହି ବଜେଟରେ ବ୍ୟବସ୍ଥାକୁ ୧୩,୦୦୦କୋଟି ଟଙ୍କାର ଆବଣ୍ଟନ ସହିତ ପ୍ରାୟ ୨୦୦% ବୃଦ୍ଧି କରାଯାଇଛି, ଯାହାକୁ ଆଦିବାସୀ ସମୁଦାୟଗୁଡିକର କଲ୍ୟାଣ ପାଇଁ ବ୍ୟବହାର କରାଯିବ। ଆମର ପାରମ୍ପରିକ କାରିଗର, ବୁଣାକାର, ଏସ୍‌ଏଚ୍‌ଜି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳା ଉଦ୍ୟୋଗୀଙ୍କ ସାମର୍ଥ୍ୟତା ପାଇଁ ପିଏମ୍ ବିଶ୍ୱକର୍ମା, ପିଏମ୍ ଏସ୍‌ଭିଏନିଧିଜୀ, ଜାତୀୟ ଜୀବିକା ମିଶନ ଓ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଭଳି ଯୋଜନାଗୁଡିକ ପାଇଁ ବଜେଟରେ ଆବଣ୍ଟନ ରାଶିକୁ ବୃଦ୍ଧି କରାଯାଇଛି। ସେହିପରି ବଜେଟରେ ଆଦିବାସୀ ସମୁଦାୟଗୁଡିକୁ ସାମାଜିକ ନ୍ୟାୟ ପ୍ରଦାନ କରିବା ପାଇଁ ଆଉ ଏକ ଉଲ୍ଲେଖନୀୟ ଯୋଜନା ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମର ଘୋଷଣା କରାଯାଇଥିଲା। ଏହି ଯୋଜନା ୬୩,୦୦୦ ଗ୍ରାମରେ ୫କୋଟି ଆଦିବାସୀ ଲୋକଙ୍କୁ ପ୍ରତ୍ୟକ୍ଷ ରୂପେ ଉପକୃତ କରିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆମେ ପ୍ରାକୃତିକ କୃଷି ଓ ପଶୁପାଳନର କେନ୍ଦ୍ର ଭାବେ ଉତ୍ତରପୂର୍ବର ଅପାର କ୍ଷମତାକୁ ଉନ୍ମୋଚନ କରିବା ସହିତ ଆମର ଯୁବ ପ୍ରତିଭାମାନଙ୍କୁ ବିଶ୍ୱସ୍ତରର ଦକ୍ଷ କର୍ମବଳରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଛୁ। ପରିବେଶ ଅନୁକୂଳ ସ୍ଥାୟୀ କୃଷି ପ୍ରକଳ୍ପ ପାଇଁ ୫୯୮କୋଟି ଟଙ୍କାର ଆବଣ୍ଟନ ଜଳବାୟୁ ପରିବର୍ତ୍ତନ,ମୃତ୍ତିକା କ୍ଷୟ, କୀଟନାଶକ ଓ ଏହା ସମ୍ବନ୍ଧିତ ରୋଗଗୁଡିକର ପ୍ରତିକୂଳ ପ୍ରଭାବକୁ ନିୟନ୍ତ୍ରଣ କରିବ, ଯାହା ଅଞ୍ଚଳରେ କୃଷି ଉତ୍ପାଦନକୁ ବହୁମାତ୍ରାରେ ବୃଦ୍ଧି କରିବ। ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ ଡାଇରେକ୍ଟ ବେନିଫିଟ୍ ଟ୍ରାନଫ୍ସର (ଡିବିଟି) ପ୍ରଥମ ଥରର କର୍ମଚାରୀଙ୍କ ପାଇଁ ୩ଟି କିସ୍ତିରେ ୧୫୦୦୦ଟଙ୍କା ପ୍ରଦାନ କରୁଛି ଏବଂ ଏହାକୁ ମେଘାଳୟ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନ ପଲିସି ସହ ଏକତ୍ରିତ କରାଯିବ।

# ଫେନ୍ସିଂରେ ୭ମାସର ଗର୍ଭବତୀ

ପ୍ୟାରିସ, ୩୦।୭ (ଏପି)

ପ୍ୟାରିସ ଅଲିମ୍ପିକ୍ସରେ ଭାଗନେଇଥିବା ଇଜିପ୍ଟର ଜଣେ ମହିଳା ଫେନ୍ସର ନାଦା ହାଫିଜ୍ ୭ ମାସର ଗର୍ଭବତୀ। ସୋମବାର ମହିଳା ସାବର ଇଭେଣ୍ଟର ପ୍ରି-କ୍ୱାର୍ଟରରେ ପ୍ରବେଶ କରିବାର ଏକ ଘଣ୍ଟା ପରେ ତାଙ୍କର ଏକ ଇନଷ୍ଟାଗ୍ରାମ୍ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି। କାଇରୋର ଏହି ୨୬ ବର୍ଷୀୟ ଫେନ୍ସର ପ୍ରି-କ୍ୱାର୍ଟରରେ ଦକ୍ଷିଣ କୋରିଆର ଜିଅନ୍ ହେୟଙ୍ଗଙ୍କଠାରୁ ପରାଜିତ ହେବା ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ଏଲିଜାବେଥ ଟାର୍ଟା କୋଭସ୍କିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ କହିଛନ୍ତି, ସେ ଓ ତାଙ୍କ ପିଲା ଉଭୟ ଶାରୀରିକ ଓ ଭାବନାତ୍ମକ ଦୃଷ୍ଟିରୁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏହି ପରିସ୍ଥିତିରେ ପ୍ରିକ୍ୱାର୍ଟରରେ ପ୍ରବେଶ କରିପାରିଥିବାରୁ ସେ ନିଜେ ଗର୍ବ ଅନୁଭବ କରୁଛନ୍ତି। ୩ଥର ଅଲିମ୍ପିଆନ ହାଫିଜ ଜଣେ ପୂର୍ବତନ ଜିମ୍ନାଷ୍ଟ। ୨୦୧୯ ଆଫ୍ରିକାନ ଗେମ୍ସରେ ସେ ଉଭୟ ଟିମ୍ ଓ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ସୋମବାର ସେ ପ୍ରତିଯୋଗିତାର ଅଫିସିଆଲ ର୍ୟାଙ୍କିଙ୍ଗରେ ୧୬ତମ ସ୍ଥାନରେ ଥିଲେ। ସେ ଏପର୍ଯ୍ୟନ୍ତ ଭାଗ ନେଇଥିବା ୩ଟି ଅଲିମ୍ପିକ୍ସ ମଧ୍ୟରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ।


ନାଦା ହାଫିଜ୍


ପ୍ୟାରିସ୍ ଅଲିମ୍ପିକ୍ସର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ପରେ (ବାମରୁ) ରୌପ୍ୟ ବିଜୟୀ ତୁର୍କୀର ସାଭାଲ ଲୟଡା ଓ ୟୁସୁଫ ଡିକେକ୍, ସ୍ୱର୍ଣ୍ଣ ବିଜେତା ସର୍ବିୟାର ଜୋରାନା ଅରୁନୋଭିଚ୍ ଓ ଡାମିର ମିକେକ୍ ଏବଂ ବ୍ରୋଞ୍ଜ ବିଜୟୀ ନିଜ ପାର୍ଟନର ମନୁ ଭାକରଙ୍କ ସହ ପୋଡିୟମ ଉପରେ ସେଲ୍‌ଫି ନେଉଛନ୍ତି ଭାରତର ସରବଜୋତ ସିଂ।

# ଦୁଇ ପଦକ ବିଜୟୀ ଭାରତୀୟ ଆଥ୍‌ଲେଟ


ନର୍ମାନ ପ୍ରିଚାର୍ଡ


ସୁଶୀଲ କୁମାର


ପି.ଭି. ସିନ୍ଧୁ

ନୂଆଦିଲ୍ଲୀ,୩୦।୭(ପି.ଟି.)

**ଅଲିମ୍ପିକ୍ସରେ ପଦକ ଜିତିବା ସମସ୍ତ ଆଥଲେଟଙ୍କ ପାଇଁ ସୌଭାଗ୍ୟର ବିଷୟ। ତେବେ ଏହି ସଫଳତାକୁ ଦ୍ୱିତୀୟ ଥର ଦୋହରାଇଥିବା ଭାରତୀୟଙ୍କ ସଂଖ୍ୟା ମାତ୍ର ୩ ଜଣ। ଚଳିତ ଅଲିମ୍ପିକ୍ସରେ ମନୁ ଭାକର ଦୁଇଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ମହିଳା ତଥା ସ୍ୱାଧୀନ ଭାରତର ପ୍ରଥମ ଖେଳାଳି ଭାବରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ଅନ୍ୟ ପକ୍ଷରେ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରୁଥିବା ନର୍ମାନ ପ୍ରିଚାର୍ଡ ପ୍ରଥମ ଖେଳାଳି ଭାବରେ ସମାନ ସଫଳତା ହାସଲ କରିଥିଲେ। ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ଅନ୍ୟ ଖେଳାଳିଙ୍କ ଉପରେ ଏକ ନଜର..**

**ସୁଶୀଲ କୁମାର:** ଭାରତୀୟ ରେସ୍‌ଲର ସୁଶୀଲ କୁମାର ଅଲିମ୍ପିକ୍ସରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସୁଶୀଲ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ପରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସୁଶୀଲ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବା ସହ ରୌପ୍ୟ ପଦକ ଜିତିଥିଲେ। ତେବେ ଜୁନିୟର ରେସ୍‌ଲର ସାଗର ଧନକରଙ୍କ ହତ୍ୟା ଅଭିଯୋଗରେ ସୁଶୀଲ ବର୍ତ୍ତମାନ ତିହାର ଜେଲ୍‌ରେ ରହିଛନ୍ତି।

**ପି.ଭି. ସିନ୍ଧୁ:** ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଏହି ତାଲିକାରେ ଦ୍ୱିତୀୟ ଖେଳାଳି ରହିଛନ୍ତି। ୨୦୧୯ରେ ବିଶ୍ୱ ଚାମ୍ପିୟନ ହୋଇଥିବା ସିନ୍ଧୁଙ୍କୁ ପ୍ରଥମ ସଫଳତା ମିଳିଥିଲା ୨୦୧୬ ରିଓ ଡି ଜେନେରିଓ ଅଲିମ୍ପିକ୍ସରେ। ଏଠାରେ ସିନ୍ଧୁ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ଟୋକିଓ ଅଲିମ୍ପିକ୍ସରେ ସିନ୍ଧୁ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ସହିତ ଏକମାତ୍ର ଖେଳାଳି ଭାବରେ ୩ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ସିନ୍ଧୁଙ୍କୁ ମିଳିପାରେ। ପ୍ୟାରିସ୍ ୨୦୨୪ରେ ପଦକ ଜିତିଲେ ସେ ଏହି ମାଇଲଖୁଣ୍ଟ ହାସଲ କରି ପାରିବେ।

## ଗୋଟିଏ ସଂସ୍କରଣରେ ପଦକ

**ମନୁ ଭାକର:** ଶୁଟିଂ ସେନସେଶନ ମନୁ ଭାକର ପ୍ୟାରିସ୍ ୨୦୨୪ରେ ଦୁଇଟି ବ୍ରୋଞ୍ଜ ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍‌ରେ ମନୁ ଉଭୟ ପଦକ ହାସଲ କରିଥିଲେ। ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ବିଫଳ ହୋଇଥିଲେ ମଧ୍ୟ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରି ସେ ସଫଳ ହୋଇ ଇତିହାସ ରଚିଛନ୍ତି।

**ନର୍ମାନ୍ ପ୍ରିଚାର୍ଡ:** ତେବେ ଏହି ତାଲିକାରେ ଥିବା ପ୍ରଥମ ନାମ ହେଉଛି ନର୍ମାନ ପ୍ରିଚାର୍ଡ। ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା ପ୍ରିଚାର୍ଡ ମଧ୍ୟ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିଲେ। ୧୯୦୦ ମସିହାରେ ସମାନ ପ୍ୟାରିସ୍‌ରେ ଅଲିମ୍ପିକ୍ସ ହେଉଥିବା ବେଳେ କୋଲକାତାରେ ଜନ୍ମିତ ପ୍ରିଚାର୍ଡ ୨୦୦ ମିଟର ସ୍ପ୍ରିଣ୍ଟ ଓ ହର୍ଡଲ୍ସରେ ଗୋଟିଏ ଲେଖାଏ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତେବେ ଅନେକ ସମୟରେ ପ୍ରିଚାର୍ଡଙ୍କ ଜାତୀୟତାକୁ ନେଇ ପ୍ରଶ୍ନ ଉଠିଥାଏ। ତାଙ୍କୁ ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ହଲ୍ ଅଫ୍ ଫେମ୍‌ରେ ମଧ୍ୟ ସାମିଲ କରାଯାଇଛି।

# ଚାଷୀ ପରିବାରରୁ ଅଲିମ୍ପିକ୍ସ ପୋଡିୟମ

ପ୍ୟାରିସ୍,୩୦।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତ ପାଇଁ ଦ୍ୱିତୀୟ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଖେଳାଳି ସରବଜୋତ ସିଂ ଓ ମନୁ ଭାକର। ମନୁଙ୍କ ପାଇଁ ଏହା ଅଲିମ୍ପିକ୍ସରେ ଦ୍ୱିତୀୟ ପଦକ ରହିଥିବା ବେଳେ ସରବଜୋତଙ୍କ ପାଇଁ ଥିଲା ପ୍ରଥମ ପଦକ। ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ସରବଜୋତ୍ ପଦକ ଜିତି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ଏକ ସାଧାରଣ ଚାଷୀ ପରିବାରରୁ ଆସିଥିବା ସରବଜୋତ ଅଲିମ୍ପିକ୍ସ ପୋଡିୟମରେ ପହଞ୍ଚିବାର ଉପଲବ୍ଧି ହାସଲ କରିଛନ୍ତି। ସରବଜୋତ ହରିୟାଣାର ଅମ୍ବାଲା ଅନ୍ତର୍ଗତ ଧୀନା ଜାଟ ଗ୍ରାମର ବାସିନ୍ଦା। ଖେଳକୁ ନେଇ ସର୍ବଦା ଉତ୍ସାହିତ ରହୁଥିବା ସରବଜୋତ ୧୩ ବର୍ଷ ବୟସ ଯାଏ ଫୁଟବଲର ହେବାର ସ୍ୱପ୍ନ ଦେଖୁଥିଲେ। ଅମ୍ବାଲାର ଭଗୀରଥ ପବ୍ଲିକ୍ ସ୍କୁଲରେ ପଢୁଥିବା ସମୟରେ ସମର କ୍ୟାମ୍ପରେ କିଛି ପିଲାଙ୍କ ସହ ମିଶି ଏୟାର ଗନ୍‌ରେ ଶୁଟିଂ ଅଭ୍ୟାସ କରିଥିଲେ। ଏହା ପରଠାରୁ ଶୁଟିଂ ପ୍ରତି ତାଙ୍କର ଦୁର୍ବଳତା ବଢ଼ିବାରେ ଲାଗିଥିଲା। ପିତା ଜିତେନ୍ଦର ସିଂଙ୍କ ନିକଟରେ ସରବଜୋତ ଶୁଟିଂ ଶିଖିବା ପାଇଁ ଜିଦ୍ କରିଥିଲେ। ତେବେ ଏହାକୁ ପିତା ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଶୁଟିଂ ବହୁତ ମହଙ୍ଗା ଖେଳ ହୋଇଥିବା ବେଳେ ଏକ ସାଧାରଣ କୃଷକ ପକ୍ଷରେ ଏସବୁ ଯୋଗାଡ କରିବା ସହଜ ନ ଥିଲା। ଶେଷରେ ସରବଜୋତଙ୍କ ଦୀର୍ଘ ଦିନର ଅନୁରୋଧ ପରେ ଜିତେନ୍ଦର ମଧ୍ୟ ମାନି ଯାଇଥିଲେ। ସେଦିନ ଜଣେ କୃଷକ ଭାବରେ ଜିତେନ୍ଦର ନେଇଥିବା କଷ୍ଟସାଧ୍ୟ ନିଷ୍ପତ୍ତି ଆଜି ଦେଶକୁ ଅଲିମ୍ପିକ୍ସରେ ଏକ ମେଡାଲ ବିଜୟୀ କରିବାରେ ସଫଳ ହୋଇଛି। ଚଣ୍ଡିଗଡରେ କୋଚ୍ ଅଭିଷେକ ରାଣାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିବା ସରବଜୋତ୍ ଦୁଇ ଦୁଇ ଥର ଜାତୀୟ ଚାମ୍ପିୟନ ମଧ୍ୟ ହୋଇ ସାରିଛନ୍ତି।

ଅଲିମ୍ପିକ୍ସ ପଦକ ଜିତିବା ଆଗରୁ ସରବଜୋତ୍ ବିଶ୍ୱକପରେ ଦୁଇଟି ସ୍ୱର୍ଣ୍ଣ ଓ ବିଶ୍ୱ ଚାମ୍ପିୟନଶିପରେ ଗୋଟିଏ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ସହିତ ହାଙ୍ଗଝୋ ଏସିଆନ୍ ଗେମ୍ସରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଜୁନିୟର ବିଶ୍ୱକପରେ ସରବଜୋତଙ୍କ ନାମରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଥିବା ବେଳେ ଏସିଆନ୍ ଚାମ୍ପିୟନଶିପରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**ସଂକ୍ଷେପରେ କ୍ୟାରିୟର**

ଅଲିମ୍ପିକ୍ସ-୧ ବ୍ରୋଞ୍ଜ
ଏସିଆନ୍ ଗେମ୍ସ-୧ ସ୍ୱର୍ଣ୍ଣ, ୧ ରୌପ୍ୟ
ବିଶ୍ୱକପ-୨ ସ୍ୱର୍ଣ୍ଣ
ଏସିଆନ୍ ଚାମ୍ପିୟନଶିପ୍-୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ
ବିଶ୍ୱ ଚାମ୍ପିୟନଶିପ-୧ ସ୍ୱର୍ଣ୍ଣ
ଜୁନିୟର ବିଶ୍ୱକପ-୧ ସ୍ୱର୍ଣ୍ଣ, ୨ ରୌପ୍ୟ।


ପ୍ୟାରିସ୍ ଅଲିମ୍ପିକ୍ସରେ ମନୁ ଭାକର ଡବଲ ବ୍ରୋଞ୍ଜ ପଦକ ଜିତିବା ପରେ ଫରିଦାବାଦରେ ତାଙ୍କ ମା' ଓ ବାପା ଖୁସି ମନାଉଛନ୍ତି।


ଗୋଲ ଦେବାପରେ ହରମନପ୍ରୀତ୍ ସିଂ(ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# କ୍ୱାର୍ଟର ଫାଇନାଲରେ ଭାରତ

## ଆୟର୍ଲାଣ୍ଡକୁ ୨-୦ ଗୋଲରେ ହରାଇଲା

ପ୍ୟାରିସ, ୩୦।୭

ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ପ୍ୟାରିସ ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ପୁରୁଷ ହକି ମ୍ୟାଚରେ ଆୟର୍ଲାଣ୍ଡକୁ ୨-୦ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍ 'ବି'ର ଏହି ମ୍ୟାଚରେ ଭାରତ ପକ୍ଷରୁ ହରମନପ୍ରୀତ ୧୧ ଓ ୧୯ଶ ମିନିଟରେ ଗୋଲ ୨ଟି ଦେଇଥିଲେ। ପୂରା ମ୍ୟାଚ ଦେଖିବାକୁ ଗଲେ ଆୟର୍ଲାଣ୍ଡ ଖରାପ ପ୍ରଦର୍ଶନ କରି ନ ଥିଲା। ତେବେ ଗୋଲ ପରିଶୋଧ କରିବାକୁ ସକ୍ଷମ ନ ହୋଇ ପରାଜୟ ବରଣ କରିଥିଲା। ୨ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ଭାରତ ୭ ପଏଣ୍ଟ ପାଇଛି। ଅନ୍ୟ ଏକ ଗ୍ରୁପ୍ ମ୍ୟାଚରେ ଆର୍ଜେଣ୍ଟିନା ୨-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇବାପରେ ଭାରତର କ୍ୱାର୍ଟର ଫାଇନାଲ ପ୍ରବେଶ ସ୍ପଷ୍ଟ ହୋଇଯାଇଛି। କାରଣ ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ଆଉ ଭାରତକୁ ପଏଣ୍ଟରେ ଅତିକ୍ରମ କରିବା ସମ୍ଭାବନା ନାହିଁ। ଭାରତ ପୂର୍ବ ୨ଟି ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇଥିବାବେଳେ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖିଥିଲା। ଏହାକୁ ମିଶାଇ ହରମନପ୍ରୀତ ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ୪ ଗୋଲ କରି ଅଗ୍ରଣୀ ତାଲିକାରେ ରହିଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଅଗଷ୍ଟ ୧ରେ ବେଲଜିୟମ ବିପକ୍ଷରେ ଖେଳିବ।

ଗ୍ରୁପ୍ 'ଏ'ରେ ଅନୁଷ୍ଠିତ ୩ଟି ମ୍ୟାଚରେ ଜର୍ମାନୀ ୫-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବାବେଳେ ସ୍ପେନ୍-ଫ୍ରାନ୍ସ ମ୍ୟାଚ ୩-୩ ଓ ବ୍ରିଟେନ-ନେଦରଲାଣ୍ଡ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଏହି ଗ୍ରୁପ୍‌ରେ ନେଦରଲାଣ୍ଡ୍ସ ୩ ମ୍ୟାଚରୁ ସର୍ବାଧିକ ୭ ପଏଣ୍ଟ ପାଇ ଅଗ୍ରଣୀ ରହିଛି। ସମାନ ସଂଖ୍ୟକ ମ୍ୟାଚ ଖେଳି ଜର୍ମାନୀ ୬ ଓ ବ୍ରିଟେନ ୫ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛି। ସ୍ପେନ୍ ୪ ପଏଣ୍ଟ ପାଇଛି।

## ଭାରତର କାର୍ଯ୍ୟସୂଚୀ (ବୁଧବାର)

**ଶୁଟିଂ:** ୫୦ ମିଟର ରାଇଫଲ୍ ଥ୍ରୀ ପୋଜିଶନ୍ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ
ଐଶ୍ୱରୀ ପ୍ରତାପ ସିଂ, ସ୍ୱପ୍ନିଲ କୁଶାଲେ(ମଧ୍ୟାହ୍ନ ୧୨.୩୦)
ମହିଳା ଟ୍ରାପ୍ ଯୋଗ୍ୟତା ପର୍ଯ୍ୟାୟ
ଶ୍ରେୟାସୀ ସିଂ ଓ ରାଜେଶ୍ୱରୀ କୁମାରୀ(ମଧ୍ୟାହ୍ନ ୧୨.୩୦)
**ବ୍ୟାଡ୍‌ମିଣ୍ଟନ:** ମହିଳା ସିଙ୍ଗଲ୍ସ
ପି.ଭି. ସିନ୍ଧୁ ବନାମ କ୍ରିଷ୍ଟିନ୍ କୁବା। (ମଧ୍ୟାହ୍ନ ୧୨.୫୦)
ପୁରୁଷ ସିଙ୍ଗଲ୍ସ
ଲକ୍ଷ୍ୟ ସେନ୍ ବନାମ ଜୋନାଥନ କ୍ରିଷ୍ଟି (ଅପରାହ୍ନ ୧.୨୦)
ଏଚ୍. ଏସ୍. ପ୍ରଣୟ ବନାମ ଡୁକ୍ ଫାଟ ଲି(ରାତି ୧୧.୦୦)
**ଟେବୁଲ ଟେନିସ୍** : ମହିଳା ସିଙ୍ଗଲ୍ସ ରାଉଣ୍ଡ ଅଫ ୩୨
ଶ୍ରୀଜା ଆକୁଳା ବନାମ ଜିଆନ୍ ଜେଙ୍ଗ (ଅପରାହ୍ନ ୨.୩୦)
**ବକ୍ସିଂ:** ମହିଳା ୭୫ କି.ଗ୍ରା. ରାଉଣ୍ଡ ଅଫ୍ ୧୬
ଲଭଲିନା ବୋର୍ଗୋହେନ୍ ବନାମ ସୁନିଭା ହଫଷ୍ଟାଡ(ଅପରାହ୍ନ ୩.୫୦)
ପୁରୁଷ ୭୧ କିଗ୍ରା ରାଉଣ୍ଡ ଅଫ୍ ୧୬
ନିଶାନ୍ତ ଦେବ ବନାମ ଜୋଶ ଗାବ୍ରିଏଲ ରୋଡ୍ରିଗୁଏଜ (ରାତି ୧୨.୧୮)
**ଆର୍ଚେରୀ:** ମହିଳା ବ୍ୟକ୍ତିଗତ
ଦୀପିକା କୁମାରୀ ବନାମ ରୀନା ପର୍ନତ (ଅପରାହ୍ନ ୩.୫୬ )
ପୁରୁଷ ବ୍ୟକ୍ତିଗତ ରାଉଣ୍ଡ
ତରୁଣଦୀପ ରାୟ ବନାମ ଟମ୍ ହଲ୍ (ରାତି ୯.୧୫)।
**ଇକ୍ୱେଷ୍ଟ୍ରିଆନ୍:** ଡ୍ରେସେଜ୍ ଇଣ୍ଡିଭିଜୁଆଲ୍ ଗ୍ରାଁ ପ୍ରି
ଅନୁଶ ଅଗ୍ରୱାଲା (ଅପରାହ୍ନ ୧.୩୦)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୩୧/୨୦୨୪ Bhubaneswar, Wednesday, July 31/ 2024


ପ୍ୟାରିସ୍ ଅଲିମ୍ପିକ୍ସର ମହିଳା ୫୪ କେଜି ପ୍ରିଲିମିନାରି ବକ୍ସିଂ ଲଢ଼େଇରେ ବୁଲ୍‌ଗାରିଆର ଷ୍ଟାନିମିରା ପେଟ୍ରୋଭାଙ୍କୁ ପଞ୍ଚ୍ ମାରୁଛନ୍ତି ତାଇୱାନ୍‌ର ୱେନ୍ ହ୍ୱାଙ୍ଗ୍ ହାସିଓ।

## ମୋହସିନ ନକ୍‌ଭି ହେବେ ଏସିସି ସଭାପତି

**ଲାହୋର, ୩୦।୭ (ପି.ଟି.):** ରୋଟେଶନ ପଲିସି ଅନୁସାରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ମୋହସିନ ନକ୍‌ଭି ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ପରବର୍ତ୍ତୀ ଚେୟାରମ୍ୟାନ ହେବେ। ତାଙ୍କ କାର୍ଯ୍ୟକାଳ ଅବଧି ୨ବର୍ଷ ରହିବ। ନିକଟରେ ଅନୁଷ୍ଠିତ ଏକ ଏସିସି ବୈଠକରେ ନକ୍‌ଭିଙ୍କୁ ପରବର୍ତ୍ତୀ ମୁଖ୍ୟ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ତାଙ୍କ କାର୍ଯ୍ୟକାଳ ଅବଧି ଦୁଇ ବର୍ଷ ରହିବ। ବର୍ତ୍ତମାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏସିସି ସଭାପତି ରହିଛନ୍ତି। ଗତ ଜାନୁଆରୀରେ ତାଙ୍କ କାର୍ଯ୍ୟକାଳ ମିଆଦ ଆଉ ଏକ ବର୍ଷ ବୃଦ୍ଧି କରାଯାଇଥିଲା। ଶାହା ପଦ ତ୍ୟାଗକରିବା ପରେ ପିସିବି ମୁଖ୍ୟ ଦାୟିତ୍ୱ ଗ୍ରହଣ କରିବେ। ଏସିସି ନିକଟରେ ଏସିଆକପ୍ ୨୦୨୫ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରିଛି। ଟୁର୍ନାମେଣ୍ଟର ଫର୍ମାଟ ଟି୨୦ ରହିବ। ୨୦୨୭ରେ କିନ୍ତୁ ଏହା ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଖେଳାଯିବ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଜାପାନ | ୭ | ୨ | ୪ | ୧୩ |
| ଚାଇନା | ୬ | ୬ | ୨ | ୧୪ |
| ଅଷ୍ଟ୍ରେଲିଆ | ୬ | ୪ | ୦ | ୧୦ |
| ଫ୍ରାନ୍ସ | ୫ | ୮ | ୪ | ୧୭ |
| ଦ.କୋରିଆ | ୫ | ୩ | ୩ | ୧୧ |
| ଆମେରିକା | ୪ | ୯ | ୧୧ | ୨୪ |
| ବ୍ରିଟେନ | ୩ | ୫ | ୩ | ୧୧ |
| ଇଟାଲୀ | ୨ | ୪ | ୩ | ୯ |
| କାନାଡା | ୨ | ୨ | ୨ | ୬ |
| ହଂକଂ | ୨ | ୦ | ୧ | ୩ |
| ଜର୍ମାନୀ | ୨ | ୦ | ୦ | ୨ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୦ | ୨ | ୩ |
| ବେଲଜିୟମ | ୧ | ୦ | ୧ | ୨ |
| ଆଜରବୈଜାନ | ୧ | ୦ | ୦ | ୧ |
| ନ୍ୟୁଜିଲାଣ୍ଡ | ୧ | ୦ | ୦ | ୧ |
| ଭାରତ | ୦ | ୦ | ୨ | ୨ |

(ରାତି ୧ଟା ସୁଦ୍ଧା)

# କ୍ଲିନ୍ ସୁଇପ୍ କଲା ଭାରତ



ଶ୍ରୀଲଙ୍କା ବିପକ୍ଷରେ ଟି୨୦ ସିରିଜ୍ ବିଜୟୀ ଭାରତୀୟ ଦଳ।

**ପାଲେକେଲ,୩୦।୭**

ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍‌କୁ ସୁପର ଓଭରରେ ଜିତି ୩ ମ୍ୟାଚର ସିରିଜକୁ କ୍ଲିନ୍ ସୁଇପ୍ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ୍ ସ୍କୋର କରିଥିଲା। ଜବାବରେ ଶ୍ରୀଲଙ୍କା ଖବର ପ୍ରସ୍ତୁତ ହେବା ବେଳକୁ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ୍ କରି ପାରିଥିଲା। ସୁପର ଓଭରରେ ଶ୍ରୀଲଙ୍କା ୨ ରନ୍‌ରେ ଦୁଇ ଖେଳାଳିଙ୍କୁ ହରାଇଥିଲା। ଭାରତ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ପ୍ରଥମ ବଲ୍‌ରେ ଚୌକା ମାରି ଜିତାଇଥିଲେ।

ଶ୍ରୀଲଙ୍କା ଟସ୍ ଜିତି ବୋଲିଂ ନେଇଥିଲା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ (୧୦), ସଞ୍ଜୁ ସାମସନ୍(୦), ରିଙ୍କୁ ସିଂ(୧), ସୂର୍ଯ୍ୟକୁମାର ଯାଦବ (୮) ଶିବମ ଦୁବେ (୧୩) ରନ୍ କରି ଆଉଟ ହେବାରୁ ଦଳ ୪୮ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିବା ଶୁବମନ ଗିଲ୍ (୩୯) ଓ ରିୟାନ୍ ପରାଗ (୨୬) ଷଷ୍ଠ ଉଇକେଟରେ ୫୪ ରନ୍ ଯୋଡିଥିଲେ। ଗିଲ୍ ୩୭ ବଲ୍ ଖେଳି ୩ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ରିୟାନ ପରାଗ ୧୮ ବଲ୍ ଖେଳି ୧ ଚୌକା ଓ ୨ ଛକା ମାରିଥିଲେ। ନିମ୍ନକ୍ରମରେ ୱାଶିଂଟନ୍ ସୁନ୍ଦର ଦ୍ରୁତ୨୫ ରନ୍ କରିଥିଲେ। ମହୀଷ ଥିକ୍‌ସାନା ୩, ୱାନିନ୍ଦୁ ହସରଙ୍ଗା ୨ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପାଥୁମ ନିଶଙ୍କା ୨୬, କୁଶାଲ ପେରେରା ୪୬ ଓ କୁଶାଲ ମେଣ୍ଡିସ୍ ୪୩ ରନ୍ କରିଥିଲେ। ଶେଷଭାଗରେ ବ୍ୟାଟିଂ ବିପର୍ଯ୍ୟୟ କାରଣରୁ ଦଳ ଅନ୍ତିମ ୨୨ ରନ୍‌ରେ ୭ ଉଇକେଟ ହରାଇବା କାରଣରୁ ମ୍ୟାଚ ସୁପର ଓଭରକୁ ଯାଇଥିଲା। ଭାରତ ପକ୍ଷରୁ ରିଙ୍କୁ ସିଂ, ସୂର୍ଯ୍ୟକୁମାର ଯାଦବ, ୱାଶିଂଟନ୍ ସୁନ୍ଦର ଓ ରବି ବିଷ୍ଣୋଇ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୱାଶିଂଟନ ସୁନ୍ଦର ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ସୂର୍ଯ୍ୟକୁମାର ଯାଦବ ପ୍ଲେୟର୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୭/୯ (ଶୁବମନ ଗିଲ୍-୩୯, ରିୟାନ ପରାଗ-୨୬, ୱାଶିଂଟନ୍ ସୁନ୍ଦର-୨୫, ମହୀଷ ଥିକ୍‌ସାନା-୩/୨୮, ୱାନିନ୍ଦୁ ହସରଙ୍ଗା-୨/୨୯, ଆସିଥା ଫର୍ନାଣ୍ଡୋ-୧/୧୧)। ଶ୍ରୀଲଙ୍କା ୨୦ ଓଭରରେ ୧୩୭/୮(କୁଶାଲ ପେରେରା-୪୬, କୁଶାଲ ମେଣ୍ଡିସ୍-୪୩, ପାଥୁମ ନିଶଙ୍କା-୨୬, ରିଙ୍କୁ ସିଂ-୨/୩, ସୂର୍ଯ୍ୟକୁମାର ଯାଦବ-୨/୫, ୱାଶିଂଟନ୍ ସୁନ୍ଦର-୨/୨୩)।



ପ୍ୟାରିସ ଅଲିମ୍ପିକ୍ସର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ମନୁ ଭାକର ଓ ସରବଜୋତ ସିଂ ଯୋଡ଼ିଙ୍କୁ ଅଭିନନ୍ଦନ ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ, ପ୍ରି କ୍ୱାର୍ଟରରେ ଭଜନ

**ପ୍ୟାରିସ୍,୩୦।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ମଙ୍ଗଳବାରରେ ଭାରତୀୟ ଖେଳାଳିଙ୍କ ଚମତ୍କାର ଫଳ ମିଳିଛି। ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡି-ଚିରାଗ ସେଟ୍ଟୀ ଗ୍ରୁପ୍ ଟପ୍ପର ଭାବରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ବ୍ୟକ୍ତିଗତ ରିକର୍ଭ ଆର୍ଚେରୀରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭଜନ କୌର।

### କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ

ଭାରତୀୟ ଡବଲ୍ସ ଯୋଡି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଗ୍ରୁପ୍ ଟପ୍ପର ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଗ୍ରୁପ୍‌ର ଅନ୍ତିମ ମ୍ୟାଚ୍‌ରେ କାନାଡାର ଆଲ୍‌ଫିଆନ୍ ଫଜର ଓ ଆର୍ଡିଆଣ୍ଟୋ ମହମ୍ମଦ ରିଆନଙ୍କୁ ଭାରତୀୟ ଯୋଡି ୨୧-୧୩, ୨୧-୧୩ ସେଟରେ ପରାସ୍ତ କରିଥିଲେ। ମ୍ୟାଚ୍‌ଟି ସମୁଦାୟ ୪୨ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍ ୧୬ ମିନିଟ ଧରି ଖେଳା ଯାଇଥିବା ବେଳେ ପରବର୍ତ୍ତୀ ସେଟ୍‌ଟି ୨୪ ମିନିଟ ଚାଲିଥିଲା। ପ୍ରଥମ ଥର ପାଇଁ କୌଣସି ଭାରତୀୟ ଡବଲ୍ସ ଯୋଡି ନକ୍‌ଆଉଟରେ ପ୍ରବେଶ କରିଛନ୍ତି।

ଭାରତୀୟ ମହିଳା ଡବଲ୍ସ ଯୋଡି ଅଶ୍ୱିନୀ ପୋନାପ୍ପା-ତନିଶା କାଷ୍ଟ୍ରୋ କ୍ରମାଗତ ତୃତୀୟ ପରାଜୟ ସହ ବିଦାୟ ନେଇଛନ୍ତି। ଅଷ୍ଟ୍ରେଲିଆର ମାପାସା ସେଟ୍ୟାନା ଓ ୟୁ ଆଞ୍ଜେଲାଙ୍କ ଠାରୁ ପରାଜିତ ହୋଇଥିଲେ ଭାରତୀୟ ଯୋଡି।

### ଭଜନଙ୍କ ଚମତ୍କାର ପ୍ରଦର୍ଶନ

ଭାରତୀୟ ମହିଳା ରିକର୍ଭ ଆର୍ଚର ଭଜନ କୌର ଚମତ୍କାର ପ୍ରଦର୍ଶନ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅଙ୍କିତା ଭକତ ଓ ଭଜନ କୌର ମୁକାବିଲାକୁ ଓହ୍ଲାଇଥିଲେ। ଅଙ୍କିତା ପ୍ରଥମେ ୱିଲୋଟା ମିଜସୋରଙ୍କ ବିପକ୍ଷରେ ଖେଳି ୬-୪ରେ ହାରି ବିଦାୟ ନେଇଥିଲେ। ତେବେ ଭଜନ ଚମତ୍କାର ପ୍ରଦର୍ଶନ କରି ନିଜର ଦୁଇଟି ଯାକ ମ୍ୟାଚ୍ ଜିତି ନେଇଥିଲେ। ନୁରାଫିଫା କମାଲଙ୍କ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଭଜନ ୭-୩ରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ୱିଲୋଟା ମିଜସୋରଙ୍କୁ ୬-୦ରେ ହରାଇ ସେ ରାଉଣ୍ଡ ଅଫ୍ ୧୬ରେ ସାମିଲ ହୋଇଥିଲେ।


ମଙ୍ଗଳବାର ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ମ୍ୟାଚ ଅବସରରେ ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।


ଭଜନ କୌର

### ବଲରାଜ ନିରାଶ

ଭାରତୀୟ ରୋୟର ବଲରାଜ ପନୱର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। କ୍ୱାର୍ଟର ହିଟ୍‌ସରେ ବଲରାଜ ଚତୁର୍ଥ ସ୍ଥାନରେ ରହିଥିଲେ। ବଲରାଜ ବ୍ୟକ୍ତିଗତ ୭:୫.୧୦ ସେକେଣ୍ଡର ଟାଇମିଂ ହାସଲ କରିଥିଲେ ମଧ୍ୟ ୨୫ ବର୍ଷୀୟ ବଲରାଜଙ୍କୁ ନିରାଶ ହେବାକୁ ପଡିଛି।

### ପୃଥ୍ୱୀରାଜ ୨୧

ଭାରତୀୟ ଟ୍ରାପ୍ ଶୁଟର ପୃଥ୍ୱୀରାଜ ଟୋଣ୍ଡାଇମାନ ୨୧ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ମଙ୍ଗଳବାର ଅନ୍ତିମ ଦୁଇ ରାଉଣ୍ଡରେ ପର୍ଫେକ୍ଟ ୨୫ ସ୍କୋର କରିଥିଲେ ମଧ୍ୟ ୨୧ ନମ୍ବର ସ୍ଥାନରେ ରହିଥିଲେ। ୧୨୫ ଶଟ୍ ମଧ୍ୟରୁ ସେ ୧୧୮ ଟାର୍ଗେଟ୍ ହିଟ କରିଥିଲେ। ୩୭ ବର୍ଷୀୟ ପୃଥ୍ୱୀରାଜ ପ୍ରଥମ ଦିନ ଶେଷରେ ୩୦ ନମ୍ବର ସ୍ଥାନରେ ରହିଥିଲେ।

### ମନିକା ପ୍ରଥମ ଭାରତୀୟ

ଟେବୁଲ ଟେନିସ୍ ତାରକା ମନିକା ବାତ୍ରା ପ୍ରଥମ ଭାରତୀୟ ଟିଟି ଖେଳାଳି ଭାବରେ ଅଲିମ୍ପିକ୍ସର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ଭାରତୀୟ ବଂଶୋଦ୍ଭବ ପ୍ରୀତିକା ପାଭଡେଙ୍କୁ ୪-୦ରେ ପରାସ୍ତ କରିବା ସହ ମନିକା ଏହି କୃତିତ୍ୱ ହାସଲ କରିଛନ୍ତି। ୨୯ ବର୍ଷୀୟା ମନିକା ୧୧-୯, ୧୧-୬, ୧୧-୯ ଓ ୧୧-୭ରେ ପ୍ରୀତିକାଙ୍କୁ ହରାଇଥିଲେ। ଟୋକିଓରେ ମନିକା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଥିବା ବେଳେ ଚଳିତ ଥର ଆଉ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି।

### ଅମିତ ପଂଘାଲ ବିଦା

ପୁରୁଷ ୫୧ କିଗ୍ରା ବକ୍ସିଂରେ ଭାରତକୁ ନିରାଶ ହେବାକୁ ପଡିଛି। ଅନ୍ୟତମ ଶ୍ରେଷ୍ଠ ପଦକ ସମ୍ଭାବନା କୁହାଯାଉଥିବା ଅମିତ ପଙ୍ଘାଲ ଜାମ୍ବିଆର ପ୍ୟାଟ୍ରିକ୍ ଚିନ୍ୟେମ୍ବାଙ୍କ ନିକଟରୁ ୪-୧ରେ ପରାଜିତ ହୋଇଛନ୍ତି।

# ଫ୍ରେଞ୍ଚ୍ ପୋଲିସକୁ ତଦନ୍ତ ନିର୍ଦ୍ଦେଶ

## ଉଦ୍‌ଘାଟନୀ ଉତ୍ସବ ବିବାଦୀୟ କାର୍ଯ୍ୟକ୍ରମ 'ଦି ଲାଷ୍ଟ ସପ୍ପର'

**ପ୍ୟାରିସ, ୩୦।୭ (ଏପି)**

ଜୁଲାଇ ୨୬ରେ ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ଅବସରରେ ପ୍ରଦର୍ଶିତ 'ଦି ଲାଷ୍ଟ ସପ୍ପର' ଶୀର୍ଷକ କାର୍ଯ୍ୟକ୍ରମକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ବିଭିନ୍ନ ମହଲରୁ ଅକ୍ରୋଶମୂଳକ ଟିପ୍ପଣୀ ଆସିବାରେ ଲାଗିଛି। କାର୍ଯ୍ୟକ୍ରମ ପ୍ରସ୍ତୁତକାରୀ ଡିଜେ ଆଣ୍ଡ ଏଲଜିବିଟିକ୍ୟୁ+ ଆଇକନ ପକ୍ଷରୁ ଆଗତ ଅଭିଯୋଗ ଭିତ୍ତିରେ ତଦନ୍ତ କରିବାକୁ ଫ୍ରେଞ୍ଚ ପ୍ରସ୍ୟୁକ୍ୟୁଟର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। 'ଦି ଲାଷ୍ଟ ସପ୍ପର' କାର୍ଯ୍ୟକ୍ରମର ବିବାଦୀୟ ଦୃଶ୍ୟକୁ ନେଇ ଅନ୍‌ଲାଇନରେ ନିର୍ଯାତନା ଏପରିକି ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ କରାଯାଇଛି। ରିପବ୍ଲିକାନ ପାର୍ଟି ତରଫରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଯେତେବେଳେ ଏହି ବିବାଦୀୟ ବିଷୟ ଉପରେ ପଚରାଗଲା ସେ କହିଥିଲେ ସେମାନେ ଯାହା କଲେ ତାହା ଅପମାନଜନକ ନିଶ୍ଚୟ। କାର୍ଯ୍ୟକ୍ରମ ଖ୍ରିଷ୍ଟିଆନମାନଙ୍କ ଧର୍ମୀୟ ଚେତନାକୁ ଖୁବ୍ ବାଧିଛି। ଏହା ଏକ ଅପମାନଜନକ କଥା ବୋଲି ଫ୍ରେଞ୍ଚ କାଥୋଲିକ୍ ବିଶପମାନଙ୍କ ସମେତ ଆହୁରି ଅନେକ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ପ୍ୟାରିସ ଅଲିମ୍ପିକ୍ସ ଆୟୋଜକଗଣ ସଫେଇ ଦେଇ କହିଛନ୍ତି ଯେ, କୌଣସି ଧର୍ମୀୟ ଚେତନାକୁ ଅସମ୍ମାନ କରିବା ସେମାନଙ୍କର ଉଦ୍ଦେଶ୍ୟ ନ ଥିଲା। ଏହା ଏକ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଥିଲା। ସୂଚନାଯୋଗ୍ୟ, ଚତୁର୍ଦ୍ଦଶ-ଷୋଡ଼ଶ ଖ୍ରୀଷ୍ଟାବ୍ଦର ବିଶିଷ୍ଟ ଚିତ୍ରଶିଳ୍ପୀ ଲିଓନାର୍ଡୋ ଡା ଭିନ୍ସିଙ୍କ ଏକ ପେଣ୍ଟିଂ କୁ ଭିତ୍ତି କରି ଡ୍ରାଗ୍ କୁଇନ୍ (ମହିଳା ରୂପରେ ସଜ୍ଜିତ ପୁରୁଷ) ମାନଙ୍କ ଥିମ୍ ଉପରେ ଆଧାରିତ ଏକ କାର୍ଯ୍ୟକ୍ରମ, ଯାହାର ଶୀର୍ଷକ ଥିଲା 'ଦ ଲାଷ୍ଟ ସପ୍ପର'। କ୍ରୁଶବିଦ୍ଧ ହେବା ପୂର୍ବରୁ ଯୀଶୁଖ୍ରୀଷ୍ଟ ନିଜ ଅନୁଗାମୀଙ୍କ ସହ ମିଳିତ ଭୋଜନ ଦୃଶ୍ୟକୁ ଏଥିରେ ଏକ ବ୍ୟଙ୍ଗାତ୍ମକ ଶୈଳିରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମଟିରେ ଏକ ଲମ୍ବା ଟେବୁଲ ପଛରେ ୧୮ ଜଣ କଳାକାରଙ୍କୁ ଭିନ୍ନ ଭଙ୍ଗୀରେ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ୩ ଜଣ ପରିଚିତ ଡ୍ରାଗ୍ ରେସ୍ ଫ୍ରାନ୍ସ କୁଇନ ଥିଲେ। ଏହି କାର୍ଯ୍ୟକ୍ରମ ବେଳେ ପୃଷ୍ଠଭୂମିରେ ସେନ୍ ନଦୀ ଓ ଆଇଫେଲ୍ ଟାୱାର ଶୋଭା ପାଉଥିଲା।

## ଦୁଇ ମହିଳା ବକ୍ସରଙ୍କୁ ସୁଯୋଗ

**ପ୍ୟାରିସ, ୩୦।୭ (ଏପି)**

ଲିଙ୍ଗ ପରୀକ୍ଷାରେ ବିଫଳ ହୋଇଥିବାରୁ ବିଶ୍ୱ ଚାମ୍ପିୟନଶିପ୍ ୨୦୨୩ ପାଇଁ ଅଯୋଗ୍ୟ ହୋଇଥିବା ଦୁଇ ମହିଳା ବକ୍ସର କିନ୍ତୁ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଗେମ୍ସରେ ଭାଗନେବା ଲାଗି ଉଭୟେ ସମସ୍ତ ନିୟମ ପାଳନ କରିଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପ୍ରକାଶ କରିଛି। ଏହି ଦୁଇଜଣ ହେଲେ ତାଇୱାନର ଲିନ୍ ୟୁ-ତିଙ୍ଗ୍ ଏବଂ ଆଲ୍‌ଜେରିଆ ଇମେନ୍ ଖେଲିଫ୍। ଗ୍ରୀଷ୍ମକାଳୀନ କ୍ରୀଡ଼ାରେ ସେମାନେ ଦ୍ୱିତୀୟ ଥର ପାଇଁ ଭାଗ ନେଉଛନ୍ତି। ୨୦୨୧ ଟୋକିଓ ଅଲିମ୍ପିକ୍ସ ଉଭୟେ ପଦକ ଶୂନ୍ୟ ଥିଲେ। ଅଲିମ୍ପିକ ଗେମ୍ସ ପ୍ୟାରିସ ୨୦୨୪ର ବକ୍ସିଂ ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ ବକ୍ସର ପ୍ରବେଶ ନିୟମ ବ୍ୟତୀତ ପ୍ରତିଯୋଗିତା ପାଇଁ ଡାକ୍ତରୀ ନିୟମ ସମେତ ଯୋଗ୍ୟତା ହାସଲ କରିଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କହିଛି।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ

**ଭୁବନେଶ୍ୱର, ୩୦।୭ (ତପନ ସ୍ୱାଇଁ)**

## ଇଣ୍ଡିଆନ ଚ୍ୟାଲେଞ୍ଜର୍ସ କପ୍ ଅନ୍ତର୍ଜାତୀୟ କରାଟେ

କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୮ମ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ କପ୍ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ମୋଟ ୪ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ସାମିଲ। ପୁରୁଷ ସିନିୟର ୬୦ କେଜିରୁ କମ୍ ଫାଇଟିଂରେ ରିତେଶ ମହାନ୍ତି ଏବଂ ମହିଳା ୫୦ କେଜିରୁ କମ୍ ଫାଇଟିଂରେ ବ୍ରତତି ବିଶ୍ୱପ୍ରଭା ପତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୫୫ କେଜିରୁ କମ୍ ସିନିୟର ପୁରୁଷ ଫାଇଟିଂରେ ଭଗବାନ ରେଡ୍ଡୀ ରୌପ୍ୟ ଓ ମହିଳା ୪୫ କେଜିରୁ କମ୍ ଫାଇଟିଂରେ ସୁସ୍ମିନ ପାଲଟାସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଦକ ବିଜୟୀ କରାଟେକାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


ପଦକ ବିଜୟୀ ଓଡ଼ିଶାର ୪ କରାଟେକା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ